ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୩/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 23/2023 Page 16 ₹ 7.00
୪୯ଶ ଭାଗ ୨୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 299 ମୂଲ୍ୟ₹୭/-



### ଶାମିଙ୍କୁ ୫ ଉଇକେଟ ସଫଳତା

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତୀୟ ବୋଲର ମହମ୍ମଦ ଶାମିଙ୍କୁ ୫ ଉଇକେଟ ସଫଳତା ମିଳିଛି।

୧୬

୧୪

### ସଞ୍ଜୟଙ୍କ ପୁଅ ଭୂମିକାରେ ଟାଇଗର

ଫିରୋଜ ଏ ନାଡ଼ିଆଡୱାଲା ନିର୍ଦ୍ଦେଶିତ ଫିଲ୍ମ 'ମାଷ୍ଟର ବ୍ଲାଷ୍ଟର'ରେ ୨ ଭିନ୍ନ ପିଢ଼ିର ଆକ୍ସନ ହିରୋ ସଞ୍ଜୟ ଦତ୍ତ ଏବଂ ଟାଇଗର ଶ୍ରଫଙ୍କୁ ବାପା-ପୁଅ ଯୋଡ଼ିରେ ଦେଖିବାକୁ ମିଳିବ।



# ୨୮ ହଜାର କୋଟିର ଅତିରିକ୍ତ ବଜେଟ

ଭୁବନେଶ୍ୱର,୨୨।୯(ଅନିଲ ଦାସ)

୨୦୨୩-୨୪ ଆର୍ଥିକବର୍ଷ ପାଇଁ ଶୁକ୍ରବାର ବିଧାନସଭାରେ ୨୮ ହଜାର ୨୦୦କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପିତ ହୋଇଛି। ବିଧାନସଭା ଅଧିବେଶନର ପ୍ରଥମ ଦିବସରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହର ଅନୁମୋଦନ ପାଇଁ ଏହି ଅତିରିକ୍ତ ବଜେଟ ଆଗତ କରିଛନ୍ତି। ନିର୍ବାଚନକୁ ଆଉ କିଛି ମାସ ରହିଥିବା ବେଳେ ରାଜ୍ୟ ସରକାର ଏହି ବଜେଟରେ ଗ୍ରାମାଞ୍ଚଳ ଉପରେ ଅଧିକ ଫୋକସ କରିଛନ୍ତି। ବିଶେଷକରି ଗ୍ରାମାଞ୍ଚଳ ପରିବହନ, ଭିତ୍ତିଭୂମି, ମହିଳା ସଶକ୍ତୀକରଣ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମାଞ୍ଚଳରେ ଉଦ୍ୟୋଗୀ ସୃଷ୍ଟି, କ୍ରୀଡ଼ା, ଦକ୍ଷତା ବିକାଶ ଆଦି ଉପରେ ଗୁରୁତ୍ୱ ଦେଇଛନ୍ତି।

୨୦୨୩-୨୪ ଆର୍ଥିକବର୍ଷର ମୂଳ ବଜେଟ ୨.୩୦ଲକ୍ଷ କୋଟି ଟଙ୍କା ଥିବାବେଳେ ଏହାର ପ୍ରାୟ ୧୨.୨୬ ପ୍ରତିଶତ ଅର୍ଥାତ୍ ୨୮ ହଜାର ୨୦୦କୋଟି ଟଙ୍କା ଅତିରିକ୍ତ ବଜେଟରେ ବ୍ୟବସ୍ଥା ହୋଇଛି। ଏଥିସହିତ ଚଳିତ ଆର୍ଥିକବର୍ଷର ବଜେଟ ଆକାର ୨ ଲକ୍ଷ ୫୮ହଜାର ୨୦୦କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅତିରିକ୍ତ ବଜେଟରେ ପଞ୍ଚାୟତିରାଜ ବିଭାଗ ପାଇଁ ୪୦୮୩କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ମହିଳା ଏସ୍‌ଏଚ୍‌ଜି ଓ ବ୍ଲକସ୍ତରୀୟ ମିଶନ ଶକ୍ତି ଫେଡେରେଶନ ପାଇଁ ୭୦୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବଜେଟରେ ୨୮୬୪କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ବାବଦରେ ବ୍ୟୟବରାଦ କରାଯାଇଥିବାବେଳେ ୨୦ ହଜାର ୧୦୦କୋଟି ଟଙ୍କା କାର୍ଯ୍ୟକ୍ରମ ଖର୍ଚ୍ଚବାବଦ, ୪୬୬୪କୋଟି ଟଙ୍କା ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଓ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତ ଓ ପୌର ସଂସ୍ଥାକୁ ହସ୍ତାନ୍ତର ବାବଦରେ ୫୭୨କୋଟି ଟଙ୍କା ରଖାଯାଇଛି।

ବଜେଟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ପାଇଁ ୧୩୦୨କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ 'ଲକ୍ଷ୍ମୀ' ଯୋଜନାରେ ୫୫୬କୋଟି, 'ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ' ଯୋଜନା ପାଇଁ ୧୧୦କୋଟି, ଓଡ଼ିଶା ମେଟ୍ରୋ ରେଳ ପରିବହନ ପାଇଁ ୨୧୦କୋଟି, ସହରୀ ଭିତ୍ତିଭୂମି ବିକାଶ ପାଣ୍ଠି ପାଇଁ ୧୦୦ କୋଟି, ବ୍ଲକସ୍ତରରେ ବସ୍ ଷ୍ଟାଣ୍ଡଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ୧୪କୋଟି, ପଞ୍ଚାୟତିରାଜ ସଂସ୍ଥା ମାଧ୍ୟମରେ ସ୍କୁଲଗୁଡ଼ିକର ☞ପୃଷ୍ଠା-୪



ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଅତିରିକ୍ତ ବଜେଟ ୨୦୨୩-୨୪ ସମ୍ବଳିତ ବଜେଟ ପୁସ୍ତିକା ଏବଂ ପେନ୍ ଡ୍ରାଇଭ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ବିଧାନସଭା ପ୍ରକୋଷ୍ଠରେ ପ୍ରଦାନ କରୁଛନ୍ତି।

### ଗାଁ ଉପରେ ନଜର

- ନବୀନ ଓଡ଼ିଶା ପାଇଁ ୧୩୦୨କୋଟି
- ଲକ୍ଷ୍ମୀ ଲାଗି ୫୫୬ କୋଟି
- ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନାକୁ ୧୧୦କୋଟି
- ମେଟ୍ରୋ ରେଳ- ୨୧୦କୋଟି
- ଏମ୍‌ଏସ୍‌ଏମ୍‌ଇ-୩୨୦୫ କୋଟି
- ମହିଳା ଏସ୍‌ଏଚ୍‌ଜି, ମିଶନ ଶକ୍ତି ଫେଡେରେଶନକୁ ୭୦୦ କୋଟି

# ୫୦୦ ସିମ୍‌ରୁ ଓଟିପି ପଠାଇଛନ୍ତି ଇକ୍‌ବାଲ

### ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଓଟିପି ଶେୟାରିଂ ଘଟଣା

- ଓଡ଼ିଶାରେ ପହଞ୍ଚିବା ପରେ ଜେଲ ଗଲେ
- ନଦୀକୁ ଫିଙ୍ଗି ଦେଉଥିଲେ ମୋବାଇଲ, ସିମ୍

ଭୁବନେଶ୍ୱର,୨୨।୯
(ସତ୍ୟଜିତ୍ ରାଉତ)

ପାକିସ୍ତାନ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଆସାମରୁ ଗିରଫ କରିଥିବା ମହମ୍ମଦ ଇକ୍‌ବାଲ ହୁସେନ ଶୁକ୍ରବାର ଜେଲ ଯାଇଛନ୍ତି। ତାଙ୍କୁ ପଚରାଉଚରାବେଳେ ଏସ୍‌ଟିଏଫ୍ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଇକ୍‌ବାଲ ଆପରାଧିକ ଉଦ୍ଦେଶ୍ୟରେ ଓଟିପି ପଠାଇବା ପାଇଁ ୩୭ଟି ମୋବାଇଲ ଓ ୫୦୦ ସିମ୍ ବ୍ୟବହାର କରିଛନ୍ତି। ଏପରି କି ପ୍ରମାଣ ନଷ୍ଟ ପାଇଁ ସେ ଉକ୍ତ ମୋବାଇଲ୍ ଓ ସିମ୍‌କୁ ନଦୀକୁ ଫିଙ୍ଗି ନଷ୍ଟ କରିଦେଉଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଇକ୍‌ବାଲଙ୍କ ଘର ଆସାମର ନାଗାଁଓ ଜିଲା ଜାଜୋରି ଥାନା ଅନ୍ତର୍ଗତ ଗାଣ୍ଡୁଆ ପଥର ଗାଁରେ ହୋଇଥିବାବେଳେ ସେ ପାକିସ୍ତାନୀ ଇଣ୍ଟେଲିଜେନ୍ସ ଅଫିସର ଅବ୍‌ଦୁଲ ହମିଦ ଓରଫ ଖୁରାମ୍ ସହ ଲିଙ୍କ୍‌ରେ ରହି ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ଥିବା ସହଯୋଗୀଙ୍କ ସହ ମିଶି ଏହି ଦେଶଦ୍ରୋହୀ କାର୍ଯ୍ୟରେ ଲିପ୍ତ ଥିଲେ। ଏପରିକି ଅଭିଯୁକ୍ତ ଇକ୍‌ବାଲ ବହୁତ ହ୍ୱାଟ୍‌ସଆପ୍ ଆକାଉଣ୍ଟ୍, ଟେଲିଗ୍ରାମ୍ ଆକାଉଣ୍ଟ୍ ଓ ବେନାମୀ ବା ମୁଲ୍ ଆକାଉଣ୍ଟକୁ ହମିଦ୍‌ଙ୍କୁ ଦେଇଥିବା ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ଓଡ଼ିଶାର ପଠାଣି ସାମନ୍ତଙ୍କ ସହ ଅନ୍ୟକେତେଜଣ ସହଯୋଗୀ ଗିରଫ ହେବା ଜାଣିବା ପରେ ସେ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ କରି ଲୁଚି ରହିଥିଲେ। ଇକ୍‌ବାଲ୍ ଏହି ଆପରାଧିକ କାର୍ଯ୍ୟକଳାପରେ ଗତ ☞ପୃଷ୍ଠା-୪



ମହମ୍ମଦ ଇକ୍‌ବାଲ ହୁସେନ

**ଆଜିର ସମ୍ପାଦକୀୟ** ପୁନର୍ଗଠନ ଚିନ୍ତା






**ଇଭିଏମ୍ ସୋର୍ସ କୋଡ୍ର ଅଡିଟ୍ ଆବେଦନ ସୁପ୍ରିମକୋର୍ଟରେ ଖାରଜ**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ସୋର୍ସ କୋଡ୍ର ନିରପେକ୍ଷ ଅଡିଟ୍ ପାଇଁ ଦାଏର ଜନସ୍ୱାର୍ଥ ମାମଲା(ପିଆଇଏଲ୍)ରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ନିର୍ବାଚନ କମିଶନ ସାମ୍ବିଧାନିକ ନିର୍ଦ୍ଦେଶର ଆବମାନନା କରିଥିବାର କୌଣସି ସୂଚନା ନାହିଁ ଏହା ନୀତିଗତ ପ୍ରସଙ୍ଗ ହୋଇଥିବାରୁ ଅଦାଲତ ଏଥିରେ ହସ୍ତକ୍ଷେପ କରିବେନି ବୋଲି କହିବା ସହ ପିଆଇଏଲ୍କୁ ଖାରଜ କରିଦେଇଛନ୍ତି।

## ସଂକ୍ଷେପରେ

### ରୁଷିଆ ନୌସେନା ଘାଟିରେ ୟୁକ୍ରେନ୍ର କ୍ଷେପଣାସ୍ତ୍ର ମାଡ଼

**ମସ୍କୋ,୨୨।୯:** କ୍ରିମିଆର ସେଭାଷ୍ଟୋପୋଲ୍ ବନ୍ଦରରେ ଥିବା ରୁଷିଆର କୃଷ୍ଣସାଗର ନୌସେନା ଘାଟିରେ ଶୁକ୍ରବାର ୟୁକ୍ରେନ୍ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ଜଣେ ରୁଷିଆ ସୈନ୍ୟ ନିହତ ହୋଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନୌସେନା ମୁଖ୍ୟାଳୟ ଅବସ୍ଥିତ ଥିବା ଉକ୍ତ ସିଟି ସେଣ୍ଟରକୁ ନ ଯିବା ଲାଗି ଜନସାଧାରଣଙ୍କୁ ନିବେଦନ କରାଯାଇଛି। ୟୁକ୍ରେନ୍ର ୫ କ୍ଷେପଣାସ୍ତ୍ରକୁ ରୁଷିଆର ଏୟାର ଡିଫେନ୍ସ ସିଷ୍ଟମ ଖସାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

### ଆଲୁମିନିୟମ କାରଖାନାରେ ବିସ୍ଫୋରଣ: ୨ ମୃତ

**ହଜାରିବାଗ,୨୨।୯:** ଝାଡ଼ଖଣ୍ଡର ହଜାରିବାଗ ଜିଲାରେ ଥିବା ଏକ ଆଲୁମିନିୟମ କାରଖାନାର ବଏଲରରେ ଶୁକ୍ରବାର ବିସ୍ଫୋରଣ ଘଟି ୨ ଜଣଙ୍କ ଜୀବନ ଯାଇଛି। ଅପରାହ୍ନ ୧ଟା ପରେ ଏହି ବିସ୍ଫୋରଣ ଘଟିଥିବାବେଳେ ଏହାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଏହାର ତଦନ୍ତ ଚାଲିଥିବା ଏସ୍ପି ମନୋଜ ରତନ ଚୋଥେ କହିଛନ୍ତି। ପୋଲିସ ଫ୍ୟାକ୍ଟ୍ରି ମାଲିକଙ୍କ ନାଁରେ ମାମଲା ରୁଜୁ କରିଛି। ମୃତକ ରଞ୍ଜିତ୍ ଠାକୁର ଏବଂ ସୁଖଦେଓ ସାଓଙ୍କ ଘର ବିହାରର ଗୟା ଜିଲାରେ।

### ୨୫ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇପାରେ

**ନୂଆଦିଲ୍ଲୀ,୨୨।୯(ପି.ଟି.):** ଉତ୍ତର-ପଶ୍ଚିମ ଭାରତରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ ଶୁକ୍ରବାର କୁହାଯାଇଛି। ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୧ରେ କେରଳ ଛୁଇଁବା ପରେ ଜୁଲାଇ ୮ ସୁଦ୍ଧା ସାରା ଦେଶରେ ପହଞ୍ଚିଥାଏ। ସେପ୍ଟେମ୍ବର ୧୭ରୁ ଏହାର ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଫେରିଯାଇଥାଏ। ଆସନ୍ତା ୫ ଦିନ ଉତ୍ତରପଶ୍ଚିମ ଏବଂ ପଶ୍ଚିମ-କେନ୍ଦ୍ରୀୟ ଭାରତର ପାଖାପାଖି ଅଞ୍ଚଳରେ କମ୍ ବର୍ଷା ହେବା ଆଶା କରାଯାଉଛି। ତେଣୁ ପଶ୍ଚିମ ରାଜସ୍ଥାନରୁ ସେପ୍ଟେମ୍ବର ୨୫ ସୁଦ୍ଧା ମୌସୁମୀ ପ୍ରତ୍ୟାବର୍ତ୍ତନ ଲାଗି ଅନୁକୂଳ ସ୍ଥିତି ସୃଷ୍ଟି ହୋଇଥିବା ଆଇଏମ୍ଡି କହିଛି। ମୌସୁମୀ ପ୍ରତ୍ୟାବର୍ତ୍ତନରେ ବିଳମ୍ବ ହେଲେ ବର୍ଷାଋତୁ ଅଧିକ ଲମ୍ବା ହୋଇଥାଏ। ଦୀର୍ଘଦିନ ବର୍ଷା ଋତୁ ଲାଗିରହିଲେ କୃଷି ଉତ୍ପାଦନ ପ୍ରଭାବିତ ହେବା ସହ ଉତ୍ତରପଶ୍ଚିମ ଭାରତରେ ରବି ଫସଲ ଉତ୍ପାଦନ ବାଧାପ୍ରାପ୍ତ ହୋଇଥାଏ। ମୌସୁମୀ ଋତୁରେ ସ୍ୱାଭାବିକ ଭାବେ ୮୩୨.୪ ମିଲିମିଟର ବର୍ଷା ହେଉଥିବାବେଳେ ଚଳିତ ଥର ଏପର୍ଯ୍ୟନ୍ତ ୭୮୦.୩ ପ୍ରତିଶତ ବୃଷ୍ଟିପାତ ହୋଇଛି।

### ବନ୍ଦେ ଭାରତ ରୁଟ୍ ପାର୍ଶ୍ୱରେ ବାଡ଼ ହେବ

**ଚେନ୍ନାଇ,୨୨।୯:** ଆଗାମୀ ଦିନରେ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ପାଇଁ ରେଲ୍ୱେ ଯୋଜନା କରୁଛି। ଘଣ୍ଟାପ୍ରତି ୧୬୦ କିଲୋମିଟର ବେଗରେ ଯିବାକୁ ଥିବା ଏହି ଟ୍ରେନ୍ଠାରୁ ଲୋକ ଓ ଗୋରୁଗାଈଙ୍କୁ ବାହାରେ ରଖିବା ଲାଗି ରୁଟ୍ଗୁଡ଼ିକୁ ବାଡ଼ବନ୍ଦୀ କରିବା ପାଇଁ ରେଲଓ୍ୱେ ଉଦ୍ୟମ ଆରମ୍ଭ କରିଛି। ବାଡ଼ କରିବା ପାଇଁ କିଲୋମିଟର ପ୍ରତି ଲକ୍ଷେ ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ‘ମୁସଲମାନ ଆତଙ୍କବାଦୀ’ କହିଲେ ବିଧୁରୀ

## ଲୋକ ସଭାରେ ଦାନିସ ଅଲୀଙ୍କ ପ୍ରତି ଭାଜପା ସଦସ୍ୟଙ୍କ ଘୃଣା ମନ୍ତବ୍ୟ



### ବିଧୁରୀଙ୍କୁ ନିଲମ୍ବନ ନ କଲେ ଗୃହ ଛାଡ଼ିବି



ପୂର୍ବରୁ ପାର୍ଲାମେଣ୍ଟ ବାହାରେ ଘୃଣା ମନ୍ତବ୍ୟ ଦିଆଯାଉଥିଲା। ଏବେ ଗୃହ ଭିତରେ ଦିଆଗଲାଣି। ଭାଜପା ଏମ୍ପି ରମେଶ ବିଧୁରୀ ସାରା ଦେଶକୁ ଲଜ୍ଜିତ କରିଛନ୍ତି। ତାଙ୍କୁ ନିଲମ୍ବନ କରାଯାଉ। ରୁଲ୍ ୨୨୭ ବଳରେ ଆପତ୍ତିଜନକ ଭାଷାକୁ ଗୃହର ସ୍ୱାଧିକାର କମିଟିକୁ ତଦନ୍ତ ପାଇଁ ପଠାଯାଉ। ବିଧୁରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟକୁ ପତ୍ର ଲେଖିଛି। କାର୍ଯ୍ୟାନୁଷ୍ଠାନ ନ ହେଲେ ମୁଁ ଗୃହର ସଦସ୍ୟତା ତ୍ୟାଗ କରିବି। ଘୃଣା ମନ୍ତବ୍ୟ ଶୁଣିବା ପାଇଁ ଲୋକେ ମୋତେ ନିର୍ବାଚିତ କରିନାହାନ୍ତି। ବିଧୁରୀ ଏପରି କହିବାବେଳେ ମୋଦି ସରକାରଙ୍କ ଦୁଇଜଣ ପୂର୍ବତନ ମନ୍ତ୍ରୀ ହର୍ଷବର୍ଦ୍ଧନ ଓ ରବିଶଙ୍କର ପ୍ରସାଦ ହସୁଥିଲେ। ନୂଆ ସଂସଦ ଭବନର ପ୍ରଥମ ଅଧିବେଶନରେ ଭାଜପାର ଏପରି ବ୍ୟବହାରକୁ ଲୋକେ ଦେଖିଛନ୍ତି।

**-ଦାନିସ ଅଲୀ, ବିଏସ୍ପି ଏମ୍ପି**

### ଗିରଫ ଦାବି କଲେ ବିରୋଧୀ

**ନୂଆଦିଲ୍ଲୀ,୨୨।୯**

ସଂସଦ ସ୍ୱତନ୍ତ୍ର ଅଧିବେଶନରେ ଭାଜପାର ଲୋକ ସଭା ସଦସ୍ୟ ରମେଶ ବିଧୁରୀ ବହୁଜନ ସମାଜ ପାର୍ଟି (ବିଏସ୍ପି) ଏମ୍ପି କୁଅଁର ଦାନିସ ଅଲୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଛନ୍ତି। ନିମ୍ନ ସଦନରେ ଚନ୍ଦ୍ରୟାନ-୩ ମିଶନର ସଫଳତା ଉପରେ ଗୁରୁବାର ରାତିରେ ଆଲୋଚନା ଚାଲିଥିବାବେଳେ ଦକ୍ଷିଣ ଦିଲ୍ଲୀ ସଂସଦୀୟ ଆସନର ସଦସ୍ୟ ବିଧୁରୀ ଉତ୍ତର ପ୍ରଦେଶ ଆମରୋହା ଏମ୍ପି ଦାନିସଙ୍କୁ ‘ମୁସଲମାନ ଆତଙ୍କବାଦୀ’ ଆଖ୍ୟା ଦେଇଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ଶୁକ୍ରବାର ବିବାଦୀୟ ସ୍ଥିତି ଉପୁଜିଛି। ବିରୋଧୀ ଦଳଗୁଡ଼ିକ ଏହାର ଦୃଢ଼ନିନ୍ଦା କରିଥିବାବେଳେ ଭାଜପା ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ବିଧୁରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଗୃହରୁ ଇସ୍ତଫା ଦେବେ ବୋଲି ଦାନିସ କହିଛନ୍ତି।

ବିଧୁରୀ ସଂସଦର ସମସ୍ତ ସଦସ୍ୟଙ୍କୁ ଅପମାନିତ କରିଛନ୍ତି। ତାଙ୍କୁ ଲୋକ ସଭାରୁ ନିଲମ୍ବିତ କରାଯିବା ଉଚିତ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ସିପିଆଇଏମ୍ ପକ୍ଷରୁ ଜାରି ଏକ ବିବୃତିରେ ବିଧୁରୀଙ୍କୁ ଗିରଫ କରିବା ପାଇଁ ଦାବି କରାଯାଇଛି। ସେହିପରି ତୃଣମୂଳ କଂଗ୍ରେସ ଏମ୍ପି ମହୁଆ ମୋଇତ୍ର ସାମାଜିକ ଗଣମାଧ୍ୟମ ମଞ୍ଚ ଏକ୍ସ’ରେ ଏହାର ଦୃଢ଼ ନିନ୍ଦା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ମୁସଲମାନମାନଙ୍କୁ ଏପରି କରିଦେଇଛନ୍ତି ଯେ ସେମାନେ ନିଜ ଦେଶରେ ବି ଭୟରେ ଜୀବନ ବିତାଉଛନ୍ତି। ପ୍ରଧାନମନ୍ତ୍ରୀ ଓ ବାଚସ୍ପତି ବିଧୁରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଶିବସେନା (ୟୁବିଟି)ର ରାଜ୍ୟ ସଭା ସଦସ୍ୟା ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ଏହାର ଦୃଢ଼ ନିନ୍ଦା କରି ବିଧୁରୀଙ୍କ ପାଖରେ ଆଉ ଲଜ୍ଜା ନାହିଁ ବୋଲି କହିଛନ୍ତି। ଆମ୍ ଆଦ୍ମୀ ପାର୍ଟିର ସଞ୍ଜୟ ସିଂ କହିଛନ୍ତି, ବିଧୁରୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍)ରୁ ଶିଖିଥିବା ଭାଷାର ଏହା ପରିଣାମ। ମୁଁ ମଣିପୁର ପ୍ରସଙ୍ଗ ଉଠାଇ ନିଲମ୍ବିତ ହୋଇଥିଲି। ଭାଜପା ଏମ୍ପିଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଇତିମଧ୍ୟରେ ବାଚସ୍ପତି ବିର୍ଲା ଗୃହରେ ବିଧୁରୀଙ୍କ ମନ୍ତବ୍ୟକୁ ଗମ୍ଭୀରତା ସହ ନେଇଛନ୍ତି। ଭବିଷ୍ୟତରେ ଏପରି ବ୍ୟବହାରର ପୁନରାବୃତ୍ତି ଦେଖିବାକୁ ମିଳିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ସେହି ଆପତ୍ତିଜନକ ଶବ୍ଦଗୁଡ଼ିକୁ ବାଦ୍ ଦେଇଛନ୍ତି। ବିଧୁରୀଙ୍କ ମନ୍ତବ୍ୟକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ହସୁଥିଲେ ହର୍ଷବର୍ଦ୍ଧନ

ବିଏସ୍ପିର ଦାନିସ ଅଲୀଙ୍କୁ ଭାଜପା ଏମ୍ପି ରମେଶ ବିଧୁରୀ ‘ମୁସଲମାନ ଆତଙ୍କବାଦୀ’ କହି ଭର୍ତ୍ସନା କରୁଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ଓ ରବିଶଙ୍କର ପ୍ରସାଦ ହସୁଥିବା ଦେଖିବାକୁ ମିଳିଥିଲା। ବିବାଦ ପରେ ହର୍ଷବର୍ଦ୍ଧନ ଓ ରବିଶଙ୍କର ଦଳୀୟ ସହଯୋଗୀ ବିଧୁରୀଙ୍କ ଆପତ୍ତିଜନକ ମନ୍ତବ୍ୟରୁ ନିଜକୁ ଦୂରେଇ ରଖିଛନ୍ତି। ହର୍ଷବର୍ଦ୍ଧନ କହିଛନ୍ତି, କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତାଙ୍କ ନାମକୁ ଅଯଥା ବିବାଦକୁ ଟାଣୁଛନ୍ତି। ଗୃହରେ ହଟ୍ଟଗୋଳ ଲାଗିରହିଥିବାରୁ ବିଧୁରୀ କ’ଣ କହିଲେ ତାହା ସେ ସ୍ପଷ୍ଟଭାବେ ଶୁଣିପାରି ନାହାନ୍ତି। ରବିଶଙ୍କର କହିଛନ୍ତି, କୌଣସି ଅଶୋଭନୀୟ ମନ୍ତବ୍ୟକୁ ସେ ସମର୍ଥନ କରନ୍ତି ନାହିଁ।

“ ଭାଜପା ଏମ୍ପି ରମେଶ ବିଧୁରୀଙ୍କ ଆପତ୍ତିଜନକ ଭାଷାକୁ ବାଚସ୍ପତି ବାଦ୍ ଦେଇଥିବାବେଳେ ଜଣେ ବରିଷ୍ଠ ମନ୍ତ୍ରୀ ଲୋକ ସଭାରେ କ୍ଷମା ମାଗିଛନ୍ତି। ଏହାସତ୍ତ୍ୱେ ବିଧୁରୀଙ୍କ ବିରୋଧରେ ଏଯାଏ ତାଙ୍କ ଦଳ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ।

**-ମାୟାବତୀ, ବିଏସ୍ପି ସୁପ୍ରିମୋ**



### ଦ୍ୱିତୀୟ ସର୍ବାଧିକ ଫଳପ୍ରଦ ଅଧିବେଶନ



**ନୂଆଦିଲ୍ଲୀ,୨୨।୯(ପି.ଟି.)**

ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଅବସରରେ ଉଭୟ ଲୋକ ସଭା ଓ ରାଜ୍ୟ ସଭା ଧାର୍ଯ୍ୟ ସମୟଠାରୁ ଅଧିକ ସମୟ କାର୍ଯ୍ୟ କରିଛି। ସପ୍ତଦଶ ଲୋକସଭାର ଏହା ଏକମାତ୍ର ଅଧିବେଶନ, ଯେଉଁଠି ମୁଲତବୀ ଯୋଗୁ ନିମ୍ନ ସଦନର ସମୟ ଆଦୌ ବରବାଦ ହୋଇନାହିଁ। ୧୮ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଧିବେଶନ ଧାର୍ଯ୍ୟ ସମୟ ଶୁକ୍ରବାର ପରିବର୍ତ୍ତେ ଗୁରୁବାର ରାତିରେ ଶେଷ ହୋଇଥିଲା। ଏହି ଅଧିବେଶନରେ ଐତିହାସିକ ମହିଳା ସଂରକ୍ଷଣ ବିଲ୍ ଉଭୟ ଗୃହର ଅନୁମୋଦନ ଲାଭ କରିଥିଲା। ଏହା ବ୍ୟତୀତ ପାର୍ଲାମେଣ୍ଟର ୭୫ ବର୍ଷ ସମ୍ପର୍କରେ ଆଲୋଚନା କରାଯିବା ସହ ଚନ୍ଦ୍ରୟାନ-୩ର ସଫଳତା ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା।

ପିଆର୍ଏସ୍ ଲେଜିସ୍ଲେଟିଭ୍ ରିସର୍ଚ୍ଚ ତଥ୍ୟ ଅନୁଯାୟୀ ଲୋକ ସଭା ଧାର୍ଯ୍ୟ ସମୟ ୨୨ ଘଣ୍ଟା ୪୫ ମିନିଟ୍ଠାରୁ ୮ ଘଣ୍ଟା ଅଧିକ କାର୍ଯ୍ୟ କରିଥିଲା। ରାଜ୍ୟ ସଭା ଧାର୍ଯ୍ୟ ସମୟ ୨୧ ଘଣ୍ଟା ୪୫ ମିନିଟ୍ ପରିବର୍ତ୍ତେ ୨୭ ଘଣ୍ଟା ୪୪ ମିନିଟ୍ ପାଇଁ ବସିଥିଲା। ଲୋକ ସଭା ଅଧିବେଶନ ୧୬୦ % ସଫଳ ବୋଲି ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ରାଜ୍ୟ ସଭା ଦେଢ଼ଘଣ୍ଟା ମୁଲତବୀ ରହିଥିଲା। ବର୍ତ୍ତମାନ ସୁଦ୍ଧା ଏହା ଦ୍ୱିତୀୟ ସର୍ବାଧିକ ଫଳପ୍ରଦ ଅଧିବେଶନ। ୨୦୨୦ର ମୌସୁମୀ ଅଧବେଶନ ବେଳେ ଲୋକ ସଭା ଧାର୍ଯ୍ୟ ସମୟର ୧୪୫% କାର୍ଯ୍ୟ କରିଥିଲା।

ପିଆର୍ଏସ୍ ରିପୋର୍ଟ ଅନୁଯାୟୀ ଲୋକ ସଭାରେ ସ୍ୱତନ୍ତ୍ର ଅଧିବେଶନର ୬୪% ବିତର୍କରେ ଏବଂ ୩୩% ବିଲ୍ ସମ୍ପର୍କିତ କାର୍ଯ୍ୟରେ ବିନିଯୋଗ ହୋଇଥିଲା। ସେହିପରି ରାଜ୍ୟ ସଭାରେ ୫୧% ସମୟ ବିତର୍କରେ ଯାଇଥିବାବେଳେ ୪୫% କେବଳ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବାରେ ଅତିବାହିତ ହୋଇଥିଲା। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ % ଆସନ ସଂରକ୍ଷଣ ପାଇଁ ସମ୍ବିଧାନ (୧୨୮ତମ ସଂଶୋଧନ) ବିଲ୍ ୧୯ରେ ଆଗତ ହୋଇ ୧୦ ଘଣ୍ଟା ଆଲୋଚନା ହୋଇଥିଲା। ୩୨ ମହିଳା ଏମ୍ପିଙ୍କ ସମେତ ମୋଟ ୬୦ ସଦସ୍ୟ ଏଥିରେ ଭାଗ ନେଇଥିଲେ। ବିଲ୍ ସପକ୍ଷରେ ୪୫୪ ଓ ବିରୋଧରେ ଏଆଇଏମ୍ଆଇଏମ୍ର ୨ ଏମ୍ପି ଭୋଟ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟର ୭୫ ବର୍ଷର ସଂସଦୀୟ ଯାତ୍ରା ଉପରେ ଆଲୋଚନା ଆରମ୍ଭ କରିଥିଲେ। ଏହା ଉପରେ ୬ ଘଣ୍ଟା ୪୩ ମିନିଟ୍ ଆଲୋଚନା ହୋଇଥିଲା ଓ ୩୬ ଏମ୍ପି ଏଥିରେ ସାମିଲ ହୋଇଥିଲେ। ଚନ୍ଦ୍ରୟାନ-୩ ମିଶନର ସଫଳତା ଉପରେ ଲୋକ ସଭାରେ ୧୨ ଘଣ୍ଟା ୨୫ ମିନିଟ୍ ଆଲୋଚନା ହୋଇଥିଲା। ରାଜ୍ୟ ସଭାରେ ମହିଳା ବିଲ୍ ଉପରେ ୧୨ ଘଣ୍ଟାରୁ ଅଧିକ ସମୟ ବିତର୍କ କରାଯାଇଥିଲା।

## ଭାରତର ଭୁଲ୍ ମାନଚିତ୍ର ଦେଖାଇଲା ମୋଟୋଜିପି

**ନୂଆଦିଲ୍ଲୀ,୨୨।୯**

### ବିବାଦ ପରେ କ୍ଷମା ମାଗିଲା



ମୋଟରସାଇକେଲ ରେସିଂ ପ୍ରତିଯୋଗିତା ମୋଟୋଜିପି ଏହାର ସିଧାପ୍ରସାରଣ ବେଳେ ଭାରତର ଏକ ଭୁଲ୍ ମାନଚିତ୍ର ପ୍ରଦର୍ଶିତ କରିଥିବାରୁ ଶୁକ୍ରବାର ଏଥିପାଇଁ ଭୁଲ୍ ମାଗିଛି। ମୋଟୋଜିପି ଦେଖାଇଥିବା ମାନଚିତ୍ରରେ ଜମ୍ମୁ-କଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ନ ଥିଲା। ଉକ୍ତ ସ୍ପୋର୍ଟ୍ସ ଲିଗ୍ ଏହାର ‘ଏକ୍ସ’ ଅଫିସିଆଲ ହ୍ୟାଣ୍ଡେଲ୍ରେ ଏଥିପାଇଁ କ୍ଷମା ମାଗିଛି। ଆୟୋଜକ ଦେଶକୁ ସମର୍ଥନ ଓ ପ୍ରଶଂସା କରିବା ବ୍ୟତୀତ ଅନ୍ୟ କୌଣସି ମନ୍ତବ୍ୟ ଦେବା ଆମର ଉଦ୍ଦେଶ୍ୟ ନ ଥିଲା ବୋଲି ମୋଟୋଜିପି କହିଛି। ଭାରତର ବିକୃତ ମାନଚିତ୍ର ପ୍ରଦର୍ଶନକୁ ନେଇ ସୋସିଆଲ ମିଡିଆରେ ବିବାଦ ସୃଷ୍ଟି ହୋଇଥିଲା। ଏଥିପାଇଁ ଅନ୍ତର୍ଜାତୀୟ ରେସିଂ ଲିଗ୍ ଉତ୍ତରଦାୟୀ ରହିବାକୁ ଅନେକ ୟୁଜର ଦାବି କରିଥିଲେ। ନୋଏଡାରେ ହେବାକୁ ଥିବା ଏହାର ୩ ଦିନିଆ କାର୍ଯ୍ୟକ୍ରମକୁ ବର୍ଜନ କରିବା ପାଇଁ କେତେଜଣ ୟୁଜର ଆହ୍ୱାନ ଦେଇଥିଲେ।

### କୃଷ୍ଣ ଜନ୍ମଭୂମି-ଶାହି ଇଦ୍ଗା ପରିସର ସର୍ଭେରେ ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୨।୯(ପି.ଟି.)**

ମଥୁରା କୃଷ୍ଣ ଜନ୍ମଭୂମି-ଶାହି ଇଦ୍ଗା ମସ୍ଜିଦ ପରିସରର ସର୍ଭେ ପାଇଁ ଶ୍ରୀକୃଷ୍ଣ ଜନ୍ମଭୂମି ମୁକ୍ତି ନିର୍ମାଣ ଟ୍ରଷ୍ଟ ପକ୍ଷରୁ କରାଯାଇଥିବା ଆବେଦନରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଶାହି ଇଦ୍ଗା ମସ୍ଜିଦ ସ୍ଥାନରେ ପୂର୍ବରୁ ହିନ୍ଦୁ ମନ୍ଦିର ଥିଲା କି ନାହିଁ ତାହା ନିର୍ଦ୍ଧାରଣ କରିବା ପାଇଁ ସର୍ଭେ ନିମନ୍ତେ ଆବେଦନ କରାଯାଇଥିଲା। ମସ୍ଜିଦ ପରିଚାଳନା କମିଟି ପକ୍ଷରୁ ଦାଏର ରକ୍ଷଣାବେକ୍ଷଣ ପ୍ରସଙ୍ଗର ଶୁଣାଣି ପ୍ରଥମେ କରାଯିବ ବୋଲି ସିଭିଲ ଜଜ୍ ନିଷ୍ପତ୍ତି ନେଇଥିଲେ। ଆହ୍ଲାହାବାଦ ହାଇକୋର୍ଟ ଏହାକୁ କାଏମ ରଖିବା ସହ ସିଭିଲ ଜଜ୍ଙ୍କ ରାୟରେ ତ୍ରୁଟି ନ ଥିବା କହିଥିଲେ। ହାଇକୋର୍ଟଙ୍କ ଜୁଲାଇ ୧୦ର ଏହି ରାୟକୁ ଟ୍ରଷ୍ଟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ମସ୍ଜିଦ ପରିଚାଳନା କମିଟି ଏବଂ ଉତ୍ତରପ୍ରଦେଶ ସୁନ୍ନୀ କେନ୍ଦ୍ରୀୟ ୱାକଫ୍ ବୋର୍ଡ ସିଭିଲ୍ ଜଜ୍ଙ୍କ ନିକଟରେ ଆବେଦନ କରିଥବାରୁ ସମ୍ବିଧାନର ଅନୁଚ୍ଛେଦ ୧୩୬ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପର ଆବଶ୍ୟକତା ନାହିଁ ବୋଲି ଜଷ୍ଟିସ ସଞ୍ଜୟ କିଶନ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ କହିଛନ୍ତି।



କେରଳସ୍ଥିତ କୋଟାୟମ୍ ନିକଟ କୁମାରାକୋମ୍ର ଏକ ପୋଖରୀରେ ଜଣେ ଯୁବତୀ କଇଁଫୁଲ ଧରିଛନ୍ତି।

## ସୁପ୍ରିମକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ

**ନୂଆଦିଲ୍ଲୀ,୨୨।୯(ପି.ଟି.)**

### ମଣିପୁର ହିଂସା

ଜାତିଆଣ ହିଂସା ପ୍ରଭାବିତ ମଣିପୁରରେ ସମସ୍ତ ଉତ୍ସରୁ ଅସ୍ତ୍ରଶସ୍ତ୍ରକୁ ଉଦ୍ଧାର କରାଯାଇଥିବା ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛନ୍ତି। କେନ୍ଦ୍ର ଏବଂ ମଣିପୁର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠଙ୍କୁ ଏହା କହିଛନ୍ତି। ମହିଳା ଓ ଶିଶୁମାନଙ୍କ ପ୍ରତି ହୋଇଥିବା ଯୌନ ହିଂସା ସମ୍ପର୍କିତ ୧୧ଟି ଏତଲା ସିବିଆଇକୁ ହସ୍ତାନ୍ତର ହୋଇଥିଲାବେଳେ ତଦନ୍ତର ସବିଶେଷ ତଥ୍ୟ ତଦନ୍ତକାରୀ ସଂସ୍ଥା ଦେବା ପାଇଁ ପିଟିଶନରେ ଦାବି କରାଯାଇଥିଲା। ଅପରାଧ ମାମଲାଗୁଡ଼ିକର ଅନୁଧ୍ୟାନ ପାଇଁ ଅଭିଜ୍ଞ ଆଇପିଏସ୍ ଅଫିସର ଦତ୍ତାତ୍ରେୟ ପଡ୍ସାଲଗିକରଙ୍କୁ ନିଯୁକ୍ତ କରାଯାଇଥିବା ଖଣ୍ଡପୀଠ କହିଥିଲେ। ଅଫିସରମାନଙ୍କୁ ଦାୟିତ୍ୱ ନେବା, ସ୍ଥିତି ଅନୁଧ୍ୟାନ କରିବା ପାଇଁ ସମୟ ଦିଆଯାଉ ବୋଲି ଖଣ୍ଡପୀଠ କହିଥିଲେ। ମହାରାଷ୍ଟ୍ରର ପୂର୍ବତନ ଡିଜିପି ପଡ୍ସାଲଗିକର ମଣିପୁର ଗସ୍ତ କରି ତଦନ୍ତ ପ୍ରକ୍ରିୟାର ତଦାରଖ କରୁଛନ୍ତି ବୋଲି ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ। ମଣିପୁର ହିଂସାର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଯିବା, ରିଲିଫ୍ ଏବଂ ଥାଇଥାନ ପାଇଁ ପଦକ୍ଷେପ ଆଦି ଉପରେ ହୋଇଥିବା ଆବେଦନର ଶୁଣାଣି କରି ଖଣ୍ଡପୀଠ ଗତ ମାସ ୭ରେ ପଡସାଲଗିକରଙ୍କୁ ସିବିଆଇ ତଦନ୍ତର ଅନୁଧ୍ୟାନ କରିବାକୁ ନିଯୁକ୍ତ କରିଥିଲେ।

## ‘ସନାତନ’ ମନ୍ତବ୍ୟ

## ଉଦୟନିଧିଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୨।୯(ପି.ଟି.)**

ସନାତନ ଧର୍ମର ମୂଳୋତ୍ପାଟନ ପାଇଁ ଆହ୍ୱାନ ଦେବା ଅଭିଯୋଗରେ ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ଙ୍କ ବିରୋଧରେ ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏନେଇ ଉଦୟନିଧି ଓ ତାମିଲନାଡୁ ସରକାରଙ୍କୁ ଜବାବ ମାଗି ନୋଟିସ କରିଛନ୍ତି। ସେପ୍ଟେମ୍ବର ୨ରେ ଡିଏମ୍କେ ନେତା ଉଦୟନିଧି ଏକ ସଭାରେ ସନାତନ ଧର୍ମକୁ ଡେଙ୍ଗୁ, ମାଲେରିଆ ଓ କରୋନା ସହ ତୁଳନା କରିଥିଲେ। ବି.



ଜଗନ୍ନାଥ ନାମକ ଜଣେ ବ୍ୟକ୍ତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦାମା ଶେଶାଦ୍ରୀ ନାଇଡୁ ତାଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଉଦୟନିଧି ସନାତନ ଧର୍ମ ଭଲ ନୁହେଁ ଏବଂ ଅନ୍ୟ ଧର୍ମ ଭଲ ବୋଲି ସ୍କୁଲ ଛାତ୍ରୀଛାତ୍ରଙ୍କୁ କହିଥିବା ଉକ୍ତ ପିଟିଶନରେ ଉଲ୍ଲେଖ କରିଥିଲେ। ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ କହିଥିଲେ, ଆପଣ ଏଫ୍ଆଇଆର୍ ପାଇଁ ଦ୍ୱାରସ୍ଥ ହୋଇ ସୁପ୍ରିମକୋର୍ଟଙ୍କୁ ଥାନାରେ ପରିଣତ କରୁଛନ୍ତି। ହାଇକୋର୍ଟକୁ ଯାଇଥିଲେ ଭଲ ହୋଇଥାନ୍ତା। ତେବେ ଉଦୟନିଧି ଜଣେ ମନ୍ତ୍ରୀ ହୋଇଥିବାରୁ ତାଙ୍କ ବିରୋଧରେ ଥାନାରେ ଏତଲା ଗ୍ରହଣ କରିବାକୁ ପୋଲିସ ମନା କରୁଥିବାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବାଧ ହୋଇଛୁ ବୋଲି ନାଇଡୁ କହିଥିଲେ।

## ଆଜି ଉଠିବ ଲ୍ୟାଣ୍ଡର ବିକ୍ରମ

**ବେଙ୍ଗାଲୁରୁ,୨୨।୯**

ଚନ୍ଦ୍ର ଦକ୍ଷିଣ ମେରୁରେ ଦିନ ହେବା ପରେ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଏବଂ ରୋଭର ପ୍ରଜ୍ଞାନକୁ ଜାଗ୍ରତ କରିବା ପାଇଁ ଶୁକ୍ରବାର ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଉଦ୍ୟମ କରିଥଲା। ତେବେ ସେଠାରୁ କୌଣସି ସିଗ୍ନାଲ ନ ମିଳିବାରୁ ସେମାନଙ୍କୁ ଜାଗ୍ରତ କରାଇବା ଯୋଜନାକୁ ଗୋଟିଏ ଦିନ ସ୍ଥଗିତ ରଖାଯାଇଛି। ଶନିବାର ବିକ୍ରମ ଉଠିବ ବୋଲି ଇସ୍ରୋ କହିଛି। ଦକ୍ଷିଣ ମେରୁରେ ରାତି ହେବାରୁ ବିକ୍ରମ ଓ ପ୍ରଜ୍ଞାନ ସ୍ଲିପ୍ ମୋଡ୍ରେ ରହିଥିଲେ। ରୋଭର ଚନ୍ଦ୍ରପୃଷ୍ଠରେ ୩୦୦ରୁ ୩୫୦ ମିଟର ଅତିକ୍ରମ କରିବା ଲାଗି ଇସ୍ରୋ ପୂର୍ବରୁ ଯୋଜନା କରିଥିଲା। ରୋଭର ବର୍ତ୍ତମାନ ସୁଦ୍ଧା ୧୦୫ ମିଟର ଅତିକ୍ରମ କରିଛି। ୨୨ ତାରିଖରେ ରୋଭର ଏବଂ ଲ୍ୟାଣ୍ଡରକୁ ଜାଗ୍ରତ କରିବା ଲାଗି ପୂର୍ବରୁ ଯୋଜନା ହୋଇଥିଲା। ତେବେ କେତେକ କାରଣ ଯୋଗୁ ଏହାକୁ ଶନିବାର ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ନିର୍ଦ୍ଦେଶକ ନୀଲେଶ ଦେଶାଇ କହିଛନ୍ତି। ଅଗଷ୍ଟ ୨୩ରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ଅବତରଣ କରିଥିଲା। ଉକ୍ତ ଅବତରଣ ସ୍ଥାନକୁ ‘ଶିବଶକ୍ତି ପଏଣ୍ଟ’ ଭାବେ ନାମିତ କରାଯାଇଛି। ସେଠାରେ ରୋଭର ସଫଳତାର ସହ ଚନ୍ଦ୍ରପୃଷ୍ଠର ଅନୁଧ୍ୟାନ କରି ଇସ୍ରୋକୁ ତଥ୍ୟ ପଠାଇବା ପରେ ସେପ୍ଟେମ୍ବର ୨ରୁ ସୁପ୍ତ ଅବସ୍ଥାରେ ରହିଛି। ସେହିପରି ଲ୍ୟାଣ୍ଡର ବିକ୍ରମ ସେପ୍ଟେମ୍ବର ୪ରୁ ସୁପ୍ତ ରହିଛି।



## ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟି ଗଠିତ

ଭୁବନେଶ୍ୱର,୨୨।୯(ଅନିଲ ଦାସ): ଗୃହର ସୁପରିଚାଳନା ପାଇଁ ବାଚସ୍ପତି ପ୍ରମିଳା ମଲ୍ଲିକ ଶୁକ୍ରବାର କାର୍ଯ୍ୟ ପରାମର୍ଶଦାତା କମିଟି ଗଠନ କରିଛନ୍ତି। ଏହି କମିଟିରେ ବାଚସ୍ପତି ଅଧ୍ୟକ୍ଷ ଥିବାବେଳେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଏସ୍‌ସି/ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ବିଧାୟକ ଦେବୀ ପ୍ରସାଦ ମିଶ୍ର ସଦସ୍ୟ ରହିଛନ୍ତି।




# ପ୍ରମିଳା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି

ଭୁବନେଶ୍ୱର,୨୨।୯(ଅନିଲ ଦାସ)

ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କୁ ବାଚସ୍ପତି ଭାବେ ଚୟନ କରାଯାଇଛି। ସେ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ହେବାର ଗୌରବ ଅର୍ଜନ କରିଛନ୍ତି। ଶୁକ୍ରବାର ସେ ବିଧିବଦ୍ଧ ଭାବେ ବାଚସ୍ପତି ଆସନ ଗ୍ରହଣ କରିଛନ୍ତି। ସର୍ବ ସମ୍ମତିକ୍ରମେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଚସ୍ପତି ପଦବୀ ପାଇଁ ଗୃହରେ ତାଙ୍କ ନାଁରେ ପ୍ରସ୍ତାବ ରଖିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମର୍ଥନ ଜଣାଇଥିଲେ। ବାଚନିକ ମତଦାନରେ ଗୃହରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ପରେ ଗୃହର ନେତା, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା, ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଅନ୍ୟ ସଦସ୍ୟମାନେ ନୂଆ ବାଚସ୍ପତିଙ୍କୁ ତାଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ପ୍ରମିଳାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିପାଇଁ ଗୃହର ସମସ୍ତ ସଦସ୍ୟଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ଗୃହର ମର୍ଯ୍ୟାଦା ରକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସଦସ୍ୟଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ପ୍ରମିଳାଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଥମ ମହିଳା ବାଚସ୍ପତି ଭାବେ ଦାୟିତ୍ୱ ନେଇଥିବାରୁ ଆମେ ଗର୍ବିତ ବୋଲି କହିଛନ୍ତି। ସମ୍ବିଧାନର ବିଧି ବ୍ୟବସ୍ଥା ଅନୁଯାୟୀ ଗୃହକୁ ନିରପେକ୍ଷ ଭାବେ ଚଳାଇବେ ବୋଲି ସେ ଆଶା କରିଛନ୍ତି। ପ୍ରଥମ ମହିଳା ବାଚସ୍ପତି ହୋଇଥିବାରୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ପ୍ରମିଳାଙ୍କୁ ଅଭିନନ୍ଦନ ଜଣାଇବା ସହ ନିରପେକ୍ଷ ଭାବେ ସେ ଗୃହ ସୁପରିଚାଳନା କରିବେ ବୋଲି ଆଶା କରିଛନ୍ତି। ପ୍ରମିଳା ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ବାଚସ୍ପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ଦଳ ବାଚସ୍ପତି ପଦବୀ ପାଇଁ ପ୍ରାର୍ଥୀ ଦେଇ ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରମିଳା ୬ ଥର ବିଧାୟିକା ହୋଇଛନ୍ତି। ଏଥିସହିତ ସେ ପୂର୍ବରୁ ବିଜେଡି ସରକାରରେ ମୁଖ୍ୟ ସଚେତକ ଓ ମନ୍ତ୍ରୀ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି।



# ଚିତ୍ରଶିଳ୍ପୀ ପଦ୍ମନାଭଙ୍କ ପରଲୋକ

ସମ୍ବଲପୁର,୨୨।୯(ବି.ଶଙ୍କର)

ସାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମନାଭ ମିଶ୍ରଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଶୁକ୍ରବାର ସକାଳେ ପରଲୋକ ହୋଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ପୁତ୍ର ସିଦ୍ଧାର୍ଥ ମୁଖାଗ୍ନି ଦେଇଥିଲେ। ତାଙ୍କ ପଛରେ ସେ ସ୍ତ୍ରୀ ଆହ୍ଲାଦିନୀ ମିଶ୍ର, ପୁତ୍ର ସିଦ୍ଧାର୍ଥ, ଦୁଇ ଝିଅ, ଜ୍ୱାଇଁ ଓ ନାତିନାତୁଣୀଙ୍କୁ ଛାଡ଼ିଯାଇଛନ୍ତି। ତାଙ୍କ ପରଲୋକରେ ସମ୍ବଲପୁର ସହରର କଳାକାର ମହଲରେ ଶୋକ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପଦ୍ମନାଭ ସୋନପୁର ସହରରେ ଜନ୍ମଗ୍ରହଣ କରିଥିଲେ। ସେଠାରୁ ଶିକ୍ଷା ସମାପ୍ତ କରି ଚିତ୍ରକଳା ଶିକ୍ଷା ପାଇଁ ବିଶ୍ୱଭାରତୀ ଶାନ୍ତିନିକେତନ ଯାଇ ୧୯୬୫ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୬୭ରେ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଉଦ୍ଭିଦ ବିଭାଗରେ ଆର୍ଟିଷ୍ଟ ଫଟୋଗ୍ରାଫର ଭାବେ ଯୋଗଦେଇ ସେହିଠାରୁ ଅବସର ନେଇଥିଲେ। ଗୀତା ଶ୍ଳୋକକୁ ନେଇ ସେ ୧୪ଟି ପେଣ୍ଟିଂ ପ୍ରସ୍ତୁତ କରିଥିଲେ। ଏହି ପେଣ୍ଟିଂ ଭୁବନେଶ୍ୱର ସୂଚନା ଭବନରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ଏଥିପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ମର୍ଯ୍ୟାଦାଜନକ ସାରଳା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏଥିସହ ସନ୍ଥ କବି ଭୀମଭୋଇ, ହରିବଂଶ ରାୟ ବଚ୍ଚନ, ଶ୍ରୀନିବାସ ଉଦ୍‌ଗାତାଙ୍କ କବିତା ଉପରେ ପେଣ୍ଟିଂ କରି ସେ ବେଶ ଚର୍ଚ୍ଚିତ ହୋଇଥିଲେ। ସମ୍ବଲପୁର ସହରର ଚିତ୍ରକଳା ଅନୁଷ୍ଠାନ ଚିତ୍ରଭୂମି, ଚିତ୍ରଶାଳା, ସମ୍ବଲପୁର କଳା ଏକାଡେମୀ, ବନ୍ଦନା ଆର୍ଟ କର୍ଣ୍ଣର, ଅଙ୍କନ, ଆୟରିଶ, ରୂପାଙ୍କନ, ସାଇଶିକ୍ଷା ପରିଷଦ, ଉଡ଼ାନ, ରାଫେଲ, ତୁଳିକା, ଅଞ୍ଜଳି ଆର୍ଟ କର୍ଣ୍ଣର, ଚିତ୍ରକାର, ଦ ଆର୍ଟ ସ୍କୁଲ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଗଭୀର ଶୋକ ପ୍ରକାଶ କରାଯାଇଛି।


ପଦ୍ମନାଭ ମିଶ୍ର

# ହଷ୍ଟେଲ ରୁମ୍‌ରେ ଡାକ୍ତରୀ ଛାତ୍ରଙ୍କ ମୃତଦେହ

ବାରିପଦା,୨୨।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍‌ଏମ୍) ମେଡିକାଲ କଲେଜ ଏବଂ ହସ୍ପିଟାଲର ହଷ୍ଟେଲ ରୁମ୍‌ରୁ ଜଣେ ଡାକ୍ତରୀ ଛାତ୍ରଙ୍କ ମୃତଦେହ ଜବତ ହୋଇଛି। ମୃତ ଛାତ୍ର ହେଲେ କେନ୍ଦୁଝର ଜିଲା ଅଞ୍ଚଳର ସଚିନ ସାହୁ। ସେ ହାଉସ୍ ସର୍ଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ।

ସୂଚନା ଅନୁଯାୟୀ, ସଚିନ ଶୁକ୍ରବାର ହସ୍ପିଟାଲରେ ଡିୟୁଟି ସାରି ହଷ୍ଟେଲ ରୁମ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୀର୍ଘ ସମୟ ଧରି ସେ କବାଟ ନ ଖୋଲିବାରୁ କଲେଜ ପରିସରରେ ଥିବା ଅନ୍ୟ ଛାତ୍ରମାନେ କବାଟ ଭାଙ୍ଗି ତାଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ହସ୍ପିଟାଲ ଛାତ୍ରଙ୍କ କହିବା ଅନୁଯାୟୀ ସଚିନ ଅତି ଶାନ୍ତ ସରଳ ପ୍ରକୃତିର ଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏ ନେଇ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ବିଧାନସଭାରେ ଶୋକ

ଭୁବନେଶ୍ୱର,୨୨।୯(ଅନିଲ ଦାସ)

ପୂର୍ବତନ ସଦସ୍ୟ ଏବଂ ଦେଶ ପାଇଁ ବଳିଦାନ ଦେଇଥିବା ଯବାନଙ୍କ ବିୟୋଗରେ ଶୁକ୍ରବାର ବିଧାନସଭାରେ ଶୋକ କରାଯାଇଛି। ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ନବ ନିର୍ବାଚିତ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରଲୋକଗତ ସଦସ୍ୟଙ୍କ ପାଇଁ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ଗୃହରେ ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ପୂର୍ବତନ ବିଧାୟକ ତ୍ରିଲୋଚନ କାନୁନ୍‌ଗୋ, ରମେଶ ସୋରେନ, ନିବେଦିତା ପ୍ରଧାନ, କୁମର ବେହେରା, ଲାମ୍ବୁ ନାୟକ ଦେବାଶିଷ ବିଶ୍ୱାଳ, କନ୍‌ଷ୍ଟେବଲ ସୁଶାନ୍ତ ଖୁଣ୍ଟିଆ, ସୁଶାନ୍ତ କୁମାର ମହାନ୍ତିଙ୍କ ସ୍ମୃତିରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ବାଚସ୍ପତିଙ୍କ ଜରିଆରେ ଗୃହର ସମବେଦନା ଜଣାଇଛନ୍ତି। ଏହି ପ୍ରସ୍ତାବକୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମର୍ଥନ କରିବା ସହ ଦିବଂଗତ ସଦସ୍ୟମାନଙ୍କ ପ୍ରତି ନିଜ ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।






**ଆଜିର ମନ୍ତବ୍ୟ**
"୪୦ ବର୍ଷ ଶାସନରେ କଂଗ୍ରେସ ବିହାରକୁ ଧ୍ୱଂସ କରିଦେଇଥିଲା। ଦଳର ନେତା ରାହୁଲ ଗାନ୍ଧୀଙ୍କୁ ରାଜ୍ୟର ୪ ଜିଲା ନାମ ଜଣାନାହିଁ। ତାଙ୍କୁ ନେଇ ବିହାର କ'ଣ କରିବ? **-ପ୍ରଶାନ୍ତ କିଶୋର, ନିର୍ବାଚନ ରଣନୀତିକାର ତଥା ରାଜନେତା**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଞ୍ଚି ମୁନେ ମୁନେ ପର୍ବତ ଟାଳିଲି**
**କାକ ବିନା ନାହିଁ ରାବ**
**ବାଲୁତ ପୁଅକୁ ଯୁବତୀ କନିଆ**
**ସେ କି ଜାଣେ ତା'ର ଭାବ ?**

ଛୁଞ୍ଚିକୁ ଧରି ପର୍ବତ ତାଡ଼ିବା କିମ୍ବା କାକ ରା ରୁ ସୁଶ୍ରାବ୍ୟ ସ୍ୱର ଅନ୍ୱେଷଣ କରିବା ଅସମ୍ଭବ ଏବଂ ବୃଥା ପ୍ରୟାସ ହୋଇଥାଏ। ସେହିପରି ଯୁବତୀ କନ୍ୟା ସହ କିଶୋର ପିଲାର ବିବାହ ଏକ ନିରର୍ଥକ ସମ୍ପର୍କ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଛିଣ୍ଡିଗଲା ଗୁନ୍ଥା ମାଳି**
**ଝଲିଲା ମୁଖ ଯାଇଛି ଝାଉଁଳି**
**କିଏ ଦେଇଛି କି ଗାଳି ?**

ଗାଳି ଦେଲେ ବା ଛିଗୁଲେଇ କରି କଥା କହିଲେ ମନ ଉଦାସ ହୋଇଯାଏ। ଏଥିସହ ମୁହଁରେ ବିଷଣ୍ଣ ଭାବ ପ୍ରକାଶ ପାଇଥାଏ। ସୌନ୍ଦର୍ଯ୍ୟରେ ଝଟକୁଥିବା ମୁହଁ ଗାଳି ପ୍ରଭାବରେ ମଳିନ ପଡ଼ିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଈଷ୍ଟର୍ନ ମିଡିଆ ଆକାଉଣ୍ଟରେ ଜମା ହୋଇଛି ବିପୁଳ ଟଙ୍କା

**ଋଣ ଦୁର୍ନୀତି ମାମଲା**

ଭୁବନେଶ୍ୱର,୨୨।୯
(ସତ୍ୟଜିତ୍ ରାଉତ)

ଈଷ୍ଟର୍ନ ମିଡିଆ ଲିମିଟେଡ୍‌ର ଦୈନିକ ଖବରକାଗଜ ସମ୍ବାଦରେ କର୍ମଚାରୀଙ୍କ ନାମରେ ଜାଲିଆତି କରି ବ୍ୟାଙ୍କରୁ ଋଣ ଉଠାଣ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଖୋଳତାଡ଼ ଜାରି ରଖିଛି। ଗତ କିଛିବର୍ଷ ମଧ୍ୟରେ ଈଷ୍ଟର୍ନ ମିଡିଆ ଲିମିଟେଡ/ସମ୍ବାଦର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ବିପୁଳ ଟଙ୍କା ଜମା ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ଶୁକ୍ରବାର ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ଯାଞ୍ଚବେଳେ ଏହା ଜଣାପଡ଼ିଥିବା ସୂଚନା ଦିଆଯାଇଛି। ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି ଯେ, ଗୁରୁବାର ଇଓଡବ୍ଲ୍ୟୁର ଏକ ଟିମ୍ ସମ୍ବାଦ ଅଫିସରେ ଯାଞ୍ଚ କରିଥିଲା। ହେଲେ ଏହି ସମୟରେ ସମ୍ବାଦ ଅଧିକାରୀ ତଥା କର୍ମଚାରୀମାନେ ତଦନ୍ତରେ ସହଯୋଗ କରି ନ ଥିଲେ। ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ତଥା ଦସ୍ତାବିଜ୍ ମିଳି ନ ଥିଲା। କିଛି ସନ୍ଦେହଜନକ ଦସ୍ତାବିଜ୍‌କୁ ଦେବା ପାଇଁ ସମ୍ବାଦ ଅଧିକାରୀମାନେ ଇଓଡବ୍ଲ୍ୟୁ ଟିମ୍‌କୁ ମନା କରିଦେଇଥିଲେ। ସଂସ୍ଥାର ଆକାଉଣ୍ଟ ଓ ଏଚ୍ଆର୍ ସେକ୍ସନ୍‌ର କିଛି ପ୍ରାସଙ୍ଗିକ କମ୍ପ୍ୟୁଟର୍ ଫାଇଲ୍‌ର କପି ନେବା ପାଇଁ ଇଓଡବ୍ଲ୍ୟୁ ଚାହିଁଥିଲେ ମଧ୍ୟ ସଂସ୍ଥା ପକ୍ଷରୁ ବାରଣ କରାଯାଇଥିଲା। ଏଭଳି ପରିସ୍ଥିତିରେ କିଛି ହାର୍ଡଡିସ୍କକୁ ଜବତ କରିବାକୁ ଇଓଡବ୍ଲ୍ୟୁ ଟିମ୍ ବାଧ୍ୟ ହୋଇଥିଲେ ବୋଲି କୁହାଯାଇଛି। ତଦନ୍ତ ସମୟରେ ସମ୍ବାଦର ଆଉ କେତେଜଣ ପୀଡ଼ିତ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ସେମାନେ ଏତଲାକାରୀ ଅସୀମ ମହାପାତ୍ରଙ୍କ ଅଭିଯୋଗକୁ ପ୍ରମାଣ କରିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ବାଦର ଋଣ ଜାଲିଆତିର ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ଇଓଡବ୍ଲ୍ୟୁର ପ୍ରେସ୍ ବିବୃତିରେ ଆହୁରି ଦର୍ଶାଯାଇଛି ଯେ, ଈଷ୍ଟର୍ନ ମିଡିଆ ସଂସ୍ଥା ଦରମା ପରିମାଣକୁ ଏପଟସେପଟ କରିଥିବା ଏବଂ ଇପିଏଫ୍‌ଓ ଓ ଇଏସ୍ଆଇସି ଡିପୋଜିଟ୍ କରି ନ ଥିବା କେତେଜଣ ପୀଡ଼ିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଇଓଡବ୍ଲ୍ୟୁ ଦୃଷ୍ଟି ଦେବା ସହ ସଂସ୍ଥାଠାରୁ ସୂଚନା ମଗାଯାଇଥିବା କୁହାଯାଇଛି। ସେପଟେ ଭୁବନେଶ୍ୱର ଆଇଆର୍‌ସି ଭିଲେଜ୍‌ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ୩ ଅଧିକାରୀଙ୍କୁ ଗୁରୁବାର ଇଓଡବ୍ଲ୍ୟୁ ପଚରାଉଚରା କରିଥିଲା। ଶୁକ୍ରବାର ମଧ୍ୟ ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ଉକ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୨ଜଣଙ୍କୁ ପଚରାଉଚରା କରାଯାଇଥିବା ଜଣାପଡ଼ିଛି।

# ବିର୍ଲା ଟାୟାର୍ସ ଖୋଲିବା ନେଇ ଆଶା ସଞ୍ଚାର

**୪ରେ ଏନ୍‌ସିଏଲ୍‌ଟିର ନିର୍ଦ୍ଦେଶକୁ ଅପେକ୍ଷା**

ବାଲେଶ୍ୱର,୨୨।୯
(ମାନସ ବିଶ୍ୱାଳ)

ଦୀର୍ଘ ଦିନ ହେବ ବନ୍ଦ ପଡ଼ିଥିବା ବାଲେଶ୍ୱର ଜିଲାର ବୃହତ୍ ଶିଳ୍ପ ବିର୍ଲା ଟାୟାର୍ସ ଚାଲୁହେବା ନେଇ ଆଶା ସଞ୍ଚାର ହୋଇଛି। ଆସନ୍ତା ଅକ୍ଟୋବର ୪ ତାରିଖରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) କୋଲକାତା ଶାଖାରେ କମ୍ପାନୀ ସମ୍ପର୍କିତ ମାମଲାର ପ୍ରାୟ ଚୂଡ଼ାନ୍ତ ବିଚାର ହେବାର ସମ୍ଭାବନା ରହିଛି। ଏଣୁ ଏହି କମ୍ପାନୀ ପୂର୍ବ ଭଳି ଚାଲୁ ହେବା ସମ୍ଭାବନା ଥିବା ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ କହିଛନ୍ତି। ବିର୍ଲା ଟାୟାର୍ସ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକଙ୍କର ଭରଣପୋଷଣରେ ଏକ ମୁଖ୍ୟ ଉତ୍ସ ପାଲଟିଥିଲା। ଗତ ୨୦୧୭-୧୮ଠାରୁ ବିଭିନ୍ନ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ବେଳେ କରୋନା ସମୟରେ ସ୍ଥିତି ଗମ୍ଭୀର ହୋଇପଡ଼ିଥିଲା। ଏହାସହ କମ୍ପାନୀ ପାଖାପାଖି କାର୍ଯ୍ୟରତ ଶ୍ରମିକଙ୍କ ୩୦କୋଟି ଟଙ୍କା ବାକି ରଖିଥିବା ବେଳେ ଶିଳ୍ପାନୁଷ୍ଠାନରେ ଅସ୍ଥିରତା ଦେଖାଦେଇଥିଲା। ଶ୍ରମିକଙ୍କ ଦରମା ଦେବାରେ କମ୍ପାନୀ ଅସମର୍ଥତା ଦେଖାଇଥିଲା। ପରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ, ଧର୍ମଘଟକୁ ସମ୍ମୁଖୀନ ହେବାକୁ ପଡ଼ିଥିଲା। ଗତ ୨୦୨୧ ମାର୍ଚ୍ଚରୁ କମ୍ପାନୀ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଶ୍ରମିକଙ୍କ ପକ୍ଷରୁ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ରେ ରୁଜୁ ହୋଇଥିବା ମାମଲା ବିଚାରାଧୀନ ରହିଛି। ଉକ୍ତ ମାମଲାରେ ମାଟେରିଆଲ ସପ୍ଲାୟରଙ୍କଠାରୁ ଆରମ୍ଭ କରି ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷ ରହିଛନ୍ତି।

# ଭାବ ଆଦାନପ୍ରଦାନରେ ସାଙ୍କେତିକ ଭାଷାର ଗୁରୁତ୍ୱ



**ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ**

ଚିକିତ୍ସା ବିଜ୍ଞାନ ଅନୁସାରେ ଶୁଣି ଅନୁକରଣ କରିବା ପ୍ରତିଟି ପ୍ରାଣୀର ସହଜାତ ପ୍ରବୃତ୍ତି। ମାତ୍ର ଶ୍ରବଣ ସମସ୍ୟା ରହିଲେ ଅନୁକରଣ କରିବା ସମ୍ଭବ ହୋଇ ନ ଥାଏ। ଶ୍ରବଣ ସମସ୍ୟା ଯୋଗୁ ବାକ କ୍ଷମତା ହରାଇଥିବା ଶିଶୁ ବଡ଼ ହୋଇ କିଭଳି ସହଜରେ ନିଜ ଜୀବନ ଜିଇଁପାରିବ ସେ ନେଇ ବିଭିନ୍ନ ସାଙ୍କେତିକ ଭାଷା ମାଧ୍ୟମରେ ତା'ର ବୋଧଗମ୍ୟତାର ବିକାଶ କରାଯାଇଥାଏ। ପୃଥିବୀରେ ଏଭଳି ଲୋକଙ୍କ ସଂଖ୍ୟା ୭୦ ନିୟୁତରୁ ଅଧିକ। ୱାଲର୍ଡ ଫେଡେରେଶନ ଅଫ ଡିଫ (ଡବ୍ଲ୍ୟୁଏଫ୍‌ଡି) ଅନୁସାରେ ଅନ୍ୟର ଭାବନାକୁ ବୁଝିବା ପାଇଁ ସେମାନେ ୩୦୦ରୁ ଅଧିକ ସାଙ୍କେତିକ ଭାଷାର ବ୍ୟବହାର କରିଥାନ୍ତି। ଏଭଳି ଲୋକଙ୍କ ମାନବିକ ଅଧିକାରକୁ ସୁରକ୍ଷିତ କରିବା ଲାଗି ଅନ୍ତର୍ଜାତୀୟସ୍ତରରେ ପ୍ରୟାସ କରାଯାଇଥିଲା। ଶ୍ରବଣବାଧିତଙ୍କ ଭାଷା ପରିଚୟକୁ ପ୍ରୋତ୍ସାହିତ କରିବା ପାଇଁ ୧୯୫୧ ସେପ୍ଟେମ୍ବର ୨୩ରେ ଡବ୍ଲ୍ୟୁଏଫ୍‌ଡି ଗଠନ ହୋଇଥିଲା। ଏଥିରେ ୧୩୫ଟି ଜାତୀୟ ସଂଗଠନକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଶ୍ରବଣବାଧିତଙ୍କ ଲାଗି ଅନ୍ତର୍ଜାତୀୟ ସପ୍ତାହ ପ୍ରଥମେ ୧୯୫୮ ସେପ୍ଟେମ୍ବରରେ ପାଳନ କରାଯାଇଥିଲା। ପରେ ୨୦୧୭ ଡିସେମ୍ବର ୧୯ରେ ଜାତିସଂଘର ସାଧାରଣ ସଭାରେ ୯୭ ଜଣ ସଦସ୍ୟ ରାଷ୍ଟ୍ର ଡବ୍ଲ୍ୟୁଏଫ୍‌ଡି ଗଠନ ସ୍ମୃତିରେ ୨୩ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ଭାବରେ ପାଳନ କରିବାକୁ ସହମତି ପ୍ରକାଶ କରିଥିଲେ। ୨୦୧୮ ସେପ୍ଟେମ୍ବର ୨୩ରେ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପ୍ରଥମେ ପାଳନ କରାଯାଇଥିଲା। ଏହି ଅବସରରେ ଶ୍ରବଣବାଧିତଙ୍କ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ନେଇ ସଚେତନତା ଉପରେ ଗୁରୁତ୍ୱାରୋପ ଦିଆଯାଇଥାଏ। ସେହିପରି ଭାଷାଭିତ୍ତିକ ଏବଂ ସାଂସ୍କୃତିକ ବିବିଧତାର ଏକ ଅଂଶ ଭାବରେ ସଙ୍କେତ ଭାଷାଗୁଡ଼ିକୁ ସଂରକ୍ଷଣ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥାଏ।

# ବିବାହ ବିଚ୍ଛେଦ, ପୁନଃମିଳନ ଆବେଦନ ଖାରଜ

**ପରିବାର ଅଦାଲତରେ ଅନୁଭବ-ବର୍ଷା ମାମଲାର ପୂର୍ଣ୍ଣଚ୍ଛେଦ**

କଟକ,୨୨।୯ (କାର୍ତ୍ତିକ ସାହୁ)

କଟକ ପରିବାର ଅଦାଲତରେ ଚାଲିଥିବା ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଅନୁଭବଙ୍କ ପକ୍ଷରୁ ରୁଜୁ ହୋଇଥିବା ବର୍ଷାଙ୍କଠାରୁ ଛାଡ଼ପତ୍ର ଏବଂ ବର୍ଷାଙ୍କ ପକ୍ଷରୁ ରୁଜୁ ଅନୁଭବଙ୍କ ସହ ପୁନଃମିଳନ ଓ ଅବସ୍ଥାପନ ଆବେଦନ ମାମଲାଦ୍ୱୟକୁ ପରିବାର ଅଦାଲତ ଶୁକ୍ରବାର ଖାରଜ କରିଦେଇଛନ୍ତି। ୨ଟିଯାକ ମାମଲାର ଶୁଣାଣି କରି ଉଭୟଙ୍କ ଆବେଦନ ପ୍ରସଙ୍ଗରେ କୋର୍ଟରେ ଏକାଧିକ ମାମଲା, ଜବାବ ଓ ପ୍ରତିଜବାବ ରହୁଥିବାରୁ ଅଦାଲତ ଉଭୟଙ୍କ ଆବେଦନକୁ ଖାରଜ କରିଥିଲେ। ବର୍ଷାଙ୍କ ପ୍ରସଙ୍ଗରେ କୋର୍ଟ ଦର୍ଶାଇଛନ୍ତି ଯେ, ବର୍ଷା ତାଙ୍କ ସ୍ୱାମୀଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରି ପୁଣି ତାଙ୍କ ସହ ଏକତ୍ର ରହିବାକୁ ଚାହୁଁଛନ୍ତି। ଏପରିସ୍ଥିତିରେ କୋର୍ଟ ଉଭୟଙ୍କ ଆବେଦନକୁ ଅଗ୍ରାହ୍ୟ କରିଥିବାରୁ କେହି କାହା ପାଖରେ ରହିପାରିବେ ନାହିଁ। ତେଣୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରୁ ଆରମ୍ଭ କରି କଟକର ପରିବାର ଅଦାଲତ ଯାଏ ଏହା ମଧ୍ୟରେ ଅନେକ ଅଦାଲତି ଝମେଲାରେ ଅନୁଭବ ଓ ବର୍ଷା ନୟାନ୍ତ ହୋଇ ଶେଷରେ ଫଳ ଶୂନରେ ପହଞ୍ଚିବା ନେଇ ଚର୍ଚ୍ଚା ହେଉଛି।

# ପୋଖରୀରେ ବୁଡ଼ି ବାପା, ଝିଅ ମୃତ

ଢେଙ୍କାନାଳ,୨୨।୯
(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ବାଇଶିଆଁ ପଞ୍ଚାୟତ ଆମ୍ବବାହାଲି ଗ୍ରାମରେ ଶୁକ୍ରବାର ଅଘଟଣ ଘଟିଛି। ପୋଖରୀରେ ବୁଡ଼ି ଗ୍ରାମର ମହେଶ୍ୱର ନାୟକ(୪୨) ଓ ତାଙ୍କ ଝିଅ ମନ୍ଦାକିନୀ ନାୟକ(୮)ଙ୍କ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଅପରାହ୍ନରେ ବାପା, ଝିଅ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ କୌଣସି କାରଣରୁ ବୁଡ଼ି ଯାଇଥିଲେ। ଖବରପାଇ ଗଁଦିଆ ଅଗ୍ନିଶମ ସେବା ସଂସ୍ଥାର କର୍ମଚାମାନେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଡାକ୍ତରମାନେ ବାପା ଓ ଝିଅଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ପ୍ରଥମ ପୃଷ୍ଠାରୁ...

### ୨୮ ହଜାର କୋଟିର ....

ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୧୫୩କୋଟି, ପଞ୍ଚାୟତକୁ ଆଇଟି ସଂଯୋଗୀକରଣ ପାଇଁ ୨୫୨କୋଟି, ଲିଙ୍ଗଭିତ୍ତିକ ହିଂସା ପୀଡ଼ିତା ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ୩୮କୋଟି, ସଂଖ୍ୟାଲଘୁ ବର୍ଗର ବିବାହକୁ ସହାୟତା ପାଇଁ ୧୫ କୋଟି, ବୟନିକା ଓ ସମ୍ବଲପୁରୀ ବସ୍ତ୍ରାଳୟକୁ ୱାର୍କିଂ କ୍ୟାପିଟାଲ ରିଭଲଭିଂ ଫଣ୍ଡ ପାଇଁ ୨୦କୋଟି ଟଙ୍କା ଲେଖାଏ ବ୍ୟୟବରାଦ ହୋଇଛି। ସେହିପରି ଯାଜପୁର ଓ କଳାହାଣ୍ଡିରେ ନୂଆ ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ୨୭କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ମଧୁବାବୁ ପେନ୍‌ସନ ଯୋଜନାରେ ୫୦୦କୋଟି, ଭିନ୍ନକ୍ଷମ କଲ୍ୟାଣ ପାଇଁ ୨୧୪କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସେହିପରି ମୋ ସ୍କୁଲ ଅଭିଯାନକୁ ୨୧୨କୋଟି ଓ ଓଡ଼ିଶା ଆଦର୍ଶ ସ୍କୁଲ ପାଇଁ ୧୦୫.୫୪କୋଟି, ବେସରକାରୀ ହାଇସ୍କୁଲ ପାଇଁ ୬୦୦କୋଟି, ସରକାରୀ ହାଇସ୍କୁଲ ପାଇଁ ୬୪କୋଟି, ବିଶ୍ୱବିଦ୍ୟାଳୟ ଓ କଲେଜର ଭିତ୍ତିଭୂମି ବିକାଶ ପାଇଁ ୨୩୦କୋଟି, ବେସରକାରୀ କଲେଜଗୁଡ଼ିକ ଜିଆଇଏ ବାବଦରେ ୩୦୮କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। କୃଷକ କଲ୍ୟାଣ, ଖାଦ୍ୟ ନିରାପତ୍ତା ଓ ଜଳସେଚନ ପାଇଁ ୪୪୩୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ସାମାଜିକ ସୁରକ୍ଷା ପାଇଁ ୭୭୧ କୋଟି, ସ୍ୱାସ୍ଥ୍ୟସେବା ପାଇଁ ୮୬୨ କୋଟି, ମହିଳା ସଶକ୍ତୀକରଣ ଓ ଶିଶୁ ବିକାଶ ପାଇଁ ୪୬୯ କୋଟି, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଇଁ ୧୧୩୬ କୋଟି, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୩୬୫୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଅତିରିକ୍ତ ବିଜେଟରେ ରାଜସ୍ୱ ବଳକା ସ୍ଥିତି ବଜାୟ ରହିବ। ବିତ୍ତୀୟ ନିଅଣ୍ଟ ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୩ ପ୍ରତିଶତ ମଧ୍ୟରେ ରହିବ ବୋଲି ସରକାର ଅନୁମାନ କରିଛନ୍ତି। ୨୦୨୩ ଜୁଲାଇ ସୁଦ୍ଧା ରାଜ୍ୟର ଋଣଭାର ଜିଏସ୍‌ଡିପିର ଅନୁପାତ ୧୦.୨୭ ପ୍ରତିଶତ ଅର୍ଥାତ୍ ୮୮ ହଜାର ୪୮୭ କୋଟି ଟଙ୍କା ରହିଛି। ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୧.୯୪ ପ୍ରତିଶତ ରହିବ। ଅତିରିକ୍ତ ବଜେଟକୁ ମିଶାଇ ଚଳିତ ଆର୍ଥିକବର୍ଷର ପୁଞ୍ଜିନିବେଶ ଜିଏସ୍‌ଡିପିର ୬ ପ୍ରତିଶତରୁ ଅଧିକ ହେବ ବୋଲି ଅନୁମାନ କରାଯାଇଛି। ସେହିପରି ରାଜ୍ୟରେ ମୁଣ୍ଡ ପିଛା ଋଣ ଭାର ୧୯ ହଜାର ୧୭୧ ଟଙ୍କା ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଚଳିତବର୍ଷ ଖୋଲା ବଜାରରୁ କୌଣସି ଋଣ କରି ନାହାନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ ପ୍ରଚଳିତ କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ଅତିରିକ୍ତ ବ୍ୟୟବରାଦ ହୋଇଛି। ସାଧାରଣ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଅତିରିକ୍ତ ବଜେଟ ପାଇଁ ବ୍ୟୟବରାଦ କରାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ୫୦୦ ସିମ୍‌ରୁ ଓଟିପି ...

୨ ବର୍ଷ ହେଲା ଯୋଡ଼ି ହୋଇ ହ୍ୱାଟ୍ସଆପ୍, ଟେଲିଗ୍ରାମ୍, ଫେସ୍‌ବୁକ୍, ଟୁଇଟର୍, ଇନ୍‌ଷ୍ଟାଗ୍ରାମ୍, ଫେକ୍ ଆକ୍ଟିଭେଟେଡ୍ ସିମ୍ ଓ ମୁଲ୍ ଆକାଉଣ୍ଟ ଆଦିରୁ ଓଟିପି ଶେୟାର କରି ମାସିକ ୫୦ ହଜାରରୁ ୬୦ ହଜାର ଟଙ୍କା ରୋଜଗାର କରୁଥିଲେ। ସବୁଠାରୁ ବଡ଼ କଥା ହେଲା ତାଙ୍କ ଗାଁର ସବୁ ଯୁବକ ଏହି ସାଇବର ଅପରାଧରେ ସମ୍ପୃକ୍ତ ଥିବା ସେ ଏସ୍‌ଟିଏଫ୍‌କୁ ଜଣାଇଛନ୍ତି।

ସେମାନେ ମଧ୍ୟ ସିମ୍ ଓ ମୋବାଇଲ୍‌କୁ ପ୍ରାୟ ମାସେ ବ୍ୟବହାର କରିବା ପରେ ନଦୀକୁ ଫୋପାଡ଼ି ନଷ୍ଟ କରି ଦେଉଥିଲେ। ପୂର୍ବରୁ ପୁଣେରୁ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ଅଭିଜିତଙ୍କୁ ପଚରାଉଚରାବେଳେ ଇକ୍‌ବାଲଙ୍କ ସମ୍ପର୍କରେ ଏସ୍‌ଟିଏଫ୍ ସୂଚନା ପାଇବା ପରେ ତାଙ୍କୁ ଧରିବାକୁ ଯୋଜନା କରିଥିଲା। ଗତ ବୁଧବାର ଏସ୍‌ଟିଏଫ୍ ଟିମ୍ ଇକ୍‌ବାଲ୍‌କୁ ତାଙ୍କ ଗାଁରୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡିଶା ଆଣି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ଓଡ଼ିଶାରୁ ପଠାଣିଙ୍କ ସମେତ ପ୍ରୀତମ୍ କର, ସରୋଜ କୁମାର ନାୟକ, ପ୍ରଦ୍ୟୁମ୍ନ କୁମାର ସାହୁ, ସୌମ୍ୟ ପଟ୍ଟନାୟକ ଓ ପୁଣେରୁ ଅଭିଜିତ ସଞ୍ଜୟ ଜମ୍ଭୁର ଗିରଫ ହୋଇ ଜେଲରେ ଥିବାବେଳେ ନିକଟରେ ଏସ୍‌ଟିଏଫ୍ ପକ୍ଷରୁ ସେମାନଙ୍କ ନାମରେ କୋର୍ଟରେ ଚାର୍ଜଶିଟ ଦାଖଲ ହୋଇଛି।

## କେଉଁ ବିଭାଗକୁ କେତେ

| ବିଭାଗ | ଅତିରିକ୍ତ ବ୍ୟୟ ବରାଦ(କୋଟିରେ) |
|---|---|
| ସ୍ୱରାଷ୍ଟ୍ର ବିଭାଗ | ୬୮୦.୮୩ |
| ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୭୬.୧୯ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୩୧.୭୪ |
| ଆଇନ ବଭାଗ | ୧୪.୩୩ |
| ଅର୍ଥ ବିଭାଗ | ୨୬୧.୬୨ |
| ବାଣିଜ୍ୟ ବିଭାଗ | ୪.୧୦ |
| ନିର୍ମାଣ ବିଭାଗ | ୩୮୦.୨୬ |
| ଓଡ଼ିଶା ବିଧାନସଭା | ୦.୨୦ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୪୭୯.୦୨ |
| ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୨୮୮୧.୮୪ |
| ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | ୧୩୫୫.୦୯ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୧୩୨୭.୧୮ |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୫୩.୮୦ |
| କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ | ୩୨୦.୯୮ |
| ଯୋଜନା ଓ ସଂଯୋଜନ ବିଭାଗ | ୩.୧୬ |
| ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | ୪୦୮୩.୦୦ |
| ସାଧାରଣ ଅଭିଯୋଗ ଓ ପେନ୍‌ଶନ୍ ପ୍ରଶାସନ | ୦.୦୩ |
| ଶିଳ୍ପ ବିଭାଗ | ୩୧୭.୯୩ |
| ଜଳ ସମ୍ପଦ ବିଭାଗ | ୨୪୦୬.୬୫ |
| ପରିବହନ ବିଭାଗ | ୭୪୮.୨୯ |
| ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | ୨୨୫.୦୫ |
| କୃଷି ଓ କୃଷକ ସଶକ୍ତିକରଣ ବଭାଗ | ୬୭୩.୩୯ |
| ଇସ୍ପାତ ଓ ଖଣି ବିଭାଗ | ୩୩.୫୧ |
| ସୂଚନା ଓ ଲୋକସମ୍ପର୍କ ବିଭାଗ | ୫୦.୪୫ |
| ଅବକାରୀ ବିଭାଗ | ୨୪.୭୬ |
| ବିଜ୍ଞାନ ଓ ବୈଷୟିକ ବିଭାଗ | ୧୧.୪୧ |
| ଗ୍ରାମ୍ୟ ଉନ୍ନୟନ ବିଭାଗ | ୮୯୭.୦୭ |
| ସଂସଦୀୟ ବ୍ୟାପାର ବିଭାଗ | ୧୪.୩୩ |
| ଶକ୍ତି ବିଭାଗ | ୨୫୭.୩୯ |
| ହସ୍ତତନ୍ତ, ବୟନଶିଳ୍ପ ବିଭାଗ | ୬୭.୩୬ |
| ପର୍ଯ୍ୟଟନ ବିଭାଗ | ୧୭୫.୯୩ |
| ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | ୩୮୧.୮୬ |
| ସମବାୟ ବିଭାଗ | ୬୦୫.୪୬ |
| ସରକାରୀ ଉଦ୍ୟୋଗ ବିଭାଗ | ୦.୦୧ |
| ମହିଳା ଓ ଶିଶୁ ବିକାଶ ବିଭାଗ | ୪୭୨.୫୬ |
| ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | ୨୪୭.୭୪ |
| ଉଚ୍ଚଶିକ୍ଷା ବିଭାଗ | ୮୪୧.୫୫ |
| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୨୧୫.୮୩ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୨.୮୬ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | ୭୮୭.୩୨ |
| ବିପର୍ଯ୍ୟୟ ପରିଚାଳନା | ୪୬୯୭.୬୨ |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୧୦୧.୯୫ |
| ମିଶନ ଶକ୍ତି ବିଭାଗ | ୭୮୩.୧୬ |
| **ସର୍ବମୋଟ** | **୨୮,୨୦୦.୦୦** |

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମାନସିକ ଶାନ୍ତି ପାଇବେ। ନିର୍ମାଣ, ପ୍ରଶାସନିକ ସ୍ତରରେ ଆଲୋଚନା ସ୍ଥଗିତ ରହିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପାରିବାରିକ ଅସ୍ଥିରତା କାରଣରୁ ଅଶ୍ୱିନୀ ନକ୍ଷତ୍ର ମାନସିକ ସ୍ତରରେ ଅଶାନ୍ତ ରହିବେ।

**ବୃଷ** ଏକ ନୂତନ ପରିବେଶ ମଧ୍ୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଅଫିସ୍ କାମରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। କୃତ୍ତିକା ନକ୍ଷତ୍ରର କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଏଜେନ୍ସିପ୍, ପ୍ରଶାସନରେ ସମସ୍ୟା ଦୂର ହେବ।

**ମିଥୁନ** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ସାଧାରଣ କଥାରେ ଯୁକ୍ତିତର୍କ କରି କଳହକୁ ନିୟନ୍ତ୍ରଣ କରିପାରନ୍ତି। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ଆଶଙ୍କା କରି ମନ ଅସ୍ଥିର ରହିବ। ଆରଦ୍ରା ନକ୍ଷତ୍ର ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ** ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ପାରିବାରିକ ଦ୍ୱନ୍ଦ୍ୱ ମନକୁ ଭାରାକ୍ରାନ୍ତ କରିବ। ଭାବପ୍ରବଣତା ବୃଦ୍ଧି ପାଇବା ହେତୁ ତାହା ସୁଯୋଗ ହରାଇବାରେ ସାହାଯ୍ୟ କରିବ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୁଷ୍ୟା ନକ୍ଷତ୍ରର ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** ଆଜି ପ୍ରତ୍ୟେକ କାମ ସମସ୍ୟାବହୁଳ ରହିବ କିନ୍ତୁ ସାମାନ୍ୟ ଡେରିରେ କାମ ସମ୍ପନ୍ନ ହେବ। କୌଣସି ସ୍ଥାନକୁ ଯିବା ସମୟରେ ନିଜର ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ପୂର୍ବାଫାଲଗୁନୀ ନକ୍ଷତ୍ରର ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବ। ଚାକିରି କ୍ଷେତ୍ରରେ ବହୁତ ଦିନରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ।

**କନ୍ୟା** ପ୍ରତ୍ୟେକ ସ୍ତରରୁ ସାହାଯ୍ୟ ଲାଭ କରି ଚେଷ୍ଟା କରୁଥିବା କାମରେ ଆଗ୍ରହ ପ୍ରକାଶ କରିବେ। କର୍ମ କ୍ଷେତ୍ରରେ ନିକଟସ୍ଥ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଠକାମିରେ ପଡ଼ିବେ। ଷ୍ଟେସନାରୀ ଜିନିଷ, ଧାତୁ ଅଳଙ୍କାର ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ର ବ୍ୟବସାୟରେ ଅର୍ଥ ସମ୍ପର୍କରୁ ଖୁସି ରହିବେ।

**ତୁଳା** ଆଜି ସକାଳୁ ଘରେ ସାଧାରଣ କଥାରେ ଝଗଡ଼ା ହେବାର ସମ୍ଭାବନା ରହିଛି। ଯାନବାହନରେ ସତର୍କ ରହିବା ଭଲ, ନହୁବା ପର କ୍ଷଣରେ ମନସ୍ତାପ କରିବାକୁ ପଡ଼ିବ। ଆଲୋଚନା, ରାଜନୀତି, ସଭାସମିତିରେ ସଫଳତା ହାସଲ କରିବେ। ଚିତ୍ରା ନକ୍ଷତ୍ର କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ବିଛା** ଅଯଥା ଗୁଡ଼ାଏ ଚିନ୍ତା ମନକୁ ନ ଆଣି କାମରେ ଲାଗି ପଡ଼ିବା ଭଲ ହେବ। ପୂର୍ବରୁ ଆଲୋଚନା କରିଥିବା ଅନୁଯାୟୀ ବନ୍ଧୁଙ୍କଠାରୁ ଆପଣଙ୍କ ପ୍ରାପ୍ୟ ଅବଶ୍ୟ ପାଇବେ। ପାରିବାରିକ ସମସ୍ୟାକୁ ସୁଧାରିବାକୁ ଯାଇ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଜ୍ୟେଷ୍ଠା ନକ୍ଷତ୍ର ମନପସନ୍ଦର ଜିନିଷ କିଣିବା ସକାଶେ ମନ ବଳାଇବେ।

**ଧନୁ** ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ ହେବା କାରଣରୁ ଖୁସି ରହିବେ। ମୂଳା ନକ୍ଷତ୍ର ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ। ଗୃହ, ଜମିଜମା, ପ୍ଲଟ କାରବାର, ଏଜେନ୍ସିପ୍ ସମ୍ପର୍କୀୟ ଚିନ୍ତା କରିପାରନ୍ତି। ଆପଣଙ୍କ ଅନୁରୋଧ ରକ୍ଷାପୂର୍ବକ ବନ୍ଧୁ କାମଟି କରିଦେବେ।

**ମକର** ଯାହା କରିବାକୁ ମନସ୍ଥ କରିଛନ୍ତି, ତାହା ଶୀଘ୍ର ଆରମ୍ଭ କରିଦେବା ଭଲ ହେବ କିଛି ଅସୁବିଧା ହେବ ନାହିଁ। ବୈବାହିକ ସମ୍ବନ୍ଧ ନେଇ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। କୌଣସି ଶୁଭ ମାଙ୍ଗଳିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି। ଧନିଷ୍ଠାନକ୍ଷତ୍ରର ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ।

**କୁମ୍ଭ** ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ ସବୁ କିଛି ଠିକ୍ ଥିଲେ ମଧ୍ୟ ମନରେ ସରସତା ରହିବ ନାହିଁ। ଆର୍ଥିକ ଅନଟନ, କାର୍ଯ୍ୟହାନି, ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ଯାହା କହିବା ପାଇଁ ଭାବୁଥିବେ ତାହା ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ପୂର୍ବଭାଦ୍ରବ ନକ୍ଷତ୍ରର ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ।

**ମୀନ** ଉତ୍ତରଭାଦ୍ରବ ନକ୍ଷତ୍ର ପୂର୍ବକଳ୍ପିତ ନୂତନ ଯୋଜନା କରିବାରେ ମନ ଦେବେ। ନିକଟ ସମ୍ପର୍କୀୟମାନେ କ୍ରମଶଃ ନିକଟତର ହେବାରେ ଲାଗି ପାରନ୍ତି। ବାଦବିବାଦରେ ଆପୋସ ସମାଧାନ ଘଟିବ। ପରିବାରରେ ଅଶାନ୍ତ ଦୂର ହେବାରେ ପାଖ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ସର୍ବସମ୍ମତ ରାଧାଷ୍ଟମୀ ଶନିବାର, ଶ୍ରୀମନ୍ଦିରରେ ରାଧାଷ୍ଟମୀ ଓ ସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, ସେପ୍ଟେମ୍ବର ୨୩ ତାରିଖ, ଶାରଦୀୟ ସମଦିବସ, ରାଶିନକ୍ଷତ୍ର-ମୂଳା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୧୫ ଗତେ ଘ.୦୮।୩୯ ମଧ୍ୟେ, ଘ.୧୨।୦୩ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୮।୩୯ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।



# ରାଜଧାନୀରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

**ଭୁବନେଶ୍ୱର,୨୨।୯(ଅନୁରାଧା ମହାରଣା)**

## ୧୦ ଦଫା ଦାବିରେ କମ୍ପିଲା ଲୋୟର ପିଏମ୍‌ଜି

୧୦ ଦଫା ଦାବି ନେଇ ପୁଣି ରାସ୍ତାକୁ ଓହ୍ଲାଇଛନ୍ତି ଅଙ୍ଗନୱାଡ଼ି କର୍ମଚାରୀ। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ୍ ୱାର୍କର୍ସ ଆସୋସିଏଶନର ଆହ୍ୱାନ କ୍ରମେ ଶୁକ୍ରବାର ହଜାର ହଜାର ଅଙ୍ଗନୱାଡ଼ି କର୍ମୀ, ମିନି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବିଭିନ୍ନ ବ୍ଲକରୁ ଆସି ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାଷ୍ଟରକ୍ୟାଣ୍ଟିନରୁ ବିଧାନସଭା ଅଭିମୁଖେ ବିରାଟ ଶୋଭାଯାତ୍ରାରେ ଯାଉଥିବାବେଳେ ବାଟରେ ପୋଲିସ ଅଟକାଇବାରୁ ସେମାନେ ରାସ୍ତାରେ ଧାରଣା ଦେବା ସହ ନାନା ନାରାବାଜି କରିଥିଲେ। ଯଦି ସରକାର ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ଏମିତି ଉଦାସୀନ ରୁହନ୍ତି, ତେବେ ଭବିଷ୍ୟତରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯାଇ ମହିଳା ଓ ଶିଶୁ ବିକାଶ ବିଭାଗକୁ ଏକପ୍ରକାର ଅଚଳ କରିଦିଆଯିବ ବୋଲି ଆସୋସିଏଶନର ରାଜ୍ୟ ସଭାନେତ୍ରୀ ସୁମିତ୍ରା ମହାପାତ୍ର ଓ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ପୂର୍ବରୁ ମଧ୍ୟ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇ ଦାବି ଉତ୍ଥାପନ କରିବା ସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ବହୁ ଦିନଧରି ରାଜରାସ୍ତାରେ ବସିବା ଫଳରେ ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳନା ବାଧାପ୍ରାପ୍ତ ହେଉଛି। ଦାବି ପୂରଣ ନେଇ ସରକାର ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇ ପାଳନ କରୁ ନ ଥିବାରୁ ଆନ୍ଦୋଳନକାରୀମାନେ ନାନା ନାରାବାଜି କରିଥିଲେ।

ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ସରକାରୀ ମାନ୍ୟତା ନ ମିଳିବା ଯାଏ ଅଙ୍ଗନୱାଡ଼ି କର୍ମୀଙ୍କୁ ମାସିକ ବେତନ ୧୮ହଜାର ଟଙ୍କା ଓ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ ସହିତ ଇପିଏଫ୍, ଇଏସ୍‌ଆଇସି ଓ ଗ୍ରାଚୁଇଟିରେ ସାମିଲ୍ କରିବା, ମିନି ଅଙ୍ଗନୱାଡ଼ି କର୍ମୀ ପଦବୀ ଉଚ୍ଛେଦ କରି ମୁଖ୍ୟ ଅଙ୍ଗନୱାଡ଼ି କର୍ମୀର ମାନ୍ୟତା ଦେବା, ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଓ ପେନସନ ମାସିକ ୫ ହଜାର ଟଙ୍କା, କାର୍ଯ୍ୟରତ ସମୟରେ ମୃତ୍ୟୁ ହେଲେ ୫ ଲକ୍ଷ ଟଙ୍କା ସହାୟତା ସହିତ ପରିବାରରୁ ଜଣକୁ ଚାକିରି, ବହିଷ୍କୃତ ୬ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି, ଗାଁ କଲ୍ୟାଣ ସମିତି କାର୍ଯ୍ୟରୁ ଅଙ୍ଗନୱାଡ଼ି କର୍ମୀଙ୍କୁ ବାଦ୍‌ଦେବା, ପୋଷଣ ଟ୍ରାକରେ ଅନ୍‌ଲାଇନ ଲୋକେଶନ ଟ୍ରାକିଂ ବନ୍ଦ ସହ ଗ୍ରୀଷ୍ମ ଛୁଟି ପ୍ରଦାନ କରିବା, ନୂତନ ଶିକ୍ଷାନୀତିରେ ଅଭିଜ୍ଞତା ଓ ଯୋଗ୍ୟତା ଆଧାରରେ ବୟସସୀମା ନ ରଖି ସମସ୍ତ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ପ୍ରି-ପ୍ରାଇମେରି ଶିକ୍ଷୟିତ୍ରୀର ମାନ୍ୟତା, ସୁପର ଭାଇଜର ପଦବୀରେ ଶତ ପ୍ରତିଶତ ଅଙ୍ଗନୱାଡ଼ି କର୍ମୀଙ୍କୁ ପଦୋନ୍ନତି ଦେବା ଆଦି ଦାବି ରହିଛି।

# ଓଡ଼ିଶାରେ ଏବେ ବାତ୍ୟା ସୂଚନା ନାହିଁ

**ଭୁବନେଶ୍ୱର, ୨୨।୯(ଅସମାପିକା ସାହୁ)**

ଓଡ଼ିଶାରେ ଆସନ୍ତା ମାସ ପ୍ରଥମ ସପ୍ତାହରେ ବାତ୍ୟା ହେବ ବୋଲି ଚର୍ଚ୍ଚା ହେଉଥିବାବେଳେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଏହା ଖଣ୍ଡନ କରିଛି। ଓଡ଼ିଶାରେ ବାତ୍ୟା ନେଇ ଏବେ କୌଣସି ସୂଚନା ନାହିଁ ବୋଲି ଶୁକ୍ରବାର ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଅକ୍ଟୋବର ପ୍ରଥମ ସପ୍ତାହରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ। ଏହି ଲଘୁଚାପଟି ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବ। କ୍ରମେ ଘନୀଭୂତ ହୋଇ ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। କିନ୍ତୁ ଏହାପରେ ବାତ୍ୟା ହେବା ନେଇ କୌଣସି ସୂଚନା ହସ୍ତଗତ ହୋଇନାହିଁ। ଏହା କେଉଁ ଉପକୂଳକୁ ଯିବ, କେବେ ଉପକୂଳରେ ପହଞ୍ଚିବ, ଏହାର ପ୍ରଭାବ କ'ଣ ରହିବ ତା'ର ପୂର୍ବାନୁମାନ କରାଯାଇନାହିଁ। ଏହାର ପ୍ରକୃତ ରୂପରେଖ କ'ଣ ହେବ ଲଘୁଚାପ ସୃଷ୍ଟିହେବା ପରେ ସ୍ପଷ୍ଟ ହେବ। ଅକ୍ଟୋବର ଓଡ଼ିଶା ପାଇଁ ବାତ୍ୟାପ୍ରବଣ ମାସ। ଏହି ମାସରେ ବାତ୍ୟା ହୋଇଥାଏ। ଆମେ ଏହା ଉପରେ ନଜର ରଖିଛୁ। ଲଘୁଚାପ ସୃଷ୍ଟି ହେଲେ ହିଁ ପରବର୍ତ୍ତୀ ରୂପରେଖ ଜଣାପଡ଼ିବ। ଲୋକମାନେ ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମହାପାତ୍ର ପରାମର୍ଶ ଦେଇଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ
ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ
DSPL-242
ଅତିବଡ଼ୀ ଜଗନ୍ନାଥ ଦାସ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

୨୩ ସେପ୍ଟେମ୍ବର ୨୦୨୩ ଶନିବାର
ଭଞ୍ଜ କଳାମଣ୍ଡପ ସମ୍ମୁଖ, ଭୁବନେଶ୍ୱର
ସକାଳ ୯.୦୦ ଘଟିକା : ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ
ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ଭୁବନେଶ୍ୱର
ଅପରାହ୍ଣ ୫.୩୦ ଘଟିକା : ଭାଗବତ ପାଠ
ସନ୍ଧ୍ୟା ୬.୩୦ ଘଟିକା : ସାରସ୍ୱତ ସଭା
ଉକ୍ତ କାର୍ଯ୍ୟକ୍ରମରେ ଭାଗବତ ପ୍ରେମୀ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ।
ଶୁଚିସ୍ମିତା ମନ୍ତ୍ରୀ
ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ
OIPR-03006/13/0001/2324



ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

# ପୁନର୍ଗଠନ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଟେଲିକମ୍ ସେକ୍ଟରର ପୁନର୍ଗଠନ ଲକ୍ଷ୍ୟରେ ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟିଆର୍ଏଆଇ)ଆଇନରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିବାକୁ କେନ୍ଦ୍ର ଚିନ୍ତା କରୁଥିବା ଜଣାପଡ଼ିଛି। ଏହି ସଂଶୋଧନ ବରିଷ୍ଠ କର୍ପୋରେଟ କାର୍ଯ୍ୟନିର୍ବାହୀମାନଙ୍କୁ ଟିଆର୍ଏଆଇର ଅଧ୍ୟକ୍ଷ ହେବାକୁ ସୁଯୋଗ ଦେବ। ପ୍ରମୁଖ ନିୟାମକ ପଦବୀରେ ଅଧିକ ବ୍ୟକ୍ତି ଭାଗ ନେବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ତେବେ ବେସରକାରୀ କ୍ଷେତ୍ରରେ ବୋର୍ଡ ସଦସ୍ୟ କିମ୍ବା ସିଇଓ ଭଳି ଏକ୍ଜିକ୍ୟୁଟିଭ୍ ପଦବୀରେ ସର୍ବନିମ୍ନ ୩୦ ବର୍ଷ ଅଭିଜ୍ଞତା ଥିଲେ ଟିଆର୍ଏଆଇ ଚୟାରମ୍ୟାନ ହୋଇପାରିବେ ବୋଲି ପ୍ରସ୍ତାବିତ ଟେଲିକମ ବିଲ୍ ସ୍ପଷ୍ଟ କରିପାରେ । ଏବେ ଅତି କମ୍‌ରେ ୩ବର୍ଷ ପର୍ଯ୍ୟନ୍ତ ସଚିବ କିମ୍ବା ଅତିରିକ୍ତ ସଚିବ ସମ ସରକାରୀ ପଦବୀରେ ରହିଥିଲେ ଟିଆର୍ଏଆଇ ସଦସ୍ୟ ପଦବୀ ଲାଗି ଯୋଗ୍ୟ ହେଉଛନ୍ତି। ଅଧ୍ୟକ୍ଷଙ୍କ ନିଯୁକ୍ତି ପାଇଁ ସେମିତି ନିର୍ଦ୍ଦିଷ୍ଟ ମାନଦଣ୍ଡ ନାହିଁ। ବର୍ତ୍ତମାନର ଟିଆର୍ଏଆଇ ଅଧ୍ୟକ୍ଷ ପି. ଡି.ଭାଗେଲା ଏବଂ ତାଙ୍କ ପୂର୍ବବର୍ତ୍ତୀ ଆର୍. ଏସ୍.ଶର୍ମାଙ୍କ ନିଯୁକ୍ତି ପୂର୍ବରୁ ସେମାନେ ସରକାରୀ ଦାୟିତ୍ୱରେ ଥିଲେ। ତେବେ ଟିଆର୍ଏଆଇର ନେତୃତ୍ୱ ନେବା ଲାଗି ଏହି ପ୍ରସ୍ତାବିତ ସଂଶୋଧନ ସରକାରୀ ସେବା ସହ ବେସରକାରୀ କ୍ଷେତ୍ରର ଶୀର୍ଷ ଅଧିକାରୀଙ୍କ ପାଇଁ ବାଟ ଫିଟାଇଦେଇଛି। ଟିଆର୍ଏଆଇ ଅଧିନିୟମ ୧୯୯୭ର ଧାରା ୪ରେ ସଂଶୋଧନ ହେଲେ ତାହା ଟେଲିକମ, ଶିଳ୍ପ, ଅର୍ଥ, ଆକାଉଣ୍ଟାନ୍ସି, ଆଇନ, ପରିଚାଳନା କିମ୍ବା ଉପଭୋକ୍ତା ବ୍ୟାପାରରେ ବିଶେଷ ଜ୍ଞାନ ଥିବା ବ୍ୟକ୍ତିବିଶେଷଙ୍କୁ ନିୟାମକ ସଂସ୍ଥାର ମୁଖ୍ୟ ଭାବରେ ନିଯୁକ୍ତ କରିବାର ଅଧିକାର କେନ୍ଦ୍ରକୁ ପ୍ରଦାନ କରିବ।

### ଉଚ୍ଚନ୍ୟାୟାଳୟଙ୍କ ହସ୍ତକ୍ଷେପ

ନିକଟରେ କର୍ନାଟକ ହାଇକୋର୍ଟଙ୍କ ଦ୍ୱାରା ପ୍ରକାଶିତ ଏକ ରାୟରେ ଉତ୍ତରଦାୟିତ୍ୱର ଜଟିଳତା ଏବଂ ଆଇନର ଶାସନ ଉପରେ ଧ୍ୟାନ ଦିଆଯାଇଛି। ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ (ଆର୍‌ଡିପିଆର୍) ବିଭାଗରେ ହୋଇଥିବା ଆର୍ଥିକ ଅନିୟମିତତାକୁ ନେଇ ୩ଜଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କ ବିରୋଧରେ ଚାଲିଥିବା ଆପରାଧିକ ବିଚାର ଏବଂ ତଦନ୍ତକୁ କୋର୍ଟ ବନ୍ଦ କରି ଦେଇଛନ୍ତି। ଅର୍ଥର ଅପବ୍ୟବହାର ଯୋଗୁ ରାଜ୍ୟ ରାଜସ୍ୱକୁ ୨୬୯ କୋଟି ଟଙ୍କା କ୍ଷତି ପହଞ୍ଚାଇବା କାରଣରୁ ଆର୍‌ଡିପିଆର ବିଭାଗର ୩ଜଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କ ସମେତ ମୋଟ ୬ଜଣଙ୍କ ବିରୋଧରେ ଅଭିଯୋଗର ମାମଲା ଦାଏର କରାଯାଇଥିଲା। ଏହି ମାମଲାରେ ହାଇକୋର୍ଟଙ୍କ ହସ୍ତକ୍ଷେପ ସାଧାରଣରେ ଦୃଷ୍ଟି ଆକର୍ଷଣ କରିଛି ; ଯେହେତୁ ୩ଜଣ ପୂର୍ବତନ ପ୍ରମୁଖ ସଚିବ ଅମିତା ପ୍ରସାଦ, ଟି.ଏମ୍. ବିଜୟ ଭାସ୍କର ଏବଂ ଇ.ଭି. ରାମନା ରେଡ୍ଡି ଏହି ମାମଲାରେ ଜଡ଼ିତ ଅଛନ୍ତି। ବିଚାର ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଏହି ଅଧିକାରୀମାନେ ଦାଖଲ କରିଥିବା ଏକ ଆବେଦନ ଉପରେ ହାଇକୋର୍ଟ କହିଛନ୍ତି ଯେ, ଦକ୍ଷ ଅଧିକାରୀଙ୍କ ଅନୁପସ୍ଥିତିରେ ବ୍ୟକ୍ତିଗତ ଅଭିଯୋଗକୁ ଭିତ୍ତିକରି ଅଧିକାରୀଙ୍କ ବିରୋଧରେ ବିଚାର କରିବା ବିଷୟ ସ୍ୱତନ୍ତ୍ର ଅଦାଲତ ଜାଣିପାରି ନ ଥିଲେ। ଆବେଦନକାରୀ ଅଧିକାରୀମାନେ ଦାବି କରିଥିଲେ ଯେ, ସେହି ସମୟରେ ସେମାନେ ସରକାରୀ କର୍ମଚାରୀ ଥିଲେ ଓ ସେମାନଙ୍କ ବିରୋଧରେ ମକଦ୍ଦମା ଚଳାଇବା ଲାଗି ମଞ୍ଜୁରୀପ୍ରାପ୍ତ କରିବା ଅନିବାର୍ଯ୍ୟ ଥିଲା। କୌତୂହଳର ବିଷୟ, ହାଇକୋର୍ଟଙ୍କ ରାୟ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କୁ ନିର୍ଦ୍ଦୋଷ କରିନାହିଁ କିମ୍ବା ସେମାନଙ୍କୁ ଅଭିଯୋଗରୁ ମୁକ୍ତ କରି ନାହିଁ।

### କ୍ଷମତା ଲଢ଼େଇ

ଉତ୍ତରପ୍ରଦେଶରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱ ସମୟରେ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ କ୍ଷମତା ଲଢ଼େଇ ପୁଣି ଥରେ ଚର୍ଚ୍ଚାର ବିଷୟ ପାଲଟିଛି। ୟୁପିରେ ବିକାଶ ଏବଂ ଆଇନ ଶୃଙ୍ଖଳା ସମୀକ୍ଷା କରିବା ଲକ୍ଷ୍ୟରେ ଜାରି ଏକ ନୂତନ ନିର୍ଦ୍ଦେଶାବଳୀ ଆଇପିଏସ୍ ର୍‍ୟାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଗତ ମାସରେ ୟୁପିର ମୁଖ୍ୟ ଶାସନ ସଚିବ ଦୁର୍ଗା ଶଙ୍କର ମିଶ୍ର ଏକ ଆଦେଶ ଜାରି କରି କହିଥିଲେ ଯେ, ଜିଲା ମାଜିଷ୍ଟ୍ରେଟ (ଡିଏମ୍) ୭୫ଟି ଜିଲା ମଧ୍ୟରୁ ୬୮ ଟିରେ ଆଇନ ଶୃଙ୍ଖଳା ନିରୀକ୍ଷଣ ଦାୟିତ୍ୱ ଗ୍ରହଣ କରିବେ। ଅର୍ଥାତ୍ ବରିଷ୍ଠ ପୋଲିସ ଅଧିକାରୀ, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ, ଓକିଲ ଏବଂ ଷ୍ଟେଶନ ହାଉସ ଅଫିସର (ଏସ୍ଏଚ୍ଓ )ଙ୍କ ଉପସ୍ଥିତିରେ ଡିଏମ୍‌ମାନେ ପ୍ରତି ମାସରେ ଆଇନଶୃଙ୍ଖଳା ବୈଠକଗୁଡ଼ିକରେ ଅଧ୍ୟକ୍ଷତା କରିବେ। ଅବଶିଷ୍ଟ ୭ଟି ଜିଲା ଆଗ୍ରା, ଗାଜିଆବାଦ, କାନପୁର, ଲକ୍ଷ୍ନୌ, ନୋଏଡା, ପ୍ରୟାଗରାଜ ଏବଂ ବାରାଣସୀର ପୋଲିସ କମିଶନରେଟ ବ୍ୟବସ୍ଥାରେ ପୋଲିସ କମିଶନରମାନେ ଦାୟୀ ରହିବେ। ଏହି ନିର୍ଦ୍ଦେଶ ପରେ ୟୁପିର ବରିଷ୍ଠ ପୋଲିସ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ବାଧ ହୋଇଥିଲେ। ଏହାର କିଛି ଘଣ୍ଟା ମଧ୍ୟରେ ଯୋଗୀ ଆଦିତ୍ୟନାଥ ଏହି ଆଦେଶକୁ ପ୍ରତ୍ୟାହାର କରିନେଲେ। ସୂତ୍ରରୁ ପ୍ରକାଶ, ୨୦୧୭ରେ ବି ଏକ ସମାନ ପ୍ରକାର ଆଦେଶ ଜାରି ହୋଇଥିଲା ଏବଂ ଆଇପିଏସ୍ ସ୍ତରରୁ ତୀବ୍ର ବିରୋଧ ହେବାପରେ ତାହାକୁ ତୁରନ୍ତ ପ୍ରତ୍ୟାହାର କରାଯାଇଥିଲା । ତା'ପରେ ପରବର୍ତ୍ତୀ ବର୍ଷ ଏକ ସରକାରୀ ଆଦେଶରେ ଜିଲା ପୋଲିସ ମୁଖ୍ୟମାନେ ଏସ୍ଏଚ୍ଓଙ୍କୁ ନିଯୁକ୍ତ କରିବା ସମୟରେ ଡିଏମ୍‌ମାନଙ୍କ ସହିତ ପରାମର୍ଶ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶନାମା ମଧ୍ୟ ଅନେକ ଜିଲାରେ ବିବାଦ ସୃଷ୍ଟି କରିବା ସହ ଆଇଏଏସ୍ ଓ ଆଇପିଏସ୍ ମଧ୍ୟରେ ଉତ୍ତେଜନାକୁ ତୀବ୍ର କରିଥିଲା । ତେବେ ଏବକାର ନୂତନ ଅଧ୍ୟାୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ମଧ୍ୟରେ ଗଭୀର ବିଶ୍ୱାସ ଜନ୍ମାଇଛି ଯେ, ରାଜ୍ୟ ପୋଲିସର କ୍ଷମତାକୁ ଛଡ଼ାଇ ନେବା ପାଇଁ ଆଇଏଏସ୍ ଲବିର ଏହା ଆଉ ଏକ ପ୍ରୟାସ।

Email: dilipcherian@gmail.com

# ସରକାରୀ କର୍ମଚାରୀଙ୍କ ବଦଳି ସମସ୍ୟା



ସୁଧୀର କୁମାର ନାୟକ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ପ୍ରତ୍ୟେକ ଶ୍ରେଣୀ ବା ବର୍ଗର କର୍ମଚାରୀମାନଙ୍କ ପାଇଁ ବଦଳି ଏକ ଶୃଙ୍ଖଳିତ ବ୍ୟବସ୍ଥା। କେନ୍ଦ୍ର ସରକାରଙ୍କ କର୍ମଚାରୀମାନଙ୍କ ବଦଳି ନିୟମାବଳୀ ଓ ରାଜ୍ୟ ସରକାରଙ୍କ ନିୟମାବଳୀ ଏକା ହୋଇ ନ ଥାଏ। ଏହା କେତେକ ବିଭାଗରେ ସ୍ୱତନ୍ତ୍ର ଅଲଗା କାର୍ଯ୍ୟକାରୀ ହୋଇଥାଏ। ଦୀର୍ଘଦିନ ଧରି କାର୍ଯ୍ୟକାରୀ ହୋଇଆସୁଥିବା ଓଡ଼ିଶା ସରକାରୀ କର୍ମଚାରୀଙ୍କ ସେବା ନିୟମାବଳୀକୁ ସରକାର ବିଭିନ୍ନ ବିଭାଗର ନିଯୁକ୍ତି ଏବଂ ପରିଚାଳନା ନିମନ୍ତେ ସାଧାରଣ ପ୍ରଶାସନ ଓଡ଼ିଶା ଗେଜେଟ୍ ନଂ.-୪୭୫୭/୧୯୫୯ରେ ପ୍ରଣୟନ କରିଥିଲେ। ସେହିପରି ଠିକା ନିଯୁକ୍ତି କର୍ମଚାରୀଙ୍କ ପାଇଁ ବିଭାଗଗୁଡ଼ିକ ସମୟକୁ ସମୟ ସ୍ୱତନ୍ତ୍ର ନୀତିନିୟମ ପ୍ରଚଳିତ କରିଥାନ୍ତି। ତାଙ୍କର ନିଯୁକ୍ତି ଏବଂ କାର୍ଯ୍ୟକାଳ ବଦଳି ସାଧାରଣ ନିୟମିତ କର୍ମଚାରୀଙ୍କଠାରୁ ଅଲଗା ଥାଏ। କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ମଧ୍ୟରେ ବଦଳି ଏକ ଯନ୍ତ୍ରଣାଦାୟକ ଆଦେଶ ନୁହେଁ। କିନ୍ତୁ କେଉଁ ପରିସ୍ଥିତିରେ ଜଣେ କର୍ମଚାରୀ ବଦଳି ଆଦେଶ ପାଇ ଖୁସି ହୋଇଥାଏ ତ କେଉଁ ପରିସ୍ଥିତିରେ କଷ୍ଟ ଅନୁଭବ କରେ, ତାହା ବିଭିନ୍ନ କାରଣ ଦାୟୀ। ଓଡ଼ିଶା ସରକାରଙ୍କ ଓଏସ୍‌ସି-ରୁଲ୍-୧୯, ୬୮, ୯୬ରେ କର୍ମଚାରୀମାନଙ୍କ ବଦଳି ଆଦେଶରେ ଉଲ୍ଲେଖ ଅଛି। ସାଧାରଣ ଜଣେ କର୍ମଚାରୀଙ୍କର ପଦୋନ୍ନତି ହେଲେ ବଦଳି ହୋଇ ଅନ୍ୟ ସ୍ଥାନକୁ ଯାଇଥାନ୍ତି। କୌଣସି ସରକାରୀ କର୍ମଚାରୀ ଯଦି କାର୍ଯ୍ୟରେ ଅବହେଳା କରନ୍ତି, ଉପରିସ୍ଥ ଅଧିକାରୀଙ୍କୁ ଖରାପ ବ୍ୟବହାର ଦେଖାନ୍ତି, ଜନସାଧାରଣଙ୍କ ଅଭିଯୋଗ ଥାଏ, ଉପରିସ୍ଥ କର୍ତ୍ତୃପକ୍ଷଙ୍କ ଆଦେଶକୁ ପାଳନ କରି ନ ଥାନ୍ତି କିମ୍ବା କୌଣସି ଅନୈତିକ କାମରେ ଲିପ୍ତ ଥା'ନ୍ତି ତାଙ୍କୁ କାରଣଦର୍ଶାଅ ନୋଟିସ ସହ କାର୍ଯ୍ୟରୁ ନିଲମ୍ବନ କରାଯାଇ ଅନ୍ୟତ୍ର ବଦଳି କରାଯାଏ। ସେହି ସମୟରେ ତାଙ୍କର ମୋଟ୍ ଦରମାର ଅଧା ଶୃଙ୍ଖଳିତ କାର୍ଯ୍ୟାନୁଷ୍ଠାନ ସହ ମିଳିଥାଏ। ଓଡ଼ିଶା ସି.ସି.ଏ. ରୁଲ୍-୪୯ ଏବଂ ଏଫ୍.ଡି.-୨୨୦୮(୧୯୫୫) ସାଧାରଣ ତାଙ୍କ ବିରୁଦ୍ଧରେ କାର୍ଯ୍ୟକାରୀ ହୁଏ। ପରବର୍ତ୍ତୀ ସମୟରେ ନିଜର ଦୋଷ ସ୍ୱୀକାର ସହ କ୍ଷମାପ୍ରାର୍ଥନା କରି ଲିଖିତ ଦେଲେ କର୍ତ୍ତୃପକ୍ଷ ସନ୍ତୋଷ ଅନୁଭବ କଲେ ନିଲମ୍ବନ ଆଦେଶକୁ ଉଠାଇ ପୁନଃ କାର୍ଯ୍ୟରେ ନିଯୁକ୍ତି ପାଇଁ ଆଦେଶ ଦିଅନ୍ତି। କିନ୍ତୁ ଯଦି ସଂପୃକ୍ତ କର୍ମଚାରୀଙ୍କୁ କର୍ତ୍ତୃପକ୍ଷ ଇଚ୍ଛାକୃତ ଭାବରେ ହେଳା କରନ୍ତି ବା ନିଲମ୍ବନ ଆଦେଶକୁ ଗଡ଼ାଇ ଚାଲନ୍ତି ଏ ପରିସ୍ଥିତିରେ କ୍ଷତିଗ୍ରସ୍ତ କର୍ମଚାରୀ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇପାରନ୍ତି। ଏପରି ସମସ୍ୟା ପୂର୍ବରୁ ସ୍ୟାଟ୍ ବୁଝୁଥିଲେ। ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟରେ ଏହି ମାମଲା ରୁଜୁ ହୋଇ ବୁଝାଯାଉଛି। ଏହି ପରିସ୍ଥିତିରେ ନିଲମ୍ବିତ କର୍ମଚାରୀଙ୍କ ପିଲାମାନଙ୍କ ପାଠପଢ଼ା, ପରିବାର ସଦସ୍ୟଙ୍କ ଚିକିତ୍ସା, ଔଷଧ ଖର୍ଚ୍ଚ, ଗୃହ ଚଳାଇବା ଖର୍ଚ୍ଚ ଆଦି ଉପରେ ସମସ୍ୟା ଆସିଥାଏ, ପରିବାରରେ ଅଶାନ୍ତି ଲାଗିରହେ। ଏଣୁ ନିଲମ୍ବିତ ପରବର୍ତ୍ତୀ ପୁନଃ ନିଯୁକ୍ତି ବ୍ୟବସ୍ଥାର ସମୟ ଅବଧି ଅନ୍ତତଃ କେତେଦିନ ହେବା ଉଚିତ ଏବଂ ତାହାକୁ କର୍ତ୍ତୃପକ୍ଷମାନେ ଆଇନଗତ ମାନିବା ଉଚିତ, ପୁରୁଣା ନିୟମାବଳୀ ସଂଶୋଧିତ ହୋଇ ନୂତନ ନିୟମାବଳୀ ଯୋଗ କରିବାର ଆବଶ୍ୟକତା ଅଛି।



ଭାରତ ସରକାରଙ୍କ ସାମ୍ବିଧାନିକ ଧାରା-୩୦୯ରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀ ନିଯୁକ୍ତି ଏବଂ ସେମାନଙ୍କ ଆଇନଗତ ପରିଚାଳନା ଉପରେ ଉଲ୍ଲେଖ ଅଛି। ସେହିପରି ଧାରା-୩୧୦, ୩୧୧ରେ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ରାଜ୍ୟ ସରକାରଙ୍କ ଅଧୀନରେ କାମ କରିବା, ସେମାନଙ୍କ ଉପରେ ରାଜ୍ୟ ସରକାରଙ୍କ କେଉଁ କେଉଁ ବିଷୟରେ ନିୟନ୍ତ୍ରଣ ରହିବ ଏବଂ କେତେକ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ କୌଣସି ପଦବୀର କ୍ଷତି କଲାପରି କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ ତାହା ନିର୍ଦ୍ଦେଶ ଅଛି। କିନ୍ତୁ କେତେକ କ୍ଷେତ୍ରରେ କିଛି ଉଚ୍ଚ ପ୍ରଶାସନିକ ଅଧିକାରୀମାନଙ୍କ ଖାମଖିଆଲି ନୀତିବିରୁଦ୍ଧ କାର୍ଯ୍ୟ ଥାଇବି ଉପଯୁକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଏପରିକି ସାଧାରଣ ବଦଳି ବି କରିବା ସମ୍ଭବ ହୁଏନାହିଁ। ଏପରି ସ୍ଥିତିରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କେନ୍ଦ୍ର ସରକାରଙ୍କ ନିଯୁକ୍ତିପ୍ରାପ୍ତ ସବୁବର୍ଗର କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିବର୍ତ୍ତିତ ସମୟ ଉପଯୋଗୀ ନିୟମାବଳୀର ଆବଶ୍ୟକତା ଅଛି।

ବଦଳି ଏକ ମୌଳିକ ପ୍ରଶାସନିକ ବ୍ୟବସ୍ଥା। ଏହା କର୍ମଚାରୀଙ୍କର ମୌଳିକ ଅଧିକାର ନୁହଁ। ୨୦୨୨ ମାର୍ଚ୍ଚ ୧୩ରେ ସୁପ୍ରିମ୍‌କୋର୍ଟ ଏକ କେସ୍ ବିଚାରକରି ଏପରି ଶୁଣାଣି କରିଥିଲେ। ତେବେ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବଦଳି ନିୟମାବଳୀର ଅପବ୍ୟବହାର ହେଉଥିବାର ବହୁ ଅଭିଯୋଗ ଆସିଥାଏ। କର୍ମଚାରୀଙ୍କ ଲେଭଲ ଆଧାରରେ ବ୍ଲକ, ସଦର ମହକୁମା, ଜିଲା ଏବଂ ରାଜ୍ୟ ବିଭାଗୀୟ ମୁଖ୍ୟାଳୟ, ନିର୍ଦ୍ଦେଶାଳୟ, ସଚିବାଳୟମାନଙ୍କରେ ବଦଳି କମିଟି ଗଠନ କରାଯାଇଥାଏ। କର୍ମଚାରୀମାନଙ୍କ ସମସ୍ୟା କେଉଁ ସ୍ଥାନରେ କେତେଦିନ ରହିଛନ୍ତି, କେଉଁ ସ୍ଥାନକୁ ଯିବାପାଇଁ ଚାହୁଁଛନ୍ତି ସେମାନେ ଲିଖିତ ନିବେଦନ ସପ୍ତାହର ପ୍ରତ୍ୟେକ ସୋମବାର କର୍ତ୍ତୃପକ୍ଷଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇ ଉପସ୍ଥାପନ କରିପାରିବେ। କିନ୍ତୁ ଦୁର୍ଭାଗ୍ୟର କଥା ଅଭିଯୋଗ ଶୁଣାଣି ଓ ଏହାର ସମାଧାନ ପ୍ରକ୍ରିୟାର ମନ୍ଥରତା ଏବଂ ହାର ଅତି ନଗଣ୍ୟ। ଏପରି ଲିଖିତ ନିବେଦନ ବାରମ୍ବାର କରି ମଧ୍ୟ ଆବେଦନକାରୀ କର୍ମଚାରୀ କୌଣସି ସୁଫଳ ପାଇପାରୁନାହାନ୍ତି। ଅଭିଯୋଗ ଆସେ ଜଣେ ଦକ୍ଷ, ଦାୟିତ୍ୱବାନ୍ କର୍ମଚାରୀ ତାଙ୍କର କୌଣସି କାର୍ଯ୍ୟରେ ଅବହେଳା ନ ଥାଇ ମଧ୍ୟ କେତେକ ପ୍ରଭାବଶାଳୀ ବ୍ୟକ୍ତି, ନେତାଙ୍କ ଆକ୍ରୋଶର ଶିକାର ହୋଇ ବାରମ୍ବାର ବଦଳି ନିର୍ଯାତନା ପାଉଛନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବଦଳି ତାଲିକା ବଦଳି ନିୟମାବଳୀକୁ ଗୁରୁତ୍ୱ ଦିଆ ନ ଯାଇ ପ୍ରସ୍ତୁତ କରାଯାଉଛି। କିଛି କର୍ମଚାରୀ ଏପରି ବଦଳି ଆଦେଶ ପାଇବା ପାଇଁ ଅସାଧୁ ଅଧିକାରୀମାନଙ୍କୁ ବିଭିନ୍ନ ବାଟରେ ସନ୍ତୁଷ୍ଟ କରିବାକୁ ପଡ଼େ ବୋଲି କହିଥାନ୍ତି। କେତେକ କ୍ଷେତ୍ରରେ ବଦଳି ଆଦେଶକୁ ଅସ୍ତ୍ରକରି କିଛି କର୍ମଚାରୀଙ୍କୁ ତ୍ରୁଟି ନ ଥାଇ ମଧ୍ୟ ଶହ ଶହ କିଲୋମିଟର ଦୂରତ୍ୱକୁ ସ୍ଥାନାନ୍ତର କରାଯାଏ। କିଛି କର୍ମଚାରୀଙ୍କୁ ଆକ୍ରୋଶମୂଳକ ଭାବେ ବାରମ୍ବାର ବଦଳି କରି ମାନସିକ ନିର୍ଯାତନା ମଧ୍ୟ ଦିଆଯାଇଥାଏ।

ଯେଉଁ କର୍ମଚାରୀମାନେ ଦୀର୍ଘଦିନ ଧରି ନିଜ ବ୍ଲକ କିମ୍ବା ଜିଲା ବାହାରେ ରହି କାମ କରୁଛନ୍ତି ସେମାନେ ଇଚ୍ଛା କରୁଥିବା ସ୍ଥାନକୁ ବଦଳି କରାଗଲେ କୌଣସି ଅସୁବିଧା ନାହିଁ। ସରକାରୀ ଚାକିରି କରୁଥିବା କର୍ମଚାରୀମାନଙ୍କ ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ପିଲାମାନଙ୍କ ପାଠ ପଢ଼ାପଢ଼ି ସମସ୍ୟା ମଧ୍ୟ ଅଛି। ସମସ୍ତେ ସପରିବାର ନେଇ କର୍ମସ୍ଥାନରେ ରହୁନାହାନ୍ତି। ଗାଁରେ ରହୁଥିବା ବୃଦ୍ଧ ମାତାପିତାଙ୍କ ପ୍ରତି ମଧ୍ୟ ତାଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ଅଛି। ସବୁ ଚାକିରିଆଙ୍କ ସମ୍ବଳ ନ ଥାଏ ବାହାରେ ଜାଗା କ୍ରୟକରି ଘର କରି ରହିବା। କିଛି ନିମ୍ନ ବେତନଭୋଗୀ କର୍ମଚାରୀ ଘରଭଡ଼ା ନେଇ ନିଜ ସଦର ମହକୁମାରେ ରହନ୍ତି ଏବଂ ସମୟକୁ ସମୟ ଗାଁକୁ ଆସି ନିଜ ପରିବାରର ସମସ୍ତ କଥା ବୁଝନ୍ତି। ଚାକିରି ଶେଷଆଡ଼କୁ ଯଦି କୌଣସି କର୍ମଚାରୀ ନିଜ ଗାଁ ବା ଜିଲା ପାଖକୁ ବଦଳି ହୋଇ ଆସିବା ପାଇଁ ଚାହାନ୍ତି, ତେବେ ସରକାର ଏବଂ ବିଭାଗର କର୍ତ୍ତୃପକ୍ଷ ତାଙ୍କ ପ୍ରତି ସକାରାତ୍ମକ ବିଚାର କରନ୍ତୁ। ବଦଳି ଜଣେ ଶୃଙ୍ଖଳିତ ଚାକିରିଆଙ୍କ ପାଇଁ ଯେତିକି ମହତ୍ୱପୂର୍ଣ୍ଣ ସେତିକି ନିର୍ଯାତନାମୁକ୍ତ ହେଉ।

ଶ୍ୟାମପୁର, ଧାମନଗର, ଭଦ୍ରକ
ମୋ-୯୯୩୮୦୮୦୨୯୪

# ଶିକ୍ଷା ଓ ଶୃଙ୍ଖଳା



ବିଶ୍ୱନାଥ ସାହୁ

ଏବେ ବିଦ୍ୟାର୍ଥୀମାନଙ୍କୁ ଶିଷ୍ୟ କୁହାଯାଉନାହିଁ, ତା'ର ଯଥାର୍ଥତା ରହିଛି। ଯେ ଶାସନର ଯୋଗ୍ୟ, ସେ ହେଉଛି ଶିଷ୍ୟ। ବର୍ତ୍ତମାନର ବିଦ୍ୟାର୍ଥୀମାନଙ୍କୁ ଶାସନ କରିବାର ଆବଶ୍ୟକତା ନାହିଁ। ସେମାନଙ୍କୁ ଛାତ୍ର କୁହାଯିବା ଯଥାର୍ଥ। ଛାତ୍ର ଶବ୍ଦକୁ ବିଶ୍ଳେଷଣକଲେ ଜଣାଯାଏ, ଛତ୍ରୟତି ଇତି ଛାତ୍ର, ଅର୍ଥାତ୍ ଯେ ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥାରେ ଛତ୍ର ସଦୃଶ, ସେ ହିଁ ଛାତ୍ର ପଦବାଚ୍ୟ। ବିଶେଷ ବ୍ୟାଖ୍ୟାକଲେ ଏହା ବୁଝାପଡ଼ିବ ଯେ, ଯେଉଁମାନେ ଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେଇ ସମୃଦ୍ଧ କରିପାରନ୍ତି, ସେମାନେ ହେଲେ ଛାତ୍ର ସମାଜ। ଶିକ୍ଷାର ପ୍ରକୃତ ଉନ୍ନତି ବା ପ୍ରଗତି ଛାତ୍ରସମାଜ ଉପରେ ନିର୍ଭରକରେ।

ଶିକ୍ଷା ବ୍ୟବସ୍ଥାରେ ଏକ ପ୍ରମୁଖ ଅଙ୍ଗ ହେଲେ ଛାତ୍ର ସମାଜ। କେବଳ ଛାତ୍ର ସମାଜକୁ ନେଇ ଶିକ୍ଷା ବ୍ୟବସ୍ଥା ମଜଭୁତ ହୋଇପାରିବ ନାହିଁ। ଅନ୍ୟାନ୍ୟ ପ୍ରମୁଖ ଅଙ୍ଗ ହେଲେ ଶିକ୍ଷକ, ଶିକ୍ଷା ପ୍ରଣାଳୀ ଓ ଅଭିଭାବକ। ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ର ସମସ୍ତଙ୍କର ମିଳିତ ସହଯୋଗ ତଥା ଗଠନମୂଳକ ଚିନ୍ତାଧାରା ଦ୍ୱାରା ଶିକ୍ଷା କ୍ଷେତ୍ରରେ ପ୍ରକୃତ ଉନ୍ନତି ସାଧିତ ହୋଇପାରିବ। ଛାତ୍ରମାନଙ୍କର ମାନସିକ, ଶାରୀରିକ ତଥା ନୈତିକ ପ୍ରଗତିର ମୂଳାଧାର ହେଉଛି ଶୃଙ୍ଖଳା। ଶୃଙ୍ଖଳା ହେଉଛି ପ୍ରଗତିର ଚାବିକାଠି। ଶୃଙ୍ଖଳା ବିନା ଶିକ୍ଷା ବ୍ୟବସ୍ଥାର ପ୍ରଗତି, ସମୃଦ୍ଧି ବା ବିକାଶ କେବଳ ଦିବାସ୍ୱପ୍ନ।

ତେବେ ପ୍ରଶ୍ନ ଉଠୁଛି, ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନେ କିଭଳି ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ଦେଇ ତାଙ୍କର ଭବିଷ୍ୟତ ନିର୍ମାଣ କରିବେ। ପିଲାଟିଏ ଧୀରେ ଧୀରେ ବଡ଼ ହୁଏ। ସେ ପରିବାରରୁ କିଛି ଶିକ୍ଷା ଓ ସଂସ୍କାର ନେଇ ତା'ର ଛାତ୍ରଜୀବନ ଆରମ୍ଭ କରିଥାଏ। ଏଥିପାଇଁ ଛାତ୍ରୀଛାତ୍ରମାନଙ୍କର ଶୃଙ୍ଖଳା ଓ ସଦାଚାର ପାଇଁ ପିତାମାତା, ସମାଜ ଯତ୍ନବାନ୍ ହେବା ଆବଶ୍ୟକ। କଥାରେ କୁହାଯାଇଛି, ପରିବାର ହେଉଛି ପିଲାର ପ୍ରଥମ ବିଦ୍ୟାଳୟ ଏବଂ ମାଆ ହେଉଛି ଆଦ୍ୟ ଶିକ୍ଷକ। ଏହି ପ୍ରସଙ୍ଗରେ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳା, ସଦାଚାର, ବିନୟଶୀଳତା ଇତ୍ୟାଦି ଗୁଣଗୁଡ଼ିକ ଗୃହରେ ପିତାମାତା ଦାୟିତ୍ୱ ଓ ନିଷ୍ଠାର ସହ ସେମାନଙ୍କୁ ଶିକ୍ଷାଦେବା ଉଚିତ। ନୈତିକ ମୂଲ୍ୟବୋଧ, ସହନଶୀଳତା, ପରୋପକାରିତା ଏସବୁ ମହାନ୍ ତଥା ଦେବୋପମ ଗୁଣାବଳୀର ପୂର୍ଣ୍ଣ ବିକାଶ ପାଇଁ ଅଭିଭାବକ ଗୋଷ୍ଠୀ ପ୍ରାରମ୍ଭିକ ସ୍ତରରୁ ଯତ୍ନବାନ୍ ହେବା ଉଚିତ। ଏ ପରିପ୍ରେକ୍ଷୀରେ ଶିକ୍ଷକ ସମାଜ ଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳା ଓ ସଦାଚାରର ଶିକ୍ଷା ଦେବା ଅତ୍ୟନ୍ତ ସହଜ ଓ ସାବଲୀଳ ହେବ। ଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳିତ ଚିନ୍ତାଧାରାର ପରିପ୍ରକାଶ ହେଲେ ହେଁ ସେମାନେ ଶିକ୍ଷାର ମହତ୍ତ୍ୱ ବୁଝିପାରିବେ ଏବଂ ଶିକ୍ଷାୟତନରେ ସେମାନେ ଉପଯୁକ୍ତ ଭାବେ ଅଧ୍ୟୟନକରି ନିଜର ତଥା ଜାତିର ବିକାଶ ପଥରେ ଅଗ୍ରସର ହେବେ।

ଏତେ ସବୁ କହିବାର ତାତ୍ପର୍ଯ୍ୟ ହେଲା, ବର୍ତ୍ତମାନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳାର ଅଭାବ ପରିଲକ୍ଷିତ ହେଉଛି। ଅଧ୍ୟୟନର ରୁଚି କ୍ରମଶଃ ହ୍ରାସ ପାଉଛି। ଏଥିପାଇଁ ସେମାନଙ୍କୁ ଆମେ ଦାୟୀ କରିପାରିବା ନାହିଁ। ଆମର ସମାଜ ଏଥିପାଇଁ ବହୁ ପରିମାଣରେ ଦାୟୀ। ଛାତ୍ରୀଛାତ୍ରମାନଙ୍କର ନୈତିକ ତଥା ଶୈକ୍ଷିକ ବିକାଶ ପାଇଁ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ମିଳିତ ତଥା ଆନ୍ତରିକ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ।



ବିଦ୍ୟାଳୟ ସ୍ତରରେ ପିଲାଟି ସମ୍ପୂର୍ଣ୍ଣ ନିୟମିତ ତଥା ମନଯୋଗୀ ହେବା ପାଇଁ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ସର୍ବଦା ଯୋଗସୂତ୍ର ରହିବା ଆବଶ୍ୟକ। ବିଦ୍ୟାଳୟକୁ ପିଲାଟିଏ ପଠାଇଦେଇ ଅଭିଭାବକ ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ହେବା ଉଚିତ ନୁହେଁ। ପିଲାଟିର ବିଭିନ୍ନ ପ୍ରଗତି ସମ୍ବନ୍ଧରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିବା ଆବଶ୍ୟକ। ବିଦ୍ୟାଳୟର ପରିବେଶକୁ ସୁନ୍ଦର, ରୁଚିପୂର୍ଣ୍ଣ ତଥା ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଛାତ୍ରୀଛାତ୍ର, ଶିକ୍ଷକ ତଥା ଅଭିଭାବକମାନଙ୍କର ସହଯୋଗ ଆବଶ୍ୟକ। ଛାତ୍ରୀଛାତ୍ରମାନଙ୍କର ପାଠକୀୟ ଅଭିରୁଚି ଦ୍ରୁତ ଅଭିବୃଦ୍ଧି ଦିଗରେ ପ୍ରଧାନ ବାଧକ ହେଉଛି ଆଣ୍ଡ୍ରଏଡ୍ ମୋବାଇଲ। ମୋବାଇଲ ଫୋନ୍‌ର ବ୍ୟବହାର ଦ୍ୱାରା ଛାତ୍ରୀଛାତ୍ରମାନେ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ହୋଇଯାଉଛନ୍ତି। ଏହା କହିହେବ ନାହିଁ ବା ସମ୍ପୂର୍ଣ୍ଣ ଠିକ୍ ନୁହେଁ।

ମୋବାଇଲର ସଫଳ ବ୍ୟବହାର ବା ସଦୁପଯୋଗ ଏକାନ୍ତ ଆବଶ୍ୟକ। ଏଥିପାଇଁ ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଛି। ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ମୋବାଇଲ ଫୋନ୍ ଦେଇ ତା'ର ତଦାରଖ କରିବା ଆବଶ୍ୟକ। ଛାତ୍ରୀଛାତ୍ରମାନେ ଯେଭଳି ମୋବାଇଲ ଫୋନ୍‌ର ଦୁରୁପଯୋଗ ନ କରନ୍ତି, ସେଥିପାଇଁ ଅଭିଭାବକମାନେ ଘରେ ସଚେତନ ରହିବା ଉଚିତ।

ଶିକ୍ଷକମାନେ ହେଉଛନ୍ତି ସମାଜର ଦିଗଦ୍ରଷ୍ଟା। ଛାତ୍ରୀଛାତ୍ରମାନଙ୍କର ଶୃଙ୍ଖଳାର ବିକାଶ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଆଚରଣ, ଉଚ୍ଚାରଣ, ଜୀବନଶୈଳୀ ସର୍ବଦା ସଂଯତ ହେବା ଜରୁରୀ। କଥାରେ ଅଛି, ଆମେ ଠିକ୍ ତ ଦୁନିଆ ଠିକ୍। ତେଣୁ ପ୍ରଥମେ ଆମେ ଶୃଙ୍ଗଳିତ ହେବା, ଧୀରେ ଧୀରେ ଅନ୍ୟକୁ ଶୃଙ୍ଖଳିତ କରିବା, ଶିକ୍ଷକ, ଛାତ୍ରୀଛାତ୍ରଙ୍କର ଜିଜ୍ଞାସା ତଥା ପଠନ ରୁଚି ରହିବା ସର୍ବଦା ସ୍ପୃହଣୀୟ। ଏଥିପାଇଁ ସମସ୍ତେ ଯତ୍ନଶୀଳ ହେବା ଉଚିତ। ଶିକ୍ଷା ହେଉଛି ପ୍ରଗିତର ରଥ। ଦେଶ ତଥା ଜାତିର ପ୍ରଗତି ଶିକ୍ଷାବ୍ୟବସ୍ଥା ଉପରେ ନିର୍ଭରକରେ। ୧୯୬୪ରେ କୋଠାରୀ କମିଶନ କହିଥିଲେ, ''DESTINY OF INDIA IS BEING SHAPED IN HER CLASSROOMS''. ଏହାର ଗୁରୁତ୍ୱ ଉପଲବ୍ଧିକରି ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଛାତ୍ରୀଛାତ୍ର ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କଲେ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ସମ୍ଭବ, ଏଥିରେ ସନ୍ଦେହ ନାହିଁ। ଛାତ୍ରୀଛାତ୍ରମାନଙ୍କର ମାନସିକ, ଶାରୀରିକ ତଥା ସାମାଜିକ ପ୍ରଗତି ହିଁ ଶିକ୍ଷାର ମୂଳଲକ୍ଷ୍ୟ। ଏସବୁର ବିକାଶ ନିର୍ଭରକରେ, ସେମାନଙ୍କର ସୁବିଚାର ତଥା ଉତ୍ତମ ପରିବେଶ ଉପରେ। ବିଚାର ଆସେ ମନରୁ। ତେଣୁ ଶାରୀରିକ ସ୍ୱାସ୍ଥ୍ୟ ଅପେକ୍ଷା ମାନସିକ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟରେ ସୁସମନ୍ୱୟ ରହିଲେ ଯାଇ ବିଦ୍ୟାର୍ଥୀର ମନ ଶାନ୍ତି ରହିବ। ମନ ଶାନ୍ତ ରହିଲେ ସେ ନିଜକୁ ସୁରକ୍ଷିତ ମନେକରିବ, ଯାହାଦ୍ୱାରା ସେ ଆନନ୍ଦ ଉଲ୍ଲାସର ସହ ଜୀବନକୁ ଉପଭୋଗ କରିପାରିବ। ପିଲାମାନେ ଶୃଙ୍ଖଳିତ ହେଲେ ଶିକ୍ଷାର ପ୍ରକୃତ ମହତ୍ତ୍ୱ ସେମାନେ ବୁଝିପାରିବେ ଓ ଶିକ୍ଷା ସେମାନଙ୍କୁ ନିଶ୍ଚିତ ସୁଫଳ ଦାୟୀ ହେବ , ଏଥିରେ ଦ୍ୱିରୁକ୍ତି ନାହିଁ।

ପ୍ରଧାନ ଶିକ୍ଷକ,
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡମଣା, ଭୁବନେଶ୍ୱର

## ଏଇ ଭାରତରେ

ଜୈବିକ ଖତ ପ୍ରସ୍ତୁତକାରୀଙ୍କ ପାଇଁ ଏକ ଭଲ ଖବର ସାମ୍ନାକୁ ଆସିଛି। ବେଙ୍ଗାଲୁରୁସ୍ଥିତ 'ଓଏଷ୍ଟ ଇଜ୍ ଗୋଲ୍ଡ' ବା ବର୍ଜ୍ୟ ହିଁ ସୁନା ନାମକ ଷ୍ଟାର୍ଟଅପ ଏକ ମେଶିନ ନିର୍ମାଣ କରିଛି, ଯେଉଁଥିରେ ୮ ଘଣ୍ଟାରେ ୨୦ରୁ ୧୦ ଟନ୍ ଓଦା ବର୍ଜ୍ୟରୁ ଖତ ପ୍ରସ୍ତୁତ ହୋଇପାରୁଛି। ମେଶିନର ନାମ ରଖାଯାଇଛି 'ଗୋଲ୍ଡ କମ୍ପୋଷ୍ଟର'। ଏହି ଟେକ୍‌ନୋଲୋଜିର ସ୍ରଷ୍ଟା ହେଉଛନ୍ତି ସନ୍ଦୀପ ତିୱାରୀ। ଏହା ଯେଉଁ ଖତ ପ୍ରସ୍ତୁତ କରୁଛି ସେଥିରେ ଗଛ ପାଇଁ ଦରକାର ସବୁ ପ୍ରକାର ନ୍ୟୁଟ୍ରିଏଣ୍ଟ ରହୁଛି। ଗୋଲ୍ଡ କମ୍ପୋଷ୍ଟର ନିର୍ମାଣ କରାଯିବା ପୂର୍ବରୁ 'ଓଏଷ୍ଟ ଇଜ ଗୋଲ୍ଡ' ଷ୍ଟାର୍ଟଅପ ୧୦ଟି ପ୍ରତିକୃତି ନିର୍ମାଣ କରିଥିଲା। ଏହି ଯାତ୍ରା ୨୦୧୪ରୁ ଆରମ୍ଭ ହୋଇଥିଲା ଓ ୨୦୧୫ରେ ପ୍ରଥମ ପ୍ରତିକୃତି ନିର୍ମାଣ କରାଯାଇଥିଲା। ତେବେ ସେସବୁର ବ୍ୟବହାରକୁ ଆହୁରି ସହଜ ଓ ସମୟ ଉପଯୋଗୀ କରିବାକୁ ଯାଇ ଶେଷରେ ଗୋଲ୍ଡ କମ୍ପୋଷ୍ଟର ନିର୍ମାଣ କରାଯାଇଛି। ଏଥିରୁ ଦୁଇଟି ବେଙ୍ଗାଲୁରୁର ପ୍ରେଷ୍ଟିଜ ରୟାଲ ଗାର୍ଡେନରେ ରହିଛି ଓ ପ୍ରତିଦିନ ଏହା ୮୦୦ କେ.ଜି.ବର୍ଜ୍ୟକୁ ଖତ କରିପାରୁଛି। ପୂର୍ବରୁ ବ୍ୟବହାର କରାଯାଉଥିବା କମ୍ପୋଷ୍ଟରଗୁଡ଼ିକରୁ ଦୁର୍ଗନ୍ଧ ବାହାରୁଥିଲା, କିନ୍ତୁ ଏବେ ଗୋଲ୍ଡ କମ୍ପୋଷ୍ଟରରେ ତାହା ହେଉନାହିଁ। କେବଳ ବେଙ୍ଗାଲୁରୁ ନୁହେଁ ଦେଶର ବିଭିନ୍ନ ସହରର (୧୫)ଟି ସ୍ଥାନରେ ଏହି କମ୍ପୋଷ୍ଟର ବସାଯାଇଛି। ଏହି ସବୁ କମ୍ପୋଷ୍ଟରରୁ ମାସକୁ ୨୫୦୦ ଟନ ବର୍ଜ୍ୟରୁ ୧୨୦୦ ଟନ ଖତ ତିଆରି ହୋଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ସେପ୍ଟେମ୍ବର ୧୯୯୮

- ବିହାରରେ ରାବ୍ରୀଦେବୀ ସରକାରକୁ ବରଖାସ୍ତ କରିବା ସହ ରାଜ୍ୟ ବିଧାନସଭାକୁ ସସ୍‌ପେଣ୍ଡ ରଖି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ଲାଗି କେନ୍ଦ୍ରର ସୁପାରିଶ।
- ବିଶ୍ୱ ରେକର୍ଡଧାରୀ ଆମେରିକୀୟ ମହିଳା ଆଥଲେଟ ଫ୍ଲୋରେନ୍ସ ଗ୍ରିଫି ଜୋଏନରଙ୍କ ୩୮ ବର୍ଷ ବୟସରେ ପରଲୋକ।
- ରୁଷିଆର ପ୍ରଧାନମନ୍ତ୍ରୀ ୟେଭଗେନା ପ୍ରିମାକୋଭଙ୍କ ନେତୃତ୍ୱରେ ଗଠିତ ନୂତନ ସରକାରରେ ସ୍ଥାନ ପାଇଥିବା ମନ୍ତ୍ରିମଣ୍ଡଳର ତାଲିକାକୁ ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ଅନୁମୋଦନ।

## ଚିରନ୍ତନୀ

ବେଦନାର ଅମାବାସ୍ୟା ଆସେ ଘୋଟି
ନିବିଡୁଁ ନିବିଡ଼
ଗରଜେ ଭୀଷଣ ନିଶା
ମରଣର କୁହାଟ ଗଭୀର।
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 9 | 8 | | | | | | 3 | |
| | | 2 | | | | | | 5 |
| | | | | | 9 | | | |
| 8 | | | | 6 | | 4 | | |
| 3 | | 4 | | | | | | 1 |
| 2 | 1 | | | | 8 | | | 9 |
| | | | 6 | 4 | | | 1 | 3 |
| 7 | | | | 2 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 3 | 9 | 1 | 4 | 7 | 2 | 6 |
| 4 | 6 | 9 | 2 | 8 | 7 | 5 | 1 | 3 |
| 7 | 2 | 1 | 5 | 6 | 3 | 8 | 9 | 4 |
| 6 | 4 | 2 | 8 | 7 | 1 | 9 | 3 | 5 |
| 1 | 7 | 5 | 4 | 3 | 9 | 6 | 8 | 2 |
| 3 | 9 | 8 | 6 | 5 | 2 | 4 | 7 | 1 |
| 2 | 8 | 7 | 3 | 4 | 6 | 1 | 5 | 9 |
| 5 | 3 | 4 | 1 | 9 | 8 | 2 | 6 | 7 |
| 9 | 1 | 6 | 7 | 2 | 5 | 3 | 4 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଖାଦ୍ୟ ଅପଚୟ ରୋକାଯାଉ

ମହାଶୟ,

ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ସୁଦ୍ଧା ଅନେକ ଦେଶ ଖାଦ୍ୟାଭାବ ଦେଇ ଗତି କରୁଛନ୍ତି। ଏହାର ପ୍ରମୁଖ କାରଣ ଖାଦ୍ୟନଷ୍ଟ। ଖାଦ୍ୟନଷ୍ଟ ଦ୍ୱାରା ବିଶ୍ୱ ଅର୍ଥ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି ତାହାନୁହେଁ, ଜଳବାୟୁ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଏହା ପ୍ରକାଶିତ ଡବ୍ଲ୍ୟୁଏଫ୍‌ପି ରିପୋର୍ଟରୁ ଜଣାପଡ଼ିଛି। ଏହି ବର୍ଜ୍ୟ ଖାଦ୍ୟବସ୍ତୁ ଦୂଷିତ ବାୟୁମଣ୍ଡଳରେ କାର୍ବନ ପରିମାଣ ବୃଦ୍ଧି ପାଇଁ ଦାୟୀ। ସେଥିପାଇଁ ଜଳର ଅପଚୟ ମଧ୍ୟ ଘଟିଥାଏ। ବିଶ୍ୱରେ ପ୍ରତିବର୍ଷ ୧.୩ ବିଲିୟନ ଟନ୍ ଖାଦ୍ୟ ନଷ୍ଟ ହେଉଛି। ଏହାର ହାରାହାରି ମୂଲ୍ୟ ୧ ଟ୍ରିଲିୟନ ଡଲାର। ଉତ୍ପାଦନ ହେଉଥିବା ମୋଟ ଖାଦ୍ୟର ୩ ପ୍ରତିଶତ ପ୍ରତ୍ୟେକ ବର୍ଷ ନଷ୍ଟ ହେଉଥିବା ୱାର୍ଲ୍ଡ଼ ଫୁଡ୍ ପ୍ରୋଗ୍ରାମ ଡବ୍ଲ୍ୟୁଏଫ୍‌ପି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଖାଦ୍ୟର ଅପଚୟ ରୋକାଯିବା ଅତ୍ୟନ୍ତ ଜରୁରୀ ।

– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ: ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବିଜୁ ଜନତା ଦଳ(ବିଜେଡି)ର ବିଧାୟିକାମାନେ।

### ମୌସୁମୀ ଅଧିବେଶନ ପାଇଁ ବିଧାୟକ ଦଳ ବୈଠକ

# ଗୃହରେ ଉପସ୍ଥିତ ରହିବାକୁ ବିଧାୟକଙ୍କୁ ନିର୍ଦ୍ଦେଶଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

ବିଧାନସଭା ମୌସୁମୀ ଅଧିବେଶନରେ ବିରୋଧୀ ଦଳ ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳକୁ ଘେରିବା ଲାଗି ରଣନୀତି ପ୍ରସ୍ତୁତ କରୁଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିଠାରୁ ଆରମ୍ଭକରି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିରୋଧୀ ଆୟୁଧକରି ଶାସକ ଦଳକୁ ଘେରିବେ ବୋଲି ସୂଚନା ଦେଇଛନ୍ତି। ଏହାରି ଭିତରେ କୌଣସି ବିଧାୟକ ଗୃହରେ ଅନୁପସ୍ଥିତ ନ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ବିଜେଡି ବିଧାୟକ ଦଳ ବୈଠକ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଶୁକ୍ରବାର ୧୦ଟା ୩୦ ମିନିଟ୍ ସମୟରେ ଅନୁଷ୍ଠିତ ହୋଇଯାଇଛି। ମାତ୍ର ୧୫ ମିନିଟ୍ ଲାଗି ଚାଲିଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ପାରିତ ମହିଳା ସଂରକ୍ଷଣ ବିଲ୍ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଧାୟକମାନଙ୍କୁ କହିଥିଲେ, ମହିଳା ସଂରକ୍ଷଣ ବିଲ୍ ଆଣିବା ଲାଗି ବିଜେଡି ପ୍ରଥମ ଦଳ ଭାବେ ପ୍ରସ୍ତାବ ଦେଇଥିଲା। ଏନେଇ ଅନ୍ୟ ରାଜ୍ୟଗୁଡ଼ିକର ସହଯୋଗ ମଧ୍ୟ ଲୋଡ଼ାଯାଇଥିଲା। ପାର୍ଲାମେଣ୍ଟରେ ବିଜେଡି ମହିଳାମାନଙ୍କ ଲାଗି ୩୩ ପ୍ରତିଶତ ସଂରକ୍ଷଣ ଦେଇଛି। ମହିଳାମାନଙ୍କୁ ଆଗକୁ ନେବାରେ ବିଜେଡି ପ୍ରଥମ ଦଳ। ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ଭାବେ ବିଜେଡି ନିଷ୍ପତ୍ତି ନେଇଥିବା କଥା ସେ କହିଛନ୍ତି। ଏଥିସହ ନବୀନ କହିଛନ୍ତି, ଗୃହରେ ଅତିରିକ୍ତ ବଜେଟ ଆଗତ କରାଯିବ। ତେଣୁ ସମସ୍ତ ବିଧାୟକ ବିଧାନସଭାରେ ଉପସ୍ଥିତ ରହି ଆଲୋଚନାରେ ଭାଗନେବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅର୍ଥମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ବିକ୍ରମ କେଶରୀ ଆରୁଖ ମଧ୍ୟ ଗୃହରେ ସମସ୍ତ ବିଧାୟକଙ୍କୁ ଉପସ୍ଥିତ ରହିବା ଲାଗି କହିଛନ୍ତି।



ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକ।

# ଭାଜପା ସହ ମେଣ୍ଟ କଲା ଜେଡିଏସ୍

### ଶାହା, ନଡ୍ଡାଙ୍କୁ ଭେଟିଲେ କୁମାରସ୍ୱାମୀ

**ନୂଆଦିଲ୍ଲୀ,୨୨।୯**

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) କର୍ନାଟକରେ ଭାଜପା ସହ ମେଣ୍ଟ ଘୋଷଣା କରିଛି। ଏଥିସହିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ଏହି ଦଳ ଆନୁଷ୍ଠାନିକ ଭାବେ ସାମିଲ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଜେଡିଏସ୍ ନେତା ତଥା କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଭେଟିବା ପରେ ଉପରୋକ୍ତ ଘୋଷଣା କରିଛନ୍ତି। ଏନ୍‌ଡିଏରେ ସାମିଲ ହେବା ପାଇଁ ଜେଡିଏସ୍ ନିଷ୍ପତ୍ତି ନେଇଥିବାରୁ ଏହାକୁ ଆମେ ସ୍ୱାଗତ କରୁଛୁ ବୋଲି ନଡ୍ଡା କହିଛନ୍ତି। ଏହା ଏନ୍‌ଡିଏ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ନୂତନ ଭାରତ, ସଶକ୍ତ ଭାରତ' ସ୍ୱପ୍ନକୁ ସୁଦୃଢ଼ କରିବ ବୋଲି ନଡ୍ଡା 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଜେଡିଏସ୍ ପ୍ରଧାନମନ୍ତ୍ରୀଙ୍କ ବିକାଶ ଦୃଷ୍ଟିଭଙ୍ଗୀ ପ୍ରତି ଆସ୍ଥା ଦେଖାଇଛି। ଜେଡିଏସ୍ ସାମିଲ ହୋଇଥିବାରୁ କର୍ନାଟକକୁ ବିକାଶ ପଥରେ ଆଗେଇ ନେବା ସହ ଏନ୍‌ଡିଏ ଏବଂ ଭାରତକୁ ମଜଭୁତ କରିବ ବୋଲି ଶାହା କହିଛନ୍ତି। ଆସନ ବୁଝାମଣା ଲାଗି ଭାଜପା ସହ ଆଲୋଚନା ଜାରି ରହିବ ବୋଲି କୁମାରସ୍ୱାମୀ କହିଛନ୍ତି।



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ସହ ଜେଡିଏସ୍ ନେତା ଏଚ୍.ଡି. କୁମାରସ୍ୱାମୀ (ବାମରୁ ଦ୍ୱିତୀୟ)।

# ମାତୃଶକ୍ତି ହାତରେ ଦାୟିତ୍ୱ ରହିଲେ ଏହାର ଉତ୍ତରଦାୟିତ୍ୱ ବଢ଼ିଯାଏ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୨।୯ (ସୁନିତ୍ ମିଶ୍ର)**

ମାତୃଶକ୍ତି ହାତରେ ଦାୟିତ୍ୱ ରହିଲେ, ଏହାର ଉତ୍ତରଦାୟିତ୍ୱ ବଢ଼ିଯାଏ ବୋଲି ବିଶ୍ୱର ସବୁ ବିଶେଷଜ୍ଞମାନେ ସାବ୍ୟସ୍ତ କରିଛନ୍ତି। ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଐତିହାସିକ ମହିଳା ସଂରକ୍ଷଣ ବିଲ୍ ତଥା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ସର୍ବସମ୍ମତିକ୍ରମେ ଗୃହୀତ ହେବା ଫଳରେ ଦେଶର ମହିଳାମାନଙ୍କ ଜନପ୍ରତିନିଧିତ୍ୱ ବଢ଼ିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ନୂଆ ସଂସଦ ଭବନରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ଗୃହରେ ଆଗତ କରାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଲ୍‌କୁ ସମର୍ଥନ ଦେଇଥିବା ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ। ଭାରତୀୟ ସଭ୍ୟତାରେ ମହିଳାମାନଙ୍କୁ ସଂରକ୍ଷଣ, ଅଗ୍ରାଧିକାର ଓ ସଶକ୍ତୀକରଣ କରିବାର ପରମ୍ପରା ଅନେକ ଆଗରୁ ରହିଛି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜନପ୍ରତିନିଧିଙ୍କୁ ସୁରକ୍ଷିତ କରାଇବା ଓ ମହିଳାଙ୍କୁ ଗୋଟିଏ ରାଜନୈତିକ ଅଧିକାର ଏବଂ ଦାୟିତ୍ୱ ପ୍ରଦାନ କରିବା ଅନେକ ଦିନରୁ ସମାଜ ସାମ୍ନାରେ ଥିଲା। ଗତ ୩ ଦଶନ୍ଧି ଧରି ଭାରତୀୟ ସଂସଦ ଏହା ଉପରେ ଆଲୋଚନା କରୁଥିଲା। ଗଣେଶପୂଜାର ଶୁଭ ଅବସରରେ ନୂଆ ସଂସଦ ଭବନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ପ୍ରଥମ ବିଲ୍ ନାରୀ ଶକ୍ତି ବନ୍ଦନର ୧୨୮ ତମ ସମ୍ବିଧାନ ସଂଶୋଧନ ବିଲ୍ ରାଜ୍ୟ ସଭାରେ ପାରିତ ହୋଇଛି। ପୂର୍ବରୁ ଲୋକ ସଭାରେ ପାରିତ ହୋଇଛି। ଏହାଦ୍ୱାରା ଦେଶରେ ମହିଳା ନେତୃତ୍ୱ ବିକାଶର ନୂଆ ପରମ୍ପରା ଆରମ୍ଭ ହୋଇଛି। ଭାରତରେ ମହିଳାମାନଙ୍କୁ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ପ୍ରତିନିଧିତ୍ୱରେ ୩୩ ପ୍ରତିଶତ ସଂରକ୍ଷଣ ମିଳିବାର ସୁନିଶ୍ଚିତ କରାଯାଇଛି। ଏହି ନିଷ୍ପତ୍ତି ଉପରେ ଭାରତର ସବୁ ରାଜନୈତିକ ଦଳ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅଣାଯାଇଥିବା ପ୍ରସ୍ତାବରେ ସ୍ୱୀକୃତି ଦେବା ଖୁସିର ବିଷୟ। ଏହା ସମାଜର ଆକାଂକ୍ଷା ଓ ୫୦ ଭାଗ ଜନସଂଖ୍ୟାର ଆକାଂକ୍ଷା ଏବଂ ଅପେକ୍ଷାକୁ ଭାରତ ଭଳି ଦେଶରେ ପୂରଣ କରିବ। ବିଶ୍ୱର ଅନ୍ୟ ଅଞ୍ଚଳ ତୁଳନାରେ ଆମ ଦେଶରେ ମହିଳାମାନଙ୍କୁ ଦେଖିବାର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଅଲଗା। ମହିଳାମାନଙ୍କ ଲାଗି କେନ୍ଦ୍ର ସରକାର ଅନେକ ଯୋଜନା କରିଥିବା ଧର୍ମେନ୍ଦ୍ର କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Required for Gas Plant (Male/ Female) Eligibility (10th to Graduate): Junior Consultant, Technical Staff, Accountant, Supervisor, Data Entry Operator, Office Assistant, CSA, Field Boy, Electrician, Welder, Driver, (Food+room free) (Salary 18k to 65k). Send your Resume at this email:- recruitmentongc2023@gmail.com 7982919983 (What'sup)/ 8130737728

ସେଲ୍ସ ଗାର୍ଲ
ବାଲାଜୀ ଟ୍ରେଡିଂ, ପିଠାପୁର, କଟକ ପାଇଁ ଆବଶ୍ୟକ। ପ୍ରାର୍ଥିନୀ କଟକରେ ରହୁଥିବେ।
ଯୋଗାଯୋଗ:
ଫୋନ୍- ୯୦୯୦୦୩୦୦୨୪

DUHITA AGRO EXPORT PVT LTD
RECRUITMENT NOTICE
Name of Post: HEAD OF THE PROJECT
Qualification: Graduation (Preference will be given to MBA in Finance/Marketing/HR).
Experience: Minimum 15 years Managerial Experience in Operation, Sales & Marketing and Procurement & Managing of Staff of Cashew Processing Unit.
Salary Package: CTC Rs 10 Lakh /Annum.
Job based on Aditya Cashew Processing Plant, Tentulipatana, Dhenkanal.
Interested candidates may E-Mail their CV to md@daeltd.co.in
For further clarification please visit: https://daeltd.co.in
Contact: 7381557001

# ଶିକ୍ଷକ ଆନ୍ଦୋଳନକୁ ମୁଖ୍ୟ ପ୍ରସଙ୍ଗ କରିବ କଂଗ୍ରେସ

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

ଶିକ୍ଷା କଥାକୁ ମୁଖ୍ୟ ପ୍ରସଙ୍ଗ କରି ଆସନ୍ତା ସୋମବାର ଗୃହରେ ଶାସକ ଦଳକୁ ଘେରିବାକୁ କଂଗ୍ରେସ ବିଧାୟକମାନେ ଯୋଜନା କରିଛନ୍ତି। ରାଜ୍ୟରେ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷକମାନେ ଦୀର୍ଘଦିନ ହେବ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ରାଜ୍ୟର ସ୍କୁଲଗୁଡ଼ିକରେ ପିଲାମାନଙ୍କ ପାଠପଢ଼ା ଏକ ପ୍ରକାର ବ୍ୟାହତ ହେଉଛି। ତେଣୁ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ହିଁ ମୁଖ୍ୟ ପ୍ରସଙ୍ଗ ପାଲଟିଛି ବୋଲି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ବୈଠକ ଶୁକ୍ରବାର ସନ୍ଧ୍ୟା ୬ଟା୩୦ ମିନିଟ୍‌ରେ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନରସିଂହଙ୍କ ବିଧାନସଭା ସ୍ଥିତ ସରକାରୀ ଚାମ୍ବରରେ ଅନୁଷ୍ଠିତ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ଏ ବାବଦରେ ସୂଚନା ଦେଇ ସାଲୁଜା କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟରେ ବ୍ୟାପକ ଖଣି ଦୁର୍ନୀତି ଚାଲିଛି। ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପଞ୍ଚାୟତିରାଜ ବ୍ୟବସ୍ଥାର ଉଲ୍ଲଂଘନ କରି କରାଯାଉଛି। ଏସ୍‌ଏଫ୍ ପାଣ୍ଠିର ବ୍ୟବହାର ମନଇଚ୍ଛା ଦଳୀୟ ଭିତ୍ତିରେ ହେଉଛି। ଏହିସବୁ ପ୍ରସଙ୍ଗକୁ ନେଇ ଦଳ ଶାସକ ଦଳକୁ ଘେରିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା, ସୁରେଶ କୁମାର ରାଉତରାୟ, ଅଧିରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ନରସିଂହ ମିଶ୍ରଙ୍କ ବିଧାନସଭା ସ୍ଥିତ ସରକାରୀ ଚାମ୍ବରରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳର ବୈଠକ।

# ଆଇନଶୃଙ୍ଖଳା, ଶିକ୍ଷା, ସ୍ୱାସ୍ଥ୍ୟ, ବେକାରିକୁ ପ୍ରସଙ୍ଗ କରିବ ଭାଜପା



ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକ।

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜେଡି ସରକାର ଧ୍ୱଂସ କରିସାଲେଣି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ। ଶିକ୍ଷା, ବେକାରି, କୃଷି, ଜଳସେଚନ, ଦାଦନ ସମସ୍ୟା ଓ ସ୍ୱାସ୍ଥ୍ୟ ସମେତ ସମସ୍ତ କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି। ଦାରିଦ୍ର୍ୟ କ୍ଷେତ୍ରରେ ଓଡ଼ିଶା ୩ ନମ୍ବରରେ ରହିଛି। ୨୩ ବର୍ଷ ଶାସନରେ ରହି ବିଜେଡି ଓଡ଼ିଶାବାସୀଙ୍କୁ ମିଥ୍ୟା ସ୍ୱପ୍ନ ଦେଖାଇ ଭଣ୍ଡାଉଛି। ମୋଦି ସରକାର ଦେଇଥିବା ଅର୍ଥକୁ ଓଡ଼ିଶା ବିକାଶ କାମରେ ଲଗାଇବାରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ। ସରକାରୀ ଅର୍ଥକୁ ମୁଖ୍ୟମନ୍ତ୍ରୀ ନିଜର ବ୍ୟକ୍ତିଗତ ଓ ଦଳୀୟ କାର୍ଯ୍ୟରେ ବିନିଯୋଗ କରିବା ପ୍ରସଙ୍ଗକୁ ନେଇ ଭାଜପା ବିଧାନସଭାରେ ପ୍ରଶ୍ନ କରିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି।

ବିଧାନସଭାର ମୌସୁମୀ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୋହନ କହିଛନ୍ତି, ରାଜ୍ୟ ଏବଂ ରାଜ୍ୟବାସୀଙ୍କ ପ୍ରମୁଖ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରାଯିବ। ରାଜ୍ୟରେ ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଦୀର୍ଘ ୧୫ ଦିନ ହେବ ଶିକ୍ଷୟିତ୍ରୀଶିକ୍ଷକ ରାଜଧାନୀର ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ଭିତ୍ତିଭୂମି ନାହିଁ, ଶିକ୍ଷକ ନାହାନ୍ତି ଏବଂ ଶିକ୍ଷକମାନେ ବିଭିନ୍ନ ଦଫା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ମଧ୍ୟରେ ରତ୍ନଭଣ୍ଡାର ଚାବି ହଜିବା, ସ୍ମାର୍ଟସିଟି ଭୁବନେଶ୍ୱର ସହରର ବିପର୍ଯ୍ୟସ୍ତ ରାସ୍ତା, ଡ୍ରେନେଜ ଓ ଡେଙ୍ଗୁ ଭଳି ସ୍ୱାସ୍ଥ୍ୟ ସମସ୍ୟା, ବହୁଚର୍ଚ୍ଚିତ ନବ ଦାସ ହତ୍ୟାକାଣ୍ଡ, ଭୁବନେଶ୍ୱର ଉପକଣ୍ଠରେ ଜମି ଦୁର୍ନୀତି, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଧ୍ୱଂସ କରିବା, ପଲ୍ଲିସଭା ଓ ଗ୍ରାମସଭା ନ କରାଇବା, କୃଷି, ଘରୋଇ ମାଇକ୍ରୋ ଫାଇନାନ୍ସ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଭାଜପା ସରକାରଙ୍କୁ ପ୍ରଶ୍ନ କରିବ। ସମସ୍ୟା ଘେରରେ ଥିବା ରାଜ୍ୟ ସରକାର ବିରୋଧୀଙ୍କୁ ସାମ୍ନା କରିବାର ନୈତିକ ସାହସ ହରାଇଛନ୍ତି ଏବଂ ଚଞ୍ଚକତାକରି ବିଳମ୍ବରେ ସ୍ୱଳ୍ପକାଳୀନ ଅଧିବେଶନ ଅନୁଷ୍ଠିତ କରୁଛନ୍ତି ବୋଲି ମୋହନ କହିଛନ୍ତି। ବୋଲି ମୋହନ କହିଛନ୍ତି। ବୈଠକରେ ବିଧାୟକ ପ୍ରଦୀପ୍ତ ନାଏକ, କୁସୁମ ଟେଟେ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଉରି ନାୟକ, ସୁବାସ ପାଣିଗ୍ରାହୀ, ଶଙ୍କର ଓରାମ, ମୁକେଶ ମହାଲିଙ୍ଗ, ସୁକାନ୍ତ ନାୟକ, ନିତ୍ୟାନନ୍ଦ ଗଣ୍ଡ, ଜୟନ୍ତ ଷଡ଼ଙ୍ଗୀ, କେ.ନାରାୟଣ ରାଓ, ଡ.ବୁଡ଼ାନ ମୁର୍ମୁ, ଗଣେଶ ରାମ ଖୁଣ୍ଟିଆ, ସନାତନ ବିଜୁଳି, ପ୍ରକାଶ ସୋରେନ, ଭବାନୀ ଭୋଇ, ନବଚରଣ ମାଝି ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜାନୁୟାରୀ ୫ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

### ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ସର୍ବଦଳୀୟ ବୈଠକ

### ପ୍ରତି ବୁଥ୍‌ରେ ଜଣେ ଲେଖାଏ ଏଜେଣ୍ଟ ନିଯୁକ୍ତ କରିବେ ସବୁ ରାଜନୈତିକ ଦଳ

**ଭୁବନେଶ୍ୱର, ୨୨।୯ (ସୁନିତ୍ ମିଶ୍ର)**

ସାଧାରଣ ନିର୍ବାଚନ ୨୦୨୪କୁ ଦୃଷ୍ଟିରେ ରଖି ରାଜ୍ୟର ସବୁ ନିର୍ବାଚନମଣ୍ଡଳୀ ପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଲାଗି ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ କର୍ମକର୍ତ୍ତାଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଆସନ୍ତା ଜାନୁୟାରୀ ୫ରେ ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହା ପୂର୍ବରୁ ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସବୁ ରାଜନୈତିକ ଦଳଙ୍କର ସହଯୋଗ କାମନା କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ପ୍ରତି ରାଜନୈତିକ ଦଳ ସବୁ ବୁଥ୍‌ରେ ନିଜର ଜଣେ ଲେଖାଏ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରିବେ। ଏହାସହ ଦଳ ପକ୍ଷରୁ ସେମାନଙ୍କ ଫଟୋ ପରିଚୟ ପତ୍ର ଦେବେ ଓ ନିଯୁକ୍ତ ହୋଇଥିବା ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ଏକ କିତା ଲେଖାଏ ନକଲ ସମ୍ପୃକ୍ତ ଜିଲାର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ, ଇଆରଓ ତଥା ଉପଜିଲାପାଳ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ନିଯୁକ୍ତ ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ସମ୍ପୃକ୍ତ ବୁଥ୍ ଅଞ୍ଚଳରେ ମୃତ ଭୋଟରଙ୍କୁ ଚିହ୍ନଟ କରିବା, ସ୍ଥାନାନ୍ତର ହୋଇଥିବା ଭୋଟରଙ୍କ ତାଲିକା ଏବଂ ଭୋଟର ତାଲିକାରେ ଥିବା ବିଭିନ୍ନ ପ୍ରକାର ତ୍ରୁଟିକୁ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ଇଭିଏମ୍ ଓ ଭିଭିପିଏଟିର (ଏଫ୍‌ଏଲ୍‌ସି) ପ୍ରଥମ ପର୍ଯ୍ୟାୟ ତନଖି କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ କରାଯିବ। ଅକ୍ଟୋବର ୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ, ଖୋର୍ଦ୍ଧା, କଟକ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଆଦି ୧୦ ଜିଲାରେ ଅନୁଷ୍ଠିତ ହେବ। ସେହିପରି ଅବଶିଷ୍ଟ ୨୦ ଜିଲାରେ ନଭେମ୍ବର ୧ରୁ ଆରମ୍ଭ ହୋଇ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ବୈଠକରେ ଭାଜପା ରାଜ୍ୟ ସମ୍ପାଦକ ସରୋଜ କୁମାର କର, ବିଏସ୍‌ପିର ମଧୁସୂଦନ ଯାଦବ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଷ୍ମନ୍ତ କୁମାର ଦାଶ, କଂଗ୍ରେସର ଶିବାନନ୍ଦ ରାୟ, ଆମ୍ ଆଦ୍‌ମୀ ପାର୍ଟିର ସୌମ୍ୟ ରଞ୍ଜନ ସ୍ୱାଇଁ, ବିଜେଡିର ଇପ୍ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## कार्यालय जिला परिषद्, चतरा

**(अतिअल्पकालिक ई०निविदा आमंत्रण सूचना)**

ई–निविदा सूचना संख्या – 34/2023-24

1. कार्य की विस्तृत विवरणी :

| क्र | प्रखण्ड | पंचायत | ग्राम | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | हण्टरगंज | खुट्टीकेवाल खुर्द | गेपालपुर | Construction of New facilities Proposed Infrastructure, Campus Development of College Campus for Ram Narayan Memorial College at Hunterganj, Chatra-Group A-Science Block, Canteen, Main Gate and Campus Development | 49766544 | 10000 | 498000 | 18 माह |

2. वेबसाइट में निविदा प्रकाशन की तिथि – 25/09/2023
3. ई–निविदा प्राप्ति की तिथि एवं समय – 26.09.2023 से 03.10.2023 के अपराह्न 5:00 बजे तक
4. जिला परिषद, चतरा में निविदा शुल्क, अग्रधन की राशि, Bank Credit Certificate, Affidavit (Original copy) एवं ऑनलाईन समर्पित कागजातों की एक प्रति जमा करने की अंतिम तिथि एवं समय 04.10.2023 अपराह्न 03:00 बजे तक।
5. निविदा खोलने का स्थान :– जिला परिषद, चतरा।
6. निविदा खोलने की तिथि एवं समय –05.10.2023 अपराह्न 2:00 बजे।
7. निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, चतरा।
8. ई–निविदा प्रकोष्ठ का दूरभाष सं० – 9835777636 (सहायक अभियंता का दूरभाष नम्बर)
9. परिमाण विपत्र का मूल्य परिमाण विपत्र में अंकित राशि के अनुसार आवेदन के साथ किसी भी राष्ट्रीयकृत बैंक ड्राफ्ट के रूप में "जिला अभियंता, जिला परिषद, चतरा" के पदनाम से देय होगा (जो लौटाया नहीं जायेगा)। तदनुसार परिमाण विपत्र निर्गत किया जायेगा। बैंक ड्राफ्ट निबंधित संवेदक के बैंक से निर्गत बैंक ड्राफ्ट ही मान्य होगा।
10. विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

जिला अभियंता,
जिला परिषद, चतरा

PR 307562 District(23-24)#D

## Government of Jharkhand Drinking Water & Sanitation Department

**e-Procurement Notice**

**Tender reference No- DWSD/Dhanbad/07/2023-24 Date-21.09.2023**

| | | |
|---|---|---|
| 1 | Name of the Work :- Construction of Intake Well with Gangway 257 M long, , RCC Riser for Rising Main, Supplying and laying Raw Water rising main, Clear Water rising main & Distribution Main, Elevated Service Reservoir 17 Nos., SUMP, Site Development, Approach Road, Supplying and Installation of VT & Centrifugal pump motor, Staff Quarter, House Connection and Five years operation & maintenance with allied works etc. all complete job for Remaining work of Multi Villages Scheme Gobindpur & Nirsa Block North Zone rural water Supply Scheme Under DW&S Div-No-1 Dhanbad on turnkey basis." Under DMFT Head for the year 2023-24 | |
| 2 | Estimated Cost | 41133.81375Lakh |
| 3 | Earnest Money | 412.00 Lakh |
| 4 | Cost of Tender Paper | 10000.00 |
| 5 | Time of Completion | 27 Months + 3 Months (Trial and run) |
| 6 | Date of publication of Tender on Web site | 30.09.2023 up to 04.00PM |
| 7 | Date of pre bid meeting/Place | 09.10.2023/ 11.00 AM O/o Engineer-in-chief, D.W. & S. Department, Nepal House, Doranda, Ranchi, Jharkhand |
| 8 | Last date/Time for receipt of Bid | 16.10.2023 up to 04.00 PM |
| 9 | Date & Place of submission of Bank Guarantee and Cost of B.O.Q. | 17.10.2023 up to 04.00 PM (1) O/o Regional Chief Engineer, D.W. & S. D. Dumka zone, Dumka (2) O/o Superintending Engineer, D.W. & S. Circle, Dhanbad (3) O/o Executive Engineer, D.W. & S. Division no.1, Dhanbad |
| 10 | Date of opening of Tender | 18.10.2023 at 03:00PM |
| 11 | Name & address of office inviting tender ;- Executive Engineer DW&S Division-No.-01 Dhanbad | |
| 12 | Contact no. of Procurement office : 9431964613 | |
| 13 | Helpline no. of e-procurement cell : 0651-2480345 | |

Those contractors who are not registered with Drinking Water & Sanitation Department, Government of Jharkhand are also permitted to bid. However such contractor in the event of award of work will have to get registered with Drinking Water & Sanitation Department, Government of Jharkhand within a period of two month from date of award.
BOQ amount may increase/decrease, accordingly earnest money may be deposited.
Further details can be seen on website http://jharkhandtenders.gov.in

Executive Engineer
Drinking water & Sanitation Division No.-01
Dhanbad

PR 307521 (Drinking Water and Sanitation)23-24*D

## ସଂକ୍ଷେପରେ

### ଖରସ୍ରୋତା ନଦୀରେ କୁମ୍ଭୀର

ସିଂହପୁର,୨୨।୯(ଅନଙ୍ଗ ଉଦୟ ବେହୁରିଆ)

ବିଞ୍ଝାରପୁର ବ୍ଲକ ବାଙ୍ଗରା ପଞ୍ଚାୟତ ଅଧୀନ ବାଙ୍ଗରା ସରକାରୀ ଉପ୍ରା ବିଦ୍ୟାଳୟ ନିକଟରେ ଶୁକ୍ରବାର ସକାଳେ ଏକ କୁମ୍ଭୀର ଖରସ୍ରୋତା ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଭୟଭିତ ହୋଇ ପଡ଼ିଛନ୍ତି। ନଦୀରେ ଏକ ଗୋରୁର ମୃତଦେହ ଭାସୁଥିବାବେଳା କୁମ୍ଭୀର ମୃତଦେହ ନିକଟକୁ ଆସିବା ଦୃଶ୍ୟ ଦେଖି ଲୋକେ ଛାନିଆ ହୋଇ ପଡ଼ିଥିଲେ। ଏହି ଖବର ପ୍ରସାରିତ ହେବାପରେ ନଦୀକୁଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ କିଛିଦିନ ହେଲା କୁମ୍ଭୀର ଭୟରେ ଅଧିକାଂଶ ଲୋକ ନଦୀକୁ ଗାଧୋଇବାକୁ ଯାଉନାହାନ୍ତି। ତେଣୁ ତୁରନ୍ତ ବନ ବିଭାଗ କୁମ୍ଭୀରକୁ ଧରି ନେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

### ଘର ସମ୍ମୁଖରୁ ବାଇକ୍ ଚୋରି

ଛତିଆ,୨୨।୯(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ୍ ବନ୍ତଳାର ପୂର୍ବତନ ସମିତସଭ୍ୟା ବନିତା ରାଉତ ତାଙ୍କ ପରିବାର ସହ ଛତିଆରେ ଭଡ଼ା ଘର ନେଇ ରହୁଥିବାବେଳେ ସେଠାରୁ ତାଙ୍କ ସ୍ୱାମୀ ରାକେଶ ରାଉତଙ୍କ ବାଇକ୍ ଚୋରି ହୋଇଯାଇଛି। ରାକେଶ ତାଙ୍କ ବାଇକ୍ ନଂ.ଓଡି-୦୪-ଏଚ୍-୨୨୬୩କୁ ଭଡ଼ାଘର ସମ୍ମୁଖରେ ଥୋଇଥିବାବେଳେ କହି ଦୁର୍ବୃତ୍ତ ତାହାକୁ ନେଇ ଯାଇଛନ୍ତି। ଏନେଇ ଛତିଆ ବିଟ ହାଉସରେ ରାକେଶ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏହାବ୍ୟତୀତ କିଛି ଦିନ ହେବ ଛତିଆ ସମେତ ସମିଆ, ପାରିଆ, ଶାଳପଡା, ନେଳିଆ, ଚମ୍ପାପୁର କାଇମାଟିଆ ଆଦି ସ୍ଥାନରୁ ବାଇକ ଓ ମୋବାଇଲ ଚୋରି ହେଉଥିବା ଜଣାପଡ଼ିଛି। ଏ ଦିଗରେ ପୋଲିସ ନଜର ଦୋବକୁ ଦାବି ହୋଇଛି।

### ବାଦୁଡ଼ି ଶିକାରବେଳେ ୩ ଗିରଫ

ଯାଜପୁରରୋଡ୍,୨୨।୯(ପବିତ୍ର ରଞ୍ଜନ ମହାନ୍ତି)

ପହଙ୍ଗାସ୍ଥିତ ଏକ ଗଛରୁ ବାଦୁଡ଼ି ଶିକାରବେଳେ ଯାଜପୁର ରୋଡ ବନ ବିଭାଗ ରେଞ୍ଜର ଜ୍ୟୋତିରଞ୍ଜନ ମହାପାତ୍ର ଚଢ଼ାଉ କରିଛନ୍ତି। ଚଢ଼ାଉ ସମୟରେ ୫ଟି ବାଦୁଡ଼ି ଜବତ କରିବା ସହିତ ସେଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି ଯାଜପୁର ରୋଡ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିବା ଶୁକ୍ରବାର ସନ୍ଧ୍ୟାରେ ରେଞ୍ଜର ମହାପାତ୍ର ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଶଙ୍ଖାଚିଲା ଅଞ୍ଚଳର ସନ୍ତୋଷ ଗୁରୁ, ସୋମନାଥ ଗୁରୁ ଓ ଚନ୍ଦ୍ରମଣି ଗୁରୁ। ଏନେଇ ବନ ବିଭାଗ ପକ୍ଷରୁ ନମ୍ବର ୫୭/୨୩ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ମହାପାତ୍ର କହିଛନ୍ତି। ଚଢ଼ାଉରେ ଫରେଷ୍ଟର ନୀଳିମାପ୍ରିୟଦର୍ଶିନୀ ନାୟକ, ବନ କର୍ମଚାରୀ ସରୋଜ ସ୍ୱରୂପ ନାୟକ ଓ ନିର୍ମଳ କୁମାର ମଲ୍ଲିକ ସାମିଲ ହେଇଥିଲେ।

# ବିଞ୍ଝାରପୁରରେ ବରୀ ଗୋଟି ଖେଳିପାରେ ବିଜେଡି

ଯାଜପୁର,୨୨।୯(ହର୍ଷବର୍ଦ୍ଧନ ବେହେରା)


ପ୍ରମିଳା ମଲ୍ଲିକ


ବବିତା ମଲ୍ଲିକ


କନକଲତା ମଲ୍ଲିକ


ମାମିନା ମଲ୍ଲିକ


ବନିତା ଦାସ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ବାଚସ୍ପତି ଭାବେ ମନୋନୀତ ହେବା ପରେ ଯାଜପୁର ଜିଲା ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରମିଳା ୬ଥର ଏହି ଆସନରୁ ବିଜୟୀ ହୋଇଛନ୍ତି। ତେବେ ଆଗାମୀ ସାଧାରଣ ନିର୍ବାଚନରେ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ଶୁଣିବାକୁ ମିଳୁଛି। ବାଚସ୍ପତି ହୋଇଥିବାରୁ ତାଙ୍କୁ ନିର୍ବାଚନ ପୂର୍ବରୁ ପ୍ରଚାର କରିବାରେ ଅଡୁଆ ହେବ ଏବଂ ଯୋଜନାବଦ୍ଧ ଭାବେ ତାଙ୍କ ରାଜନୈତିକ ପତିଆରାକୁ ହ୍ରାସ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ୨୦୧୯ରେ ବରୀ ନିର୍ବାଚନ ମଣ୍ଡଳୀରେ ଭାଜପା ସମର୍ଥିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ଦାସଙ୍କୁ ବିଜେଡି ଅଧିଗ୍ରହଣ କରି ବିଧାୟିକା ଭାବେ ପ୍ରାର୍ଥୀ କରି ସଫଳତା ପାଇଥିଲା। ଏଭଳି ଗୋଟି ଚାଳନାର ପୁନରାବୃତ୍ତି ବିଞ୍ଝାରପୁରରେ ବି ହୋଇପାରେ ବୋଲି କେତେଜଣ ସମୀକ୍ଷକ ମତ ଦେଇଛନ୍ତି।

୨୦୨୪ ବିଧାନସଭା ନିର୍ବାଚନକୁ ଆଖିଆଗରେ ରଖି ଘନ ଘନ ସଭା, ସମିତି ଓ ବୈଠକ ମାନ ଆୟୋଜିତ ହେଉଛି। ଏଥିରେ ଶାସକ ବିଜେଡ ଆଗରେ ଥିବାବେଳେ ବିରୋଧୀ ଭାଜପା ଓ କଂଗ୍ରେସ ଟିକେ ପଛରେ ପଡ଼ିଥିବା ମନେହେଉଛି। ୨୦୧୯ ନିର୍ବାଚନରେ ବିଜେଡି ସହିତ ଭାଜପାର କଡ଼ା ମୁକାବିଲା ହୋଇଥିଲା। ବିଞ୍ଝାରପୁରରେ ବିଜେଡିରୁ ପ୍ରମିଳା ମଲ୍ଲିକ ୭୯,୦୮୭ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପାରୁ ବବିତା ମଲ୍ଲିକ ୫୭,୮୬୧ ଭୋଟ ପାଇବାକୁ ସକ୍ଷମ ହୋଇଥିଲେ। ଆସନ୍ତା ନିର୍ବାଚନରେ ଟିକେଟ ପାଇବା ପାଇଁ ବିଜେଡିରୁ ବିଧାୟିକା ପ୍ରମିଳା ମଲ୍ଲିକ ଏକମାତ୍ର ଦାବିଦାର ରହି ଆସିଥିବାବେଳେ ବର୍ତ୍ତମାନ ବାଚସ୍ପତି ହେବାପରେ ପାଣି ଟିକେ ଗୋଳିଆ ହେଉଥିବା କୁହାଯାଇଛି। ତାଙ୍କୁ ଆସନ୍ତା ନିର୍ବାଚନରେ ବିଧାନସଭା ବଦଳରେ ଲୋକ ସଭାକୁ ପଠାଯିବା ପାଇଁ ଯୋଜନା ହେଉଥିବା ଆଲୋଚନା ହେଉଛି। ଏହାସହ ତାଙ୍କ ସ୍ଥାନରେ ଦଳ ପକ୍ଷରୁ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କିମ୍ବା ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି କୁହାଯାଉଛି।

ଅପରପକ୍ଷରେ ପ୍ରମୁଖ ବିରୋଧୀ ଦଳ ଭାଜପାରୁ ଏକାଧିକ ଆଶାୟୀ ଦଳ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଭାଜପାରୁ ବବିତାଙ୍କ ସମେତ ଅମିୟ ମଲ୍ଲିକ ମଧ୍ୟ ଆଶା ବାନ୍ଧିଛନ୍ତି। କଂଗ୍ରେସରୁ ବନିତା ଦାସ, କନକଲତା ମଲ୍ଲିକ, ମନୋରଞ୍ଜନ ଦାସ ପ୍ରମୁଖ ଟିକେଟ ଆଶାରେ ରହିଛନ୍ତି। ଅମିୟ ଗତ ନିର୍ବାଚନରେ ବିଧାନସଭା ଆସନ ପାଇଁ ଆଶାବାଦୀ ଥିବାବେଳେ ତାଙ୍କୁ ଲୋକ ସଭା ଟିକେଟ ଦିଆଯାଇଥିଲା। ମାତ୍ର ତାଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାଜୟର ମୁହଁ ଦେଖିବାକୁ ମିଳିଥିଲା। ତେଣୁ ସେ ଚଳିତ ଥର ବିଧାନସଭା ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ସେହିପରି ଗତ ୨ ଦଶନ୍ଧି ଧରି ବିଞ୍ଝାରପୁର ରାଜନୀତିରେ ସକ୍ରିୟ ଥିବା ବବିତା ମଲ୍ଲିକ ଗତ ନିର୍ବାଚନରେ ପ୍ରମିଳାଙ୍କୁ କଡ଼ା ଟକ୍କର ଦେଇଥିଲେ। ଏହାବାଦ ଗତ ୫ ବର୍ଷ ଧରି ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ରଖି ଆସୁଥିବା ଦେଖିବାକୁ ମିଳିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମର୍ଥନରେ ସେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ତୃଣମୂଳସ୍ତରରେ କର୍ମୀମାନଙ୍କୁ ଏକଜୁଟ କରିବାରେ ଆଗରେ ରହିଛନ୍ତି। ଅନ୍ୟପକ୍ଷେ ମନ୍ତ୍ରୀ ପ୍ରମିଳା ବାଚସ୍ପତି ହେବା ପରେ ଦଳୀୟ କାର୍ଯ୍ୟକ୍ରମରେ ସେତେଟା ସକ୍ରିୟ ହୋଇ ନ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାର ଫାଇଦା ନେବାକୁ ଭାଜପାର ବବିତା ସଜବାଜ ହେଉଥିବା ଶୁଣିବାକୁ ମିଳିଛି। ତେଣୁ ବବିତାଙ୍କ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ବିଜେଡି ୨୦୧୯ ବରୀ ନିର୍ବାଚନ ମଣ୍ଡଳୀ ଭଳି ଗୋଟି ଖେଳିପାରେ ବୋଲି ସନ୍ଦେହ କରାଯାଇଛି। ବବିତାଙ୍କୁ ବିଜେଡିରେ ମିଶାଇ ବିଧାୟିକା ଟିକେଟ ଦେବାକୁ ଯୋଜନା ହେଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ୨୦୧୯ରେ କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ମାତ୍ର ଆସନ୍ତା ନିର୍ବାଚନରେ ଦଳ ପକ୍ଷରୁ ବିଞ୍ଝାରପୁର ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷା କନକଲତା ମଲ୍ଲିକ ପ୍ରମୁଖ ଦାବିଦାର ରହିଥିବା କୁହାଯାଉଛି।


ବିଧାନସଭାର ନୂତନ ବାଚସ୍ପତି ପ୍ରମିଳା ମଲ୍ଲିକ ଶୁକ୍ରବାର ରାତିରେ ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

### ବରଯାତ୍ରୀ ଯିବାବେଳେ ବାଣ ଫୁଟାଇ ଯୁବକ ଗୁରୁତର

ମହାକାଳପଡ଼ା,୨୨।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଜମ୍ବୁ ଘାଟ ନିକଟରେ ଶୁକ୍ରବାର ରାତିରେ ଏକ ବାହା ଘର ରୋଷଣୀ ସମୟରେ ଜଣେ ଯୁବକ ବାଣ ଫୁଟାଉଥିବା ବେଳେ ତାହା ତାଙ୍କ ନିକଟରେ ଫୁଟି ଯିବାରୁ ସେ ଗୁରୁତର ହୋଇଛନ୍ତି। ସେ ହେଲେ କୋଲକତା ବୋନଗାଁର ସୌମେନ ମଣ୍ଡଳ(୨୨)। ସେ ମାମୁ ଘର ଖରନାସୀ ଅଞ୍ଚଳକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ। ରାତି ପ୍ରାୟ ୯ଟାରେ ଜମ୍ବୁ ଘାଟ ନିକଟରେ ବର ପହଞ୍ଚିବା ପରେ ସୌମେନ ଏକ ବାଣ ଫୁଟାଇବାକୁ ଯାଇଥିଲେ। ସେ ବାଣରେ ନିଆଁ ସଂଯୋଗ କରିବା ସମୟରେ ତାହା ପାଖରେ ଫୁଟି ଯାଇଥିଲା। ଏଥିରେ ସୌମେନଙ୍କ ତଣ୍ଟିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଫଳରେ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଅନ୍ୟ ବରଯାତ୍ରୀମାନେ ଚିକିତ୍ସା ପାଇଁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ନିଖୋଜ ଯୁବକଙ୍କ ମୃତଦେହ ଜବତ

ରସୁଲପୁର,୨୨।୯(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ଅଞ୍ଚଳର ଜାନୁ ଖାନ୍(୧୯)ଙ୍କ ମୃତଦେହ ଖରସ୍ରୋତା ନଦୀର ଟିକରପଡ଼ା ପଞ୍ଚାୟତ କୁଜିବର ଘାଟ ନିକଟରୁ ଶୁକ୍ରବାର ଜବତ କରାଯାଇଛି। କୁଆଖିଆ ପୋଲିସ ମୃତଦେହ ଜବତ କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଗୁରୁବାର ସକାଳେ ଜାନୁ ଶୌଚ ହେବାକୁ ଆସିଥିଲେ। ମାତ୍ର ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏହି ସମୟରେ ତାଙ୍କ ଜୋତା, ମୋବାଇଲ, ବସ୍ତ୍ର ଆଦି ସାମଗ୍ରୀ ନଦୀକୁଳରୁ ମିଳିଥିଲା। ତେଣୁ ସେ ନଦୀରେ ବୁଡି ଯାଇଥିବା ସନ୍ଦେହ କରାଯାଉ ଥିଲା। ଘଟଣା ସମ୍ପର୍କରେ ତାଙ୍କ ମା' ତାରା ବିବି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏଏସ୍ଆଇ ନରେନ କୁମାର ଦାସ ଘଟଣାର ତଦନ୍ତ କରୁଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୬/୨୩ ରୁଜୁ ହୋଇଛି।

### କୃଷି ବିଭାଗ ପକ୍ଷରୁ କ୍ଷେତ୍ର କର୍ମଚାରୀ ତାଲିମ ଶିବିର

ପଟ୍ଟାମୁଣ୍ଡାଇ,୨୨।୯ (କଳ୍ପତରୁ ନାୟକ)

ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ଆଧୁନିକ ଜ୍ଞାନକୌଶଳ ସହ ଯୋଜନା ପ୍ରସ୍ତୁତ କରି ଚାଲିଛନ୍ତି। କୃଷକ ସାଥୀ ସମେତ କୃଷି ବିଭାଗ କ୍ଷେତ୍ରକର୍ମଚାରୀମାନେ ସରକାରଙ୍କ କୃଷକ କଲ୍ୟାଣ ଯୋଜନାକୁ ସଫଳ କରିବାକୁ ଅତିରିକ୍ତ ଜିଲା କୃଷି କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ଯୋଗ ଦେଇ ବିଭାଗୀୟ ଅଧିକାରୀ ଓ ତାଲିମଦାତାମାନେ ପ୍ରକାଶ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା କୃଷି ଅଧିକାରୀ ଡ. ମନୋଜ କୁମାର ଚାନ୍ଦ, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲା କୃଷି ଅଧିକାରୀ ସୁକାନ୍ତୀ ସାମଲ, କେନ୍ଦ୍ରାପଡ଼ା ଏଡିଏସ ଅଶୋକ ସାମଲ, ପଟ୍ଟାମୁଣ୍ଡାଇ ଅତିରିକ୍ତ କୃଷି ଜିଲା ଅଧିକାରୀ ଦ୍ୱିଜବର ସେଠୀ, ପାରାଦୀପ ଇଫ୍କୋ କ୍ଷେତ୍ର ପରିଚାଳକ କୂଳମଣି ମାଝି ପ୍ରମୁଖ ଯୋଗଦେଇଥିଲେ। ସେମାନେ ଆଧୁନିକ ଜ୍ଞାନକୌଶଳ ଓ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ କୃଷକମାନେ ଅଧିକ ଫସଲ ଅମଳ କରି ନିଜକୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିପାରିବେ। ଏ ଦିଗରେ କାର୍ଯ୍ୟ କରିବାକୁ କୃଷି ବିଭାଗ କର୍ମଚାରୀଙ୍କୁ ପରାମର୍ଶ ଦେବା ସହିତ ଉପଯୁକ୍ତ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗଗନ ଲେଙ୍କା, ପଙ୍କଜ ମଲ୍ଲିକ, ଜଗନ୍ନାଥ ବିଶ୍ୱାଳ ଓ ସତ୍ୟବ୍ରତ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# କୃଷି ବିଭାଗର 'ରୋଡ୍ ଶୋ'




ଯାଜପୁର ଟାଉନ,୨୨।୯
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

କୃଷି ବିଭାଗ ପକ୍ଷରୁ ଫସଲ ବିବିଧକରଣ ଯୋଜନାର ବହୁମୁଖୀ ଉପକାରିତା ବିଷୟରେ ଶୁକ୍ରବାର ଯାଜପୁର ବ୍ଲକ୍ ଅଧୀନ ସୁଜନପୁରଠାରେ ଏକ ବିଶାଳ ପଥ ପ୍ରଦର୍ଶନ (ରୋଡ-ଶୋ) ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରାୟୋଜିତ ଏବଂ ଏହି ଯୋଜନାର ରୂପାୟନ ଦାୟିତ୍ୱରେ ଥିବା ସୁଗମକାରୀ ସଂସ୍ଥା 'ଆଦର୍ଶ ଓଡିଶା ଫାଉଣ୍ଡେଶନ' ଦ୍ୱାରା ଆୟୋଜିତ ଏହି ପଥ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ସୁଜନପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼, ଫସଲ ବିବିଧକରଣ ଯୋଜନାର ଜିଲା ମୁଖ୍ୟ ପରିଚାଳକ ଶ୍ୱେତେଞ୍ଜୟ ଦାସ, ଜିଲା ଆତ୍ମା ସଭାପତି ଗଣେଶ ଚନ୍ଦ୍ର ମହାକୁଡ଼, ସମିତି ସଭ୍ୟ ନାରାୟଣ ଜେନା ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସୁଜନପୁର, ରୁଦ୍ରପୁର ଓ ଛତିଶଦେବିଲ ପଞ୍ଚାୟତରୁ ଅନେକ ଚାଷୀ ଏହି ରୋଡ-ଶୋରେ ଯୋଗଦେଇଥିଲେ। ଚାଷୀମାନେ ଉଚ୍ଚ ଓ ମଧ୍ୟମ ଜମିରେ ଅଣଧାନ ଚାଷ ତଥା ଡାଲି ଜାତୀୟ, ପନିପରିବା, ତୈଳବୀଜ ଓ ପୁଷ୍ଟି ଶସ୍ୟ ଜାତୀୟ ଫସଲ କରି ନିଜର ଆୟକୁ ବହୁଗୁଣିତ କରିବା ସହିତ ଜମି ମାଟିର ଉର୍ବରତା ବୃଦ୍ଧି, ଜଳର ନିୟନ୍ତ୍ରିତ ବ୍ୟବହାର, ଜଳବାୟୁ ସହଣୀ ଓ ଅଳ୍ପ ଅବଧି ଫସଲ ଉତ୍ପାଦନ, ଉନ୍ନତ ପ୍ରଣାଳୀରେ ଜୈବିକ ପଦ୍ଧତିରେ ବିଷମୁକ୍ତ ଚାଷ କରିପାରିବେ। ଚାଷ ପାଇଁ ବିନା ମୂଲ୍ୟରେ ତାଲିମ, ନିଜ ଉତ୍ପାଦର ଠିକ ଭାବେ ସଂରକ୍ଷଣ, ପ୍ରକ୍ରିୟାକରଣ, ଅଧିକ ଲାଭ ଜଣକ ମୂଲ୍ୟରେ ବିକ୍ରି ପାଇଁ ବଜାର ସଯୋଗ କରଣ ଆଦି ବହୁ ସୁବିଧା ପ୍ରାପ୍ତ କରିପାରିବେ। ଆହୁରି ମଧ୍ୟ ଏହି ଯୋଜନାରେ ଚାଷ କରି ତିନି ବର୍ଷ ପର୍ଯ୍ୟନ୍ତ କୃଷକମାନେ ସରକାରଙ୍କଠାରୁ ସିଧା ନିଜ ବ୍ୟାଙ୍କ ଖାତାରେ ଡିବିଟି ମାଧ୍ୟମରେ ପ୍ରୋତ୍ସାହନ ରାଶି ପାଇପାରିବେ। ଗତବର୍ଷ ଖରିଫ ଋତୁଠାରୁ ଯାଜପୁର-ବରୀ କ୍ଲଷ୍ଟରରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ସାମିଲ ହୋଇ ୧୫ ପଞ୍ଚାୟତର ୨ହଜାରରୁ ଅଧିକ ଚାଷୀ ପରିବାର ଲାଭବାନ ହୋଇଥିବା ବେଳେ ଏ ବର୍ଷ ଏହି ସଂଖ୍ୟା ୩ ହଜାର ଟପିବ ବୋଲି ଆଦର୍ଶ ଓଡିଶାର ସମ୍ପାଦକ କାହ୍ନୁଚରଣ ବେହୁରା ଜଣାଇଛନ୍ତି।

# ଭାଜପା କର୍ମୀ ବିଜେଡିରେ ସାମିଲ

କଳିଙ୍ଗନଗର,୨୨।୯(ଶୁଭାଶିଷ ରାଉତ)

ଦାନଗଦି ବିଜେଡି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକିନ୍ଦା ବ୍ଲକ ରାଓଶୋଳ ପଞ୍ଚାୟତ କାକୁଡ଼ିଆ ଗ୍ରାମର ମଙ୍ଗଳ ତିରିଆ, ମାଣିକ ହେମ୍ବ୍ରମ, ଭଗବାନ ପ୍ରଧାନ, ଲକ୍ଷ୍ମଣ ତିରିଆ, ବିଜୟ ପାଇପେଇ, ଜିତେନ ହେମ୍ବ୍ରମ, ଭରତ ତାମସଏ, ରୋହିତ ତାମସଏ ଓ ମକଲ ଚାମ୍ପିଆଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଦଳ ଛାଡ଼ି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଘଡ଼ାଇ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଏବଂ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କ କାର୍ଯ୍ୟଦକ୍ଷତାରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଏହି ମିଶ୍ରଣପରେ ପୂର୍ବରୁ ରାଓଶୋଳ ପଞ୍ଚାୟତରେ ବିଜେଡି ସଙ୍ଗଠନ ଯାହାଥିଲା ଏବେ ତାହା ଦ୍ୱିଗୁଣିତ ହେବ ବୋଲି ଜିଲା ପରିଷଦ ସଭ୍ୟା ଜେମା ଚାଖି କହିଛନ୍ତି। ଏହି ମିଶ୍ରଣ ପର୍ବରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱଜିତ ମହାନ୍ତି, ପଞ୍ଚାୟତ ସଭାପତି ଓ ଯୁବ ସଭାପତିମାନେ ଉପସ୍ଥିତି ଥିଲେ।


ବିଜେଡିରେ ସାମିଲ ହୋଇଥିବା ଭାଜପା କର୍ମୀମାନେ।

# ଫାଟକ ନିର୍ମାଣ ଦାବିରେ ଆନ୍ଦୋଳନ

ରସୁଲପୁର,୨୨।୯(ରଂଜିତ ରାଉତ)

ରସୁଲପୁର ବ୍ଲକ ଅଧୀନ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ଖଇରାବାଦ-ମୁଗୁପାଳଠାରେ ୟୁନିଫର୍ମ ପରିଧାନ ଓ ଫାଟକ ନିର୍ମାଣକୁ ନେଇ ଶୁକ୍ରବାର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ବିଦ୍ୟାଥୀ କଲେଜ ଫାଟକ ନିର୍ମାଣ ଦାବିରେ ଟାୟାରଜାଳି କଲେଜ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଫାଟକ ନିର୍ମାଣ ପାଇଁ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର ବିଦ୍ୟାର୍ଥୀଙ୍କୁ ବୁଝାଇବା ପରେ ଆନ୍ଦୋଳନ ପ୍ରଶମିତ ହୋଇଛି।


ବିଦ୍ୟାର୍ଥୀମାନେ ଟାୟାରଜାଳି କଲେଜ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

କେତେଜଣ ଛାତ୍ର ବିନା ୟୁନିଫର୍ମରେ କଲେଜକୁ ଆସୁଥିଲେ। ଏହାକୁ ନେଇ କଲେଜର ଶୃଙ୍ଖଳା କମିଟି (ଅଧ୍ୟାପକମାନଙ୍କୁ ନେଇ ଗଠିତ) ଅସନ୍ତୋଷ ପ୍ରକାଶ କରିଥିଲା। କମିଟିର ସଦସ୍ୟମାନେ ଏ ଦିଗରେ କଲେଜର ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ କଲେଜ ଅଧ୍ୟକ୍ଷ ଚଳିତ ମାସ ୧୫ ତାରିଖରେ ଏକ ନୋଟିସ ଜାରି କରିଥିଲେ। ନୋଟିସରେ ପ୍ରତ୍ୟେକ ପିଲା କଲେଜକୁ ୟୁନିଫର୍ମ ପିନ୍ଧି ଆସିବାକୁ ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଶୁକ୍ରବାରଠାରୁ ଏହାକୁ କଡ଼ାକଡ଼ି ଲାଗୁ କରାଯିବା ସହ ପିଲାଙ୍କ ୟୁନିଫର୍ମ ଓ ଆଇକାର୍ଡ ଯାଞ୍ଚ କରାଯାଇଥିଲା। ଫଳରେ ଏହାକୁ ନେଇ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିନା ୟୁନିଫର୍ମରେ ପିଲା ଆସୁଥିବାରୁ ଅଣଛାତ୍ରମାନେ କଲେଜ କ୍ୟାମ୍ପସ୍‌ରେ ପ୍ରବେଶ କରି ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ବିଦ୍ୟାର୍ଥୀ ୟୁନିଫର୍ମ ପିନ୍ଧି ଆସିଲେ ବାହାର ପିଲା କଲେଜରେ ପ୍ରବେଶ ଉପରେ ରୋକ ଲଗାଯାଇ ପାରିବା ଉଦ୍ଦେଶ୍ୟରେ କଲେଜ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ପିଲାମାନଙ୍କୁ ବୁଝା ଯାଇଥିଲା। ମାତ୍ର ପିଲାମାନେ ଏଥିରେ ରାଜି ନ ହୋଇ

**ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ**

■ ୟୁନିଫର୍ମ ଓ ପରିଚୟପତ୍ର ବାଧ୍ୟତାମୂଳକ କରାଯିବାରୁ ତାତିଲେ ବିଦ୍ୟାର୍ଥୀ

ପ୍ରତିକ୍ରିୟାଶୀଳ ହୋଇ ପଡିଥିଲେ। ଫାଟକ ନ ଥିବାରୁ ବାହାର ପିଲା କଲେଜ ଭିତରକୁ ପସି ଆସୁଛନ୍ତି ବୋଲି କହି ଟାୟାର ଜାଳି ପ୍ରତିବାଦ କରିଥିଲେ।

ପ୍ରତିବାଦକୁ ପ୍ରଶମିତ କରିବା ପାଇଁ ଅଧ୍ୟାପିକା/ଅଧ୍ୟାପକ ସର୍ବୋପରି କଲେଜର ଅଧ୍ୟକ୍ଷଙ୍କୁ ଘଣ୍ଟାଏରୁ ଉର୍ଦ୍ଧ୍ୱ କସରତ କରିବାକୁ ପଡିଥିଲା। କଲେଜର ପାଚେରି ଓ ଗେଟ୍ ନିର୍ମାଣ ପାଇଁ ଉଚ୍ଚ ଶିକ୍ଷା ବିଭାଗ ଅନୁଦାନରୁ ୧୦ଲକ୍ଷ ଟଙ୍କା ଆସିଥିଲା। ଉକ୍ତ ଅର୍ଥକୁ ରସୁଲପୁର ବ୍ଲକକୁ ହସ୍ତାନ୍ତର କରି ଦିଆଯାଇଥିଲା। ବ୍ଲକ ପକ୍ଷରୁ ଠିକାଦାର ନିଯୁକ୍ତ କରାଯାଇ କଲେଜର ପାଚେରି ଓ ଫାଟକ ନିର୍ମାଣ ଉଦ୍ଦେଶ୍ୟରେ ପୁରୁଣା ଫାଟକ ଭାଙ୍ଗି ଦିଆଯାଇଥିଲା। ନୂତନ ପାଚେରି ନିର୍ମାଣ ହୋଇଥିଲା, ମାତ୍ର ଫାଟକ ନିର୍ମାଣ ନ କରି ଠିକାଦାର କାମ ସାରି ଦେଇଥିଲୋ। ୧୦ ଲକ୍ଷ ଟଙ୍କା ମଧ୍ୟରୁ ସାଢେ ୬ଲକ୍ଷ ଟଙ୍କାରେ ପାଚେରି ନିର୍ମାଣ ଓ ସାଢେ ୩ଲକ୍ଷ ଟଙ୍କାରେ ମ୍ୟାଥ୍ ଲ୍ୟାବ ନିର୍ମାଣରେ ବିନିଯୋଗ କରାଯାଇଛି ବୋଲି ଦର୍ଶାଇଥିଲେ। ହେଲେ ଭଙ୍ଗା ଯାଇଥିବା ଫାଟକ ନିର୍ମାଣ ହୋଇପାରି ନ ଥିଲା। ତଦ୍‌ନୁଯାଇ କଲେଜ ପ୍ରଶାସନ ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗକୁ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅର୍ଥ ନ ଥିବାରୁ ଫାଟକ ନିର୍ମାଣ ସମ୍ଭବପର ହୋଇପାରୁ ନାହିଁ ବୋଲି ଆନ୍ଦୋଳନରତ ବିଦ୍ୟାର୍ଥୀମାନଙ୍କୁ କଲେଜ ପକ୍ଷରୁ ସୂଚନା ଦିଆଯାଇଥିଲା। ପିଲାମାନେ ଆନ୍ଦୋଳନକୁ ନେଇ ଆଗୁଆ କୌଣସି ସୂଚନା ଦେଇ ନ ଥିଲେ କି କଲେଜର ଫାଟକ ନିର୍ମାଣ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ନ ଥିଲେ। ୟୁନିଫର୍ମ ଯାଞ୍ଚ କରାଯିବାରୁ ପିଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକଟିତ ହୋଇଥିଲା। ଏଥିରୁ ଦୃଷ୍ଟି ହଟାଇବା ପାଇଁ ପିଲାମାନେ କଲେଜର ଫାଟକକୁ ଆଳକରି ଟାୟାର ଜାଳି ପ୍ରତିବାଦ କରିଥିଲେ। ଅଧ୍ୟକ୍ଷ କର ଜୁଲାଇରୁ ଦାୟିତ୍ୱ ତୁଲାଉଛନ୍ତି। କଲେଜର ପାଚେରି, ଲ୍ୟାବ୍ ଆଦି ନିର୍ମାଣ କାର୍ଯ୍ୟ ସେ ଦାୟିତ୍ୱ ନେବା ପୂର୍ବରୁ ସମ୍ପନ୍ନ ହୋଇଥିଲା। ତା'ର ବିନିଯୋଗ ପ୍ରମାଣପତ୍ର ଦିଆସରିଥିଲା। ଏବେ ପାଚେରି ନିର୍ମାଣ ପାଇଁ କଲେଜରେ ଅର୍ଥର ଆବଶ୍ୟକତା ଅଛି। ଅର୍ଥ ମଞ୍ଜୁର ହେବାପରେ ଯାଇ ଫାଟକ ନିର୍ମାଣ ହେବ ବୋଲି ଅଧ୍ୟକ୍ଷ କର ସୂଚନା ଦେଇଛନ୍ତି।

# ଆଦର୍ଶ ଗ୍ରାମ୍ୟ ଯୋଜନା କାମରେ ଅନିୟମିତତା

- ନିମ୍ନମାନର କାମ ଦର୍ଶାଇ ବିରୋଧ
- କାମ ବନ୍ଦ କଲେ ଗ୍ରାମର ଶତାଧିକ ମହିଳା

ରାଜକନିକା, ୨୨।୯ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ପଞ୍ଚାୟତ ସମିତି ଅଧୀନ ପେଗରପଡ଼ା ପଞ୍ଚାୟତ ବଳିଭଣ୍ଡା ଗ୍ରାମରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଅନ୍ତର୍ଗତ ବିକାଶମୂଳକ କାମରେ ଅନିୟମିତତା ହୋଇଛି। ସରପଞ୍ଚ ଓ ସମିତିସଭ୍ୟଙ୍କ ଅଗୋଚରରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତରବରିଆ ଭାବେ ନିଜ ନାମରେ କାର୍ଯ୍ୟାଦେଶ ଆଣି ନିମ୍ନମାନର କାମ କରୁଛନ୍ତି। ତରବରିଆ ଭାବେ ବିଲ କରାଇ ଅନୁଦାନ ଚଳୁ କରିବାର ମସୁଧା କରାଯାଉଛି ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ବଳିଭଣ୍ଡା ଗ୍ରାମର ଶତାଧିକ ମହିଳା କାମ ବନ୍ଦ କରିଛନ୍ତି। ଫଳରେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ନିୟମାନୁଯାୟୀ ଶତକଡା ୬୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଲୋକମାନେ ବସବାସ କରୁଥିବା ଗାଁକୁ ଆଦର୍ଶ ଗାଁର ମାନ୍ୟତା ମିଳିବ। ଏହି ପରିପ୍ରେକ୍ଷୀରେ


ଗାର୍ଡ ୱାଲକୁ ଜଣେ ମହିଳା ବେଲଚା ଯୋଗେ ତାଡୁଛନ୍ତି।


ବଳିଭଣ୍ଡା ଗାଁରେ ଦୁଇଗୋଷ୍ଠୀ ମଧ୍ୟରେ କଥା କଟାକଟି ଚାଲିଛି।

ରାଜକନିକା ବ୍ଲକର ଏକମାତ୍ର ଗାଁ ବଳିଭଣ୍ଡାକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିପାଇଁ ଗାଁର ବିକାଶ କାମ ଆରମ୍ଭ କରାଯାଇଛି। ଗାଁର ବିକାଶ ମୂଳକ କାମ ପାଇଁ ୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ କରାଯିବାର ବ୍ୟବସ୍ଥା ଅଛି। ହେଲେ ବିଭାଗୀୟ ଯନ୍ତ୍ରୀ ପଞ୍ଚାୟତ ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲିକ ଓ ସମିତିସଭ୍ୟ ପ୍ରବେଶନ ମଲିକଙ୍କୁ ଆଢୁଆଳରେ ରଖି ମନଇଚ୍ଛା କାମ କରୁଛନ୍ତି। ନିମ୍ନମାନର କାମ କରି ସେମାନେ ବିଲ୍ ଉଠାଇ ନେବାର ମସୁଧା କରୁଥିବା ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗାଁର ଏକ ଗୋଷ୍ଠୀଙ୍କ ବଳିଭଣ୍ଡା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ରାଜକନିକା ଥାନା ଅଧିକାରୀ ଦିଲୀପ କୁମାର ଧଳ ଗାଁରେ ଉତ୍ତେଜନା ପ୍ରଶମିତ କରିବା ପାଇଁ କାମ ବନ୍ଦ କରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଏପରିକି ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ହେଲେ ବିଡିଓ କୌଣସି ପଦକ୍ଷେପ ନେଇ ନ ଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ନାହିଁ। ଭଲ ବାଲି ପରିବର୍ତ୍ତେ ଧସାବାଲିରେ କାମ କରାଯାଇଥିବାରୁ ଢଳେଇ ଉଠିଯାଉଛି। ଏମିତିକି ୨ ଦିନ ପୂର୍ବେ ହୋଇଥିବା ଗାର୍ଡୱାଲ୍ ଭାଙ୍ଗି ଯାଇଛି। ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଶୁକ୍ରବାର କାମ ଆରମ୍ଭ ହୋଇଥିଲା। ଏହି ସମୟରେ ଗାଁର ଶତାଧିକ ମହିଳା ପହଞ୍ଚି କାମ ବନ୍ଦ କରିବାକୁ କହିଥିଲେ। ହେଲେ ଠିକାଦାର କୌଣସି କଥା ନ ଶୁଣି ନ ଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ମହିଳାମାନେ କାର୍ଯ୍ୟ ବନ୍ଦ ପାଇଁ ଜିଦ୍ ଧରି ବସିଥିଲେ। ଏପରିକି ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ନ ଥାଇ କି ଭଳି କାମ ହେଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏପରି ଉତ୍ତେଜନା ଦେଖି ଠିକାଦାର କାମ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। ଏ ସଂକ୍ରାନ୍ତରେ ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ପାତ୍ର କହିଛନ୍ତି, ମୁଁ ଘଟଣା ସ୍ଥଳ ପରିଦର୍ଶନ କରିଛି। ସେଠାରେ ଫଳକ ଲଗାଯାଇଛି। କାମ ଠିକ୍ ଭାବେ ହେବ ବୋଲି କହିଛନ୍ତି। ବିଡିଓ ରବିନାରାୟଣ ଆଚାର୍ଯ୍ୟ କହିଛନ୍ତି ମୁଁ କାମ ତଦାରଖ ପାଇଁ ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ଯିବାପାଇଁ କହିଥିଲି। ଯଦି ଠିକ୍ ଭାବେ କାମ କରା ନ ଯାଇଛି ବିଲ୍ କରାଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ବରଯାତ୍ରୀ ଯିବାବେଳେ ବାଣ ଫୁଟାଇ ଯୁବକ ଗୁରୁତର

ମହାକାଳପଡ଼ା, ୨୨।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଜମ୍ବୁ ଘାଟ ନିକଟରେ ଶୁକ୍ରବାର ରାତିରେ ଏକ ବାହା ଘର ରୋଷଣୀ ସମୟରେ ଜଣେ ଯୁବକ ବାଣ ଫୁଟାଉଥିବା ବେଳେ ତାହା ତାଙ୍କ ନିକଟରେ ଫୁଟି ଯିବାରୁ ସେ ଗୁରୁତର ହୋଇଛନ୍ତି। ସେ ହେଲେ କୋଲକତା ବୋନଗାଁର ସୌମେନ ମଣ୍ଡଳ(୨୨)। ସେ ମାମୁ ଘର ଖରନାସୀ ଅଞ୍ଚଳକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲେ। ରାତି ପ୍ରାୟ ୯ଟାରେ ଜମ୍ବୁ ଘାଟ ନିକଟରେ ବର ପହଞ୍ଚିବା ପରେ ସୌମେନ ଏକ ବାଣ ଫୁଟାଇବାକୁ ଯାଇଥିଲେ। ସେ ବାଣରେ ନିଆଁ ସଂଯୋଗ କରିବା ସମୟରେ ତାହା ପାଖରେ ଫୁଟି ଯାଇଥିଲା। ଏଥିରେ ସୌମେନଙ୍କ ତଣ୍ଟିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଫଳରେ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଅନ୍ୟ ବରଯାତ୍ରୀମାନେ ଚିକିତ୍ସା ପାଇଁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### କୃଷି ବିଭାଗ ପକ୍ଷରୁ କ୍ଷେତ୍ର କର୍ମଚାରୀ ତାଲିମ ଶିବିର

ପଟ୍ଟାମୁଣ୍ଡାଇ, ୨୨।୯ (କଳ୍ପତରୁ ନାୟକ)

ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ଆଧୁନିକ ଜ୍ଞାନକୌଶଳ ସହ ଯୋଜନା ପ୍ରସ୍ତୁତ କରି ଚାଲିଛନ୍ତି। କୃଷକ ସାଥୀ ସମେତ କୃଷି ବିଭାଗ କ୍ଷେତ୍ରକର୍ମଚାରୀମାନେ ସରକାରଙ୍କ କୃଷକ କଲ୍ୟାଣ ଯୋଜନାକୁ ସଫଳ କରିବାକୁ ଅତିରିକ୍ତ ଜିଲା କୃଷି କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ଯୋଗ ଦେଇ ବିଭାଗୀୟ ଅଧିକାରୀ ଓ ତାଲିମଦାତାମାନେ ପ୍ରକାଶ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା କୃଷି ଅଧିକାରୀ ଡ. ମନୋଜ କୁମାର ଚାନ୍ଦ, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲା କୃଷି ଅଧିକାରୀ ସୁକାନ୍ତି ସାମଲ, କେନ୍ଦ୍ରାପଡ଼ା ଏଡିଏସ ଅଶୋକ ସାମଲ, ପଟ୍ଟାମୁଣ୍ଡାଇ ଅତିରିକ୍ତ କୃଷି ଜିଲା ଅଧିକାରୀ ଦ୍ୱିଜବର ସେଠୀ, ପାରାଦୀପ ଇଫ୍‌କୋ କ୍ଷେତ୍ର ପରିଚାଳକ କୃଳମଣି ମାଝି ପ୍ରମୁଖ ଯୋଗଦେଇଥିଲେ। ସେମାନେ ଆଧୁନିକ ଜ୍ଞାନକୌଶଳ ଓ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ କୃଷକମାନେ ଅଧିକ ଫସଲ ଅମଳ କରି ନିଜକୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିପାରିବେ। ଏ ଦିଗରେ କାର୍ଯ୍ୟ କରିବାକୁ କୃଷି ବିଭାଗ କର୍ମଚାରୀଙ୍କୁ ପରାମର୍ଶ ଦେବା ସହିତ ଉପଯୁକ୍ତ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗଗନ ଲେଙ୍କା, ପଙ୍କଜ ମଲ୍ଲିକ, ଜଗନ୍ନାଥ ବିଶ୍ୱାଳ ଓ ସତ୍ୟବ୍ରତ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ଖୋଲାରେ ପେଟ୍ରୋଲ, ଡିଜେଲ ବିକ୍ରି: ବିପଦକୁ ଆମନ୍ତ୍ରଣ

ପଟ୍ଟାମୁଣ୍ଡାଇ, ୨୨।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ବଜାର ସମେତ ଗାଁ ଗହଳିର ଅଧିକାଂଶ ପାନ, ତେଜରାତି ଦୋକାନରେ ବିନା ଲାଇସେନ୍ସରେ ପେଟ୍ରୋଲ, ଡିଜେଲ ବେଆଇନ ଭାବେ ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। କାରଣ ପାନ ଓ ତେଜରାତି ଦୋକାନରେ ଲୋକେ ବିଡି ସିଗାରେଟ ଜଳାଇଥାନ୍ତି। ଯାହାକି ବିପଦକୁ ଆମନ୍ତ୍ରଣ କରୁଛି।

ସାମାଜିକ କର୍ମୀ ରବିନାରାୟଣ ଭଞ୍ଜ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳର ମୁଖ୍ୟ ରାସ୍ତାପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ବେଆଇନ ଭାବେ ପେଟ୍ରୋଲ ବିକ୍ରି ହେଉଛି। ଅତ୍ୟନ୍ତ ଦହନଶୀଳ ପେଟ୍ରୋଲ ଓ ଡିଜେଲ ଖୋଲାରେ ରଖାଯାଉଥିବା ଦେଖିବାକୁ ମିଳୁଛି। ଫଳରେ କେତେବେଳେ ଯେ ଦୁର୍ଘଟଣା ଘଟିବ ଏଥିରେ ସନ୍ଦେହ ନାହିଁ। ଏ ଦିଗରେ ଯୋଗାଣ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଏସବୁ ସାମଗ୍ରୀର ବିକ୍ରି ନେଇ କେବେ ବିଭାଗୀୟ କର୍ମଚାରୀ ତଦାରଖ କରୁନାହାନ୍ତି। ଏଭଳି ବ୍ୟବସାୟରେ ଲିପ୍ତ ରହୁଥିବା ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ବୁଦ୍ଧିଜୀବୀ ପ୍ରମୋଦ ସାହୁ କହିଛନ୍ତି, ବଜାରରେ ଗୋଟିଏ ପଟେ ତୈଳ ଦର ଉଚ୍ଚା ରହିଥିବା ବେଳେ ଏହାର ଭରପୂର ଫାଇଦା ଉଠାଉଛନ୍ତି କିଛି ମୁନାଫାଖୋର ଓ ଅସାଧୁ ବ୍ୟବସାୟୀ। ଏଭଳି ବ୍ୟବସାୟୀ ପେଟ୍ରୋଲ ପମ୍ପରୁ ପେଟ୍ରୋଲ, ଡିଜେଲ ଆଣିବା ପରେ ଏଥିରେ ବିଭିନ୍ନ ପ୍ରକାର ରାସାୟନିକ


ପଟ୍ଟାମୁଣ୍ଡାଇର ଏକ ପାନଦୋକାନରେ ପେଟ୍ରୋଲ ବିକ୍ରି କରାଯାଉଛି।

### ପଟ୍ଟାମୁଣ୍ଡାଇରେ ପାନ, ତେଜରାତି ଦୋକାନରେ ରହୁଛି ଗଚ୍ଛିତ

ଯେପରି କିରୋସିନ, ମୋବିଲ ଆଦି ମିଶାଇ ଏହାକୁ ପ୍ରକୃତ ତୈଳ ଦରଠାରୁ ୧୦ରୁ ୨୦ ଟଙ୍କା ଅତିରିକ୍ତ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇର ବିଭିନ୍ନ ଛକରେ ଥିବା ପାନ ଦୋକାନ, ଅଣ୍ଡା ଦୋକାନ ଓ ଅନ୍ୟ କିଛି ହାର୍ଡୱେର ଓ ରାଶନ ଦୋକାନରେ ପେଟ୍ରୋଲ ବିକ୍ରି ବେଧଡ଼କ ଚାଲିଛି। ଏକ ଲିଟର ଖାଲିଥିବା ପାଣି ବୋତଲରେ ଭର୍ତ୍ତିଥିବା ୯୦୦ରୁ ୯୫୦ ଗ୍ରାମ୍ ପେଟ୍ରୋଲକୁ ୧ ଲିଟର ଦାମ ଦର୍ଶାଇ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଜଣେ ଗାଡ଼ି ଚାଳକ ଅଲେଖ ମଲିକ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ କେବଳ ୪ଟି ପେଟ୍ରୋଲ ପମ୍ପ ରହିଛି। ପଟ୍ଟାମୁଣ୍ଡାଇ-କେନ୍ଦ୍ରାପଡ଼ା ରାସ୍ତା ପୋହଳ ପର୍ଯ୍ୟନ୍ତ ୩ଟି ଟାଙ୍କି ଥିବାବେଳେ ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ଗୋଟିଏ ପେଟ୍ରୋଲ ପମ୍ପ ରହିଛି। ଏପରିସ୍ଥଳେ ଯଦି କୌଣସି ଗାଡ଼ି ଚାଳକଙ୍କ ପେଟ୍ରୋଲ ସରି ଯାଉଛି, ତେବେ ସେହି ଗ୍ରାହକଙ୍କୁ ବାଧ୍ୟବାଧକତାରେ ଖୋଲା ବଜାରରୁ ତେଲ ଭର୍ତ୍ତି କରିବାକୁ ପଡୁଛି। ମାତ୍ର ଏହି ତେଲ କିଛି ମାତ୍ରାରେ ଅପମିଶ୍ରଣ ଓ ଭେଜାଲ ବୋଲି ଗ୍ରାହକ ଜଣଙ୍କ ଠିକ୍ ରୂପେ ନ ଜାଣିବାରୁ ଠକାମିର ଶିକାର ହେବାକୁ ପଡୁଛି ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇର ବିଭିନ୍ନ ଛକରେ ଥିବା ପାନ ଦୋକାନଗୁଡ଼ିକରେ ବିପଦପୂର୍ଣ୍ଣ ଭାବେ ପେଟ୍ରୋଲ ବିକ୍ରି ହେଉଛି। ଅତ୍ୟନ୍ତ ଜ୍ୱଳନଶୀଳ ଏହି ପେଟ୍ରୋଲ ଓ ଡିଜେଲ ଖୋଲାରେ ରଖାଯାଉଥିବା ଦେଖିବାକୁ ମିଳୁଛି। ପାନ ଦୋକାନରେ ସାଧାରଣତଃ ବିଡି, ସିଗାରେଟ୍ ଲୋକେ ଲଗାଉଥିବା ବେଳେ କେତେବେଳେ ଯେ ଦୁର୍ଘଟଣା ନ ଘଟିବ କେହି କହିପାରିବେ ନାହିଁ। କିଛିବର୍ଷ ତଳେ ପଟ୍ଟାମୁଣ୍ଡାଇ ପୋଲ ନିକଟରେ ପେଟ୍ରୋଲ ବିକ୍ରି କରୁଥିବା ଏକ ଦୋକାନରେ ନିଆଁ ଲାଗି ବହୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ବେଳେ ଜଣେ ଜୀବନ୍ତଦଗ୍ଧ ହୋଇଥିଲେ। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଅଙ୍କୁଶ ଲଗାଇବାକୁ ତୈଳ ବିଭାଗ ସେଲ୍ସ ଅଫିସରଙ୍କ ସହିତ ଯୋଗାଯୋଗ କରିବୁ। ଏଥିସହ ଆମ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ପ୍ରତିଯୋଗିତା ପିଲାଙ୍କ ମନୋଭାବ ବଢ଼ାଇଥାଏ

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ୯ମ ବାର୍ଷିକ ପ୍ରତିଷ୍ଠା ଦିବସ

ଜଗତ୍‌ସିଂହପୁର, ୨୨।୯ (ପ୍ରମୋଦ କୁମାର ନାୟକ)

ପ୍ରତିଯୋଗିତା ପ୍ରତ୍ୟେକଙ୍କ କ୍ଷେତ୍ରରେ ଉନ୍ନତିର ରାସ୍ତା ଦେଖାଇଥାଏ। ବିଶେଷ କରି ପିଲାମାନଙ୍କ କ୍ଷେତ୍ରରେ ଏହି ପ୍ରତିଯୋଗିତା ମନୋଭାବ ବଢ଼େଇବା ସହ ନିଜର ଭବିଷ୍ୟତ ନିର୍ଦ୍ଧାରଣରେ ସହାୟତା କରିଥାଏ। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଜିଲାସ୍ତରୀୟ ୯ମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ପାରୁଲ ପଟାୱରୀ ଏହା କହିଥିଲେ। ଉତ୍ସବ ନେଇ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସଂସ୍କୃତି ଭବନ ପରିସରରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ୧୧ଟି ପ୍ରତିଯୋଗିତା ଯଥା ତର୍କ, ରଚନା ଲିଖନ, କିଇଜ, ଚିତ୍ରାଙ୍କନ, ବାଗ୍ମିତା ପ୍ରତିଯୋଗିତା, କବିତା ଆବୃତ୍ତି, ଏକକ ସଙ୍ଗୀତ, ଏକକ ଓ ଦଳଗଦ ଲୋକନୃତ୍ୟ, ଏକକ ଓ ଦଳଗତ ଶାସ୍ତ୍ରୀୟ ନୃତ୍ୟ ଆଦି ଅନୁଷ୍ଠିତ ହୋଇଥିଲା। ଜିଲାସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ପୌରୋହିତ୍ୟ କରି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଓ ଶାଳଜଙ୍ଗସ୍ଥିତ ଆଦର୍ଶ ବିଦ୍ୟାଳୟ ନୋଡାଲ ଅଧ୍ୟକ୍ଷା ଅନୁପମା ସ୍ୱାଇଁ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ଉତ୍ସବରେ ରଘୁନାଥପୁର ଆଦର୍ଶ ବିଦ୍ୟାଳୟ ଇଂରାଜି ବିଭାଗ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶାଳଜଙ୍ଗ ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ମୋନାଲିସା ମାଝି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲାରେ ଥିବା ୮ଟି ଆଦର୍ଶ ବିଦ୍ୟାଳୟର ୨୭୧ ଜଣ ପ୍ରତିଯୋଗୀଙ୍କ ସମେତ ସେମାନଙ୍କ ସହାୟକ ଶିକ୍ଷକ ତଥା ଅଧ୍ୟକ୍ଷ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଆକାଙ୍କ୍ଷିତ ପ୍ରକଳ୍ପ ରୂପରେ ୧୯।୯।୧୫ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସାରା ରାଜ୍ୟରେ ଗରିବ ତଥା ମେଧାବୀ ଛାତ୍ରଙ୍କୁ ଇଂରାଜି ମାଧ୍ୟମରେ ସିବିଏସ୍‌ଇ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ସୃଷ୍ଟି ହୋଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପାରୁଲ ପାଟୱାରୀ ପୁରସ୍କୃତ କରୁଛନ୍ତି।

# ବ୍ଲକସ୍ତରୀୟ କଳାକାରଙ୍କ ପ୍ରଶିକ୍ଷଣ ଶିବିର

ବିରିଡି, ୨୨।୯ (ପ୍ରଶାନ୍ତ କୁମାର ରାଉତ)

ବିରିଡି ବ୍ଲକସ୍ତରୀୟ କଳାକରଙ୍କ ପ୍ରଶିକ୍ଷଣ ଶିବିର ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଉଦ୍‌ଘାଟନ କରିଥିଲେ। ବ୍ଲକ ପ୍ରଶାସନ, ଜିଲା ସଂସ୍କୃତି ବିଭାଗ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଜଗତ୍‌ସିଂହପୁର ପକ୍ଷରୁ ଆୟୋଜିତ ଶିବିରରେ ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲାପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସଭ୍ୟ ଚନ୍ଦ୍ରଶେଖର ଦାଶ, ଡିଆଇପିଆରଓ କାମିନିରଞ୍ଜନ ପଟ୍ଟନାୟକ, ଡିସିଓ ଦିଲୀପ ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତିର୍ମୟୀ ସ୍ୱାଇଁ, ବିପିଏମ୍ ଗଣେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଥିଲେ। ଏଥିରେ ବ୍ଲକର ୩୫ଟି କଳାକାର ଦଳର ୭୦ଜଣ ସଦସ୍ୟ ଭାଗ ନେଇ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷକ ଭାବେ ବ୍ଲକ କଳାକାର ସଂଘର ସଭାପତି ମନୋଜ କୁମାର ମହାନ୍ତି, ଉପାଦେଷ୍ଟା ଗାୟକ ହୃଦାନନ୍ଦ ନାୟକ ଓ ପତିତପାବନ ଜେନା କଳାକାରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାଳାକାରମାନେ ଓଡ଼ିଶା ସରକାରଙ୍କ ୧୦ଟି ଜନହିତକାର ଯୋଜନାକୁ ଲୋକକଳା ମାଧ୍ୟମରେ ଗାଁ ଗହଳିରେ ସାଧାରଣ ଲୋକମାନଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହାର ମୂଳଲକ୍ଷ୍ୟ। ତେଣୁ କଳାକାର ଦଳଙ୍କୁ ପ୍ରତ୍ୟେକ ଯୋଜନାର ସ୍କ୍ରିପଟ୍ ଯୋଗାଇ ଦିଆଯାଇଛି। ସ୍କ୍ରିପଟ୍‌ଗୁଡ଼ିକୁ କଳାକାରମାନେ ପଢି, ବୁଝି ସେଗୁଡ଼ିକୁ ଲୋକକଳା ମାଧ୍ୟମରେ ପରିବେଷଣ କରିବେ। ଏହି ଶିବିର ଶନିବାର ଉଦ୍‌ଯାପିତ ହେବ। ଶିବିରକୁ କନିଷ୍ଠ କିରାଣି ବିଶ୍ୱଜିତ ବିଶ୍ୱାଳ ଓ ପୋଗ୍ରାମ ଆସିଷ୍ଟାଣ୍ଡ ସସ୍ମିତା ଓଝା ସହାୟତା କରିଥିଲେ।


କଳାକାର ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# ହ୍ୟାଟ୍ରିକ୍ ପୁରସ୍କାର ଜିତିଲା ଓମ୍ପା

ପାରାଦୀପ, ୨୨।୯ (ଶରତ ରାଉତ)

ପାରାଦୀପର ପ୍ରସିଦ୍ଧ ଗଣପର୍ବ ବିଶ୍ୱକର୍ମା ପୂଜା ମହୋତ୍ସବ ଶୁକ୍ରବାର ୬ ଦିନ ହୋଇଛି। ସନ୍ଧ୍ୟାରେ ଜିଲା ପ୍ରଶାସନ, ପୌର ପରିଷଦ ଓ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମିଳିତ ଭାବେ ଆୟୋଜକମାନଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ୩ ଟି ବର୍ଗରେ ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ପ୍ରଥମ ସ୍ଥାନ ଅଧିକାର କରି ହ୍ୟାଟ୍ରିକ୍ ପୁରସ୍କାର ପାଇଛି ପୂଜାରେ ତୋରଣ, ଆଲୋକ ସାଜସଜ୍ଜା, ବାହ୍ୟ ସାଜସଜ୍ଜା, ଆଭ୍ୟନ୍ତରୀଣ ସାଜସଜ୍ଜା, ଶାନ୍ତି ବଜାୟ ରଖିବା, କ୍ଷେତ୍ରରେ ପୁରସ୍କାର ଚୟନ କରାଯାଇଥିଲା। ଏଥିରେ ବାହ୍ୟ ସାଜସଜ୍ଜାରେ ଓମ୍ପା ପ୍ରଥମ, ଡମ୍ଫର ମାଲିକ ସଂଘ ଦ୍ୱିତୀୟ ଓ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ ତୃତୀୟ ହୋଇଛନ୍ତି। ସେହିପରି ଆଭ୍ୟନ୍ତରୀଣ ସଜାରେ ପ୍ରଥମ ଡମ୍ଫର ମାଲିକ ସଂଘ, ଦ୍ୱିତୀୟ ଭାରତୀୟ ମଜଦୁର ସଂଘ, ତୃତୀୟ ପୋର୍ଟ ବିଦ୍ୟୁତ୍ ବିଭାଗ। ଆଲୋକ ସାଜସଜ୍ଜା ପ୍ରଥମ ଓମ୍ପା, ଦ୍ୱିତୀୟ ପୋର୍ଟ ଡକ୍ ଆଣ୍ଡ ମଜଦୁର ୟୁନିୟନ, ତୃତୀୟ ଭାରତୀୟ ମଜଦୁର ସଂଘ। ଶାନ୍ତି ଶୃଙ୍ଖଳା କ୍ଷେତ୍ରରେ ପ୍ରଥମ ଓମ୍ପା, ଦ୍ୱିତୀୟ ଡମ୍ଫର ମାଲିକ ସଂଘ, ତୃତୀୟ ବନ୍ଦର ଇଞ୍ଜିନିୟରିଂ ବିଭାଗକୁ ପୁରସ୍କାର କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପୁରସ୍କାର ପାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ଯୋଗଦେଇ ପୁରସ୍କୃତ କରିଥିଲେ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଡିଏସ୍‌ପି ସନ୍ତୋଷ ଜେନା, ପୋର୍ଟ ବିଭାଗୀୟ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ମଣ୍ଡପର କର୍ମକର୍ତ୍ତାମାନେ।

### ବିଶ୍ୱକର୍ମା ପୂଜା ମହୋତ୍ସବର ୬ ଦିନ

### ପାରାଦୀପର ବିଶ୍ୱକର୍ମା ପୂଜା ସ୍ୱତନ୍ତ୍ର

ପାରାଦୀପର ବିଶ୍ୱକର୍ମା ପୂଜା ସ୍ୱତନ୍ତ୍ର, ଏହାର ଦୃଶ୍ୟ ପଠାଯାଇଛି। ଅଧ୍ୟକ୍ଷ ହାରାନ୍ଧ ଦେଶର ଅନେକ ଜାଗା ବୁଲିଛି। କିନ୍ତୁ ପାରାଦୀପର ଏହି ବିଶ୍ୱକର୍ମା ପୂଜା ଦେଖିବାର ସୁଯୋଗ ପ୍ରଥମ କରି ପାଇଲି ବୋଲି ବନ୍ଦର ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ଓଡ଼ିଶାର ପ୍ରମୁଖ ବିଶ୍ୱକର୍ମା ପୂଜା ଓ ଲୋକଙ୍କ ସମାଗମ ମୋତେ ଅଭିଭୂତ କରିଛି। ସେଥିପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ଏହାର ଫଟୋ ଭିଡିଓ ଆନ୍ତର୍ଜାତିକ ସ୍ତରରେ ବ୍ୟବସାୟ କରୁଥିବା ୩୦ଟି ଦେଶରେ ସେୟାର କରାଯାଇଛି ବୋଲି ହାରାନ୍ଧ କହିଥିଲେ। ଆଗାମୀ ବର୍ଷ ବନ୍ଦର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ। ଏହି ଘୋଷଣା ପରେ ଆୟୋଜକମାନେ ଖୁସିବ୍ୟକ୍ତ କରିଥିଲେ।

### ଅଲୋଡ଼ା ହୋଇଗଲେ ରାଜନେତା

ପ୍ରତିବର୍ଷ ବିଶ୍ୱକର୍ମା ପୂଜାର ପୁରସ୍କାର ବିତରଣ ସଭାରେ ପ୍ରାୟତଃ ସ୍ଥାନୀୟ ବିଧାୟକ, ଏମ୍‌ପି ଓ ଅନ୍ୟ ମନ୍ତ୍ରୀମାନେ ଯୋଗ ଦେଉଥିବା ଦେଖିବାକୁ ମିଳିଥାଏ। ଚଳିତବର୍ଷ ମଞ୍ଚରେ କୌଣସି ବରିଷ୍ଠ ରାଜନେତାଙ୍କ ଉପସ୍ଥିତ ନ ଥିଲେ। ବିଶେଷକରି ବିଧାୟକ, ଏମ୍‌ପି ଯୋଗ ନ ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୩ ସେପ୍ଟେମ୍ବର, ୨୦୨୩



## ପିକଅପ-ବାଇକ୍ ଧକ୍କା, ଜଣେ ମୃତ

ଗୋପାଳପୁର,(ନବୀନ ରାଜ ଆଚାରୀ)ଗୁରୁବାର ରାତିରେ ଗୋଳନ୍ଥରା ଥାନା ନିକଟରେ ପିକଅପ ଭ୍ୟାନ ଓ ବୁଲେଟ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ସେ ହେଲେ ଜଗତସିଂହପୁର ଜିଲା ଦାସମୋହନପୁର ଗ୍ରାମର ପ୍ରଶାନ୍ତ କୁମାର ହୋତା (୩୫)। ଆହତ ଜଣକ ହେଲେ ତାନଡ଼ାପଡ଼ା ଗ୍ରାମର ଗୋବିନ୍ଦ ଚନ୍ଦ୍ର ମିଶ୍ର।ପ୍ରଶାନ୍ତ କୁମାର ହୋତା ଓ ଗୋବିନ୍ଦ ଚନ୍ଦ୍ର ମିଶ୍ର ଏହି ଥାନା ଅଧିନ ଅଟୋନଗର ସ୍ଥିତ ଏକ ସୋରୁମରେ କାମ କରୁଥିଲେ। ସବୁଦିନ ଭଳି ଗୁରୁବାର ରାତିରେ କାର୍ଯ୍ୟସାରି ବୁଲେଟ ଯୋଗେ ପ୍ରଶାନ୍ତ ଓ ଗୋବିନ୍ଦ କନିଷ ଫେରୁଥିବା ବେଳେ ହଠାତ ବିପରିତ ଦିଗରୁ ଆସୁଥିବା ଏକ ପିକଅପ ଭ୍ୟାନ ରଙ୍ଗେଇଲୁଣ୍ଡା ବ୍ଲକ ନିକଟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋବିନ୍ଦ ଆହତ ହୋଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ସମବାୟ ସମିତି ସ୍ଥାନାନ୍ତର ପାଇଁ ଦାବିପତ୍ର

ପାତ୍ରପୁର, ୨୨।୯(ଉମା ଚରଣ ନେପାକ)– ପ୍ରତି ପଞ୍ଚାୟତରେ ଚାଷୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଚଳିତବର୍ଷ ପଞ୍ଚାୟତ ସଦର ମହକୁମାରେ ସମବାୟ ସମିତି ଗଠନ କରିବାକୁ ଜିଲା ସହକାରୀ ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାତ୍ରପୁର ବ୍ଲକର ୨୩ ପଞ୍ଚାୟତରୁ ପୂର୍ବରୁ ୧୭ ସମବାୟ ସମିତି କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ପ୍ରଥମ ଦଫାରେ ବ୍ଲକର ମନ୍ଦରଡ଼ା ଓ ଗୁଣ୍ଠୁରା ପଞ୍ଚାୟତରେ ସମିତି ଗଠନ ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ଗୁଣ୍ଠୁରା ପଞ୍ଚାୟତର ଚାଷୀଙ୍କ ମୁଣ୍ଡବିନ୍ଧା ଆରମ୍ଭ ହୋଇଛି। ଚାଷୀଙ୍କ ମତାମତ ନ ନେଇ ପଞ୍ଚାୟତର ରାଙ୍କୁଡ଼ା ଗ୍ରାମରେ ସମିତି ଗଠନ ହେଲା ବୋଲି ଜିଲାରୁ ଚିଠି ଆସିଛି । ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ପଞ୍ଚାୟତ ମୁଖ୍ୟାଳୟରେ ସମିତି ଗଠନ ହେଲେ ନିକଟରେ ଥିବା ସୁନାରେଡ଼ି, ଜଗନ୍ନାଥପୁର, ଲକ୍ଷ୍ମୀପୁର, ସୁନାଖଲା, ଗୁଣ୍ଠୁରା ଚାଷୀ ସହ ପଞ୍ଚାୟତର ସମସ୍ତ ଚାଷୀ ଉପକୃତ ହେଇପାରିବେ ତୁରନ୍ତ ପ୍ରଶାସନ ସ୍ଥିର କରିଥିବା ସ୍ଥାନକୁ ପରିବର୍ତ୍ତନ କରି ପଞ୍ଚାୟତ ମୁଖ୍ୟାଳୟରେ ସମିତି ଗଠନ କରିବାକୁ ଶତାଧିକ ଚାଷୀ ଜିଲାପାଳ, ସ୍ଥାନୀୟ ବିଧାୟିକା, ଜିଲା ନିବନ୍ଧକ ଓ ଉପନିବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ବିଜେଡି ଯୁବ ସଭାପତିଙ୍କ ଗୁମ୍ମା ବ୍ଲକ ଗସ୍ତ

ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା):୨୨।୯– ଗଜପତି ଜିଲା ଯୁବ ବିଜେଡି ସଭାପତି ସାସନମ ଲିଙ୍ଗରାଜ ଗୁମ୍ମା ଗସ୍ତ କରି ଗ୍ରାମପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ମନିଲାଲ ଲିମାଙ୍କ ବାପାଙ୍କ ମୃତ୍ୟୁ ଯୋଗୁ ପରିବାରର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ସେରଙ୍ଗ ପଞ୍ଚାୟତ ଗସ୍ତ କରି ଉକ୍ତ ଗ୍ରାମର ବିଜୟୱାଡାଠାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରି ଏକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ରୀଙ୍କୁ ଛିଞ୍ଚାଣୀଙ୍କ ପରିବାର ସଦସ୍ୟ ଓ ହାଇଦ୍ରାବାଦ ବିବି ନଗର ଷ୍ଟେଶନରେ ଦୁର୍ଘଟଣାର ଶିକାର ହୋଇ ଦୁଇଟି ଗୋଡ଼ ଓ ଗୋଟିଏ ହାତ ହରାଇଥିବା ଦାଦନ ଶ୍ରମିକ ଜେଫତ ନାଗଙ୍କୁ ଭେଟି ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ, ବିଜେଡି ଗୁମ୍ମା ବ୍ଲକ ଯୁବ ସଭାପତି ନୀରୋଜ କୁମାର ଷଡ଼ଙ୍ଗୀ ଓ ପଞ୍ଚାୟତର ବରିଷ୍ଠ ଓ ଯୁବ କର୍ମୀ ଉପସ୍ଥିତ ଥିଲେ।

### କେନାଲରୁ କ୍ଷତାକ୍ତ ମୃତଦେହ ଜବତ

ହିଞ୍ଜିଳିକାଟୁ,୨୨।୯(ଦ୍ୱିତୀକୃଷ୍ଣ ପଣ୍ଡା)– ହିଞ୍ଜିଳି ଥାନା ମୋହନାପଲ୍ଲୀ ଗ୍ରାମ ନିକଟ ୧୦ ନମ୍ବର କେନାଲରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଦୁର୍ବନ୍ଧ ଗ୍ରାମ ବେଲପଡ଼ା ସାହିର କୃଷ୍ଣ ସାହୁ। ସେ ଏକ ଟ୍ରାକ୍ଟର ଡ୍ରାଇଭର ଅଟନ୍ତି। ଗୁରୁବାର ରାତିରେ କୃଷ୍ଣ ୧୪ନଂ ଜଳସେଚନ କେନାଲ ନିକଟ ସେତୁ ଉପରେ ବସିଥିବା କିଛି ଲୋକ ଦେଖିଥିଲେ। ନିକଟରେ ତାଙ୍କ ବାଇକ ରହିଛି। ଶୁକ୍ରବାର ସକାଳେ କେନାଲ ପାଣିରେ ତାଙ୍କ ଶରୀର ଭାସୁଥିବା ଦେଖି ଲୋକେ ହିଞ୍ଜିଳିକାଟୁ ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ଶରୀରରେ କ୍ଷତ ଚିହ୍ନ ଥିବାରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଏନ୍‌ଜିଟିଙ୍କ ନୋଟିସ ପରେ କମିଟିର ଅନୁଧ୍ୟାନ

**ତାମ୍ପରା ହ୍ରଦକୁ ସଙ୍କୁଚିତ କରି ନିର୍ମାଣ କାର୍ଯ୍ୟ ଘଟଣା**

ଛତ୍ରପୁର,୨୨।୯(ସନ୍ତୋଷ ପାଢ଼ୀ)



କମିଟି ସଦସ୍ୟମାନେ ଅନୁଧ୍ୟାନ କରୁଛନ୍ତି ।

ଛତ୍ରପୁର ଉପକଣ୍ଠରେ ଥିବା ହୁମୁରୀ ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ତାମ୍ପରା ରିସର୍ଟ ନିର୍ମାଣ ହୋଇଛି। ଏହି କାର୍ଯ୍ୟକୁ କୋଲକତାସ୍ଥିତ ଏନଜିଟି ଇଷ୍ଟର୍ନ ଜୋନ ବେଞ୍ଚ ନୋଟିସ ସହ କମିଟି ଗଠନ କରି ଅନୁଧ୍ୟାନ ରିପୋର୍ଟ ସତ୍ୟପାଠ ଜରିଆରେ ୪ମାସ ମଧ୍ୟରେ ଦାଖଲ କରିବାକୁ ଅଗଷ୍ଟ ୧୧ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗଠିତ କମିଟି ଶୁକ୍ରବାର ତାମ୍ପରା ହ୍ରଦ ନିକଟକୁ ଯାଇ ଅନୁଧ୍ୟାନ କରିଛନ୍ତି। ପରେ ଗଞ୍ଜାମ ଜିଲାପାଳଙ୍କ ସହ କମିଟିର ସଦସ୍ୟ ତଥା ବୈଜ୍ଞାନିକମାନେ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। କେନ୍ଦ୍ର ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡର ବୈଜ୍ଞାନିକ ଅଭିଜିତ ପାଠକ, ବୈଜ୍ଞାନିକ ସି. ଏମ. ମହନ୍ତ ଓ କେ. ସି. ପୋଲ, ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଦୀପକ ସାହୁ ତାମ୍ପରା ହ୍ରଦ ଠାରେ ହୋଇଥିବା ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ପରିଦର୍ଶନ ବେଳେ ଛତ୍ରପୁର ଉପଜିଲାପାଳ, ଭାରପ୍ରାପ୍ତ ତହସିଲଦାର, ଜିଲା ପର୍ଯ୍ୟଟନ ଅଧିକାରୀ ବିନୋଦ ବେହେରା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୨୧ ଅକ୍ଟୋବର ୧୨ ତାରିଖରେ ରାମସାର ସାଇଟର ମାନ୍ୟତା ପାଇଥିବା ତାମ୍ପରା ହ୍ରଦକୁ ସଙ୍କୁଚିତ କରି ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ କଟକ ୱାଇଲ୍ଡ ଲାଇଫ ସୋସାଇଟି ପକ୍ଷରୁ କୋଲକତାସ୍ଥିତ ଏନଜିଟି ଇଷ୍ଟର୍ନ ଜୋନ ବେଞ୍ଚରେ ପିଟିସନ ଦାଖଲ ହୋଇଥିଲା। ଏହି ପିଟିଶନର ଶୁଣାଣି କରି ଅଗଷ୍ଟ ୧୧ ତାରିଖରେ ଏନଜିଟି ଇଷ୍ଟର୍ନ ଜୋନ ବେଞ୍ଚ ରାୟ ପ୍ରକାଶ କରିଥିଲେ । ପିଟିଶନରେ ଉଲ୍ଲେଖ ଅଭିଯୋଗ ଗୁଡିକ ଉପରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ, ଓଡିଶା ବାୟୋଡାଇଭରସିଟି ବୋର୍ଡର ଅଧ୍ୟକ୍ଷ, ଇଂଜିନିୟରିଙ୍ଗ ପ୍ରୋଜେକ୍ଟର ଅତିରିକ୍ତ ଜେନେରାଲ ମ୍ୟାନେଜର, ଓଡିଶା ପର୍ଯ୍ୟଟନ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଏନଜିଟି ପକ୍ଷରୁ ନୋଟିସ ଜାରି ହୋଇଥିଲା। ଆସନ୍ତା ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଓଡିଶାର ମୁଖ୍ୟ ଶାସନ ସଚିବଙ୍କ ଠାରୁ ଆରମ୍ଭ କରି ଗଞ୍ଜାମ ଜିଲାପାଳ ଓ ସମସ୍ତ ଅନ୍ୟପକ୍ଷଭୁକ୍ତମାନେ ମଧ୍ୟ ସତ୍ୟପାଠ ଜରିଆରେ ଏହା ଉପରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିସହ ଏକ କମିଟି ଗଠନ କରିବାକୁ ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଥିଲା । ଉକ୍ତ କମିଟିରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ (ଭୁବନେଶ୍ୱର)ର ବରିଷ୍ଠ ବୈଜ୍ଞାନିକ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ଗଞ୍ଜାମ ଜିଲାପାଳ ଓ ରାଜ୍ୟ ୱେଷ୍ଟ ଲ୍ୟା କର୍ତ୍ତୃପକ୍ଷ ଓଡିଶାର ସେକ୍ରେଟାରୀ ରହିବାକୁ କୁହାଯାଇଥିଲା। ଉକ୍ତ କମିଟି ତାମ୍ପରା ହ୍ରଦ ସାଇଟକୁ ଯାଇ ଅନୁଧ୍ୟାନ କରି ଏହାର ରିପୋର୍ଟ ସତ୍ୟପାଠ ମାଧ୍ୟମରେ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଏନଜିଟି ନିର୍ଦ୍ଦେଶ ଦେଇଥିଲେ।

# ରାସ୍ତା ନ ଥିବାରୁ ୭ କିମି ବୁହାହେଲେ ଗର୍ଭବତୀ

**ଜନନୀ ଯନ୍ତ୍ରଣା**

ମୋହନା,୨୨।୯(ମନ୍ମଥ ମିଶ୍ର)

ରାସ୍ତା ନ ଥିବାରୁ ମୋହନା ବ୍ଲକ ଦୁର୍ଗମ ଅଞ୍ଚଳର ମାତାକୁପା ଗାଁରେ ପୁଣି ୭ କିମି ଭାରରେ ବୁହା ହେଇଛନ୍ତି ଗର୍ଭବତୀ। ଗାଁର ଆୟୁବ ମାଝୀଙ୍କ ଶୁକ୍ରବାର ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ମୋହନା ମେଡିକାଲ୍ ନେବାକୁ ଘରୁ ବାହାରିଥିଲେ। ହେଲେ ରାସ୍ତା ଭଲ ନ ଥିବାରୁ ପରିବାର ଲୋକେ ମାତାକୁପା ଗାଁଠାରୁ ଗମ୍ଭାରୀ ଗାଁ ଯାଏ ପ୍ରାୟ ୭ କିମି ମହିଳାଙ୍କୁ ଭାରରେ ବୋହି ନେବା ପରେ ସେଠାରୁ ପରିବାର ଲୋକେ ଆଉ ଆମ୍ବୁଲାନ୍ସକୁ ନ ଡାକି ବାଇକରେ ମୋହନା ମେଡିକାଲରେ ଭର୍ତ୍ତି କରିଛନ୍ତି। ବର୍ତ୍ତମାନ ଡାକ୍ତର ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡ଼ିଛି। ଦୁର୍ଗମ ଅଞ୍ଚଳରେ ରାସ୍ତା ନ ଥିବାରୁ ଜନସାଧାରଣ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେବା ସହ ଏହିଭଳି ଜନନୀ ଯନ୍ତ୍ରଣାର ଚିତ୍ର ମୋହନା, ରାୟଗଡ଼, ଆର.ଉଦୟଗିରି ବ୍ଲକରେ ପ୍ରାୟ ଦେଖିବାକୁ ମିଳୁଛି।



ଗର୍ଭବତୀ ମହିଳାଙ୍କୁ ଭାରରେ ନିଆଯାଉଛି ।

# ବିଦ୍ୟୁତ୍ ଯୋଗାଣରେ ବିଭ୍ରାଟ

## ବିଧାନସଭାରେ ପ୍ରଶ୍ନ କଲେ ଛତ୍ରପୁର ବିଧାୟକ

ଛତ୍ରପୁର,୨୨।୯(ସନ୍ତୋଷ ପାଢ଼ୀ )

ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଦ୍ୟୁତ୍ ଯୋଗାଣରେ ବାରମ୍ବାର ହେଉଥିବା ବିଭ୍ରାଟକୁ ରୋକିବା ପାଇଁ କ'ଣ ସବୁ ଦୀର୍ଘମିଆଦି ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଛନ୍ତି। ଏଥିସହ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ଏବଂ ଟ୍ରାନ୍ସଫରମରଗୁଡିକୁ କେବେସୁଦ୍ଧା ପରିବର୍ତ୍ତନ କରାଯିବ ବୋଲି ବିଧାୟକ ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତରରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ଟିପିଏସଓଡିଏଲ ଠାରୁ ପ୍ରାପ୍ତ ତଥ୍ୟାନୁସାରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର କେତେକ ସ୍ଥାନରେ ଯନ୍ତ୍ର ମରାମତି ହେତୁ, ପ୍ରାକୃତିକ ବିପର୍ଯ୍ୟୟ ଅଥବା ଅନ୍ୟ କୌଣସି ଆପାଦକାଳୀନ ସ୍ଥିତିରେ ସାମୟିକ ଭାବେ ବିଦ୍ୟୁତ୍ କାଟ କରାଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଏହି ଅଞ୍ଚଳରେ ଓପିଟିସିଏଲ ଦ୍ୱାରା ଏକ ୧୩୨/୩୩ କେଭି ଗ୍ରୀ ସବ-ଷ୍ଟେସନ କାର୍ଯ୍ୟକ୍ଷମ କରାଯାଇଛି, ଯାହାକି ୩ଟି ମୁଖ୍ୟ ସବଷ୍ଟେସନ ଯଥା– ନରେନ୍ଦ୍ରପୁର, ଆସିକା ଓ ବାଲୁଗାଁ ସହ ସଂଯୋଗ କରାଯାଇଛି । ଏହା ବ୍ୟତୀତ, ଉପରୋକ୍ତ ନିର୍ବାଚନ ମଣ୍ଡଳୀରେ ଓଡିଏସଏସପି ଫେଜ-୧ ଯୋଜନାରେ ବଉଳଗାଁଠାରେ ଏକ ୩୩/୧୧ କେଭି ପ୍ରାଇମେରୀ ସବଷ୍ଟେଶନ କାର୍ଯ୍ୟକ୍ଷମ କରାଯାଇଛି । ଏଥିସହିତ ଏହି ଅଞ୍ଚଳରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ଏବଂ ଟ୍ରାନ୍ସଫର୍ମରଗୁଡିକୁ ଟିପିଏସଓଡିଏଲର ବିଭିନ୍ନ ଯୋଜନା ଯଥା କାପେକ୍ସ ଓ ଓପେକ୍ସ ମାଧ୍ୟମରେ ପର୍ଯ୍ୟାୟକ୍ରମେ ପରିବର୍ତ୍ତନ କରାଯାଉଛି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

# ନିର୍ଦ୍ଧାରିତ ଦରଠାରୁ ଅଧିକ ବସ୍‌ଭଡ଼ା ନେବାରୁ ଅସନ୍ତୋଷ

## ଆନ୍ଦୋଳନ ପାଇଁ ଚେତାବନୀ, ତଦନ୍ତ କରିବ ଆଞ୍ଚଳିକ ପରିବହନ ବିଭାଗ

ଦାରିଙ୍ଗବାଡି,୨୨।୯(ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳକୁ ଯାତାୟତ କରୁଥିବା ଯାତ୍ରୀବାହୀ ଘରୋଇ ଓ ସରକାରୀ ବସ୍‌ଗୁଡ଼ିକ ସରକାରଙ୍କ ନିର୍ଦ୍ଧାରିତ ଦର ଠାରୁ ଅଧିକ ଭଡ଼ା ନେଉଥିବା ଅଭିଯୋଗ ହେଉଛି। ଫଳରେ ଆଗାମୀ ଦିନରେ ବିଭିନ୍ନ ସଂଗଠନ ପକ୍ଷରୁ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକୁଥିବା ଜଣାପଡ଼ିଛି। ଏନେଇ କୁଇ ସମାଜର ପରାମର୍ଶଦାତା ଘନେଶ୍ୱର ପ୍ରଧାନ ଉଦବେଗ ପ୍ରକାଶ କରିବା ସହ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ସେ ଅଭିଯୋଗ କରି କହିଛନ୍ତି ଯେ, ଦାରିଙ୍ଗବାଡି ଠାରୁ ସିମନବାଡି ମାତ୍ର ୧୨ କିମି ଦୂରତା ରହିଥିବା ବେଳେ ଯାତ୍ରୀଙ୍କ ଠାରୁ ଟିକେଟ ବାବଦରେ ୨୦ ଟଙ୍କା ନିଆଯାଉଥିବା ବେଳେ ସିମନବାଡି ଠାରୁ ରାଇକିଆ ମାତ୍ର ୨୪ କିମି ରାସ୍ତାକୁ ୪୦ ଓ ସିମନବାଡିରୁ ବାଲିଗୁଡା ୩୭ କିମିକୁ ୫୦ ଟଙ୍କା ପର୍ଯ୍ୟନ୍ତ ବସ୍ ମାଲିକମାନେ ଟିକେଟ ସଂଗ୍ରହ କରୁଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅଞ୍ଚଳର ଶ୍ୟାମସେନ ଦିଗାଲ କହିଛନ୍ତି, ଅର୍ଥ ଅଧିକ ନେବା ସହ ଟିକେଟ ପ୍ରଦାନ କରୁନାହାନ୍ତି। ଫଳରେ ଆମେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ। ଏ ନେଇ ସେମାନେ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଶିଶିର କୁମାର ସାହୁଙ୍କୁ ଅଭିଯୋଗ କରିଥିବା କହିଛନ୍ତି। ଏନେଇ ଆଞ୍ଚଳିକ ପାରିବହନ ବିଭାଗ ଅଧିକାରୀ ଶିଶିର କୁମାର ସାହୁ କହିଛନ୍ତି ଅଭିଯୋଗ ଆସିଛି, ଏନେଇ ବସ ମାଲିକ ସଂଘକୁ ଚିଠି କରିବା ସହ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବାଲିଗୁଡା ବସ ମାଲିକ ସଂଘ ସମ୍ପାଦକ ରବି ପାତ୍ର କହିଛନ୍ତି, ବସ ଭଡା ଅଧିକା ନିଆଯାଉଥିବା ନେଇ କନ୍ଧମାଳ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ ସଂଘ ନିକଟକୁ ଏକ ପତ୍ର ପଠାଇଛନ୍ତି। ସଂଘ ଏଥିପ୍ରତି ସଚେତନ ରହି ସମସ୍ତ ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଛି ବୋଲି କହିଛନ୍ତି।

## ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ଧରାକୋଟ,୨୨।୯
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ୫୨୦ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଉପାଧ୍ୟକ୍ଷ ମନୋଜ କୁମାର ସାହୁ, ବିଡିଓ ଡେନିସ ବେହେରା, ଅତିରିକ୍ତ ବିଡିଓ ସୁଶିଲ ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରୀ ସଚିନ କୁମାର ପାତ୍ର ଓ କାର୍ଯ୍ୟକ୍ରମ ସହାୟକ ବାବୁ ବେହେରା ପ୍ରମୁଖ ଯୋଗଦେଇ ୧୮ ପଞ୍ଚାୟତର ହିତାଧିକାରୀଙ୍କୁ ଏହି ଭତ୍ତା ବଣ୍ଟନ କରିଥିଲେ। ଆଗାମୀ ଦିନରେ ଆହୁରି ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ବ୍ଲକ ଅଧ୍ୟକ୍ଷା ପ୍ରକାଶ କରିଛନ୍ତି।

# ବର୍ଷାରେ ଧୋଇଗଲା ପୋଲ

ଫିରିଙ୍ଗିଆ,୨୨।୯(ବିକ୍ରମ ଦିଗାଲ)



ଧୋଇଯାଇଥିବା ପୋଲ।

ଫିରିଙ୍ଗିଆ ବ୍ଲକରେ ଗତ ୨ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଥିବାରୁ ପାଙ୍ଗା ଉପର ସାହି ପଞ୍ଚାୟତ ବାଲିଗଟା ନିକଟରେ ଥିବା ଦନ୍ଦେଲି ପୋଲ ଧୋଇ ହୋଇଯାଇଛି। ଏହି ରାସ୍ତା ୨୦୧୯ରେ ନିର୍ମାଣ କରାଯାଇଥିବା ବେଳେ ମାତ୍ର ଚାରି ବର୍ଷରେ ଏହା ଭାଙ୍ଗି ନଷ୍ଟ ହୋଇଛି । ଅଞ୍ଚଳର ଏକ ମାତ୍ର ଯାତାୟାତ ଏବଂ ଆରଡ଼ି ରାସ୍ତା ହୋଇଥିବା ବେଳେ ଯାତାୟାତର ଏକ ମାତ୍ର ଭରସା ସାଜିଛି । ତେବେ ବର୍ଷାରେ ପୋଲ ଧୋଇହୋଇଯିବା ଫଳରେ ପୋଲ ଉପରେ ନିର୍ଭର କରି ଅସୁଥିବା ୫ ଗାଁର ୭୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମୁଖୀନ ହେଉଛନ୍ତି। ଗତ ରାତିରେ ଅଳ୍ପ କିଛି ମାତ୍ର ନଷ୍ଟ ହୋଇଥିବା ବେଳେ ଶୁକ୍ରବାର ପୋଲଟି ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ବ୍ଲକର ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଏହି ୫ଟି ଗାଁରେ ୩ ଟି ପ୍ରାଥମିକ ବିଦ୍ୟାଳୟ ଏବଂ ୩ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ରହିଛି। ତେବେ କଲେଜରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଏହି ଗାଁରୁ ଫିରିଙ୍ଗିଆ ପର୍ଯ୍ୟନ୍ତ ୪୦ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ଯିବାକୁ ପଡୁଛି। ଅଞ୍ଚଳରେ ଏହାହିଁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଯାତାୟାତରେ ବହୁ ଅସୁବିଧା ହୋଇଛି। ତୁରନ୍ତ ମରାମତି କିମ୍ବା ନିର୍ମାଣ କରା ନ ଗଲେ ଯାତାୟାତ ବାଧା ପ୍ରାପ୍ତ ହେବା ସହ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଣିବା କିମ୍ବା ଆମ୍ବୁଲାନ୍ସ ହେଉ କି ବିଭିନ୍ନ ଜିନିଷ ଉପରେ ଏହି ରାସ୍ତା ଉପରେ ନିର୍ଭର ଶିଳ ହେଉଥିବା ବେଳେ ତୁରନ୍ତ ଏହି ପୋଲକୁ ନିର୍ମାଣ ପାଇଁ ୫ ଖଣ୍ଡ ଗ୍ରାମର ଅଞ୍ଚଳବାସୀ ପ୍ରଶାସନକୁ ଦାବି ଜଣାଇଛନ୍ତି।

# ୧୨୨ ୟୁନିଟ୍ ରକ୍ତ ସଂଗୃହୀତ

ଗୋପାଳପୁର,୨୨।୯(ନବୀନ ରାଜ ଆଚାରୀ)



ଅତିଥିଙ୍କ ଦ୍ୱାରା ଶିବିର ଉଦଘାଟନ କରାଯାଉଛି।

କନିଷି ତହସିଲ ଅଧିନସ୍ଥ ଭାଲିଆଗଡଘାଟି କାଲୁଆ ସ୍ଥିତ ପାନ୍ଥନିବାସ ପରିସରରେ ଶୁକ୍ରବାର ରଙ୍ଗେଇଲୁଣ୍ଡା ପ୍ରେସ କ୍ଲବ ଏବଂ ଯୁବ ସମାଜିକ କର୍ମୀମାନଙ୍କ ମିଳିତ ଉଦ୍ୟମରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କନିଷି ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ ପ୍ରମୁଖ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ। ଥାନା ଅଧିକାରୀ ମହନ୍ତ ରକ୍ତଦାନ କରି ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। କୋଠାରିସିଂ ସରପଞ୍ଚ ଦୁର୍ଯ୍ୟୋଧନ ରେଡ୍ଡି, ସମିତି ସଭ୍ୟ ଆଶିଷ ରାଉଳ, ସମାଜିକ କର୍ମୀ ଡି.ଭରତ, ହଳଦିଆପଦର ସମିତି ସଭ୍ୟ ପ୍ରବୀଣ କୁମାର, କେ ମାଧବ, ହରିଶ୍ଚନ୍ଦ୍ର ନାୟକ, ମିନାକ୍ଷୀ ନାୟକ, ଏଚ ମୋହନ ରାଓ, ଡି ବୃନ୍ଦା, ସିଏଚ ନରେଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରଙ୍ଗେଇଲୁଣ୍ଡା ପ୍ରେସ କ୍ଲବର ସଭାପତି ରାଜୀବ ଲୋଚନ ମିଶ୍ର, ଉପ ସଭାପତି ଦିଲୀପ ସାହୁ, ସମ୍ପାଦକ ମୁନା ପଟ୍ଟନାୟକ, ସହ ସମ୍ପାଦକ ଟୁଟୁ ମହାପାତ୍ର, କୋଷାଧ୍ୟକ୍ଷ ନବୀନ ଆଚାରୀ, ଉପଦେଷ୍ଟା ବାବୁ ପଟ୍ଟନାୟକ, ନରସିଂହ ରାଓ, ଅନିଲ ପଟ୍ଟନାୟକ, ପିଣ୍ଟୁ ବେହେରା, ସ୍ୱାଧିନ ସାହୁ, ସୁଦର୍ଶନ ରାଉଳ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଶିବିରରେ ମୋଟ ୧୨୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏମକେସିଜି ମେଡିକାଲ କଲେଜର ରକ୍ତ ଭଣ୍ଡାରର ଡାକ୍ତର ସି ଆର ସ୍ୱାଇଁ, ଗୋପାଳ କୃଷ୍ଣ ପଣ୍ଡା, ସୁଶାନ୍ତ କୁମାର ପାଣିଗ୍ରାହୀ, ରମେଶ ଚନ୍ଦ୍ର ପାତ୍ର, ବାପୁନି ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ଘୁମୁସର ବନଖଣ୍ଡରେ ୮୫ ହାତୀ

ଭଞ୍ଜନଗର,୨୨।୯(ବାବୁଲା ପ୍ରଧାନ)



ଜଗନ୍ନାଥପ୍ରସାଦ ରେଞ୍ଜରେ ଏକ ଟ୍ରାନ୍ସଫର୍ମର ମୁକୁଳା ପଡିଛି।

- ବିଦ୍ୟୁତ୍ ହୁକିଂ ହେଲେ ଏକ ମାସ ହେବ ପାୱାର କାଟ
- ମୁକୁଳା ପଡିଛି ଟ୍ରାନ୍ସଫର୍ମର,ସୁରକ୍ଷା ପାଇଁ ସମନ୍ୱୟ ବୈଠକ

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୮୫ ହାତୀ ଥିବା ଜଣାପଡ଼ିଛି। ସେଥିମଧ୍ୟରେ ଉତ୍ତର ଘୁମୁସର ବନଖଣ୍ଡରେ ୪୫ ଏବଂ ୪୦ ଟି ହାତୀ ଦକ୍ଷିଣ ଘୁମୁସର ବନଖଣ୍ଡରେ ଅଛନ୍ତି। ଏତେ ପରିମାଣର ହାତୀ ଏହି ବନଖଣ୍ଡକୁ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବାରୁ ସେମାନଙ୍କ ସୁରକ୍ଷା ଦୁଇ ବିଭାଗକୁ ଘାରିଛି। ଏହିଭଳି ପରିସ୍ଥିତିରେ ସନ୍ଧ୍ୟା ହେଲେ ହାତୀମାନେ ଜଙ୍ଗଲରୁ ବାହାରି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ଦୈନନ୍ଦିନ ବ୍ୟାପକ ଫସଲ କ୍ଷତି କରୁଛନ୍ତି। ଏହି ସମୟରେ ହାତୀମାନେ ବିପଦରେ ପଡ଼ିବା ଆଶଙ୍କା ରହିଛି। ତେଣୁ ପ୍ରତ୍ୟେକ ମାସରେ ବିଦ୍ୟୁତ୍ ଏବଂ ବନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ହେଉଛି। ତେଣୁ ଶୁକ୍ରବାର ସନ୍ଧ୍ୟାରେ ଉତ୍ତର ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଏକ ସମନ୍ୱୟ ବୈଠକ ହୋଇଥିଲା। ବୈଠକରେ ହାତୀମାନେ କିଭଳି ସୁରକ୍ଷିତ ରହିପାରିବେ, ଲୋକଙ୍କ ଫସଲ ସୁରକ୍ଷା, ହାତୀ ମଣିଷ ମଧ୍ୟରେ ଯେଭଳି ଲଢେଇ ନହେବ ସେ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା ଅଧ୍ୟକ୍ଷତା କରିଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଟାଟା ପାୱାରର ଯନ୍ତ୍ରୀ, ରେଞ୍ଜର କୁମାର ବେହେରା, ବିଦ୍ୟାଧର ସାହୁ, ଆଶାଲତା ଦିଗାଲ, ସୁଜତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଯେଉଁ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ୍ ହୁକିଂ ହେବ ସମ୍ପୃକ୍ତ ଅଞ୍ଚଳରେ ଏକ ମାସ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେବ। ତେଣୁ ଲୋକେ ବିଭାଗକୁ ସହଯୋଗ କରି ହୁକିଂ ସମ୍ପର୍କରେ ଆଗୁଆ ସୂଚନା ଦେବା ପାଇଁ ବୈଠକରେ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ, ଜଙ୍ଗଲ ଅଞ୍ଚଳରେ ୫ ମିଟର ଉଚ୍ଚତାରେ ବିଦ୍ୟୁତ ତାର ଟଣା ଯିବା କଥା। କିନ୍ତୁ ଏବେବି ଶତାଧିକ ସ୍ଥାନରେ ବିଦ୍ୟୁତ୍ ତାର ଆବଶ୍ୟକ ଉଚ୍ଚତାରେ ନ ଥିବା ଜଣାପଡିଛି। ଜଙ୍ଗଲ ନିକଟବର୍ତ୍ତୀ କେତେକ ସ୍ଥାନରେ ଟ୍ରାନ୍ସଫର୍ମର ଗୁଡିକ ମୁକୁଳା ପଡ଼ିଛି। ତେଣୁ ଭବିଷ୍ୟତରେ ଅଘଟଣ ଘଟିବା ଆଶଙ୍କା ରହିଛି। ଅଘଟଣକୁ ଏଡାଇବାକୁ ଯାଇ ଦୁଇ ବିଭାଗ ମିଳିତ ଭାବେ ସନ୍ଧ୍ୟା ହେଲେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରିବା ପାଇଁ ନିଷ୍ପତ୍ତି ନେଉଛନ୍ତି। ଫଳରେ ଅନେକ ଗ୍ରାମବାସୀ ରାତି ହେଲେ ବିଦ୍ୟୁତ ସେବାରୁ ବିଗତ ଦିନରେ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ରାଜ୍ୟ ସରକାର ହାତୀ କରିଡର ଗୁଡିକରେ ବିଦ୍ୟୁତ୍ ସେବାରେ ସୁଧାର ଆଣିବା ପାଇଁ ବ୍ୟାପକ ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଉକ୍ତ ଅର୍ଥ ମଧ୍ୟ ସଦବିନିଯୋଗ ହେଉନଥିବା ଅଭିଯୋଗ ହେଉଛି।

# ବ୍ଲକ ସମ୍ମୁଖରେ ସିପିଆଇଏମ୍‌ର ବିକ୍ଷୋଭ

ଗଞ୍ଜାମ,୨୨।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ସିପିଆଇଏମ ଦଳ ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦଳୀୟ ନେତୃବୃନ୍ଦ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ପୂର୍ବତନ ସରପଞ୍ଚ ତଥା ସିପିଆଇଏମ ଆଞ୍ଚଳିକ କମିଟି ସମ୍ପାଦକ ଦିଲୀପ କୁମାର ଛୋଟରାଏଙ୍କ ନେତୃତ୍ୱରେ ଶତାଧିକ ନେତୃବୃନ୍ଦ ହୁମ୍ମାରୁ ବିଶାଳ ପଦଯାତ୍ରାରେ ବାହାରି ଗଞ୍ଜାମ ବ୍ଲକ ଅଫିସ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦଖଲରେ ଥିବା ଜମି ଓ ଘର ପଟ୍ଟା ପ୍ରଦାନ କରିବା, ଲୁଣ ଚାଷ ଜମି ଫେରାଇବା ଓ କାର୍ଯ୍ୟକ୍ଷମ, ମତ୍ସ୍ୟଜୀବୀଙ୍କୁ ଆବାସ ଯୋଜନାରେ ଗୃହ ପ୍ରଦାନ ଜୀବିକା ପାଇଁ ମାଗଣାରେ ଜାଲ ଓ ଡ଼ଙ୍ଗା, ସମସ୍ତ ବର୍ଗର କୃଷକଙ୍କୁ କାଳିଆ ଯୋଜନାରେ ସାମିଲ, ଶ୍ରମିକଙ୍କୁ ୨୦୦ ଦିନର କାମ ଏବଂ ୬୦୦ ଟଙ୍କା ମଜୁରୀ ପ୍ରଦାନ ବିଧବା ଭତ୍ତା ୩ ହଜାର ଟଙ୍କା ବୃଦ୍ଧି, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ସିପିଆଇଏମ ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, କମିଟି ସଭ୍ୟ ରାମଚନ୍ଦ୍ର ନାୟକ, ଜିଲା କାର୍ଯ୍ୟକାରୀ କୈଳାଶ ଷଡଙ୍ଗୀ, ଫେଡେରେଶନ ଜିଲା ସଭାପତି ତ୍ରିଲୋଚନ ପ୍ରଧାନ, ସମ୍ପାଦକ ଅଜିତ ପାଣିଗ୍ରାହୀ, ସରପଞ୍ଚ ବୈରାଗୀ, ଆଞ୍ଚଳିକ କମିଟି ସମ୍ପାଦକ ଦିଲ୍ଲୀପ ଛୋଟରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ହରେକୃଷ୍ଣ ରେଡ୍ଡି, ସତୀଶ ସ୍ୱାଇଁ, ଜିଲା କମିଟି ମେମ୍ବର ଖଲି ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରଶାନ୍ତ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୩ ସେପ୍ଟେମ୍ବର, ୨୦୨୩



# ପ୍ରଦୂଷିତ ହେଉଛି ଖଣି ଅଞ୍ଚଳ

କାଳିଆପାଣି,୨୨।୯(ଅସିତ ମହାନ୍ତ)


ସୁକିନ୍ଦା ଖଣି ଅଞ୍ଚଳ।

ଯାଜପୁର ଜିଲାର ଖଣି ଅଞ୍ଚଳ ପ୍ରଦୂଷିତ ହେବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରା ବଢ଼ିବାରେ ଲାଗିଛି। ଫଳରେ ଅଦିନିଆ ବର୍ଷା ସହ ଗୁଳୁଗୁଳି ଓ ରୌଦ୍ରତାପ ଅନୁଭୂତ ହେଉଛି। ସେହିପରି ଋତୁ ପରିବର୍ତ୍ତନ ଯୋଗୁ ପାଣିର ଅଭାବ ହେଲାଣି। ଜାନୁୟାରୀ ଆରମ୍ଭରୁ ଖଣି ଅଞ୍ଚଳରେ କୂଅ, ପୋଖରୀ, ନଈ ଓ ନାଳ ଶୁଖିଯାଉଛି। ଜିଲାରେ ୨୯୦୦ ବର୍ଗ କିଲୋମିଟର ଜଙ୍ଗଲ ରହିଥିବାବେଳେ ସେଥିମଧ୍ୟରୁ ୬୩୫ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ ରହିଛି। ଏହାଛଡ଼ା ୨୯୯.୩୨ ବର୍ଗ କିଲୋମିଟର ସୁରକ୍ଷିତ ଜଙ୍ଗଲ ରହିଛି। ପୂର୍ବରୁ ଗ୍ରାମାଞ୍ଚଳରେ ୪୧୯.୫୯ ବର୍ଗ କିଲୋମିଟର କ୍ଷୁଦ୍ର ଜଙ୍ଗଲ ଥିଲା। ସମୟ କ୍ରମେ ଏସବୁ କ୍ଷୁଦ୍ର ଜଙ୍ଗଲ କମିବାରେ ଲାଗିଛି। ଗ୍ରାମାଞ୍ଚଳ ଲୋକେ ସହରୀ ଢାଞ୍ଚା ଆପଣାଇ ଏବେ ଗ୍ରାମାଞ୍ଚଳର ଜଙ୍ଗଲ ଧ୍ୱଂସ କରିବାରେ ଲାଗିଛନ୍ତି। ୬ ବର୍ଷରୁ ଊର୍ଦ୍ଧ୍ୱ ହେବ ଜଙ୍ଗଲ ବିଭାଗ ପକ୍ଷରୁ ଚାରାରୋପଣ କରାଯାଉଛି। ହେଲେ ବର୍ଷଶେଷରେ ଚାରାରୋପଣ ଫଳକ ରହିଥିବାବେଳେ ବୃକ୍ଷ ସେ ସ୍ଥାନରେ ଦେଖିବାକୁ ମିଳୁନି।

୧୯୪୬ରେ ସୁକିନ୍ଦା ଅଞ୍ଚଳରେ ପ୍ରଥମେ କ୍ରୋମାଇଟ ଚିହ୍ନଟ କରାଯାଇ ୧୯୫୭ରେ ଖନନ ଆରମ୍ଭ ହୋଇଥିଲା। ସେହିଦିନଠାରୁ ଦୈନିକ ବହୁ ସଂଖ୍ୟାରେ ଗଛ କଟାଚାଲିଛି। ଜଙ୍ଗଲ ସଂରକ୍ଷଣ ନିୟମ ହେବାପରେ ଯେ କୌଣସି ଖଣି, କାରଖାନା ଓ ଅନ୍ୟାନ୍ୟ ନିର୍ମାଣ ପାଇଁ କଟାଯାଉଥିବା ଗଛର ୧୦ ପ୍ରତିଶତ ଅଧିକ ଲଗାଇବାକୁ ନିର୍ଦ୍ଦେଶ ରହିଛି।

- **ଅକାଳରେ ମୃତ୍ୟୁବରଣ କରୁଛନ୍ତି ଲୋକେ**
- **ପରିବେଶ ସୁରକ୍ଷା ପାଇଁ ସଚେତନତା ଅଭାବ**

ମାତ୍ର ସରକାରଙ୍କ ସମସ୍ତ ନିୟମ କାଗଜ କଲମରେ ସୀମିତ ଥିବା ଖଣି ଅଞ୍ଚଳକୁ ଦେଖିଲେ ଲାଗୁଛି। ଖଣି ଖୋଲିଲେ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି, ଲୋକଙ୍କ ଆର୍ଥିକ ସ୍ୱଚ୍ଛଳତା ବଢିବ ବୋଲି ସମସ୍ତେ ଆଶା କରିଥିଲେ। ଲୋକଙ୍କ ଆଶା ମଧ ଅନେକ ପରିମାଣରେ ସଫଳ ହୋଇଛି। ହେଲେ ମନୁଷ୍ୟ ବଞ୍ଚିବା ପାଇଁ ଆବଶ୍ୟକ ସୁସ୍ଥ ବାୟୁମଣ୍ଡଳ, ଉତ୍ତମ ପରିବେଶ ଓ ଶୁଦ୍ଧ ପାନୀୟ ଜଳ ଦୁର୍ଲଭ ହେଲାଣି।

ବାୟୁମଣ୍ଡଳ ପ୍ରଦୂଷିତ ହେବାରେ ଲାଗିଛି। ଏହାଦ୍ୱାରା ପ୍ରତି ବର୍ଷ ଯକ୍ଷ୍ମା ପରି ଦୁରାରୋଗ୍ୟ ବ୍ୟାଧିରେ ଲୋକେ ମୃତ୍ୟୁବରଣ କରୁଛନ୍ତି। ପ୍ରତିଦିନ କ୍ରୋମାଇଟ ଲୋଡିଂ କରିବାକୁ ଆସୁଥିବା ଟ୍ରକ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିବାବେଳେ ଖଣିରୁ ବାହାରୁଥିବା ହେକ୍ସା ଭାଲେଣ୍ଟ ଜଳ କିଡ୍‌ନୀ ଜନିତ ରୋଗର କାରଣ ପାଲଟୁଛି। ଏହାଦ୍ୱାରା ପ୍ରତିବର୍ଷ ଅଞ୍ଚଳରେ ପ୍ରତିଗାଁରୁ ୫ରୁ୭ ଜଣଙ୍କ ମୃତ୍ୟୁ ହେଉଥିବା ଉଦାହରଣ ରହିଛି। ରାସୋଲ ଗାଁର ରସାନନ୍ଦ ସାମଲ, ନକୁଳ ସାମଲ, ମିନତି ମହାନ୍ତ, ବିଡିଓ ସାମଲଙ୍କ ସହ ଅନ୍ୟମାନେ କର୍କଟ ଓ ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କରିଛନ୍ତି। ବୃକ୍ଷରୋପଣ କରିବା, ପଲିଥିନ କମ ବ୍ୟବହାର କରିବା, ପାଣିକୁ ଫୁଟାଇ ପିଇବା ଓ ଘର ଚାରି ପାଖ ସଫା ରଖିବା ପାଇଁ ସଚେତନ କରିବାର ଆବଶ୍ୟକତା ରହିଛି। ହେଲେ ଖଣି କମ୍ପାନୀ ପ୍ରତିନିଧିମାନେ ବର୍ଷକୁ ଥରେ କିମ୍ବା ଦୁଇଥର ସ୍ୱାସ୍ଥ୍ୟଶିବିର କରି କେବଳ ପାରାସିଟାମଲ ବଟିକାରେ ନିଜ କର୍ତ୍ତବ୍ୟ ଶେଷ କରିଦେଉଛନ୍ତି। ଆଗାମୀ ଦିନରେ ଅଧିକ ଚାରାରୋପଣ, ସହ ଅନ୍ୟ ବିଷୟରେ ଲୋକେ ସଚେତନ ନ ହେଲେ ଯୁବପିଢ଼ି ଅକାଳରେ ମୃତ୍ୟୁବରଣ କରିବେ ବୋଲି ବୁଦ୍ଧିଜୀବୀ ଆଶଙ୍କା କରିଛନ୍ତି।

## ଚୋରି ମାଲ୍ ବୋଝେଇ ଟ୍ରକ୍ ଉଦ୍ଧାର

ପାଣିକୋଇଲି,୨୨।୯(ବିକାଶ ମଲ୍ଲିକ)



ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ସଠିପୁର ମଧ୍ୟରେ ଗତ ୧୭ ତାରିଖରେ ଚୋରି ହୋଇଥିବା ଏକ ସାମଗ୍ରୀ ବୋଝେଇ (ଓଡି-୦୫-ଏଏଚ୍-୧୬୩୮) ଆଇଚରକୁ ଉଦ୍ଧାର କରାଯାଇଛି। ଏଥିସହିତ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗାଡ଼ିରେ ଥିବା ସମାଗ୍ରୀ ଜବତ କରାଯାଇଛି। ଗିରଫ ଚାଳକ ହେଲେ କଟକ ଜିଲା ମାହାଙ୍ଗା ଥାନା ଆନ୍ଦପୁର ଗ୍ରାମର ସୁକାନ୍ତ କୁମାର ପରିଡ଼ା। ସେ ଚୋରି ଘଟଣାର ମୁଖ୍ୟ ନାୟକ ସାଜିଥିଲେ। ଆସାମ ଗୌହାଟିରୁ ଖୋର୍ଦ୍ଧାକୁ ପ୍ରାୟ ୩୭ ଲକ୍ଷ ଟଙ୍କାର ଡାବର କମ୍ପାନୀର ସାମଗ୍ରୀ ନେଇ ଆସୁଥିବା ଉକ୍ତ ଟ୍ରକ୍‌କୁ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ସଠିପୁର ପଥପ୍ରାନ୍ତ ମଝିରେ ରଖି ସୁକାନ୍ତ ଜିପିଏସ ବନ୍ଦ କରିବା ସହ ନିଜ ମୋବାଇଲକୁ ସୁଇଚ ଅଫ୍ କରି ଦେଇଥିଲେ। ପରେ ଟ୍ରକ୍‌କୁ ନେଇ ଛତିଆ ମନ୍ଦିର ଦେଇ ମାହାଙ୍ଗାରେ ପହଞ୍ଚିଥିଲେ। ସେଠାରେ ଏକ ଭଡା ଘରେ ସାମଗ୍ରୀ ଖଲାସ କରିବା ପରେ ଟ୍ରକକୁ ନେଇ ଡୁବୁରୀ ନିକଟରେ ରଖିଥିଲେ। ପୋଲିସ ତଦନ୍ତ କରି ସେଠାରେ ପହଞ୍ଚିଥିଲା।

ଗାଡ଼ି ଚୋରି ସମ୍ପର୍କରେ ମାଲିକ ଭଦ୍ରକ ଟାଉନଥାନା ଆଚାର୍ଯ୍ୟନଗର ଅଞ୍ଚଳର ଶୁଭକାନ୍ତ ବେହେରା ଥାନାରେ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ନଂ.୨୫୮/୨୩ ରୁଜୁ ହୋଇଥିଲା। ଯାଜପୁର ଆରକ୍ଷୀ ଅଧୀକ୍ଷକ ଭିନିତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ପାଣିକୋଇଲି ଥାନା ଅଧିକାରୀ ଲିଜାରାଣୀ ବିଶ୍ୱାଲଙ୍କ ନେତୃତ୍ୱରେ ଏକ ଟିମ ତଦନ୍ତ ଆରମ୍ଭ କରିଥିଲା। ମାହାଙ୍ଗାରୁ ପ୍ରାୟ ସମସ୍ତ ସାମଗ୍ରୀ ଜବତ କରିବା ପରେ ଚାଳକଙ୍କୁ କାବୁ କରାଯାଇଥିଲା। ପରେ ଡୁବୁରୀରୁ ଉକ୍ତ ଟ୍ରକକୁ ପୋଲିସ ଜବତ କରିଥିଲା ବୋଲି ପାଣିକୋଇଲି ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ


ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

ଯାଜପୁର ସଦର,୨୨।୯(ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜିଲାସ୍ତରୀୟ ପ୍ରତିଷ୍ଠା ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଯାଜପୁର ଜିଲାର ୧୦ ବ୍ଲକରେ ଥିବା ୧୦ ଆଦର୍ଶ ବିଦ୍ୟାଳୟର ୩୫୦ ଛାତ୍ରୀଛାତ୍ର ଓ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ସାଧାରଣଜ୍ଞାନ ପରୀକ୍ଷା, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ ଓ ଓଡ଼ିଶାର ପାରମ୍ପରିକ ନୃତ୍ୟ(ଓଡ଼ିଶୀ, ଛଉ, ଘୁମୁରା, ପିହୁ, କଥକ) ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ମୃତିରେଖା ନାୟକ, ସମ୍ମାନିତ ଅତିଥି ଯାଜପୁର ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧକ୍ଷା ସବିତାରାଣୀ ସାହୁ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଓଝା ଓ ଅବସରପ୍ରାପ୍ତ ବିଇଓ ବ୍ରଜକିଶୋର ସାହୁ ଯୋଗ ଦେଇଥିଲେ। ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବ ପ୍ରାରମ୍ଭରେ ଅତିଥି ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ, ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ସାହୁ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ।

ମୁଖ୍ୟଅତିଥି ନିଜ ବକ୍ତବ୍ୟ ମାଧ୍ୟମରେ ପୂର୍ବରୁ ଥିବା ପାଠ୍ୟକ୍ରମ ଓ ବର୍ତ୍ତମାନ ପ୍ରଚଳିତ ପାଠ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା କ୍ଷେତ୍ରରେ ଦେଖିଥିବା ସ୍ୱପ୍ନକୁ ସାକାର କରିବା କ୍ଷେତ୍ରରେ ପ୍ରତ୍ୟେକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ପ୍ରଫୁଲ୍ଲ ଓଝା ଏହି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିବା ସହ ଛାତ୍ରୀଛାତ୍ର ଭଲ ପାଠ ପଢି ଜଣେ ଜଣେ ବଡ଼ ମଣିଷ ହୋଇ ରାଜ୍ୟ ତଥା ଦେଶର ବିକାଶକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲାର ପ୍ରତ୍ୟେକ ଆଦର୍ଶ ବିଦ୍ୟାଳୟରୁ ଆସି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ୧୭୪ କୃତୀ ଛାତ୍ରୀଛାତ୍ର ଓ ବିଚାରକ ଭାବେ ବିଭିନ୍ନ ବିଭାଗରେ ଯୋଗଦେଇଥିବା ଗୁରୁ ଅଜୟ ସାହୁ, ପ୍ରଦୀପ ଜେନା, ତପନ ଦାସ, ରଞ୍ଜନ ମଲ୍ଲିକ, ପୁଷ୍ପାଞ୍ଜଳି ସ୍ୱାଇଁ, ସଞ୍ଜୟ ପ୍ରଧାନ, ଶରତ ମୁଦୁଲି, ଗୋଲଖ ଚନ୍ଦ୍ର ସାହୁ ଓ ଅଭିଲିପ୍ସା ଜେନାଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।

## ମଦ ଦୋକାନରେ ଗଣ୍ଡଗୋଳ

ବରୀ,୨୨।୯(ମହେନ୍ଦ୍ର ସ୍ୱାଇଁ)

ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଶଙ୍ଖାରିଗଡ଼ାଠାରେ ଥିବା ଏକ ସରକାରୀ ମଦ ଦୋକାନ କର୍ମଚାରୀ ଏବଂ ଜଣେ ଗ୍ରାହକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏନେଇ ଉଭୟେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଗ୍ରହଣ କରିବା ପରେ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, କୌଣସି କଥାକୁ ନେଇ ମଦ ଦୋକାନ କର୍ମଚାରୀ ସିଲୁ ସାମଲ ସାହାସପୁର ଗ୍ରାମର ସନ୍ତୋଷ ଦାସଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ସେ ଗୁରୁତର ହୋଇ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ତାଙ୍କ ସ୍ତ୍ରୀ ବିନତି ଦାସ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମଦଦୋକାନ କର୍ମଚାରୀ ତାଙ୍କ ସ୍ୱାମୀଙ୍କୁ ଜାତିଆଣା ଆକ୍ଷେପ କରି ମନ୍ତବ୍ୟ ଦେଇଛନ୍ତି।

ଏଥିସହିତ ତାଙ୍କଠାରୁ ୭୦ ହଜାର ଟଙ୍କା ଛଡ଼ାଇ ନେଇଛନ୍ତି। ଅନ୍ୟପକ୍ଷରେ ସନ୍ତୋଷ ଅତ୍ୟଧିକ ମଦ୍ୟପାନ କରି ସିଲୁ ଓ ତାଙ୍କ ଦୋକାନର ଅନ୍ୟ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବିଭିନ୍ନ ଆସବାବପତ୍ର ଭଙ୍ଗା ରୁଜା କରିଥିବା ସିଲୁ ପାଲଟା ଅଭିଯୋଗ କରିଛନ୍ତି। ସିଲୁଙ୍କ ଅଭିଯୋଗକ୍ରମେ ନଂ.୩୩୩/୨୩ ଓ ବିନତିଙ୍କ ଅଭିଯୋଗକ୍ରମେ ନଂ.୩୩୬/୨୩ରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ୨ ଅଭିଯୋଗ ଉପରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଘଟଣାର ସତ୍ୟତାକୁ ଅନୁଭବ କରିବା ପରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଟାଟାଷ୍ଟିଲ ପକ୍ଷରୁ ଶିଶୁ କର୍କଟ ସଚେତନତା

କାଳିଆପାଣି,୨୨।୯(ଅସିତ ମହାନ୍ତ)

ଟାଟାଷ୍ଟିଲ ପକ୍ଷରୁ ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ଶିଶୁ କର୍କଟ ରୋଗକୁ ନେଇ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର କିଶୋରୀକିଶୋର ଓ ଅଭିଭାବକଙ୍କ ସମେତ ୧୫୦ରୁ ଅଧିକ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଟାଟାଷ୍ଟିଲ୍‌ର ସହକାରୀ ମଣ୍ଡଳ ପ୍ରବନ୍ଧକ(କର୍ମଚାରୀ କଲ୍ୟାଣ) ଡ. ଏଭେଲିନା ପ୍ରଶାନ୍ତ ମଜୁମଦାର ଯୋଗଦେଇ କାର୍ଯ୍ୟକ୍ରମର ବିଷୟ ଉପରେ ଆଲୋଚନା କରିଥିଲେ। ବିଶ୍ୱରେ ଏହି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଡ. ମଜୁମଦାର ଲୋକଙ୍କ ମଧ୍ୟରେ ଥିବା ଶିଶୁ କର୍କଟ ରୋଗ ସମ୍ପର୍କିତ ଭ୍ରାନ୍ତଧାରଣା ଦୂର କରିବା ସହ ଏହା ଉପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଲୁକେମିଆ, ଲିମ୍ଫୋମାସ, ବ୍ରେନ କ୍ୟାନସର, ସଲିଡ ଟ୍ୟୁମର ଏବଂ ଏହାର ବିପଦ ସଙ୍କେତ ବିଷୟରେ ଲୋକମାନଙ୍କୁ ସେ ଅବଗତ କରାଇଥିଲେ। ଶିଶୁ କର୍କଟ ରୋଗର ସଙ୍କେତ, ଲକ୍ଷଣ ଏବଂ ଉପଲବ୍ଧ ସହାୟତା ବିଷୟରେ ଲୋକେ ଜାଣିବାକୁ ପାଇଥିଲେ। ଏନେଇ ଟାଟାଷ୍ଟିଲ୍ ଫେରୋ ଆଲଏଜ ଆଣ୍ଡ ମିନେରାଲ ଡିଭିଜନର ଏକ୍‌ଜିକ୍ୟୁଟିଭ ଇନ-ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଉଚ୍ଚ ଆୟ ବର୍ଗ ଓ ନିମ୍ନମଧ୍ୟମ ଆୟବର୍ଗର ଦେଶଗୁଡ଼ିକ ମଧ୍ୟରେ କର୍କଟ ପୀଡ଼ିତ ଶିଶୁଙ୍କ ବଞ୍ଚିବା ହାର ଭିତରେ ତାରତମ୍ୟ ଅଧିକ ରହିଛି ଏବଂ ଏହି ରୋଗରେ ପୀଡ଼ିତ ପିଲାମାନଙ୍କ ଆରୋଗ୍ୟରେ ଥିବା ଅନ୍ତରକୁ ଦୂର କରିବା ଲାଗି ଏହା ହେଉଛି ଉପଯୁକ୍ତ ସମୟ। ଟାଟା ଷ୍ଟିଲ ଫାଉଣ୍ଡେଶନ ସହଯୋଗରେ ଆୟୋଜନ କରାଯାଇଥିବା ଏହି ସଚେତନତା କାର୍ଯ୍ୟକ୍ରମରେ କର୍ମଚାରୀ, ସେମାନଙ୍କ ପରିବାର ଓ ସ୍ଥାନୀୟ ଗୋଷ୍ଠୀ ସମୁଦାୟର ସଦସ୍ୟମାନେ ଭାଗନେଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧିକାରୀ ଓ ଅନ୍ୟମାନେ।

## ଗାଡ଼ି ଧକ୍କାରେ ପଥଚାରୀ ଗୁରୁତର

ଧର୍ମଶାଳା,୨୨।୯(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ୫୩ ନମ୍ବର ଜାତୀୟ ରାଜପଥର ସୁଭଦ୍ରାପୁର ନିକଟରେ ଶୁକ୍ରବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ପଥଚାରୀ ଗୁରୁତର ହୋଇଛନ୍ତି। ସେ ସୁଭଦ୍ରାପୁର ଗ୍ରାମର ଶିବ ସିଂ(୫୮) ବୋଲି ଜଣାପଡ଼ିଛି। ଶିବ ଅପରାହ୍ନରେ କୌଣସି କାମରେ ଚାଲିଚାଲି ଚଣ୍ଡିଖୋଲ ଛକକୁ ଯାଉଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ସେଠାରେ ଗୁରୁତର ହୋଇଥିଲେ। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଜିଲାସ୍ତରୀୟ କବାଡ଼ି, ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

ଧର୍ମଶାଳା,୨୨।୯(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ଜାଗୁଳାଇ ହାଇସ୍କୁଲ୍ ଖେଳ ପଡ଼ିଆରେ ୨ ଦିନିଆ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ଓ ଖୋଖୋ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ାରେ ସ୍କୁଲର ୧୪ ଓ ୧୭ ବର୍ଷରୁ କମ ବାଳିକା ଓ ବାଳକମାନେ ଭାଗ ନେଇଥିଲେ। ଜିଲାର ୧୦ ବ୍ଲକରୁ ମୋଟ୍ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଠାରେ ଚୟନ ହୋଇଥିବା କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ବୋଲି ସୂଚନା ଦିଆଯାଇଛି।

ଗୁରୁବାର ଖୋଖୋ ବାଳକ ବିଭାଗରେ ଦାନଗଦି ବ୍ଲକ ଚାମ୍ପିୟନ ଓ ବିଞ୍ଝାରପୁର ବ୍ଲକ ରନର୍ସଅପ ହୋଇଥିଲା। ବାଳିକା ବିଭାଗରେ ରସୁଲପୁର ବ୍ଲକ ଚାମ୍ପିୟନ ହୋଇଥିବାବେଳେ ସୁକିନ୍ଦା ବ୍ଲକ ରନର୍ସଅପ ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ କବାଡି ପ୍ରତିଯୋଗିତାର ବାଳକ ବିଭାଗରେ ରସୁଲପୁର ଚାମ୍ପିୟନ ହୋଇଥିବାବେଳେ ବଡ଼ଚଣା ବ୍ଲକ ରନର୍ସଅପ ହୋଇଛି। ସେହିପରି କବାଡ଼ି ବାଳିକା ବିଭାଗରେ ସୁକିନ୍ଦା ଚାମ୍ପିୟନ ହୋଇଥିବାବେଳେ ରସୁଲପୁର ରନର୍ସଅପ ହୋଇଛି। ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ଯୋଗଦେଇ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶରେ ସହାୟତା ହୋଇଥାଏ ବୋଲି କହିଥିଲେ। ପରେ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାସ ଓ ଜାଗୁଳାଇ ହାଇସ୍କୁଲର ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ।

# ରାସ୍ତା ମଝିରେ ଗର୍ତ୍ତ, ଦୁର୍ଘଟଣା ବଢୁଛି

ଯାଜପୁରରୋଡ୍, ୨୨।୯ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର-କେନ୍ଦୁଝର ରେଳଷ୍ଟେଶନ ସହ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରେଲ୍‌ୱେ ରାସ୍ତାଟି ସହରର ଏକ ପ୍ରମୁଖ ରାସ୍ତା। ଏହି ରାସ୍ତା ଗୋପବନ୍ଧୁ ଛକଠାରୁ ଆରମ୍ଭ ହୋଇ ଷ୍ଟେଶନବଜାର, ବସ୍‌ଷ୍ଟାଣ୍ଡ, ବ୍ୟାସନଗର ପୌର ପରିଷଦ ଓ ତହସିଲ କାର୍ଯ୍ୟାଳୟ ସହ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଛି। ଏହାସହ ବ୍ୟାଙ୍କ ଷ୍ଟ୍ରିଟ୍, ରାଧାନାଥ ମାର୍ଗ ରାସ୍ତା ମଧ ଏହି ରାସ୍ତାକୁ ସଂଯୋଗ କରୁଥିବାରୁ ରାସ୍ତାଟି ସବୁବେଳେ ବ୍ୟସ୍ତବହୁଳ ରହିଥାଏ। ଏହିରାସ୍ତାର ଷ୍ଟେଶନ ନିକଟରୁ ମାତ୍ର ୫୦ ମିଟର ମଧ୍ୟରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଏଥିସହ ଉକ୍ତ ଗର୍ତ୍ତ ଦୁର୍ଘଟଣାର କାରଣ ସାଜିଛି।


ଯାଜପୁର-କେନ୍ଦୁଝର ରେଳଷ୍ଟେଶନ ସହ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତା।

ଦୈନିକ ବହୁ ଯାତ୍ରୀ ରେଳ ଓ ବସ୍ ଦ୍ୱାରା ବିଭିନ୍ନ ସ୍ଥାନକୁ ଯିବା ଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ସେହିପରି ପୌର ପରିଷଦ ଓ ତହସିଲ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଲୋକେ ଏହି ରାସ୍ତାରେ ଯାଇଥାଆନ୍ତି। ସ୍କୁଲ୍, କଲେଜ ଛାତ୍ରୀଛାତ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀନେଇ ଯାଉଥିବା ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଯାନବାହନ ଏହି ରାସ୍ତା ଉପରେ ମଧ ନିର୍ଭର କରିଥାନ୍ତି। ବସଷ୍ଟାଣ୍ଡରୁ ଯାତ୍ରୀବାହୀ ବସ୍‌ଗୁଡ଼ିକ ବିଭିନ୍ନ ସହରକୁ ଯାତ୍ରୀ ପରିବହନ କରିଥିବାବେଳେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ବହୁ କର୍ମଚାରୀ ଏହିଠାରୁ ବସ ଯୋଗେ ମଧ ଯିବା ଆସିବା କରିଥାନ୍ତି। ତେବେ ଦୀର୍ଘ ଦିନ ହେବ ରାସ୍ତା ମଝିରେ ଗର୍ତ୍ତ ହୋଇ ସେଥିରେ ବର୍ଷା ପାଣି ଜମିରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହ ଦୁର୍ଘଟଣାକୁ ଦ୍ୱିଗୁଣିତ କରିଛି। ବିଶେଷକରି ୨ ଚକିଆ ଗାଡ଼ିରେ ଯାଉଥିବା ଲୋକେ ଦୈନିକ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦୃଶ୍ୟମାନ ହେଉଛି। ଉକ୍ତ ରାସ୍ତାଟି ପୂର୍ବତଟ ରେଳପଥ ଅଧୀନ ହୋଇଥିଲେ ମଧ ଉଭୟ ପୌର ପରିଷଦ ଓ ରେଳବିଭାଗ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ କରିଥାନ୍ତି। ହେଲେ ଦୈନିକ ରେଳପଥ ଅଧିକାରୀ ଓ ପୌର କର୍ତ୍ତୃପକ୍ଷ ଉକ୍ତ ରାସ୍ତାରେ ଯିବା ଆସିବା କରୁଥିଲେ ମଧ ନିଜ ଦାୟିତ୍ୱ ତୁଲାଇବାରେ ପଛଘୁଞ୍ଚା ଦେଉଛନ୍ତି। ଏ ସମ୍ପର୍କରେ ଯାଜପୁରୋଡ୍‌ଠାରେ ଥିବା ପୂର୍ବତଟ ରେଲୱେର ସହକାରୀ ଯନ୍ତ୍ରୀ ରାଜକିଶୋର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ରାସ୍ତା ଅବସ୍ଥା ବିଷୟରେ ଅବଗତ ନାହାନ୍ତି। ଅନ୍ୟପକ୍ଷରେ ଏହା ପିଚୁ ରାସ୍ତା ହୋଇଥିବାରୁ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଏହାର ମରାମତି ଆମ କ୍ଷମତା ବାହାରେ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର କହିଛନ୍ତି। ତେଣୁ ରେଲୱେ କର୍ତ୍ତୃପକ୍ଷ ଏହି ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

### ତୁରନ୍ତ ମରାମତି ଦାବି

# ବିଦ୍ୟାଳୟ ରାସ୍ତାରେ ବାଡ଼, ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ

ବାଲିକୁଦା,୨୨।୯ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଶିକ୍ଷା ଅଧୀନରେ ଥିବା ଅନନ୍ତପୁର ପଞ୍ଚାୟତ କେଉପଡ଼ା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯାତାୟାତ କରିବା କଷ୍ଟକର ହେଉଛି। ମୁଖ୍ୟ ରାସ୍ତାକୁ ସେହି ଗ୍ରାମର ଦେବେନ୍ଦ୍ର ସେଠୀ ଓ ଟୁକୁନା ସେଠୀ ଜବରଦଖଲ ପୂର୍ବକ ରାସ୍ତାରେ ବାଡ଼ ପୋତିଛନ୍ତି। ଫଳରେ ବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତା ଉପରେ ବସିଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ୨୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯାଜନିକା ସାହୁ ଓ ସହକାରୀ ଶିକ୍ଷକ ଭାବେ ପରୀକ୍ଷିତ ପ୍ରଧାନ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିଥାନ୍ତି। ବିଦ୍ୟାଳୟକୁ ଆସିବା ସମୟରେ ରାସ୍ତାରେ ବାଉଁଶ ବାଡ଼ ଦିଆଯାଇଥିବା ପିଲା ଦେଖିବାକୁ ପାଇଥିଲେ। ଶିକ୍ଷକ ଏଣୁ ଉକ୍ତ କାରଣ ସମ୍ପର୍କରେ ପଚାରିବାରୁ ଉକ୍ତ ଗ୍ରାମର ଦେବେନ୍ଦ୍ର, ତାଙ୍କ ଭାଇ ଟୁକୁନା ସେଠୀ ସେହି ଜାଗାଟି ଆମର ଓ ସରକାର ଏହାର କାଗଜପତ୍ର ଆମ ନାମରେ କରିଛନ୍ତି। ଏଣୁ ଆମେ ଉକ୍ତ ରାସ୍ତାକୁ ଅବରୋଧ କରିଛୁ।


ବିଦ୍ୟାଳୟ ରାସ୍ତାରେ ବାଡ଼ ପକାଯିବାରୁ ପିଲାମାନେ ବାହାରେ ବସି ପାଠ ପଢୁଛନ୍ତି।

ଯଦି କେହି ଉକ୍ତ ବାଡକୁ ଭାଙ୍ଗିବାକୁ ଚେଷ୍ଟା କରେ ତେବେ ତା' ନାମରେ ଆମେ ଥାନାରେ ଅଭିଯୋଗ କରିବୁ ବୋଲି ଧମକାଇ ଥିଲେ। ଏପରିକି ଉକ୍ତ ରାସ୍ତାର ଗତିବିଧି ଲକ୍ଷ୍ୟ ରଖିବା ପାଇଁ ଏକ ସିସିଟିଭି କ୍ୟାମେରା ଲଗାଇ ଘରେ ବସି ଏହାର ସ୍ଥିତି ଅନୁଧାନ କରୁଥିବା ଦେଖିବାକୁ ମିଳିଥିଲା।

ଗ୍ରାମବାସୀଙ୍କ ସୂଚନା ମୁତାବକ, ଉକ୍ତ ଜମିଟି ଝୁଡି ଜଙ୍ଗଲ ହୋଇଥିବା ବେଳେ ଏମାନଙ୍କୁ ଲିଜ୍ ସୂତ୍ରରେ ତହସିଲ ପକ୍ଷରୁ ଦିଆଯାଇଥିଲା। ଯାହାର ଅବଧି ଶେଷ ହୋଇଥିଲେ ସୁଦ୍ଧା ସେମାନେ ବଳପୂର୍ବକ ଏହାକୁ ଜବରଦଖଲ କରିବାକୁ ଚେଷ୍ଟା କରୁଛନ୍ତି। ବିଦ୍ୟାଳୟ ଆରମ୍ଭରୁ ଛାତ୍ରୀଛାତ୍ର ଓ ଶିକ୍ଷକ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ। ଆଜିର ଘଟଣା ପିଲାମାନଙ୍କୁ ରାସ୍ତା ଉପରେ ଠିଆ କରାଇଛି। ଏଣୁ ସରକାର ଏହା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ରାସ୍ତା ବନ୍ଦ ହୋଇଯିବା ପରେ ଶିକ୍ଷୟିତ୍ରୀଶିକ୍ଷକ ପିଲାମାନଙ୍କୁ ରାସ୍ତା ଉପରେ ଏକ ଜରି ପାଲ ପକାଇ ଶିକ୍ଷା ପ୍ରଦାନ କରିଥିବା ଓ ମଧ୍ୟାହ୍ନ ଭୋଜନ ନ ପାଇ ପିଲା ଭୋକରେ ଉହଳ ବିକଳ ହେଉଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସିଆର୍‌ସିସି ବଙ୍ଗେଶ୍ୱର ସ୍ୱାଇଁଙ୍କୁ ପଚାରିବାରୁ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ବିଇଓଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ସହ ଏକ ଚିଠି ନେଇ ଅଫିସ କାର୍ଯ୍ୟାଳୟରେ ଦିଆଯାଇଛି। ଏବିଡିଓ ସଞ୍ଜୟ କୁମାର ଦାସଙ୍କୁ ପଚାରିବାରେ ବିଇଓଙ୍କୁ ତୁରନ୍ତ ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ ପାଇଁ ବ୍ୟବସ୍ଥା କରୁଛି। ହେଲେ କଥା ଉଠୁଛି ଜଣେ ବ୍ୟକ୍ତି ସରକାରଙ୍କ ସମ୍ପତ୍ତିକୁ ଜବରଦଖଲ କରିଥିବା ବେଳେ କୋମଳମତି ପିଲା ରାଜରାସ୍ତାରେ ଠିଆ ହୋଇଥିବା ଦୃଶ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ରକୁ ସମ୍ମୁଖକୁ ଆଣିଛି। କିଭଳି ବିଦ୍ୟାଳୟ ସମ୍ମୁଖ ରାସ୍ତାକୁ ଲିଜ ସୂତ୍ରରେ ପ୍ରଦାନ କରାଯାଇଥିଲା ତାହା ତଦନ୍ତ ସାପେକ୍ଷ ବୋଲି ଦାବି କରିଛନ୍ତି ଗ୍ରାମବାସୀ। ସକାଳ ୧୦ଟାରୁ ଘଟଣା ଘଟିଥିବା ବେଳେ ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ, ଅନନ୍ତପୁର ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଘଡ଼େଇଙ୍କୁ ନେଇ ଘଟଣାସ୍ଥଳରେ ସନ୍ଧ୍ୟା ୭ ଟାରେ ପହଞ୍ଚି ଅବରୋଧକାରୀଙ୍କ ଘରକୁ ଯାଇ କାଗଜପତ୍ର ମାଗିଥିଲେ। ଏହାର କାଗଜପତ୍ର ମାଗିବା ସହ କ'ଣ ପାଇଁ ଅବରୋଧ କଲ ବୋଲି ଚେତାବନୀ ଦେଇଥିଲେ। ଶନିବାର ଉକ୍ତ ବାଡ଼କୁ ଉଚ୍ଛେଦ ନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅଧିକାରୀଙ୍କୁ ଜଣାଇଛନ୍ତି। ଗ୍ରାମବାସୀ ତହସିଲଦାରଙ୍କ ବିଳମ୍ବରେ ଉପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଭାଜପା ପକ୍ଷରୁ ସମୂହ ଦୀପଦାନ

ପଟ୍ଟାମୁଣ୍ଡାଇ, ୨୨।୯ (କଳ୍ପତରୁ ନାୟକ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ସ୍ଥାନୀୟ ଶ୍ରୀରାମ ମନ୍ଦିରଠାରେ ପୂଜାର୍ଚ୍ଚନା ସହ ସମୂହ ଦୀପଦାନ କରାଯାଇଥିଲା। ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ନେତା ଡ. ଅଲେଖ ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ,ପ୍ରାକ୍ତନ ନଗର ଭାଜପା ସଭାପତି ପଦ୍ମନାଭ ପଣ୍ଡା, ନଗର ମହିଳା ଭାଜପା ସଭାପତି ରଶ୍ମିତା ସାହୁ, ନଗର ଯୁବମୋର୍ଚ୍ଚା ସଭାପତି ଅଜୟ ଦାସ, ନଗର ସାଧାରଣ ସମ୍ପାଦକ ଅଶୋକ ସାହୁ ଲିଜାରାଣୀ ଦାସ, ସ୍ୱର୍ଣ୍ଣଲତା ବିଶ୍ୱାଳ, ସୁଷମା ବେହେରା, ଗୀତାଞ୍ଜଳି ରାଉତ, ଝୁନାରାଣୀ ସାହୁ, ବନ୍ଦନା ନାୟକ, ସୁଧାଂଶୁ ତ୍ରିପାଠୀ, ଅଶୋକ ଗିରି, ଦୀପକ ମଲିକ, ଦେବାଶିଷ ମଲିକ, ହୃଷୀକେଶ ମଲିକ ଓ ସୁଶାନ୍ତ ସେଠୀ ପ୍ରମୁଖ ବହୁ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇ ଦୀପଦାନ କରିଥିଲେ।

## ରାଜକନିକାରେ ଜଗନ୍ନାଥ ମନ୍ଦିର ପାଇଁ ଦାରୁ ସଂଗ୍ରହ


ଦାରୁକୁ ଶୋଭାଯାତ୍ରାରେ ନିଆଯାଉଛି।

ରାଜକନିକା, ୨୨।୯ (ସଞ୍ଜୟ କୁମାର ଦାଶ)

ରାଜକନିକା ଅଞ୍ଚଳର ଶ୍ରୀଶ୍ରୀଗୋପୀନାଥ ଜୀଉଙ୍କ ବିଜେସ୍ଥଳି ଭାବେ ପରିଚିତ ସଦର ମହକୁମାର ବଡ଼ାଗର ଗ୍ରାମ ପ୍ରବେଶ ପଥରେ ବିଶ୍ୱନିୟନ୍ତା ଜଗତରନାଥ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ପାଇଁ ଶୁକ୍ରବାର ଦାରୁ ସଂଗ୍ରହ କରାଯାଇଛି। ଶୁକ୍ରବାର ପ୍ରାତଃରୁ ମା' କନକାଇଙ୍କ ପୀଠରେ ବିଧି ମୁତାବକ ସମସ୍ତ ପୂଜାବିଧି ସମ୍ପନ୍ନ କରାଯାଇ ଆଙ୍ଖାମଳ ନେଇ ଚିହ୍ନଟ ହୋଇଥିବା ନୂଆ ଆରସା ଗାଁରେ ଦାରୁ ପାଖରେ ପହଞ୍ଚି ପୂଜାର୍ଚ୍ଚନା ପୂର୍ବକ ଦାରୁ ଛେଦନ କରାଯାଇଥିଲା। ପରେ ଅପରାହ୍ଣରେ ଦାରୁକୁ ଏକ ଶଗଡ଼ରେ ବିରାଟ ପଟୁଆରରେ ଘଣ୍ଟଘଣ୍ଟା, ମାର୍ଦ୍ଦଳ, ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନ ତାଳେ ତାଳେ ଗ୍ରାମର ଆବାଳ ବୃଦ୍ଧ ବନିତା ଏକାକାର ହୋଇ ରାଜକନିକା ସଦର ପରିକ୍ରମା କରି ପାଛୋଟି ନେଉଥିବା ଦେଖିବାକୁ ମିଳିଥିଲା।

## ବ୍ରାଉନସୁଗାର ସହ କାର, ବାଇକ୍ ଜବତ: ୪ ଗିରଫ

କୁଜଙ୍ଗ, ୨୨।୯ (ମନୋଜ ପ୍ରଧାନ)

ବ୍ରାଉନସୁଗାର କାରବାର କରୁଥିବା ସମୟରେ ପାରାଦୀପ ଲକ୍ ପୋଲିସ ବ୍ରାଉନସୁଗାର ସମେତ ଏକ କାର, ବାଇକ୍ ଜବତ କରିବା ସାଙ୍ଗକୁ ୪ ଜଣକୁ ଗିରଫ କରାଯାଇଛି। ଗୁରୁବାର ରାତ୍ରି ୧୦ଟାରେ ଲକ୍ ଥାନା ତଥା କୁଜଙ୍ଗ ବ୍ଲକ ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗିଟାଳି ପୋଲ ନିକଟରେ ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ମୁଶାଡ଼ିଆ ଗ୍ରାମର ସୁନିଲ ଲେଙ୍କା, ରାଜେନ ମିସ୍ତ୍ରି, ବିପ୍ଳବ ମଣ୍ଡଳ ଓ ଲକ୍ ଥାନା ଅନ୍ତର୍ଗତ ବିଜୟଚାନ୍ଦପୁର ହାଣ୍ଡିଆ ଗାଁର ଦେବେନ୍ଦ୍ର ସ୍ୱାଇଁ ବ୍ରାଉନସୁଗାର କାରବାର କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ସବ୍‌ଇନ୍ସପେକ୍ଟର ଧରିତ୍ରୀ ଜେନାଙ୍କ ନେତୃତ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉପରୋକ୍ତ ୪ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୧୮ଗ୍ରାମ ବ୍ରାଉନସୁଗାର ନଗଦ ୧୫ ଶହ ଟଙ୍କା, କାର ନଂ. ଓଡି୦୨ବିବି୦୯୨୯, ବାଇକ୍ ନଂ. ଓଡି୨୧ଇ୧୧୩୫ ଏବଂ ମୋବାଇଲ ଫୋନ ସବୁକୁ ଏକଜିକ୍ୟୁଟିବ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ କରାଯାଇଛି। ଥାନାରେ ଦଫା ୨୧(ଖ)/୨୯ ଏନ୍‌ଡିପିଏସ ଆକ୍ଟରେ ନଂ. ୩୯୭/୨୩ରେ ପୋଲିସ ମାମଲା ରୁଜୁ କରିଛି। ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ପାଇପ ଲାଇନ ବିଛା ଯୋଗୁ ରାସ୍ତା କାଦୁଅ

ନାଉଗାଁ ,୨୨।୯ (ସୁଧା ବେହୁରା)

ସରକାରଙ୍କ ବସୁଧା ଯୋଜନାରେ ନାଉଗାଁ ବ୍ଲକରେ ପ୍ରକଳ୍ପ ନିର୍ମାଣଠାରୁ ଆରମ୍ଭ କରି ପାଇପ ବିଛା କାର୍ଯ୍ୟ ଜାରି ରହିଛି। ପ୍ରତ୍ୟେକ ଗୃହକୁ ପାନୀୟ ଜଳ ଯୋଗାଇବା ପାଇଁ ପାଇପ ଲାଇନ ସଂଯୋଗ କରାଯାଉଛି। ଏହି ପାଇପ ଲାଇନ କାମ ସ୍ଥାନୀୟ ଲୋକ ଓ ଯାତ୍ରୀମାନଙ୍କ ପାଇଁ କାଳ ସାଜିଛି। ପାଇପ ଲାଇନ ବିଛା ଯୋଗୁ ପିଲାମାନଙ୍କର ବିଦ୍ୟାଳୟକୁ ଯିବା ବନ୍ଦ ହେଉଥିବା ବେଳେ ପ୍ରତ୍ୟେହ କେହି ନା କେହି ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି। ଠିକାଦାର ମନଇଚ୍ଛା ରାସ୍ତା ଖୋଳି ମାଟି ପକାଉଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ବ୍ଲକ ଅଧୀନ ତିରୁଣା ପଞ୍ଚାୟତରେ ନାଉଗାଁ-ଡାବରକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତା ପାର୍ଶ୍ୱର ଦହିପାଳଠାରୁ ଅରିଓଦା ପର୍ଯ୍ୟନ୍ତ ମାଟି ତଳେ ପାଇପ ଲାଇନ ଯିବା ପାଇଁ ରାସ୍ତା ଖୋଳା ଚାଲିଛି। ଠିକାଦାର ଜେସିବି ମେଶିନ ମାଧ୍ୟମରେ ମାଟି ଖୋଳି ପାଇପ ବିଛାଇ ପୁନର୍ବାର ମାଟିକୁ ପୋତୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାସ୍ତାରୁ ମାଟି ଭଲ ଭାବେ ସଫା କରୁ ନ ଥିବାରୁ ଝିପି ଝିପି ବର୍ଷାରେ ମାଟି ଭିଜି କାଦୁଅ ହେଉଛି। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଯିବା ଯୋଗୁ ରାସ୍ତା ସାରା କାଦୁଅରେ ଭର୍ତ୍ତି ହୋଇଯାଉଛି। ଏହି ରାସ୍ତାରେ ୨ ଚକିଆ ଯାନ, ସାଇକଲେ ଆଦି ଯିବା କଷ୍ଟ ସାଧ ହୋଇପଡୁଛି। ଆଦର୍ଶ ବିଦ୍ୟାଳୟକୁ ଏହି ରାସ୍ତା ଦେଇ ଯିବାକୁ ପଡୁଥିବାରୁ ଅନେକ ଛୋଟ ପିଲା



- ଦୈନିକ ଘଟୁଛି ଦୁର୍ଘଟଣା
- ଘରୁ ବାହାରକୁ ବାହାରି ପାରୁନାହାନ୍ତି ଲୋକ

ସାଇକେଲରୁ ପଡୁଛନ୍ତି। ବାଇକ୍ ଆରୋହୀ ମଧ୍ୟ ଦୁର୍ଘଟଣାର ଶିକାର ହେଉଛନ୍ତି। ବର୍ଷା ଦିନେ ରାସ୍ତା ଖୋଳି କାମ କରାଯାଉଥିବା ବେଳେ ତଦାରଖ ଦାୟିତ୍ୱରେ ଥିବା ଗ୍ରାମ୍ୟ ଜଳ ପରିମଳ ବିଭାଗର ଅଧିକାରୀ କିପରି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ କାମ କରୁଥିବା ଠିକାଦାର ବିଭାଗ ପକ୍ଷରୁ ମାସେ ମଧ୍ୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପାଇପ ଟେଷ୍ଟିଂ ହୋଇ ଆସିବା ପରେ ଆମେ କାର୍ଯ୍ୟ ଆରମ୍ଭ କରିଛୁ ବୋଲି ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ପରିମଳ ବିଭାଗର ଯନ୍ତ୍ରୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ ବର୍ଷାଦିନେ କାମ ବନ୍ଦ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କରାଯାଉଥିବା କାମକୁ ବନ୍ଦ ରଖାଯାଇଛି। ଯଥାଶୀଘ୍ର ରାସ୍ତା ସଫା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ରାହାଜାନି ଅଭିଯୋଗରେ ୪ ଗିରଫ

କୁଜଙ୍ଗ, ୨୨।୯ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ପଞ୍ଜାବି ଛକ ନିକଟରେ ବୁଧବାର ରାତିରେ ରାହାଜାନି କରିବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଏରସମା ଥାନା ଅଞ୍ଚଳର ଜଣେ ଦମ୍ପତି ଓ ତାଙ୍କର ୬ ବର୍ଷର ଝିଅ ସହ ଘରକୁ ଫେରୁଥିଲେ। ଏହି ସମୟରେ କୁଜଙ୍ଗ ଥାନା ଅନ୍ତର୍ଗତ ତେନ୍ତୁଳିଆ ଗାଁର ଜିତେନ୍ଦ୍ର ପୋଥାଳ, ସତ୍ୟବ୍ରତ ଗୋଛାୟତ, ଚନ୍ଦ୍ରକାନ୍ତ ଜଗମୋହନ ଗୋଛାୟତ ଓ ଜନାର୍ଦ୍ଦନପୁର ଗ୍ରାମର ଶ୍ରବଣ ଶତପଥୀ ୨ଟି ବାଇକ୍ ଯୋଗେ ସେମାନଙ୍କ ପିଛା କରିବା ସହ ପଞ୍ଜାବି ଛକ ନିକଟରେ ଅଟକାଇ ତାଙ୍କ ଠାରୁ ମନିପର୍ସ ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏଥିସହ ମୋବାଇଲ ଫୋନରୁ ଫୋନ ପେ ମାଧ୍ୟମରେ ପଇସା ଦେବାକୁ ଧମକ ଦେବା ସହ ମହିଳାଙ୍କୁ ଟଣା ଓଟରା କରି ଆହତ କରିଥିଲେ। ସେହି ସମୟରେ ଏକ କାର ପହଞ୍ଚି ଯିବାରୁ ୪ଜଣ ଅଭିଯୁକ୍ତ ଖସି ପଳାଇଥିଲେ। ଏ ସମ୍ପର୍କରେ ପୋଲିସ ଖବର ପାଇବା ପରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପଦକ୍ଷେପ ନେଇଥିଲା। ସେମାନେ ପାରାଦୀପ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୁଚିଥିବା ପୋଲିସ ଜାଣିବାକୁ ପାଇଥିଲା। ପଞ୍ଜାବି ଛକରୁ ରାହାଜାନି କରିବା ପରେ ପାରାଦୀପ ଅଞ୍ଚଳର ଏକ ନିଛାଟିଆ ସ୍ଥାନରୁ ଅନ୍ୟ ଏକ ରାହାଜାନି କରିବାକୁ ମସୁଧା କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କ ବିଷୟରେ ଅଧିକ ଖୋଳତାଡ କରିବାରେ ପାରାଦୀପ ଏବଂ ପାରାଦୀପ ଲକ୍ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ରାହାଜାନି କରିଥିବା ଅଭିଯୋଗ ଅଛି। ଏହି ଗ୍ୟାଙ୍ଗ ନିରୋଳା ସ୍ଥାନରେ ଏକୁଟିଆ ବାଇକ୍ ଯୋଗେ ଯାଉଥିବା ମହିଳାପୁରୁଷଙ୍କୁ ଟାର୍ଗେଟ କରି ରାହାଜାନି କରନ୍ତି। ପୋଲିସ ସେମାନଙ୍କ ବିରୋଧରେ ଦଫା ୩୯୪ /୩୫୪ ଭାରତୀୟ ପିଙ୍ଗଳ କୋର୍ଡରେ ନଂ. ୪୨୯/୨୩ ମାମଲା ରୁଜୁ କରିବା ସହ କୋର୍ଟଚାଲଣ କରାଯାଇବା ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କଠାରୁ ପ୍ରକାଶ।



ଗିରଫ ଅଭିଯୁକ୍ତମାନଙ୍କ ସହ ପୋଲିସ କର୍ମଚାରୀମାନେ।

## ସ୍ୱତନ୍ତ୍ର ଭୂ-ଅର୍ଜନ ଉପବିଭାଗ ଅଫିସ ଆଗରେ ଜମିହରା ବିସ୍ଥାପିତ ପରିବାରର ବିରୋଧ


ଦାବିପତ୍ର ଦେବାକୁ ଆସିଥିବା ହାଣ୍ଡିଆ ଗ୍ରାମ ଲୋକେ।

ପାରାଦୀପ, ୨୨।୯(ଶରତ ରାଉତ)

ପାରାଦୀପର ମଧୁବନ ହାଉସିଂ ବୋର୍ଡରେ ଥିବା ସ୍ୱତନ୍ତ୍ର ଭୂ-ଅର୍ଜନ ଉପବିଭାଗ ଅଫିସ ଆଗରେ ଶୁକ୍ରବାର ଶତାଧିକ ଲୋକ ବିରୋଧ ଦରଖାସ୍ତ ଦେଇଛନ୍ତି। ନୂଆଗଡ ପଞ୍ଚାୟତ ହାଣ୍ଡିଆ ଗ୍ରାମର ଏହି ଲୋକ ଲିଖିତ ଦରଖାସ୍ତ ଭୂ-ଅର୍ଜନ ଅଧିକାରୀ କମଳେଶ ମହନ୍ତଙ୍କୁ ଦେଇଥିଲେ। ଶଶଧର ସ୍ୱାଇଁଙ୍କ ସମେତ ଅନ୍ୟ ଗ୍ରାମବାସୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ ଆମ ଗାଁକୁ ବିସ୍ଥାପନ କରିବା ପାଇଁ ଗୋଟିଏ କମ୍ପାନୀ ୨୦୦୮ରେ ସରକାରୀ ବିଜ୍ଞପ୍ତି ପ୍ରକାଶ କରିଥିଲା। ପରେ ସମ୍ପୃକ୍ତ କମ୍ପାନୀ ଆମ ଗ୍ରାମର ଅନେକ ବିକାଶ କରିବ ବୋଲି ଆଶା ଦେଇଥିଲା। ଦୀର୍ଘ ୮ ବର୍ଷ ଅନେକ ବାଦ ବିବାଦ ପରେ ୨୦୧୬ରେ କମ୍ପାନୀ ନିଜ ଆଡୁ ଲିଖିତ ଭାବେ ଜଣାଇଥିଲେ ଆଉ ବିସ୍ଥାପିତ କରିବ ନାହିଁ। ଏବେ ପୁଣି ଆଉ ଏକ କମ୍ପାନୀ ପାଇଁ ଭୂ-ଅର୍ଜନ ଅଧିକାରୀ ଚଳିତମାସ ୮ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିରେ ଆପତ୍ତି ଅଭିଯୋଗ ୨୪।୯।୨୩ ମଧ୍ୟରେ କରିବା ପାଇଁ ଚିଠି (ପିଆର ନଂ. ୩୪)ଦର୍ଶାଇଛନ୍ତି। ପୂର୍ବ ଅଭିଜ୍ଞତା ଓ ଭରସା ବିହୀନ ପ୍ରତିଶ୍ରୁତି ଯୋଗୁଁ ଆମ ଗ୍ରାମର ୮୦ ପ୍ରତିଶତ ପରିବାର ଲିଖିତ ଭାବେ ପ୍ରଶାସନକୁ ଦେଇଛୁ ବୋଲି ସ୍ୱାଇଁ କହିଥିଲେ। ଏ ସମ୍ପର୍କରେ ଭୂ-ଅର୍ଜନ ଅଧିକାରୀ ମହନ୍ତଙ୍କୁ ପଚାରିବାରେ ଗ୍ରାମବାସୀ ତାଙ୍କର ଅଭିଯୋଗ ଦେଇଛନ୍ତି। ଏହାର ଶୁଣାଣି ଜିଲାପାଳ କିମ୍ବା ଅଧିକୃତ ଅଧିକାରୀ ବିଚାର କରି ଆସନ୍ତା ୨୫ ତାରିଖ ପରେ ନିଷ୍ପତ୍ତି ଦେବେ ବୋଲଇ ସେ କହିଛନ୍ତି।

# ଗହୀରମଥାରେ ସମୁଦ୍ର ଗିଳୁଛି ଝାଉଁ ଜଙ୍ଗଲ

ମହାକାଳପଡ଼ା,୨୨।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ମହାବାତ୍ୟାରେ ଗତିପଥ ପରିବର୍ତ୍ତନରେ ମାଦଳି ମୁହାଣ
- ବିପଦରେ ବେଳାଭୂମି, ଅଲିଭରିଡ୍‌ଲେ କଇଁଛ ଅନ୍ତୁଡ଼ିଶାଳ
- ଜଙ୍ଗଲୀ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ବିସ୍ତୀର୍ଣ୍ଣ ବାଲୁକାଶଯ୍ୟା ଅଲିଭ ରିଡ୍‌ଲେ କଇଁଛମାନଙ୍କ ଅନ୍ତୁଡ଼ିଶାଳ ପାଇଁ ବିଶ୍ୱ ପ୍ରସିଦ୍ଧ ଭାବେ ପରିଚିତ। ମହାନଦୀଠାରୁ ଧାମରା ମୁହାଣ ପର୍ଯ୍ୟନ୍ତ ୧୪୨୦ ବର୍ଗ କିଲୋମିଟର ପରିଧି ଓ କୁଳଠାରୁ ୨୦ ନଟିକାଲ ମାଇଲ ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ପରିବ୍ୟାପ୍ତ। ପ୍ରାକୃତିକ ଶୋଭା ମଣ୍ଡନ କରିଥିବା ବିସ୍ତୀର୍ଣ୍ଣ ବାଲୁକା ରାଶି ପୂର୍ବ ଅପେକ୍ଷା ସମୁଦ୍ର ଗର୍ଭକୁ ଚାଲି ଗଲାଣି। ସେଥିମଧ୍ୟରୁ ଅଗରନାସୀ ୩ କିମି ବ୍ୟାପୀ ଥିବା ବାଲିସ୍ତୂପ ଓ ଝାଉଁ ଜଙ୍ଗଲ ତା'ର ସମ୍ପୂର୍ଣ୍ଣ ସତ୍ତା ହରାଇବାକୁ ବସିଛି। ଫଳରେ ସମୁଦ୍ର ଢେଉ ସିଧାସଳଖ ଜମ୍ଭୁ, ତଣ୍ଡା, କନ୍ଦରାପାଟିଆ ଜଙ୍ଗଲକୁ ମାଡ଼ କରୁଛି ବୋଲି ଜମ୍ଭୁର ମତ୍ସ୍ୟଜୀବୀ ଶକ୍ତି ପ୍ରସାଦ ମିର୍ଦ୍ଧା କହିଛନ୍ତି। ଅପରପକ୍ଷରେ ମାଦଳି, ଲଞ୍ଜଘୋଲା ବିଶାଳ ବାଲୁକା ପାହାଡ଼ ଓ ଝାଉଁ ଜଙ୍ଗଲକୁ ଆଜିକା ଦିନରେ ଧୀରେ ଧୀରେ ସମୁଦ୍ର ଗିଳିଲାଣି। ଆଉ କିଛି ବର୍ଷ ମଧ୍ୟରେ ଏହି ମାଦଳି ଓ ଲଞ୍ଜଘୋଲା ତା'ର ପୂର୍ବ ରୂପ ଓ ସୋନ୍ଦର୍ଯ୍ୟ ହରାଇବ, ଏଥିସହ ସମୁଦ୍ର ଲହଡ଼ି ଧୀରେ ଧୀରେ କୂଳକୁ ଗ୍ରାସ କରିବ ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ, ସମରେନ୍ଦ୍ର ମାହାଳି, ୧୯୯୯ ମହାବାତ୍ୟାରେ ମାଦଳିଠାରୁ (ବୃହତ୍ ପଣ୍ୟ ବୋଝେଇ ଜାହାଜ ଦୁର୍ଘଟଣା ସ୍ଥାନ) ଅନତି ଦୂରରେ ଏକ ନୂଆ ମୁହାଣ ସୃଷ୍ଟି ହୋଇଛି। ଫଳରେ ସମୁଦ୍ରର ବଡ଼ ବଡ଼ ଲହଡ଼ି ସିଧାସଳଖ ଏହି ବିଶାଳ ବାଲୁକା ବେଳାଭୂମିରେ ମାଡ଼ ହେଉଛି। ଫଳରେ ଧୀରେ ଧୀରେ ବାଲୁକା ବେଳାଭୂମି ସମୁଦ୍ର ଗର୍ଭରେ ଲୀନ ହେବାରେ ଲାଗିଛି। ଏହି ବିଶାଳ ବାଲୁକାଶଯ୍ୟାଗୁଡ଼ିକ ମଧ୍ୟରେ ତଣ୍ଡା, ଲଞ୍ଜଘୋଲା, ମାଦଳି ଅଗରନାସୀ, ହୁକିଟୋଲା, ଷୋଳମୁହାଣ ଭଳି (ଆଇଲାଣ୍ଡ) ଆଦି ବାଲୁକା ଶଯ୍ୟା ସୁରକ୍ଷିତ ଅଲିଭ ରିଡ୍‌ଲେ କଇଁଛମାନଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ। ଏହି ସୁରକ୍ଷିତ ସ୍ଥାନରେ କିଛିବର୍ଷ ପୂର୍ବେ ବହୁଳ ଭାବେ କଇଁଛମାନେ ଅଣ୍ଡାଦାନ କରୁଥିଲେ। ତେବେ ବାଲୁକା ଶଯ୍ୟା ସମୁଦ୍ର ଗର୍ଭକୁ ଚାଲିଯିବା ବେଳେ ଅଲିଭ ରିଡ଼ଲେ କଇଁଛମାନେ ଅଣ୍ଡାଦାନ ପାଇଁ ସ୍ଥାନ ପରିବର୍ତ୍ତନ କରି ପୂର୍ବ ଅପେକ୍ଷା ସ୍ୱଳ୍ପ ସଂଖ୍ୟାରେ ଅଣ୍ଡାଦାନ କରୁଛନ୍ତି। ଅପରପକ୍ଷରେ ଏହି ବିଶାଳ ଝାଉଁ ଓ ଲୁଣା ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଦେଶୀ ବିଦେଶୀ ପକ୍ଷୀଙ୍କ ବସା ଦେଖିବାକୁ ମିଳେ। ବିଶେଷକରି ବଗ, ଟାପରଖାଇ, ଦା ବେଣ୍ଟିଆ , କୁମ୍ଭାଟୁଆ, କେଶର ପାଣ୍ଡିଆ ପ୍ରଭୃତିର ପକ୍ଷୀ ଦେଖାଯାଆନ୍ତି। ସାମୁଦ୍ରିକ ଜୀବମାନଙ୍କ ମଧ୍ୟରେ ବିଭିନ୍ନ ପ୍ରଜାତିର ଡଲ୍‌ଫିନ, ନୀଳରକ୍ତ କଙ୍କଡ଼ା, ଲାଲ୍ କଙ୍କଡ଼ା, ହର୍ଲି କଙ୍କଡ଼ା ଓ ସାମୁଦ୍ରିକ ଛୋଟ ଛୋଟ ଜୀବ ଦେଖିବାକୁ ମିଳେ। ଜଙ୍ଗଲର ନିକଟବର୍ତ୍ତୀ ନଦୀ ନାଳ ଜୋରରେ କୁମ୍ଭୀରମାନେ ବସା ବାନ୍ଧିଥିବା ଦେଖିବାକୁ ମିଳେ। ସେହିପରି ଜଙ୍ଗଲ ମଧ୍ୟରେ ହରିଣ, ବାରହା, କୁଟୁରା, ହାଏନା, ପାଣିଗୋଧି, ପାଣିଓଧ ଓ ବଣଭୁଆ ଓ ଜଙ୍ଗଲୀ ମଇଁଷି ଓ କୁକୁର ଆଦି ହିଂସ୍ର ଜୀବଜନ୍ତୁ ଦେଖିବାକୁ ମିଳିଥାନ୍ତି। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳର କେତେଜଣ ମତ୍ସ୍ୟଜୀବୀ ଓ ମଇଁଷି ପାଳକମାନେ ଅସ୍ଥାୟୀ ଚାଳ ଛପର ଘରକରି ଆଡ୍ଡା ଜମାଇଛନ୍ତି ବୋଲି କହିଛନ୍ତି ସ୍ଥାନୀୟ ଲୋକ। ସମୁଦ୍ରରୁ ମାଛ କଙ୍କଡ଼ା ଧରି ଏହି ବାଲୁକାଶଯ୍ୟା ଉପରେ ଆଡ୍ଡା ଜମାଇବା ସହ ମତ୍ସ୍ୟଜୀବୀମାନେ ଡଙ୍ଗାରେ ଜଳପଥ ଦେଇ ନିକଟ ପାରାଦୀପକୁ ଚାଲାଣ କରିଥାନ୍ତି। ସେମାନେ ପାରାଦୀପରୁ ନିଶାଦ୍ରବ୍ୟ ଆଣି ଏଠାରେ ବିକ୍ରି କରୁଛନ୍ତି। ଏ ସଂକ୍ରାନ୍ତରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ପୂର୍ବ ଅପେକ୍ଷା ଏବେ ସମୁଦ୍ରରେ ବଡ଼ ବଡ଼ ଢେଉ ଆସି ଜଳ ପଉନ ବଢ଼ିବା ସହ କୂଳ ଖାଇବାରେ ଲାଗିଛି। ଏଥିପ୍ରତି ବିଭାଗ ସଚେତନ ଅଛି ବୋଲି ସେ କହିଛନ୍ତି।


କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ମାଦଳୀଠାରେ ସମୁଦ୍ର ଆଁରେ ମାଦଳୀ ଓ ଲଞ୍ଜ ଘୋଲାଠାରେ ଝାଉଁ ଜଙ୍ଗଲ।

## ସଂକ୍ଷେପରେ

### ପିତଳ କଂସାବାସନ ଦୋକାନରେ ଜିଏସ୍‌ଟି ଚଢ଼ାଉ

**ନୟାଗଡ଼/ରଣପୁର,୨୨।୯ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ):** ନୟାଗଡ଼ ଜିଲା ରଣପୁର ଥାନା ରଣପୁର ବଡଦାଣ୍ଡରେ ଥିବା ସନ୍ୟାସୀ ନାୟକଙ୍କ ଘର ସଂଲଗ୍ନ ଦୋକାନ ଉପରେ ଶୁକ୍ରବାର ଭୁବନେଶ୍ୱର ଜିଏସ୍‌ଟି ଚଢ଼ାଉ ହୋଇଛି । ତେବେ ଚଢ଼ାଉ କୁ ଦେଖି ସନ୍ୟାସୀ ଓ ତାଙ୍କ ପୁଅ ଫେରାର ହୋଇଯାଇଛନ୍ତି । ଏଭଳିସ୍ଥଳେ ଜିଏସଟି ଟିମ୍ ଦାଣ୍ଡ ଓ ବାରିପଟ କବାଟରେ ତାଲା ମାରି ଚଢ଼ାଉ ଜାରି ରଖିଛନ୍ତି । ରାତି ୧୦ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି । ସନ୍ୟାସୀ ନିଜ କଂସାବାସନ ପିତଳ ଦୋକାନରେ ସୁନା ଅଳଙ୍କାର ବ୍ୟବସାୟ କରୁଥିଲେ ବୋଲି ଅଭିଯୋଗ ରହିଛି। ଅନ୍ୟପକ୍ଷେ ଶୁକ୍ରବାରର ଜିଏସ୍‌ଟି ଚଢ଼ାଉ କୁ ଦେଖି ରଣପୁର ବଜାରର ମସଲା ଦୋକାନ ଓ ସୁନା ଦୋକାନ ଦିନବେଳା ବନ୍ଦ ରହିଥିଲା । ସନ୍ଧ୍ୟାରେ କେବଳ ମସଲା ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି । ପ୍ରକାଶଥାଉକି କିଛି ଦିନ ତଳେ ସନ୍ୟାସୀ ଏକ ୭୦୯ ମିନି ଟ୍ରକରେ ପୁରୀ ଅଞ୍ଚଳରୁ ପିତଳ ଉପକରଣ କିଣି ରଣପୁର ଫେରୁଥିବାବେଳେ ଖୋର୍ଦ୍ଧା ଜିଲାର ନିରାକାରପୁର ଠାରେ ଜିଏସ୍‌ଟି ଚଢ଼ାଉର ସମ୍ମୁଖୀନ ହୋଇଥିଲେ । ସେଠାରେ ସନ୍ୟାସୀ କୌଣସି ଜିଏସ୍‌ଟି ସମ୍ପର୍କିତ କାଗଜାତ ଦେଖାଇ ପାରି ନ ଥିଲେ । ଏନେଇ ଜିଏସ୍‌ଟି ପକ୍ଷରୁ ସନ୍ୟାସୀଙ୍କୁ ଫାଇନ କରାଯାଇଥିଲା ।

### ୨ ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲଦଣ୍ଡ

**ଯୁବତୀଙ୍କୁ ଅପହରଣ ମାମଲା**

**ନୟାଗଡ଼,୨୨।୯(ଲୋକନାଥ ମିଶ୍ର):** ନୟାଗଡ଼ ବିଚାର ବିଭାଗୀୟ ତଥା ସହକାରୀ ଜିଲା ଦୌରାଜଜଙ୍କ କୋର୍ଟରେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ନେବା ଘଟଣାର ରାୟ ପ୍ରକାଶ ପାଇଛି । ୧୯ ଜଣଙ୍କ ସାକ୍ଷଙ୍କ ବୟାନ, ବିଭିନ୍ନ ପ୍ରମାଣ, ସରକାରୀ ଓ ଅଭିଯୁକ୍ତ ଓକିଲଙ୍କ ଜବାବ ସୁଆଲକୁ ବିଚାରକୁ ନେଇ ପୁରୁଣା ଦଶପଲ୍ଲା ଗାଁର ଟୁନା ନାୟକ(୩୮) ଓ ମୋହନ ନାୟକ(୩୦)ଙ୍କୁ ନୟାଗଡ଼ ବିଚାର ବିଭାଗୀୟ ତଥା ସହକାରୀ ଜିଲା ଦୌରାଜଜ ଶ୍ରୁତିସ୍ନିଗ୍ଧା ଦାଶ ୪ ବର୍ଷ ଜେଲ ଦଣ୍ଡ ସହ ୨ହଜାର ଜରିମାନା କରିଛନ୍ତି । ଜରିମାନା ଅନାଦାୟ ୬ ମାସ ଅଧିକ ଜେଲ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୯ମ ଶ୍ରେଣୀ ଛାତ୍ରୀ ୨୦୧୨ରେ ସ୍କୁଲକୁ ଯାଇଥିବାବେଳେ ତାଙ୍କୁ ବରଡିହ ଗ୍ରାମ ନାଳ ପାଖରୁ ଅପହରଣ କରାଯାଇଥିଲା । ପୁରୁଣା ଦଶପଲ୍ଲା ଗାଁର ଟୁନା ନାୟକ ଓ ମୋହନ ନାୟକ ନାବାଳିକାଙ୍କୁ ଅପହରଣ କରୁଥିବା ବେଳେ ଦଶପଲ୍ଲା ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏନେଇ ଦଶପଲ୍ଲା ଥାନାରେ ୧୧୩/୧୨ରେ ମାମଲା ରୁଜୁ ହୋଇଥିଲା । ଅନ୍ୟପକ୍ଷେ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଦୁଇ ଅଭିଯୁକ୍ତ ଜେଲ ଯାଇ ଜାମିନରେ ଆସିଥିଲେ । ସରକାରଙ୍କ ପକ୍ଷରୁ ଓକିଲ ପ୍ରଭାତ ଆଦିତ୍ୟ ବରାଳ ମକଦ୍ଦମା ପରିଚାଳନା କରିଥିଲେ ।

### ସାକ୍ଷୀଙ୍କୁ ହତ୍ୟା ଧମକ ଦେଇ ଜେଲ ଗଲେ ଯୁବକ

**କଲ୍ୟାଣପୁର ହତ୍ୟା ଘଟଣା**

**ନୟାଗଡ଼,୨୨।୯(ଲୋକନାଥ ମିଶ୍ର):** ନୟାଗଡ଼ ଜିଲାର କଲ୍ୟାଣପୁର ହତ୍ୟା ଘଟଣାରେ ସାକ୍ଷୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ଓଡ଼ଗାଁ ଥାନା ପୋଲିସ କଲ୍ୟାଣପୁର ଅଞ୍ଚଳର ତପନ ପ୍ରଧାନ(୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ତପନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ୨୦୧୯ ଜୁନ ୧୪ରେ ଶରଣକୁଳ ଥାନା କଲ୍ୟାଣପୁର ଗାଁରେ ଶ୍ରୀନିବାସ ପ୍ରଧାନଙ୍କ ଭାଇଙ୍କୁ ହତ୍ୟା କରାଯାଇଥିଲା । ଶ୍ରୀନିବାସ ଏହି ଘଟଣାରେ ଓଡ଼ଗାଁ କୋର୍ଟରେ ଓକିଲଙ୍କ ସହ ଆଲୋଚନା କରିବାକୁ ଆସିଥିଲେ । ତେବେ କୋର୍ଟରେ ତପନ ଓ ଗଗନ ପ୍ରଧାନ ଦୁଇ ଜଣ ପହଞ୍ଚି ହତ୍ୟା ଘଟଣାରେ ସାକ୍ଷ ନ ଦେବାକୁ ଶ୍ରୀନିବାସଙ୍କୁ ବାଧ୍ୟ କରାଇଥିଲେ । ଏପରି ସାକ୍ଷ ଦେଲେ ହତ୍ୟା କରିବୁ ବୋଲି ଧମକ ଦେଇଥିଲେ । ଏନେଇ ଓଡ଼ଗାଁ ଆଦର୍ଶ ଥାନାରେ ଅଭିଯୋଗ ପରେ ପୋଲିସ ୧୯୩/୨୩ରେ ମାମଲା ରୁଜୁ କରିଥିଲା । ତେବେ ଗଗନ ଚକମା ଦେଖାଇ ଫେରାର ହୋଇଯାଇଥିଲେ ।

# ଫଳକରେ ସୀମିତ ଗାଁ କଲ୍ୟାଣ ସମିତି

**ନୂଆଗାଁ,୨୨।୯(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଗାଁ କଲ୍ୟାଣ ସମିତିର କୌଣସି କାର୍ଯ୍ୟକ୍ରମ କରା ନ ଯାଇ କେବଳ ଫଳକରେ ସୀମିତ ରହିଥିବା ଅଭିଯୋଗ ହେଉଛି । ରୋଗ ନିରାକରଣ ନୁହେଁ , ଜନ ସାଧାରଣ କିଭଳି ନିରୋଗ ରହିବେ ସେଥିପାଇଁ ବିଭିନ୍ନ ଜନ ସଚେତନ କାର୍ଯ୍ୟକ୍ରମ ପାଇଁ ଅର୍ଥ ବ୍ୟୟ କରାଯାଉଛି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ତରଫରୁ ପ୍ରତି ଗାଁରେ ଗାଁ କଲ୍ୟାଣ ସମିତି ପ୍ରତିଷ୍ଠା କରି ତା'ମାଧ୍ୟମରେ ପରିବେଶ ସୁରକ୍ଷା ଓ ଗାଁ ପରିମଳ କରି ଲୋକଙ୍କୁ ନିରୋଗ ରଖିବାର ଚେଷ୍ଟା କରାଯାଉଛି । କିନ୍ତୁ ସ୍ୱାସ୍ଥ୍ୟ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କ ପାଇଁ ଲୋକମାନେ



ରାସ୍ତା ଉପରେ ଗୋବର ଓ ଖାଲଖମାରେ ଜମି ରହିଥିବା ପାଣି ।

ନାନା ରୋଗରେ ପୀଡ଼ିତ ହେଉଛନ୍ତି । ଜନ ସଚେତନ ସୃଷ୍ଟି ପାଇଁ ପ୍ରତି ବର୍ଷ ଗାଁ କଲ୍ୟାଣ ସମିତିକୁ ୧୦ ହଜାର ଟଙ୍କା ଅନୁଦାନ ଦିଆଯାଉଛି । କିନ୍ତୁ ଗାଁ କଲ୍ୟାଣ ସମିତିରେ ଥିବା କର୍ମଚାରୀମାନେ ତାହାକୁ ଠିକ୍ ବାଟରେ ବିନିଯୋଗ ନ କରି କେବଳ କାଗଜପତ୍ରରେ କାମ ହୋଇଥିବା ଦର୍ଶାଇ ଅନୁଦାନ ଲୁଟ୍ କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ଏ ନେଇ ତଥ୍ୟ ମାଗିଲେ ଦାୟିତ୍ୱରେ ଥିବା ଅଧିକାରୀ ନାନା ବାହାନା କରି କଥାକୁ ଏଡାଇ ଯାଉଛନ୍ତି ।

ଏହି ପରିପ୍ରେକ୍ଷୀରେ କାପ୍ତାପଲି ପଞ୍ଚାୟତ କାର୍ଯ୍ୟାଳୟ ଏବଂ କାପ୍ତାପଲି ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ଲାଗି ରହିଥିବା ଗାଁ ଦାଣ୍ଡ ଆବର୍ଜନାମୟ ହୋଇଛି । ସେହି ରାସ୍ତାରେ ଗାଈଗୋରୁ ବାନ୍ଧି ରଖାଯାଉଛି । ଫଳରେ ସେହି ଅଞ୍ଚଳ ଗୋରୁ ପରିସ୍ରା ଓ ଗୋବରରେ ପରିପୂର୍ଣ୍ଣ ହୋଇଛି । ଗାଁ ଦାଣ୍ଡରୁ ବର୍ଷାପାଣି ନିଷ୍କାସନ ହୋଇ ପାରୁ ନ ଥିବାରୁ ଖାଲଖମାରେ ଆବର୍ଜନ ଜଳ ଜମି ରହୁଛି । ଲୋକମାନେ ଏଥିପାଇଁ ଅଧିକାଂଶ ସମୟରେ ରୋଗାକାନ୍ତ ହେଉଛନ୍ତି । ଗାଁ କଲ୍ୟାଣ ସମିତି ପକ୍ଷରୁ ଗାଁ କୋଠଘର କାନ୍ଥରେ କେବଳ ସଚେତନତା ବାର୍ତ୍ତା ଓ ବର୍ଷର କେଉଁ ମାସରେ କେଉଁ ଦିବସ ପାଳନ କରାଯିବ ସେହି ସୂଚନା ଲେଖି ସ୍ୱାସ୍ଥ୍ୟ ବିଭାଗ ଚୁପ୍ ବସିଛି । କାପ୍ତାପଲି ଗ୍ରାମରେ ଗାଁ କଲ୍ୟାଣ ସମିତି କାର୍ଯ୍ୟ ବାବଦରେ କାପ୍ତାପଲି ଆଶା କର୍ମୀ ହିଙ୍ଗୁଳା ଦେଇଙ୍କୁ ପଚାରିବାରେ ଆମେ ଲୋକଙ୍କୁ କହୁଛୁ । ହେଲେ ଲୋକମାନେ ଶୁଣୁ ନାହାନ୍ତି ବୋଲି କହିଛନ୍ତି । ଗତବର୍ଷ ଗାଁ କଲ୍ୟାଣ ସମିତିର ଅନୁଦାନ ଆସି ନ ଥିବାରୁ କାମ ହୋଇ ପାରି ନ ଥିଲା । ଚଳିତ ବର୍ଷ କାମ କରାଯିବ ବୋଲି କାପ୍ତାପଲି ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଅଧିକାରୀ ଅଜିତ୍ କୁମାର ଜେନା କହିଛନ୍ତି।

## ଦୁଇ ଘରୋଇ ବସ୍ ବିବାଦ

**୨୦ ମିନିଟ ଯାତ୍ରୀ ହନ୍ତସନ୍ତ**

**ନୟାଗଡ଼,୨୨।୯(ଲୋକନାଥ ମିଶ୍ର)**

ନୟାଗଡ଼ ବସ୍‌ଷ୍ଟପ୍‌ରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଦୁଇ ଘରୋଇ ଯାତ୍ରାବାହୀ ବସ୍ ରାଜାରାଣୀ ଓ ଫ୍ରେଣ୍ଡସ କର୍ମଚାରୀଙ୍କ ମଧ୍ୟରେ ଭୁବନେଶ୍ୱର ଯିବାକୁ ନେଇ ପାଟିତୁଣ୍ଡ ହୋଇଥିଲା । ଫଳରେ ଉଭୟ ବସ୍ ଯାତ୍ରା ଆରମ୍ଭ କରି ନ ଥିଲା। ପ୍ରାୟ ୨୦ ମିନିଟ ଧରି ଉପରୋକ୍ତ ବସ୍ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ରହିଲା । ଶେଷରେ ଟ୍ରାଫିକ ପୋଲିସର ହସ୍ତକ୍ଷେପ ପରେ ୨୦ ମିନିଟ ପରେ ବିବାଦର ସମାଧାନ ହୋଇଥିଲା । ଫଳରେ ୨୦ ମିନିଟ ପର୍ଯ୍ୟନ୍ତ ଯାତ୍ରୀମାନେ ଭୁବନେଶ୍ୱର ଯିବାକୁ ଉଭୟ ବସରେ ବସି ରହିଥିଲେ । ଏଭଳି ପାଟିତୁଣ୍ଡ ନୟାଗଡ଼ ବସ୍‌ଷ୍ଟପ୍‌ରେ ସାଧାରଣ ଘଟଣା ହୋଇଗଲାଣି ବୋଲି ଯାତ୍ରୀମାନେ କହିଛନ୍ତି ।

# ଲଗାଣ ବର୍ଷାରେ ଅତବୁଦ୍ଧି ବନ୍ଧ ଭାଙ୍ଗିଲା

**ଖଣ୍ଡପଡ଼ା,୨୨।୯ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଂଘାପଡା ପଞ୍ଚାୟତ ଖୁଣ୍ଟୁବନ୍ଧ ମୌଜାରେ ଥିବା ଅତବୁଦ୍ଧି ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଚଳିତ ବର୍ଷ କରାଯାଇଥିଲା । ଏଥିପାଇଁ କେନ୍ଦ୍ରୀୟ ଅନୁଦାନ ୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା । ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପାହାଡର ପାଦ ଦେଶରେ ଥିବା ଏହି ବନ୍ଧର ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ବନ୍ଧ ଖନନ ସମୟରେ ବାହାରି ଥିବା ମାଟିକୁ ସେଠାରେ ପକା ନ ଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ଫଳରେ ଉକ୍ତ ବନ୍ଧଟି ସୁଦୃଢ ହେବା ପରିବର୍ତ୍ତେ ଦୁର୍ବଳ ଅବସ୍ଥାରେ ଥିଲା । ଲଗାଣ ବର୍ଷା



ଭାଙ୍ଗି ପଡ଼ିଥିବା ବନ୍ଧ ।

ଫଳରେ ଦୁର୍ବଳ ସ୍ଥାନରେ ଫାଟ ସୃଷ୍ଟି ହୋଇ ବନ୍ଧଟି ଭାଙ୍ଗି ଯିବା ସହ ଲକ୍ଷାଧିକ ଟଙ୍କା ପାଣିରେ ପଡିବା ସାର ହୋଇଛି । ବନ୍ଧ ନିର୍ମାଣରେ ହୋଇଥିବା ଦୁର୍ନୀତିର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି । ସୂଚନାଯୋଗ୍ୟ, ପ୍ରକଳ୍ପ ନିକଟରେ ଲଗାଯାଇଥିବା ସୂଚନା ଫଳକକୁ ଉଦ୍ଦେଶ୍ୟ ମୂଳକ ଭାବେ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହେଉଛି ।

## ଟଙ୍କା ଉଠାଣ ପାଇଁ ୧୦ କିଲୋମିଟର

- କୋସକାରେ ନାହିଁ ଏଟିଏମ୍ କାଉଣ୍ଟର
- ହଇରାଣ ହେଉଛନ୍ତି ଆଦିବାସୀ

**ଖଣ୍ଡପଡ଼ା,୨୨।୯(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୋସାକା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ପରିସରରେ ଏକ ଏଟିଏମ୍ କାଉଣ୍ଟର ଖୋଲିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପଶ୍ଚିମାଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ କୋସକା, କିଅଫର, କୁମ୍ଭାରପଡ଼ା, ରୟତ, ଢୋଲମରା ଆଦି ୫ ପଞ୍ଚାୟତ ବାସିନ୍ଦା ବିଭିନ୍ନ କ୍ଷେତ୍ରରେ ଅବହେଳିତ ଅବସ୍ଥାରେ ରହିଛନ୍ତି। ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି କୋସକା ପଞ୍ଚାୟତରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବହୁ ବର୍ଷ ହେଲା ପ୍ରତିଷ୍ଠା କରାଯାଇଛି । ବ୍ୟାଙ୍କ ପକ୍ଷରୁ ଉପଭୋକ୍ତାମାନଙ୍କୁ ଏଟିଏମ୍ କାର୍ଡ ପ୍ରଦାନ କରାଯାଇଛି। ମାତ୍ର ସ୍ଥାନୀୟ ଅଞ୍ଚଳରେ କୌଣସି ଏଟିଏମ୍ କାଉଣ୍ଟର ନ ଥିବାରୁ ଲୋକେ ଟଙ୍କା ଉଠାଇବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି କି ପଞ୍ଚାୟତର ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକେ ଆବଶ୍ୟକ ସମୟରେ ଟଙ୍କା ଉଠାଣ ପାଇଁ ୧୦ କି.ମି. ଦୂରକୁ ଯିବାକୁ ପଡୁଛି । ଲୋକମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କୋସାକା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପରିସରରେ ଏକ ଏଟିଏମ୍ କାଉଣ୍ଟର ଖୋଲିବା ପାଇଁ କୋସକା ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ଆଞ୍ଚଳିକ ଯୁବଛାତ୍ର ସଙ୍ଗଠନ କୋସକା ସଭାପତି କୈଳାସ ଚନ୍ଦ୍ର ପଣ୍ଡାଙ୍କ ସମେତ ସ୍ଥାନୀୟ ଲୋକମାନେ ଲିଖିତ ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମହାପ୍ରବନ୍ଧକଙ୍କୁ ଅବଗତ କରିଛନ୍ତି।

## ଭିଶୋଇଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

**ଶଳାଙ୍କୁ ମରଣାନ୍ତକ ଆକ୍ରମଣ ମାମଲା**

**ଓଡ଼ଗାଁ,୨୨।୯ (ଆଦର୍ଶ କୁମାର ପଟ୍ଟନାୟକ )**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଗୌଡପୁଟ ପଞ୍ଚାୟତ ବନ୍ଧସାହି ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା । ଏହି ମାମଲାର ବିଚାର କରି ଓଡଗାଁ ଆସିଷ୍ଟାଣ୍ଟ ସେସନଜଜ ଶିବାଶିଷ ଗିରି ଦୋଷୀ ତଥା ଆହତ ଯୁବକଙ୍କ ଭିଶୋଇ ପ୍ରକାଶ ନାହାକ ଓରଫ ପରିଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତ ୨ ହଜାର ଟଙ୍କା ଜରିମାନା ଦେବେ । ସେହି ଅର୍ଥ ଅନାଦାୟ ଅତିରିକ୍ତ ୬ମାସ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ପାରିବାରିକ କଳହକୁ କେନ୍ଦ୍ର କରି ପ୍ରକାଶଙ୍କ ସ୍ତ୍ରୀ ପ୍ରମିଳା ସେହି ପଞ୍ଚାୟତର ଟିକରପଲ୍ଲୀ ଗାଁର ବାପା ସତ୍ୟ ନାହାକଙ୍କ ଘରେ ରହୁଥିଲେ । ୨୦୧୧ ମାର୍ଚ୍ଚ ୭ ତାରିଖ ସକାଳ ୯ ଘଟିବା ସମୟରେ ପ୍ରକାଶଙ୍କ ଶଳା ଶିବରାମ ନାହାକ ଏବଂ ଶିବଙ୍କ ଦାଦା ପୁଅଭାଇ ଶଙ୍କର ନାହାକ ଉଭୟେ ସାଇକେଲରେ ଓଡ଼ଗାଁ ଯାଉଥିଲେ । ହେଲେ ଗୋଠବଣ ଚାକୁଣ୍ଡା ଛକଠାରେ ପୂର୍ବରୁ ଛକି ରହିଥିବା ପ୍ରକାଶ ଶିବରାମ ଏବଂ ଶଙ୍କରଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏଥିରେ ଶିବରାମ ଗୁରୁତର ହୋଇଥିଲେ । ତାଙ୍କୁ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା । ବାପା ଶିବ ନାହାକଙ୍କ ଅଭିଯୋଗ କ୍ରମେ ଓଡ଼ଗାଁ ପୋଲିସ ଏକ ମାମଲା(ନଂ.୧୭/୨୦୧୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଶେଷରେ ପୋଲିସ ପ୍ରକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଶୁକ୍ରବାର ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ କୋର୍ଟ ତାଙ୍କ ରାୟ ଶୁଣାଇଛନ୍ତି । ଅତିରିକ୍ତ ସରକାରୀ ଓକିଲ ଯଜ୍ଞ ନାରାୟଣ ପାତ୍ର ଓ ସୁରେନ୍ଦ୍ର କୁମାର ସେନାପତି ମକଦ୍ଦମା ପରିଚାଳନା କରିଥିଲେ ।

# ପିତାମାତା,ଅଭିଭାବକ ସମାବେଶ



ସମାବେଶରେ ଯୋଗ ଦେଇଥିବା ଅତିଥି ।

**ଦଶପଲ୍ଲା,୨୨।୯( ପ୍ରକାଶ କୁମାର ପାଣି )**

ଶୁକ୍ରବାର ଦଶପଲ୍ଲା ବ୍ଲକ ବୁଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପିତାମାତା ଓ ଅଭିଭାବକ ଅଂଶିଦାର ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କ ପିତାମାତା ଓ ଅଭିଭାବକମାନେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ବିଶ୍ୱକାନ୍ତି ରାୟଗୁରୁ ପୌରୋହିତ୍ୟ କରିଥିଲେ । ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ କୁମାର ପୃଷ୍ଟି ,ସମନ୍ୱିତ ଶିଶୁ ମଙ୍ଗଳ ସୁପରଭାଇଜର ପଦ୍ମାଳୟା ଶତପଥୀ , ପ୍ରଧାନ ଶିକ୍ଷୟିତ୍ରୀ ନମିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସୁପରିଚାଳନ ପାଇଁ ପିତାମାତା ଓ ଅଭିଭାବକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ । ଛାତ୍ରୀମାନେ ନିଜ ନିଜର ମତାମତ ରଖିଥିଲେ । ବିଦ୍ୟାଳୟ ଓ ଛାତ୍ରୀନିବାସ ଜୀବନର ଉପାଦେୟତା ଉପରେ ସେମାନେ ମତବ୍ୟକ୍ତ କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଭାଗବତ ସପ୍ତାଙ୍ଗ ନିମନ୍ତେ କଳସ ଯାତ୍ରା

**ଦଶପଲ୍ଲା,୨୨।୯ ( ପ୍ରକାଶ କୁମାର ପାଣି )**

ଦଶପଲ୍ଲା ଦୁର୍ଗା ବଜାର କଲୋନୀ ପରିସରରେ ଶୁକ୍ରବାରଠାରୁ ଭାଗବତ ସପ୍ତାଙ୍ଗ ପରାୟଣ ଓ ପ୍ରବଚନ ଆରମ୍ଭ ହୋଇଛି । ଏଥି ନିମନ୍ତେ ଏକ କଳସ ଯାତ୍ରା ଆୟୋଜନ ହୋଇଥିଲା । ସ୍ଥାନୀୟ କୁଆଁରିଆ ନଦୀତଟରୁ ବହୁ ମହିଳା ଏବଂ ପୁରୁଷ କଳସରେ ଜଳ ଧରି ଏକ ଶୋଭାଯାତ୍ରାରେ କଲୋନୀ ପରିସର ପରାୟଣ ମଣ୍ଡପ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ କଳସ ସ୍ଥାପନ ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା ।

## ବୋମା ନିଷ୍କ୍ରିୟ ଦଳର କାର୍ଯ୍ୟକୁ ଅନୁଧ୍ୟାନ କଲେ ଏସ୍‌ପି

**ନୟାଗଡ଼,୨୨।୯(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ପୋଲିସ ପକ୍ଷରୁ ଶୁକ୍ରବାର ରିଜର୍ଭ ପଡ଼ିଆରେ ଔପଚାରିକ ପ୍ୟାରେଡ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଏସ୍‌ପି ରାହୁଲ ଜୈନ ଏଥିରେ ଯୋଗ ଦେଇ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଏସ୍‌ପି ଜିଲାରେ କାର୍ଯ୍ୟ କରୁଥିବା ବୋମା ନିଷ୍କ୍ରିୟ ଦଳର କାର୍ଯ୍ୟକୁ ଅନୁଧ୍ୟାନ କରିବା ସହ ସମୀକ୍ଷା କରିଥିଲେ । ୬୨ ଜଣ କନ୍‌ଷ୍ଟେବଲଙ୍କ ସହିତ ୧୦୦ରୁ ଉର୍ଦ୍ଧ୍ୱ ପୋଲିସ ଔପଚାରିକ ପ୍ୟାରେଡରେ ସାମିଲ ହୋଇଥିଲେ । ରିଜର୍ଭ ଇନ୍ସପେକ୍ଟର ବିଜୟ କୁମାର ମୁଦୁଲି ପ୍ୟାରେଡର



ଏସ୍‌ପି ବୋମା ନିଷ୍କ୍ରିୟ ଦଳର କାର୍ଯ୍ୟ ଦେଖୁଛନ୍ତି ।

ନେତୃତ୍ୱ ନେଇଥିଲେ । ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଡିଆଇବି ଡିଏସ୍‌ପି ତପସ୍ୱିନୀ କଅଁର, ସୁଷମା ପ୍ରଧାନ, ସୁକାନ୍ତ ପାତ୍ର, ଡୋମାନ ଚରଣ ଟୁଡୁ, ନୟାଗଡ, ଇଟାମାଟି ଓ ସଦର ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ ।

## ମଣ୍ଡଳସ୍ତରୀୟ ପୋଷଣ ମାସ

**ନୟାଗଡ଼,୨୨।୯(ଲୋକନାଥ ମିଶ୍ର)**

ଡିମିସରଠାରେ ଗୋଡିପଡ଼ା ମଣ୍ଡଳସ୍ତରୀୟ ପୋଷଣ ମାସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଡିମିସରର ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ପ୍ରଧାନ, ସହାୟର ସମ୍ପାଦକ ଦିଲୀପ ନନ୍ଦ, ଡିମିସର ଗ୍ରାମ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ସ୍ୱାସ୍ଥ୍ୟ ପରିଦର୍ଶକ ସୁରେନ୍ଦ୍ର କୁମାର ନାୟକ ଓ ବ୍ଲକ ସଂଯୋଜକ ଧିରେନ୍ଦ୍ର କୁମାର ସେଠୀ, ଗୋଡ଼ିପଡ଼ା ମଣ୍ଡଳସ୍ତରୀୟ ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ପୋଷଣ, ସୁଷମ ଖାଦ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଗର୍ଭବତୀ, ପ୍ରସୂତୀ, ମାଆ, କିଶୋରୀ ବାଳିକାମାନଙ୍କୁ ନିଜ ନିଜର ଖାଦ୍ୟାଭ୍ୟାସ ସମ୍ପର୍କରେ ସଚେତନ କରାଯାଇଛି। ସହାୟିକାମାନଙ୍କ ଦ୍ୱାରା ପୃଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା । ଡିମିସର ସରପଞ୍ଚ ଦିଗାମ୍ବର ସାହୁ ଏଥିରେ ସହଯୋଗ କରିଥିଲେ ।




ବୈଠକରେ ଯୋଗ ଦେଇଥିବା ଅତିଥି ।

# ପଦ୍ମାବତୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣବତ୍ତା ମାନକ ପୁରସ୍କାର

**ନୟାଗଡ଼/ଭାପୁର,୨୨।୯(ଲୋକନାଥ ମିଶ୍ର/ଭରତ କୁମାର ବେହେରା )**

ନୟାଗଡ଼ ଜିଲାର ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜାତୀୟ ଗୁଣବତ୍ତା ମାନକ ପ୍ରମାଣପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଜାତୀୟ ମାନ ନିର୍ଦ୍ଧାରଣ କମିଟି ଦ୍ୱାରା ରାଜ୍ୟର ଏକକାଳୀନ ୮ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ପୁରସ୍କୃତ ପ୍ରଦାନ ପାଇଁ ଘୋଷଣା କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନି ପଣ୍ଡିତଙ୍କୁ ଆସିଥିବା ଚିଠିରେ ଏହା ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଏକ ଦୁଇ ଜଣିଆ ଟିମ୍ ଗତ ଅଗଷ୍ଟରେ ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଅନୁଧ୍ୟାନ କରିବାକୁ ଆସିଥିଲେ । ଏହି ଟିମ୍‌ରେ ଆନ୍ଧ୍ରପ୍ରଦେଶର ଡାକ୍ତର ଏସ. ଭି. ଆର. କୁମାରୀ ଓ ବିହାରର ଡାକ୍ତର ନିଶାନ୍ତ କୁମାର ସାମିଲ ଥିଲେ ।



ଜାତୀୟ ଗୁଣବତ୍ତା ମାନକ ପୁରସ୍କାର ଘୋଷଣା ପରେ ସ୍ୱାସ୍ଥ୍ୟକେନ୍ଦ୍ର ଡ଼ାକ୍ତର କର୍ମଚାରୀମାନେ ଖୁସି ଜାହିର କରୁଛନ୍ତି ।

ସର୍ବେକ୍ଷଣରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗ ଯଥା ସେବା ଯୋଗାଣ, ରୋଗୀ ଅଧିକାର, ଇନପୁଟ ସହାୟତା ସେବା, କ୍ଲିନିକାଲ କେୟାର, ସଂକ୍ରମଣ ନିୟନ୍ତ୍ରଣ, ଗୁଣବତ୍ତା ପରିଚାଳନା ଏବଂ ଫଳାଫଳ ଉପରେ ବିଭିନ୍ନ ମାନଦଣ୍ଡ ପୂରଣ କରୁଛି ବୋଲି ସନ୍ତୋଷ ବ୍ୟକ୍ତ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଜାତୀୟ ଗୁଣବତ୍ତା ମାନକ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ଜଣା ପଡିବା ପରେ ଜିଲାପାଳ ରବୀନ୍ଦ୍ରନାଥ ସାହୁ ସନ୍ତୋଷ ବ୍ୟକ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଦୀପ କୁମାର ପାଇକରାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଡୁବୁରୀ-ଟାଟା ଷ୍ଟିଲ୍ ୟାର୍ଡକୁ ନୂତନ ରେଳ ଲାଇନ ପ୍ରସ୍ତାବ

ଯାଜପୁର,୨୨।୯(ହର୍ଷବର୍ଦ୍ଧନ ବେହେରା)

■ ୭ ଗ୍ରାମର ୧୩୫ ଏକର ଜମି ଅଧିଗ୍ରହଣ ହେବ
■ ପ୍ରଶାସନ ପାଇଁ ପୁଣି ଚ୍ୟାଲେଞ୍ଜ ସମ୍ଭାବନା



କଳିଙ୍ଗନଗର ଟାଟା ଷ୍ଟିଲ୍‌ର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏଥିରେ ଅତିରିକ୍ତ ୨୩ ହଜାର ୫୦୦ କୋଟି ଟଙ୍କା ବିନିଯୋଗ କରି ବାର୍ଷିକ ୩ ନିୟୁତ ମେଟ୍ରିକ ଟନ୍‌ରୁ ୮ ନିୟୁତ ମେଟ୍ରିକ ଟନ୍(ଏମ୍‌ଟିପିଏ) ପର୍ଯ୍ୟନ୍ତ ଷ୍ଟିଲ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ଟାଟା ଷ୍ଟିଲକୁ ଇଡ୍‌କୋ ଜରିଆରେ ୨୪୬୮.୫୦ ଏକର ବେସରକାରୀ ଏବଂ ୫୭୧.୮୯ ଏକର ସରକାରୀ ଜମି ଯୋଗାଇ ଦିଆଯାଇଛି। ଇତିମଧ୍ୟରେ ସୁକିନ୍ଦା-ଅନୁଗୋଳ ନୂତନ ରେଳ ଲିଙ୍କ୍ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାକୁ ବସିଛି। ଏହିକ୍ରମରେ ଟାଟା ଷ୍ଟିଲ କାରଖାନାର ନିକଟସ୍ଥ ନୂତନ ରେଳ ଷ୍ଟେଶନ ଡୁବୁରୀଠାରୁ ଟାଟା ଷ୍ଟିଲ ୟାର୍ଡ ପର୍ଯ୍ୟନ୍ତ ରେଳ ସଂଯୋଗ କରିବାକୁ ପ୍ରସ୍ତାବ ରହିଛି। ତେଣୁ ଭୁବନେଶ୍ୱର ପୂର୍ବତଟ ରେଳପଥଙ୍କ ଦ୍ୱାରା ୭ ଗ୍ରାମର ୧୩୫.୩୦୦ ଏକର ଜମି ଅଧିଗ୍ରହଣ ଆବଶ୍ୟକ ରହିଛି। ତେଣୁ ଜମି ଅଧିଗ୍ରହଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବରୁ ଇଡ୍‌କୋ ପକ୍ଷରୁ ହୋଇଥିବା ଜମି ଅଧିଗ୍ରହଣ ସମୟରେ ବ୍ୟାପକ ତ୍ରୁଟି ଏବଂ ପାତରଅନ୍ତର ଅଭିଯୋଗ କରାଯାଇ ଗୁଳିକାଣ୍ଡ ପର୍ଯ୍ୟନ୍ତ ଘଟଣା ଘଟିଥିଲା। ସେହି ଦୃଷ୍ଟିରୁ ଉପରୋକ୍ତ ପରିମାଣ ଜମି ଅଧିଗ୍ରହଣ ସେତେଟା ସହଜ ହେବ ନାହିଁ ବୋଲି ବର୍ତ୍ତମାନ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ପୂର୍ବତଟ ରେଳପଥ ପକ୍ଷରୁ ସୁକିନ୍ଦା-ଅନୁଗୋଳ ନୂତନ ରେଳ ଲିଙ୍କ୍ ପ୍ରକଳ୍ପ କାର୍ଯ୍ୟରେ ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲାର ୧୨୭ ଗ୍ରାମର ଜମି ଅଧିଗ୍ରହଣ ହେଉଛି। କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟର ଅବହେଳା କାରଣରୁ କେତେକ ଜମି ଅଧିଗ୍ରହଣରେ ଅର୍ଥ ମଞ୍ଜୁର ବାଧକ ସାଜିଥିବା ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି। ତେବେ ବର୍ତ୍ତମାନ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ହେବା ସହ ରେଳ ପ୍ରକଳ୍ପ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଡୁବୁରୀଠାରୁ ଟାଟା ଷ୍ଟିଲ ୟାର୍ଡ ପର୍ଯ୍ୟନ୍ତ ପୁଣି ଜମି ଅଧିଗ୍ରହଣ କାର୍ଯ୍ୟ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ମତପ୍ରକାଶ ପାଇଛି।

ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀର ରିପୋର୍ଟ ଅନୁସାରେ ଯାଜପୁର ଜିଲାର ସୁକିନ୍ଦା ତହସିଲ ଅନ୍ତର୍ଗତ ସଂସାଇଲୋ ଗ୍ରାମର ୫୯.୫୯୦ ଏକର, ଓଳିଆ ଗ୍ରାମର ୮.୨୦୦ ଏକର, ଅଭୟପୁର ଗ୍ରାମର ୧୩.୮୯୦ ଏକର, ହାତିମୁଣ୍ଡା ଗ୍ରାମର ୩୬.୮୩୦ ଏକର, ଗୋବରଘାଟି ଗ୍ରାମର ୧୧.୪୦୦ ଏକର, ବାରଗାଡିଆ ଗ୍ରାମର ୧.୩୬୦ ଏକର ଏବଂ ଡୁବୁରୀ ଗ୍ରାମର ୪.୦୩୦ ଏକର ବେସରକାରୀ ଜମି ରହିଛି। ସୂଚନାଯୋଗ୍ୟ ଯେ, ୨୦୧୫ ନଭେମ୍ବର ୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟାଟା ଷ୍ଟିଲ୍ ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ। ଏହା ୨୦୧୬ ମେ ମାସରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିଥିଲା। ପ୍ରଥମ ପର୍ଯ୍ୟାୟରେ ୨୫ହଜାର କୋଟି ଟଙ୍କା ବିନିଯୋଗ କରାଯାଇ ବାର୍ଷିକ ୩ ନିୟୁତ ମେଟ୍ରିକ ଟନ୍ ଷ୍ଟିଲ୍ ଉତ୍ପାଦନ କରାଯାଇଥିଲା। ଏହି କାରଖାନାରେ ପ୍ରାୟ ୪ ହଜାର ନିୟମିତ ଓ ୧୦ ହଜାର ଲୋକ ଠିକା ଶ୍ରମିକ ଭାବେ ନିଯୁକ୍ତି ପାଇଛନ୍ତି। ଏଥିରେ ୬୦ ଭାଗରୁ ଉର୍ଦ୍ଧ୍ୱ ସ୍ଥାନୀୟ ନିଯୁକ୍ତି ରହିଛି ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଉଛି। ଏହାବାଦ୍ ଟାଟା ଷ୍ଟିଲ ପକ୍ଷରୁ ବିଭିନ୍ନ ପାରିପାର୍ଶ୍ୱିକ ବିକାଶ ସହ ପାନୀୟଜଳ, ଶିକ୍ଷା, ଗମନାଗମନ, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଉଛି ବୋଲି ମତପ୍ରକାଶ ପାଇଛି। ତେଣୁ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ସହ ଜୀବନଧାରଣରେ ବଡ଼ ପରିବର୍ତ୍ତନ ପାଇଁ ସ୍ୱଚ୍ଛତା ଅବଲମ୍ବନ କରି ଜମି ଅଧିଗ୍ରହଣରେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଆଶା କରାଯାଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ପ୍ରସ୍ତାବିତ ରେଳ ଲାଇନ ଟାଟା ଷ୍ଟିଲର ନୁହେଁ। ଏଥିରେ ରେଳ ମନ୍ତ୍ରଣାଳୟର ରାଜସ୍ୱ ବଢ଼ିବା ଲକ୍ଷ୍ୟ ରହିଛି। ତେଣୁ ସମସ୍ତେ ଏହି ପ୍ରକଳ୍ପକୁ ସହଯୋଗ କରିବାର ଆବଶ୍ୟକତା ରହିଛି।

# ମହାନଦୀ କୂଳରେ ପ୍ରଥମ ବିଚ୍ ଭଲିବଲ ପ୍ରତିଯୋଗିତା



ମହାନଦୀ କୂଳରେ ବିଚ୍ ଭଲିବଲ କ୍ରୀଡ଼ା ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ଖେଳାଳି।

ମହାକାଳପଡ଼ା,୨୨।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ ଜିଲାର ୯ ବ୍ଲକର ୫୦ କ୍ରୀଡାବିତ୍‌ଙ୍କ ଯୋଗଦାନ
■ ରାଜ୍ୟସ୍ତରକୁ ୧୬ ଛାତ୍ରୀଛାତ୍ର ମନୋନୀତ

ଗ୍ରାମାଞ୍ଚଳରେ ପ୍ରତିଭାବାନ ଖେଳାଳିମାନଙ୍କୁ ରାଜ୍ୟ ଓ ଜାତୀୟ ସ୍ତରରେ ଅଂଶଗ୍ରହଣ କରିବା ପାଇଁ ଜିଲାର କ୍ରୀଡା ସଙ୍ଗଠନ କର୍ମକର୍ତ୍ତାଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ। ଏହି ଅବସରରେ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ବାହାକୁଦ ଗ୍ରାମ ବାଲୁଙ୍କେଶ୍ୱର ଖେଳପଡିଆ (ମହାନଦୀ ବିଚ୍) ପ୍ରଥମ ବିଚ୍ ଭଲିବଲ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାସ୍ତରର ୯ଟି ବ୍ଲକ ମଧ୍ୟରେ ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, କେନ୍ଦ୍ରାପଡା, ଡେରାବିଶ, ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ ଓ ରାଜନଗର ଆଦି ଅଞ୍ଚଳରୁ ୫୦ଜଣ ପ୍ରତିଭାବାନ କ୍ରୀଡାବିତ ଯୋଗଦେଇ ବିଚ୍ ଭଲିବଲ ଖେଳ ପ୍ରଦର୍ଶିତ କରିଥିଲେ। ଏହି ବିଚ ଭଲିବଲ ପ୍ରତିଯୋଗିତାକୁ ଜିଲା ସ୍କୁଲ ସ୍ପୋର୍ଟସ ଆସୋସିଏଶନ୍ ପକ୍ଷରୁ ଆୟୋଜିତ କରାଯାଇଥିଲା। ଏହି ବିଚ୍ ଭଲିବଲ ଖେଳ ପ୍ରତିଯୋଗିତା ପ୍ରତିଭାବାନ କ୍ରୀଡାବିତମାନଙ୍କୁ ଚୟନ କରାଯାଇ ରାଜ୍ୟସ୍ତରୀୟ ବିଚ୍ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ୧୬ଜଣଙ୍କୁ ଚୟନ କରାଯାଇଛି।

ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକାକୁ ଆନୁଷ୍ଠାନିକ ଭାବେ ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ବିଚ୍ ଭଲିବଲ କ୍ରୀଡ଼ାର ଉଦଘାଟନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା କ୍ରୀଡ଼ା ସଙ୍ଗୀତ ଗାନ କରାଯିବା ସହ ନୃତ୍ୟ ପ୍ରଦର୍ଶନ ପରିବେଷଣ କରାଯାଇଥିଲା। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା ସଙ୍ଗଠନର ସମ୍ପାଦିକା ସ୍ମିତା ପ୍ରତିଭା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ଜିଲା କ୍ରୀଡ଼ା ନିରୀକ୍ଷକ ଦିନେଶ ଚନ୍ଦ୍ର ଦେବନାଥ, ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ, ପୂର୍ବତନ ସରପଞ୍ଚ ବିକାଶ ଚନ୍ଦ୍ର ଦେବନାଥ, ଗଜେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ମିଶ୍ର, ରାମଚଣ୍ଡୀ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ମୁଖ୍ୟ ସହଯୋଗୀ ପ୍ରେମଚାନ୍ଦ ବିଦ୍ୟାପୀଠ ବରିଷ୍ଠ ବ୍ଲକ କ୍ରୀଡ଼ା ସମ୍ପାଦକ ବ୍ୟାସଦେବ ବେବର୍ତ୍ତା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାର କ୍ରୀଡ଼ା ଏକ ଅବିଚ୍ଛେଦ୍ୟ ଅଙ୍ଗ। ସୁସ୍ଥ ସମାଜ ଗଠନରେ କ୍ରୀଡ଼ାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ମାନସିକ, ଶାରୀରିକ ସ୍ତରରେ ଖେଳ ବେଶ୍ ସହାୟକ ହୋଇଥାଏ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପ୍ରତିଯୋଗିତାରେ ଶିକ୍ଷକମାନଙ୍କ ମଧ୍ୟରେ ଦୀପକ ବେବନଥ, ପ୍ରଶାନ୍ତ ଦାସ, ସରସ୍ୱତୀ ଦାସ, ଦିଲୀପ ସାହୁ, ଉତ୍କଳ ମହାପାତ୍ର, ଜିତେନ୍ଦ୍ର ଦାସଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ।

## ମେଡିକାଲ କଲେଜ ଦାବିରେ ଅର୍ଥନୈତିକ ଅବରୋଧ ଆଜି

କେନ୍ଦ୍ରାପଡ଼ା, ୨୨।୯(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶନିବାର ଅର୍ଥନୈତିକ ଅବରୋଧ ହେବ। ସହରର ଦୁହୁରିଆସ୍ଥିତ ଜାତୀୟ ଓ ରାଜ୍ୟ ରାଜପଥ ଦୁଇଟିକୁ ଅବରୋଧ ସହ ରେଲୱେ ଷ୍ଟେଶନଠାରେ ରେଳ ରୋକୋ ହେବ ବୋଲି କମିଟି ସଦସ୍ୟମାନେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ କର୍ମକର୍ତ୍ତା ଅଜୟ କୁମାର ସାମଲ, ରମଣୀ ରଞ୍ଜନ ରାଉତରାୟ, ଗୟାଧର ଧଳ, ଆଦିକନ୍ଦ ରାଉଳ, ଭାଗୀରଥି ଜେନା ପ୍ରମୁଖ କହିଛନ୍ତି, କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜିଲା ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ବହୁ ପଛରେ ଅଛି। ଜିଲାରେ ୧୬ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିଲେ ମଧ୍ୟ ଲକ୍ଷେ ଲୋକଙ୍କ ପାଇଁ ମାତ୍ର ୫ ଜଣ ଡାକ୍ତର ପଦବୀ ପୂରଣ ହୋଇଛି। ବହୁ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଡାକ୍ତରଙ୍କ ଅଭାବଜନିତ ଦୁର୍ଦ୍ଦଶାରେ ଅଚଳ ଅବସ୍ଥାକୁ ଆସି ଯାଇଛି। ଏହାର ନିରାକରଣ ପାଇଁ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଜରୁରୀ ହୋଇ ପଡ଼ିଛି। ଏ ନେଇ ଜିଲା ସାରା ସଚେତନତା ସୃଷ୍ଟି ପରେ ଶନିବାର ଜିଲାରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାର ଏହି ଦାବି ପୂରଣ ନ ହେଲେ ଆସନ୍ତା ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ବୋଲି ସେମାନେ ଆଶଙ୍କା କରିଛନ୍ତି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅଦ୍ୟାବଧି ୨୦ ଦିନ ଧରି ସହରର ଗରାପୁରସ୍ଥିତ ଗାନ୍ଧିମୂର୍ତ୍ତି ନିକଟରେ ଗଣଧାରଣା ଦିଆଯାଇଛି। ସେହିପରି ଜିଲାର ବିଭିନ୍ନ ଅଞ୍ଚଳରେ ଏ ନେଇ ଜନସଚେତନତା ସୃଷ୍ଟି କରାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସନ୍ଦିପ



@ ଫାଲ୍‌ଗୁନୀ



@ ସମ୍ପିତ



@ ବାବୁନି



@ ଜୟପ୍ରଭା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ପକ୍ଷରୁ ପାଠକୀୟ ସଚେତନତା

ଧର୍ମଶାଳା,୨୨।୯(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ବାଗଦେବୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ଏକ ପାଠକୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଆଶିଷ କୁମାର ଦାଶଙ୍କ ସଭାପତିତ୍ୱରେ କଲେଜ ଅଧ୍ୟକ୍ଷ ତପନ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ପାଠ୍ୟପୁସ୍ତକ ସହିତ ବିଭିନ୍ନ ପତ୍ର-ପତ୍ରିକା ପଠନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଶିଶୁ ସାହିତ୍ୟିକ ଡ. ରବିନାରାୟଣ ସାହୁ ଯୋଗଦେଇ ଓଡ଼ିଶାରେ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକାରୀତା ନେଇ ପ୍ରୟାସ ଜାରି ରହିଛି। ଏଥିରେ ସ୍କୁଲ, କଲେଜର ଛାତ୍ରୀଛାତ୍ର ସାମିଲ ହେବାକୁ ନିବେଦନ କରିଥିଲେ।

ସମ୍ମାନିତ ଅତିଥି ଖବରଦାତା ଅଖିଳ କୁମାର ସ୍ୱାଇଁ ଯୋଗଦେଇ ସମସ୍ତେ ଦୈନିକ ଖବରକାଗଜ ପଢ଼ିବା ସହିତ ବିଭିନ୍ନ ପତ୍ର-ପତ୍ରିକା ପଢ଼ିବା ଦ୍ୱାରା ଭାଷା ସାହିତ୍ୟର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପାଠାଗାର ପ୍ରତିଷ୍ଠାତା ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ପାଠାଗାର ସମ୍ପର୍କରେ ଆଲୋକପାତ କରିଥିଲେ। ଧର୍ମଶାଳାର ସମସ୍ତ ସ୍କୁଲ ଓ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପତ୍ର-ପତ୍ରିକା ପଢ଼ିବା ପାଇଁ ସୁଯୋଗ ଦିଆଯିବ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ଷ୍ଟଲରୁ ପତ୍ରପତ୍ରିକା ନେଇ ପଢ଼ିବା ସହିତ ଗଳ୍ପ, କବିତା ଓ ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ। ସେଥିମଧ୍ୟରୁ ଛାତ୍ରୀ ବର୍ଷାରାଣୀ ଦାଶ ପ୍ରଥମ, ପୂର୍ଣ୍ଣିମା ମିଶ୍ର ଓ ବର୍ଷାରାଣୀ ରାଉଳ ଦ୍ୱିତୀୟ ଓ ସୁଶ୍ରୀ ସୁଚିସ୍ମିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁସ୍ତକ ପ୍ରଦାନ କରିଥିଲେ। ଅଧ୍ୟାପିକା ସସ୍ମିତା ରାଉଳ, ଲିଲିମା ସାମଲ, ଡ. ସସ୍ମିତା ସାମଲ, ଆରାଧନା ସେଠୀ , ସାମାଜିକ କର୍ମୀ ଶତ୍ରୁଘ୍ନ ସାହୁ ଓ ସୁନନ୍ଦ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ଦୀପକ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# କଂଗ୍ରେସ ଆସିଲେ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେବ



କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ।



ସମାବେଶରେ ଯୋଗ ଦେଇଥିବା କର୍ମକର୍ତ୍ତାମାନେ।

ପାଟକୁରା/ଡେରାବିଶ,୨୨।୯
(ରବୀନ୍ଦ୍ର କୁମାର ବାରିକ/ବେବର୍ତ୍ତା ଅଜୟ ଦାସ)

■ କେନ୍ଦ୍ରାପଡ଼ା ଜିଲାର ପାଟକୁରା ନିର୍ବାଚନମଣ୍ଡଳୀ ଅବହେଳିତ
■ ବିଶାଳ କଂଗ୍ରେସ କର୍ମୀ ସମାବେଶ

ରାଜ୍ୟରେ ୨୦୨୪ ନିର୍ବାଚନରେ କଂଗ୍ରେସ କ୍ଷମତା ଦଖଲ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଦୃଢ଼ୋକ୍ତି କରିଛନ୍ତି। ପାଟକୁରା ନିର୍ବାଚନ ମଣ୍ଡଳୀ ଗରଦପୁର ବ୍ଲକ ବଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଚଁପୁର ହାଟ ପଡ଼ିଆରେ ଶୁକ୍ରବାର କଂଗ୍ରେସର ବିଶାଳ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପିସିସି ସଭାପତି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତ ବିଧାନସଭାରେ ୯ ଜଣ କଂଗ୍ରେସ ବିଧାୟକ ପ୍ରତିନିଧିତ୍ୱ କରୁଥିବା ବେଳେ ୨୦୨୪ ନିର୍ବାଚନରେ ଏହି ସଂଖ୍ୟା ୯୦ରେ ପହଞ୍ଚିବ। ସେ ଆହୁରି କହିଥିଲେ, କେନ୍ଦ୍ରରେ ଥିବା ଭାଜପା ଓ ରାଜ୍ୟରେ ବିଜେଡି ସରକାର ଯାଆଁଳା ଭାଇ ଭଳି କାର୍ଯ୍ୟ କରୁଛନ୍ତି। ଖଣି ଦୁର୍ନୀତିରେ ବୁଡ଼ି ରହିଥିବା ରାଜ୍ୟ ସରକାର ଦୀର୍ଘ ୨୩ ବର୍ଷ ହେବ ଓଡ଼ିଶାର ଚାଷୀଙ୍କୁ କେବଳ ଭୁଆ ବୁଲାଉଛନ୍ତି। କେନ୍ଦ୍ରାପଡ଼ା ଏକ କୃଷିପ୍ରଧାନ ଜିଲା। ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଥିଲେ। ମାତ୍ର ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ଏହି ଜିଲାକୁ କେତେଥର ଗସ୍ତ କରିଛନ୍ତି ବୋଲି ପଟ୍ଟନାୟକ ପ୍ରଶ୍ନ କରିଥିଲେ। ସାଧାରଣ ଲୋକଙ୍କୁ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଶିଳ୍ପ ବିହୀନ ଜିଲା ଭାବେ ପରିଚିତ କେନ୍ଦ୍ରାପଡ଼ାରେ କୃଷିଭିତ୍ତିକ ଶିଳ୍ପ ମଧ୍ୟ ହୋଇପାରିଲାନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଜନସାଧାରଣ ସେମାନଙ୍କ ସମସ୍ୟା ସମ୍ପର୍କରେ ଗୁହାରି କରି ପାରୁନାହାନ୍ତି। ଦୀର୍ଘବର୍ଷ ହେବ ଏକ ପ୍ରକ୍ସି ସରକାର ଚାଲିଛି ବୋଲି ଓଡ଼ିଶାର ଜନସାଧାରଣ ଭଲ ଭାବେ ଜାଣି ସାରିଲେଣି। କଂଗ୍ରେସ ପ୍ରତି ଅଭୂତପୂର୍ବ ସମର୍ଥନ ମିଳୁଥିବା ନେଇ ତାଙ୍କର ପଦଯାତ୍ରାରେ ସେ ଅନୁଭବ କରିଛନ୍ତି ବୋଲି ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ସମାବେଶରେ ଅଧ୍ୟକ୍ଷତା କରି ଜିଲାର ବହୁ ପୁରାତନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଏଯାଏ ମିଳି ପାରିଲା ନାହିଁ। ଜିଲାରେ ଏକ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ମଧ୍ୟ ହୋଇ ନ ପାରିବା ସରକାରଙ୍କ ବିଫଳତାର ଏକ ନଗ୍ନ ନମୁନା ବୋଲି କହିଥିଲେ। ପାଟକୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ତାଙ୍କ ବକ୍ତବ୍ୟରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଠାରୁ ନିର୍ବାଚିତ ଲୋକ ପ୍ରତିନିଧି ଲୋକଙ୍କ ସମସ୍ୟା ବିଷୟରେ କେବେ ହେଲେ ବିଧାନସଭାରେ ପ୍ରଶ୍ନ ଉଠାଇ ନ ଥିବା ସାଧାରଣ ଲୋକଙ୍କୁ ବିସ୍ମିତ କରିଛି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ରନାଥ ଶର୍ମା, ଦଳୀୟ ମୁଖପାତ୍ର ଅମୀୟ ପାଣ୍ଡବ, ବରିଷ୍ଠ କଂଗ୍ରେସ ନେତା ହଳଧର ସେଠୀ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଅତିଥି ଭାବେ ଯୋଗଦେଇ ଥିଲେ। ସେମାନେ ମହିଳାଙ୍କୁ ସଶକ୍ତୀକରଣ କରିବା ପାଇଁ କଂଗ୍ରେସ ସରକାର ଦେଇଥିବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତରବରିଆ ଭାବେ ମହିଳା ବିଲ୍ ପାସ୍ କରି କେବଳ ଲୋକଙ୍କୁ ଭୁଆ ବୁଲାଉଥିବା କହିଥିଲେ। ତେବେ ପାରିତ ହୋଇଥିବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ୨୦୨୪ ନିର୍ବାଚନରେ କାର୍ଯ୍ୟକାରୀ ନ ହୋଇ ୨୦୨୯ ନିର୍ବାଚନରେ କାର୍ଯ୍ୟକାରୀ ହେବ ବୋଲି ମୋଦି ସାଧାରଣ ଲୋକଙ୍କୁ ଭଣ୍ଡେଇବା ଆଜି ପଦାରେ ପଡ଼ିଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସମାବେଶରେ କେନ୍ଦ୍ରାପଡ଼ାର ପୂର୍ବତନ ପୌରାଧ୍ୟକ୍ଷ ଆକବର ଅଲ୍ଲୀ ଓ ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ପରିଡ଼ା ନିଜର ବକ୍ତବ୍ୟ ରଖିଥିଲେ। ଆଜିର ଏହି ସମାବେଶରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗରଦପୁର, ଡେରାବିଶ ଓ ମାର୍ଶାଘାଇ ବ୍ଲକର ୭ଟି ପଞ୍ଚାୟତ ସମେତ ୫୧ଟି ଗାଁରୁ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ମହିଳା, ଛାତ୍ର ଓ ଯୁବକମାନେ ଯୋଗ ଦେଇଥିଲେ। ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଏଭଳି ସମାବେଶ ଓ ପିସିସି ସଭାପତିଙ୍କ ନିର୍ବାଚନମଣ୍ଡଳୀକୁ ଗସ୍ତ କାର୍ଯ୍ୟକ୍ରମକୁ ନେଇ ରାଜନୈତିକ ତାତି ବଢ଼ି ଯାଇଛି।

# ମଠ, ମନ୍ଦିର ସୁରକ୍ଷାରେ ଦେବୋତ୍ତର ବିଭାଗ ବିଫଳ

**ଖଣ୍ଡପଡ଼ା,୨୨।୯**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଅଧୀନରେ ଥିବା ବିଭିନ୍ନ ଦେବଦେବୀ ମନ୍ଦିର ପରିଚାଳନା ପାଇଁ ପ୍ରତିମାସରେ ବିଧି ବ୍ୟବସ୍ଥା କ୍ରମେ ଆର୍ଥିକ ବ୍ୟବସ୍ଥା ରହିଛି । ମାତ୍ର ସମ୍ପୃକ୍ତ ମଠ, ମନ୍ଦିର ସୁରକ୍ଷାରେ ଦେବୋତ୍ତର ବିଭାଗ ବିଫଳ ହୋଇଥିବାରୁ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି । ସୂଚନାଯୋଗ୍ୟ, ଖଣ୍ଡପଡ଼ା ତହସିଲ ଅଧୀନ ଜଗନ୍ନାଥ ପ୍ରସାଦ ପଞ୍ଚାୟତ ଦରଦା ମହିଷାଶୁଣୀ ମନ୍ଦିର ପାଇଁ ପ୍ରାୟ ୩୩ରୁ ଉର୍ଦ୍ଧ୍ୱ ଏକର ଜମି ଖଞ୍ଜା ରହିଥିବା ବେଳେ ୫ ଟି ପୋଖରୀ ମଧ୍ୟ ରହିଛି । ପୂର୍ବ ପୁରୁଷଙ୍କ ପରମ୍ପରା କ୍ରମେ ମହିଷାଶୁଣୀ ମନ୍ଦିରରେ ପୂଜା ନିତି ନିମନ୍ତେ ଘଣ୍ଟି ବାଜିଲେ ସ୍ଥାନୀୟ ଅଞ୍ଚଳବାସୀ ଖାଦ୍ୟ ଗ୍ରହଣ କରନ୍ତି । ଖଞ୍ଜା ଜମିରୁ ୬୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବାର୍ଷିକ ଆଦାୟ ହୋଇଥାଏ । ଏହି ଅର୍ଥ ବିଭିନ୍ନ ନୀତିକାନ୍ତି ପରିଚାଳନାରେ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟୟ ହୋଇଥାଏ । ମାତ୍ର ଦୀର୍ଘ ବର୍ଷ ହେବ କେତେଜଣ ବ୍ୟକ୍ତି କିଛି ଜମିକୁ ନିଜ ଦଖଲରେ ରଖି ପ୍ରାପ୍ୟ


ମହିଷାଶୁଣୀ ମନ୍ଦିର ।

ପୈଠ କରୁ ନ ଥିବା ଏବଂ ଗ୍ରାମବାସୀଙ୍କ ଦ୍ୱାରା ଠାକୁରାଣୀଙ୍କ ଜମି ଓ ପୋଖରୀକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ଦଖଲ କରି ପ୍ରାପ୍ୟ ପ୍ରଦାନ କରି ଆସୁଥିଲେ । ତେବେ ଠାକୁରାଣୀଙ୍କ ଜମିକୁ ଜବରଦଖଲ କରି ଉପଭୋଗ କରୁଥିବା ବ୍ୟକ୍ତିମାନେ ପ୍ରାପ୍ୟ ଦେବୋତ୍ତର ବିଭାଗକୁ ପ୍ରଦାନ କରୁ ନାହାନ୍ତି । ସମ୍ପୃକ୍ତ ବ୍ୟକ୍ତିମାନେ ବିଭିନ୍ନ ଆଳ ଦେଖାଇ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ କରିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଜବରଦଖଲ କରି ପ୍ରାପ୍ୟ ପ୍ରଦାନ କରୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ ଦେବୋତ୍ତର ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସମସ୍ୟା ଉପୁଜିଛି । ଜଣେ ବ୍ୟକ୍ତି ଠାକୁରାଣୀଙ୍କ ଜାଗାକୁ ଦଖଲ କରି ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିବା ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଗ୍ରାମବାସୀଙ୍କ

**ମହିଷାଶୁଣୀ ମନ୍ଦିର ସୁପରିଚାଳନାକୁ ନେଇ ଗ୍ରାମବାସୀଙ୍କ ଚିନ୍ତା**

ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ଦ୍ୱାରା ପୋଖରୀକୁ ନିଲାମ ଦିଆଯାଇ ଆବଶ୍ୟକ ପ୍ରାପ୍ୟ ଦେବୋତ୍ତର ବିଭାଗକୁ ପ୍ରଦାନ କରାଯାଉଥିଲା । ମାତ୍ର ଠାକୁରାଣୀଙ୍କ ଜାଗାକୁ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ଠାକୁରାଣୀଙ୍କ ନୀତିକାନ୍ତି ପରିଚାଳନା ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଆଗାମୀ ଦିନରେ ଠାକୁରାଣୀଙ୍କ କାର୍ଯ୍ୟ କିପରି ଶୃଙ୍ଖଳିତ ହେବ ଏ ନେଇ ଗ୍ରାମ ସଭାପତି ମୁରଲୀଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଏ ନେଇ ଗ୍ରାମ ସଭାପତି ସ୍ୱାଇଁ କହିଛନ୍ତି, ପ୍ରତିବର୍ଷ ଠାକୁରାଣୀଙ୍କ ବାସନ୍ତୀକ ଦୁର୍ଗା ପୂଜା ପାଇଁ ଦେବୋତ୍ତର ବିଭାଗ ମାତ୍ର ୧୧ଶହ ଟଙ୍କା ଦେଉଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥାଏ । ସେହିପରି ଦଶହରା ପାଇଁ ବିଭାଗ ପକ୍ଷରୁ ୭ରୁ ୮ ଶହ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଗ୍ରାମବାସୀ ପ୍ରାୟ ୩୦ରୁ ୪୦ ହଜାର ଟଙ୍କା ଖର୍ଚ୍ଚ କରିଥାନ୍ତି । ଅଧିକାଂଶ ସମୟରେ ଠାକୁରାଣୀଙ୍କ ନୀତିକାନ୍ତି ପାଇଁ ଦେବୋତ୍ତର ବିଭାଗ ନିୟମିତ ଭାବେ ଅର୍ଥ ପ୍ରଦାନ କରୁ ନ ଥିବାରୁ ଠାକୁରାଣୀଙ୍କ ନୀତି ପରିଚାଳନା କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ । ଠାକୁରାଣୀଙ୍କ ନୀତି କିପରି ଶୃଙ୍ଖଳିତ ଭାବେ ପରିଚାଳନା ହୋଇ ପାରିବ ସେ ସମ୍ପର୍କରେ ଗ୍ରାମସଭାରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଆସନ୍ତା ସୋମବାର ଏକ ପ୍ରତିନିଧି ଦଳ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କୁ ସାକ୍ଷାତ କରି ଏହି ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିବ । ସମସ୍ୟା ସମାଧାନ ଦିଗରେ ଯଦି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ରାଜ୍ୟ ଦେବେତ୍ତର କମିଶନରଙ୍କୁ ଗ୍ରାମବାସୀ ଭେଟି ଠକୁରାଣୀଙ୍କ ସମସ୍ୟା ସମାଧାନ ଦିଗରେ ଅବଗତ କରାଇବେ ବୋଲି ସଭାପତି ସ୍ୱାଇଁ ସୂଚନା ଦେଇଛନ୍ତି ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସନ୍ଦିପ


@ ଫାଲଗୁନୀ


@ ସମ୍ପିତ


@ ବାବୁନି


@ ଜୟପ୍ରଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଶ୍ରମ ସ୍କୁଲରେ 'ଅଭିଭାବକ ଆମର ଅଂଶୀଦାର' ସମାବେଶ


ଅତିଥିମାନେ ପ୍ରଦର୍ଶିତ ଷ୍ଟଲ୍ ବୁଲି ଦେଖୁଛନ୍ତି ।

**ନୂଆଗାଁ,୨୨।୯(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୁମି ପଞ୍ଚାୟତ ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଜାକେଡା ପଞ୍ଚାୟତ ବାଡ଼ିବାରୀ ଆଶ୍ରମ ବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ ଆମର ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ର, ଅଭିଭାବକମାନେ ସ୍କୁଲରେ ମିଳୁଥିବା ସୁବିଧା ସୁଯୋଗ ଜାଣିବା, ସ୍କୁଲର ସମସ୍ୟା ବାବଦରେ ଅବଗତ ହୋଇ ଭାଗିଦାର ସୂତ୍ରରେ ତାହାକୁ ସମାଧନ କରିବାର ପ୍ରୟାସ କରିବା , ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ସଂକ୍ରାନ୍ତରେ ଜାଣିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ନୂଆଗାଁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞେଶ୍ୱର ନାୟକ ଓ ଗଣ ମାଧ୍ୟମ ପ୍ରତିନିଧିମାନେ ସ୍କୁଲ ନିକଟରେ ପହଞ୍ଚିବା ପରେ ଛାତ୍ରୀଛାତ୍ରମାନେ ଫୁଲ ଚନ୍ଦନ ଦେଇ ପାଛୋଟି ନେଇଥିଲେ । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ବିଜ୍ଞାନ ଯନ୍ତ୍ରପାତି , ଖେଳ ସାମଗ୍ରୀ , ସଚେତନତାମୂଳକ ବାର୍ତ୍ତା ବହନ କରୁଥିବା ଅନେକ ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା । ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ବିଭିନ୍ନ ପୁଷ୍ଟିକର ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା । ମହିଳା ଅଭିଭାବକମାନଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଅତିଥି ଓ ଅଭିଭାବକମାନଙ୍କୁ ବହୁ ସମୟ ଧରି ମଞ୍ଚ ପାଖରେ ବାନ୍ଧି ରଖିଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନଶିକ୍ଷକ ମୁକେଶ କୁମାର ଦୁଗାଲଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । ସେହିପରି ଜାକେଡା ପଞ୍ଚାୟତରେ ଥିବା ବାଡିବାରୀ ସେବାଶ୍ରମ ବିଦ୍ୟାଳୟରେ ମଧ୍ୟ ଅଭିଭାବକ ଆମର ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ମିଶ୍ର , ବ୍ଲକ ସମାଜ ମଙ୍ଗଳ ଅଧିକାରୀ ନାୟକ ଯୋଗ ଦେଇଥିଲେ । ହେଲେ ଅତିଥିମାନେ ସ୍କୁଲରେ ପହଞ୍ଚିବା ବେଳକୁ ବୈଠକ ପାଇଁ ବ୍ୟବସ୍ଥା ହୋଇ ନ ଥିବା ଦେଖି କ୍ଷୋଭ ପ୍ରକାଶ କରି ଫେରି ଆସିଥିଲେ ।

# ବରବରା, ଧୂଆଁନଳୀରୁ ଶାଗୁଆନ କାଠ ଚୋରା ଚାଲାଣ

**ନୟାଗଡ଼,୨୨।୯(ଲୋକନାଥ ମିଶ୍ର)**

- ଗୋଛା ଜଙ୍ଗଲ ଦେଇ ନୟାଗଡ଼କୁ ଆସୁଛି କାଠ
- ଫରେଷ୍ଟରଙ୍କୁ ହାତବାରିସି କରି ଚାଲାଣ ହେଉଥିବା ଅଭିଯୋଗ
- ରେଞ୍ଜରଙ୍କ ଅନୁପସ୍ଥିତିରେ ପଞ୍ଚରିଡା ରେଞ୍ଜରେ କାଠଚୋର ସକ୍ରିୟ

ଖୋର୍ଦ୍ଧା ବନଖଣ୍ଡ ବାଣପୁର ରେଞ୍ଜର ବରବରା ଓ ଧୂଆଁନଳୀ ଜଙ୍ଗଲରୁ ଶାଗୁଆନ କାଠ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ଗୋଛା ଦେଇ ଚୋରା ଚାଲାଣ ହେଉଛି । ଏଠାରୁ ଶାଗୁଆନ କାଠ ପୋଢ଼ ଯୋଗେ ପଞ୍ଚରିଡା ରେଞ୍ଜ ଅଞ୍ଚଳକୁ ଆସୁଛି । ପଞ୍ଚରିଡା ରେଞ୍ଜର ପଞ୍ଚରିଡା ଫରେଷ୍ଟରଙ୍କୁ ହାତ କରି କାଠ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ଗତ କିଛି ଦିନ ତଳେ କାର୍ଯ୍ୟରେ ଯୋଗ ଦେଇଥିବା ରେଞ୍ଜର ରାତିରେ ରେଞ୍ଜରେ ରହୁ ନ ଥିବାରୁ କାଠଚୋରମାନେ ସକ୍ରିୟ ହୋଇ ଉଠିଛନ୍ତି ବୋଲି ସୂଚନା ମିଳିଛି ।

ବରବରା ଓ ଧୂଆଁନଳୀ ଜଙ୍ଗଲରୁ ଶାଗୁଆନ କାଠ ବିଭିନ୍ନ ସମୟରେ ନୟାଗଡ଼ ଆସୁଛି । କିଛି ଦିନର ନୀରବତା ପରେ ଏବେ ୧୫ ଦିନ ହେଲା ଚୋରା ଚାଲାଣ ବଢ଼ିଛି । ଶୁକ୍ରବାର ରାତିରେ ମଧ୍ୟ ପୋଢ଼ ଯୋଗେ ଶାଗୁଆନ କାଠ ଗୋଛା ଦେଇ ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳକୁ ଆସିଛି। ସେହିପରି ନୟାଗଡ଼ ବନଖଣ୍ଡର ଗୋଛା ଜଙ୍ଗଲରୁ ଶାଗୁଆନ କାଠ ସାଇଜ୍ କରାଯାଇ ସାଇକେଲରେ ନୟାଗଡର ବିଭିନ୍ନ ଅଞ୍ଚଳକୁ ଆସୁଛି । ଏଣୁ ଗୋଛା ଜଙ୍ଗଲରୁ ଶାଗୁଆନ ଗଛ ହ୍ରାସ ପାଇବାରେ ଲାଗିଛି । କାଠ ଆସିବା ନେଇ କେତେଜଣ ଲୋକ ପଞ୍ଚରିଡା ଫରେଷ୍ଟରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେ ନୀରବ ରହୁଥିବା ଅଭିଯୋଗ ହୋଇଛି । ଜଣେ କାଠ ଚାଲାଣକାରୀଙ୍କ ସୂଚନା ଅନୁଯାୟୀ, କାଠ ପ୍ରାୟ ୧୫ ଦିନ ହେଲା ବୁହା ଚାଲିଛି । ବନବିଭାଗର ସହାୟତା ଯୋଗୁ ସବୁ କିଛି ଠିକ୍ ଚାଲିଛି । ଆମ ବ୍ୟବସାୟ ଭଲରେ ହେଉଛି । ଆମକୁ ଜଣେ ଫରେଷ୍ଟର ସହଯୋଗ କରୁଛନ୍ତି ବୋଲି କହିଛନ୍ତି । ଗୋଛା ଅଞ୍ଚଳର ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି, ଗତ ୩ ତାରିଖରେ ଶିମିଳି ଅଞ୍ଚଳରେ ୨ଟି ଟ୍ରାକ୍ଟରରେ କିଛି କାଠ କଟାଯାଇ ଚାଲାଣ ହେଉଥିଲା । ଫରେଷ୍ଟରଙ୍କୁ ଫୋନ କଲା ପରେ କାଠ ବୋଝେଇ ଟ୍ରାକ୍ଟର ଜବତ ହେଲା । ତେବେ କିଛି ସମୟ ପରେ ଜବତ କାଠ ଛାଡି ଦିଆଗଲା । ରେଞ୍ଜର କି ଡିଏଫ୍ଓ କିଛି କଲେ ନାହିଁ । ଏହାର ସୁଯୋଗରେ ଫରେଷ୍ଟର ତାଙ୍କର କାଠଚୋରର ସାମ୍ରାଜ୍ୟକୁ ବଢ଼ାଇ ଚାଲିଛନ୍ତି । ଅନ୍ୟପକ୍ଷେ ବରବରା ଓ ଧୂଆଁନଳୀ ଜଙ୍ଗଲରୁ କାଠ ପ୍ରାୟ ୧୫ ଦିନ ହେଲା ରାତିରେ ଚାଲାଣ ହେଉଛି । ବନବିଭାଗ କର୍ମଚାରୀ କାଠ ଚୋରଙ୍କୁ ଦେଖି ପଳାଇ ଯାଉଛନ୍ତି । କାଠ ଚୋରଙ୍କ ଉପରେ ଚଢ଼ାଉ ନ ଥିବାରୁ ଅବାଧରେ କାଠ ଚାଲାଣ ହେଉଛି ବୋଲି ସେ କହିଛନ୍ତି । ପଞ୍ଚରିଡା ରେଞ୍ଜର ଚୁଡାମଣି ମୁର୍ମୁ କୁହନ୍ତି, ମୁଁ କିଛି ଦିନ ହେଲା କାର୍ଯ୍ୟରେ ଯୋଗ ଦେଇଛି । କାଠ ଚୋର ନେଇ ଅଭିଯୋଗ ନ ଥିଲା । ପୁଣି ଫରେଷ୍ଟରଙ୍କ ନାଁରେ ଅଭିଯୋଗ ଆସିଛି । ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ସେ ସୂଚନା ଦେଇଛନ୍ତି ।

# ଜେଲଗଲେ ଖବରଦାତା

**ନୟାଗଡ଼,୨୨।୯(ଲୋକନାଥ ମିଶ୍ର)**

**ଅଭିଯୋଗର ତଦନ୍ତ ନ କରି ପୋଲିସର କାର୍ଯ୍ୟାନୁଷ୍ଠାନ ଅଭିଯୋଗ**

ଗୋଷ୍ଠୀ ସଂଘର୍ଷ ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ନ କରି ନୟାଗଡ଼ର ଖବରଦାତା ଦୀପକ ଦାସଙ୍କୁ ଜେଲ ପଠାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗର ତଦନ୍ତ ହୋଇ ନ ଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ୧୯ ତାରିଖ ମଙ୍ଗଳବାର ରାତିରେ ଗଣେଶ ମୂର୍ତ୍ତି ଉଚ୍ଚତାକୁ ନେଇ ନୟାଗଡ଼ ଟାଉନ ଥାନାର ୧୪ ନଂ. ୱାର୍ଡର ଜଯାଙ୍ଗୀ ସାହି ଓ ୧୬ ନଂ. ୱାର୍ଡର ଶିବାଜୀ ନଗରର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉଭୟ ପକ୍ଷର ୩ ଆହତ ହୋଇଥିଲେ । ଏହି ଘଟଣାରେ ପୋଲିସ ୨୧୪/୨୩ ମାମଲାରେ ୪ଜଣଙ୍କୁ ଓ ୨୧୫/୨୩ ମାମଲାରେ ୩ଜଣ ଏପରି ମୋଟ୍ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ୭ ଅଭିଯୁକ୍ତ ନୟାଗଡ଼ ସବ୍‌ଜେଲରେ ଅଛନ୍ତି । ଖବରଦାତା ଦୀପକ ଦାସ କୁହନ୍ତି, ଗଣେଶ ପୂଜା ଆମ ଘର ନିକଟରେ ହୋଇଥିଲା । ହେଲେ ଗୋଷ୍ଠୀ ସଂଘର୍ଷ ଘଟଣାରେ ମୁଁ କାହାରିକୁ ମାରପିଟ୍ କରି ନାହିଁ । ମୋତେ ମୁଖ୍ୟ ଅଭିଯୁକ୍ତ କହି ଫସାଇ ଦିଆଯାଇଛି । ମୁଁ ନିର୍ଦ୍ଦୋଷ । ବରଂ ଜଣେ ପୋଲିସ କନ୍‌ଷ୍ଟେବଲଙ୍କ ନିର୍ଦ୍ଦେଶରେ ୧୬ ନଂ. ୱାର୍ଡର ୪ରୁ ୫ଜଣ ଯୁବକ ମିଳିତ ହୋଇ ମୋତେ ମାରପିଟ୍ କଲେ । ମୋ ଠାରୁ ମୋ ମୋବାଇଲ ଛଡାଇ ନେଲେ । ପରେ ମୋବାଇଲରୁ ଗଣ୍ଡଗୋଳର ଦୃଶ୍ୟକୁ ଡିଲିଟ କରି ଭୁଲ ମାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋବାଇଲକୁ ୧ଘଣ୍ଟା ପରେ ଫେରାଇଲେ । ଏପରି କି ଥାନାରେ ଅଭିଯୋଗ ନ କରିବାକୁ ଅନୁରୋଧ କଲେ । ଜଣେ କାଉନସିଲରଙ୍କ ସ୍ୱାମୀ ପୁଣି ମୋବାଇଲ ଫେରାଇ ଥିଲେ । ଘଟଣାର ଯାଞ୍ଚ କଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିଥାନ୍ତା । ହେଲେ ପୋଲିସ ଚାପରେ ଘଟଣାର ତଦନ୍ତ ନ କରି କେବଳ ଅଭିଯୋଗରେ ମୋତେ ଗିରଫ କରିବା କେତେଦୂର ଠିକ ବୋଲି ସେ ପ୍ରଶ୍ନ କରିଛନ୍ତି ।

# ଅବସରପ୍ରାପ୍ତ ବନ ଅଧିକାରୀଙ୍କ ନାଚୁରାଲ ଫ୍ରୁଟ୍ସ ଫାର୍ମ

- ରାସାୟନିକ ସାର,କୀଟନାଶକ ବ୍ୟବହାର ନାହିଁ
- ୪ ଏକର ପରିମିତ ଜମିରେ ଡ୍ରାଗନ ଫ୍ରୁଟ୍ସ ଚାଷ

**ଓଡ଼ଗାଁ,୨୨।୯**
**(ଆଦର୍ଶ କୁମାର ପଟ୍ଟନାୟକ )**


ନାଚୁରାଲ ଫ୍ରୁଟ୍ସ ଫାର୍ମରେ ଥିବା ଡ୍ରାଗନ ଗଛ ।


ସୁରେଶ ଚନ୍ଦ୍ର ହୋତା

ଅବସରପ୍ରାପ୍ତ ଉପ-ବନସଂରକ୍ଷକ ସୁରେଶ ଚନ୍ଦ୍ର ହେତାଙ୍କ ନାଚୁରାଲ ଫ୍ରୁଟ୍ସ ଫାର୍ମ ଅନ୍ୟମାନଙ୍କ ପାଇଁ ଆକର୍ଷଣ କେନ୍ଦ୍ର ବିନ୍ଦୁ ହୋଇଛି । ପରିଣତ ବୟସରେ ସେ ନିଜ ହାତରେ ଏହି ଫାର୍ମ ତିଆରି କରି ଜଣେ ସଫଳ ଉଦ୍ୟାନ କୃଷିଦ୍ୟୋଗୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏହି ଫାର୍ମ ଏବେ ସମସ୍ତଙ୍କ ପାଇଁ ପ୍ରେରଣା ଯୋଗାଇଛି ।

୨୦୨୧ ଜାନୁୟାରୀରେ ସୁରେଶ ଅବସର ଗ୍ରହଣ କରିଥିଲେ । ଏହାପରେ ଓଡ଼ଗାଁ-ଭଞ୍ଜନଗର ରାଜ୍ୟ ରାଜପଥର ପଥରାଠାରେ ଥିବା ପୈତୃକ ୮ ଏକର ଅନାବାଦୀ ଜମିରେ ସେ ମମତା ନାଚୁରାଲ ଫ୍ରୁଟ୍ସ ଫାର୍ମ (ଡ୍ରାଗନ ଫାର୍ମ)କରିବା ପାଇଁ ଅଣ୍ଟା ଭିଡିଥିଲେ । ଦିନକୁ ଦିନ ତାଙ୍କ ପ୍ରବଳ ଇଚ୍ଛାଶକ୍ତି ଓ ଯୁବସୁଲଭ ପରିଶ୍ରମ ଫଳରେ ଏହି ଫାର୍ମ ଆଜି ରାଜ୍ୟ ତଥା ଦେଶ ବିଦେଶରେ ଖ୍ୟାତି ଲାଭ କରିଛି । ଉକ୍ତ ଫାର୍ମରେ ୭୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଔଷଧୀୟ ବୃକ୍ଷ ରହିଛି । ୪ ଏକର ପରିମିତ ଜମିରେ ଡ୍ରାଗନ ଫ୍ରୁଟ୍ସ ଗଛ ଲାଗିଛି । ଅବଶିଷ୍ଟ ଜମିରେ ସେ ବିଭିନ୍ନ ଜାତିର ଆମ୍ବ, ପିଜୁଳି, ବରକୋଳି, କଦଳୀ, ଅମୃତ ଭଣ୍ଡା, ସଜନା, ଲେମ୍ବୁ, କମଳା, ନଡ଼ିଆ ଆଜି ଗଛ ଲଗାଇଛନ୍ତି । ଏତଦ୍‌ବ୍ୟତୀତ ପୁଷ୍କରିଣୀରେ ମାଛ ଚାଷ, ପଲ୍ଲୀହାଉସରେ ଗୋଲାପ ଚାଷ, ମହୁଚାଷ କରିଛନ୍ତି । ଏହି ଫାର୍ମରେ କୌଣସି ରାସାୟନିକ ସାର କିମ୍ବା କୀଟନାଶକ ବ୍ୟବହାର କରାଯାଇ ନାହିଁ ବୋଲି ସୁରେଶ କହିଛନ୍ତି । ପ୍ରାକୃତିକ ପ୍ରଣାଳୀରେ ଜିଆଖତ ଏବଂ କୀଟନାଶନ ପାଇଁ ଜୀବାମୃତ ପ୍ରସ୍ତୁତି ଓ ବ୍ୟବହାର କରି ସେ ଏହି ଫାର୍ମକୁ ନିଜ ହାତରେ ଗଢ଼ି ତୋଳିଛନ୍ତି । ସେଥିପାଇଁ ଏହି ଫାର୍ମ କୃଷି ଓ ଉଦ୍ୟାନ ବିଭାଗର ଏକ ପ୍ରୟୋଗ ଶାଳାରେ ପରିଣତ ହୋଇଛି । ଏ ସଂକ୍ରାନ୍ତରେ ଖବର ପାଇବା ପରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକମାନେ ଏହି ଫାର୍ମକୁ ବୁଲିବାକୁ ଆସୁଛନ୍ତି।

ଶୁକ୍ରବାର ଓଡ଼ଗାଁ ସାମ୍ବାଦିକ ସଂଘର ସଭାପତି ଅଶୋକ କୁମାର ମହାପାତ୍ର, ଉପ-ସଭାପତି ଆଦର୍ଶ କୁମାର ପଟ୍ଟନାୟକ, ସମ୍ପାଦକ ଗଣେଶ୍ୱର ସାହୁ, କୋଷାଧ୍ୟକ୍ଷ ସାରସ କୁମାର ମିଶ୍ର, ସୁନିଲ କୁମାର ପଟ୍ଟନାୟକ, ରାମକୃଷ୍ଣ ପରିଡ଼ା, ଫକିର ମହାରଣା, ନାରାୟଣ ପାଣିଗ୍ରାହୀ, ଅର୍ଜୁନ ସାହୁ, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉକ୍ତ ଫାର୍ମ ପରିଦର୍ଶନ କରିବା ସହିତ ସଫଳ ଉଦ୍ୟାନ କୃଷିଦ୍ୟୋଗୀ ସୁରେଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟାଇଟଲ ବିଜୟରେ ଅଷ୍ଟ୍ରେଲିଆର ହ୍ୟାଟ୍ରିକ

ଆଇସିସି କ୍ରିକେଟ ବିଶ୍ୱକପର ୯ମ ସଂସ୍କରଣ ୱେଷ୍ଟଇଣ୍ଡିଜରେ ୨୦୦୭ ମାର୍ଚ୍ଚ ୧୩ରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମୋଟ ୫୧ଟି ମ୍ୟାଚ ଖେଳାଯାଇଥିଲା। ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଏହାକୁ ମିଶାଇ ଅଷ୍ଟ୍ରେଲିଆ କ୍ରମାଗତ ୩ ଥର ଚାମ୍ପିୟନ ହୋଇ ଟାଇଟଲ ବିଜୟରେ ହ୍ୟାଟ୍ରିକ କରିଥିଲା। ଓଭରଅଲ୍ ଏହାଥିଲା ଅଷ୍ଟ୍ରେଲିଆର ୪ର୍ଥ ଟାଇଟଲ। ୧୬ ଅଂଶଗ୍ରହଣକାରୀ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ୨ଟି ଲେଖାଏ ଦଳ ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଥିଲେ। ଏହି ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ୮୧ ରନରେ ହରାଇ ଶ୍ରୀଲଙ୍କା ଏବଂ ଦକ୍ଷିଣ ଆଫ୍ରିକାକୁ ୭ ଉଇକେଟରେ ପରାସ୍ତକରି ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା। ବର୍ଷା ବାଧାପ୍ରାପ୍ତ ଫାଇନାଲରେ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ଶ୍ରୀଲଙ୍କାକୁ ୫୩ ରନରେ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ବର୍ଷା ଯୋଗୁ ଖେଳ ଆରମ୍ଭରେ ବିଳମ୍ବ ହେବାରୁ ମ୍ୟାଚକୁ ୩୮ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ଅଷ୍ଟ୍ରେଲିଆ ୪ ଉଇକେଟ ହରାଇ ୨୮୧ ରନ କରିଥିଲା। ଏହାପରେ ପୁଣି ବର୍ଷା ଯୋଗୁ ଖେଳରେ ବାଧା ପହଞ୍ଚିବାରୁ ଶ୍ରୀଲଙ୍କା ସମ୍ମୁଖରେ ୩୬ ଓଭରରେ ୨୬୯ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଶ୍ରୀଲଙ୍କା ୮ ଉଇକେଟ ହରାଇ ୨୧୫ ରନ କରିବାକୁ ସକ୍ଷମ ହୋଇଥିଲା। ୧୪୯ ରନର ଇନିଂସ ଖେଳିଥିବା ଅଷ୍ଟ୍ରେଲିଆର ଆଡାମ ଗିଲକ୍ରିଷ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଏହି ଦଳର ଗ୍ଲେନ ମ୍ୟାକଗ୍ରା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଏହି ସଂସ୍କରଣରେ ଭାରତର ପ୍ରଦର୍ଶନ ଅତି ଦୟନୀୟ ରହିଥିଲା। ଗ୍ରୁପ୍ 'ବି'ରେ ଦଳ ନିଜର ପ୍ରଥମ ମ୍ୟାଚରେ ବାଂଲାଦେଶଠାରୁ ପରାସ୍ତ ହୋଇ ବିପର୍ଯ୍ୟୟକୁ ଡାକି ଆଣିଥିଲା। ପରବର୍ତ୍ତୀ ମ୍ୟାଚରେ ବର୍ମୁଡାକୁ ୨୫୭ ରନରେ ହରାଇଥିଲେ ହେଁ ତୃତୀୟ ତଥା ଅନ୍ତିମ ଗ୍ରୁପ ମ୍ୟାଚରେ ଶ୍ରୀଲଙ୍କାଠାରୁ ୬୯ ରନରେ ହାରି ବିଦାୟ ନେଇଥିଲା। ପାକିସ୍ତାନ ନକ୍‌ଆଉଟ ହେବାପରେ ଏହାର କୋଚ୍ ବବ୍ ଉଲମରଙ୍କ ସନ୍ଦେହଜନକ ମୃତ୍ୟୁ ଚର୍ଚ୍ଚାରେ ରହିଥିଲା।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧୨ ଦିନ**

# ବଚନଙ୍କ ସ୍ୱର୍ଣ୍ଣରୁ ଆରମ୍ଭ ହୋଇଥିଲା ଓଡ଼ିଶାର ପଦକ ଅଭିଯାନ

## ଏସିଆନ ଗେମ୍ସ

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

ଚାଇନାର ଗୁଆଙ୍ଗଝୋଠାରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଏସିଆନ ଗେମ୍ସ। ରେକର୍ଡ ଅନୁସାରେ ଏସିଆନ ଗେମ୍ସରେ ଓଡ଼ିଶାର ପଦକ ଅଭିଯାନ ଆରମ୍ଭ ହୋଇଥିଲା ସେକ୍ ଅବଦୁଲ ମଜିଦ ବଚନଙ୍କଠାରୁ। ୧୯୫୧ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଆଥ୍‌ଲେଟିକ୍ସରେ କିନ୍ତୁ ପ୍ରଥମ ପଦକ ଜିତିଥିଲେ ପ୍ରଣତି ମିଶ୍ର। ଓଡ଼ିଶାର ପ୍ରଥମ ମହିଳାଭାବେ ସେ ଏସିଆଡ୍‌ରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ଗୋଟିଏ ସଂସ୍କରଣରେ ୨ଟି ପଦକ ଜିତିବା ରେକର୍ଡ କିନ୍ତୁ ଦୂତୀଚାନ୍ଦଙ୍କ ନାମରେ ରହିଛି। ଓଡ଼ିଶାର ପଦକ ବିଜେତାଙ୍କୁ ନେଇ ଏହି ଉପସ୍ଥାପନା...

### ସ୍ୱର୍ଣ୍ଣ ପଦକ

**୧୯୫୧: ସେକ୍ ଅବଦୁଲ ମଜିଦ ବଚନ (ପୁରୁଷ ଫୁଟବଲ)**
ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଗେମ୍ସର ପ୍ରଥମ ସଂସ୍କରଣରେ ଭାରତୀୟ ଫୁଟବଲ ଦଳର ସଦସ୍ୟ ଥିଲେ କଟକର ସେକ୍ ମଜିଦ ଓରଫ ଏ.ଏମ.ବଚନ। ଫାଇନାଲର ୩୪ତମ ମିନିଟରେ ମେୱାଲାଲଙ୍କ ଏକମାତ୍ର ଗୋଲ ବଳରେ ଭାରତ ୧-୦ ଗୋଲରେ ଇରାନକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା।

**୧୯୯୮: ଦିଲୀପ ତିର୍କୀ, ଲାଜରୁସ ବାର୍ଲା (ପୁରୁଷ ହକି)**
ଫାଇନାଲରେ ଭାରତ ଶୁଟ୍‌ଆଉଟ ୪-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୧-୧ ଗୋଲରେ ବରାବର ରହିଥିଲା।

**୨୦୧୪: ବୀରେନ୍ଦ୍ର ଲାକ୍ରା (ପୁରୁଷ ହକି)**
ଫାଇନାଲରେ ଭାରତ ଶୁଟ୍‌ଆଉଟ୍ ୪-୨ ଗୋଲରେ ପାକିସ୍ତାନକୁ ହରାଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା।

### ରୌପ୍ୟ ପଦକ

**୧୯୯୦: ପ୍ରଣତି ମିଶ୍ର(ମହିଳା ରିଲେ ଦଳର ସଦସ୍ୟା)**
ବେଜିଂରେ ଅନୁଷ୍ଠିତ ଏହି ଏସିଆନ ଗେମ୍ସରେ ପ୍ରଣତି ମିଶ୍ର ପ୍ରଥମ ଓଡ଼ିଆ ମହିଳାଭାବେ ୪x୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଥିଲେ।

**୧୯୯୮: ଜ୍ୟୋତି ସୁନୀତା କୁଲୁ (ମହିଳା ହକି)**
ଫାଇନାଲରେ ଭାରତ ୧-୨ ଗୋଲରେ ଦକ୍ଷିଣ କୋରିଆଠାରୁ ହାରିଯାଇଥିଲା।

**୨୦୦୨: ଦିଲୀପ ତିର୍କୀ, ଇଗ୍ନେସ ତିର୍କୀ (ପୁରୁଷ ହକି)**
ଫାଇନାଲରେ ଭାରତ ୩-୪ ଗୋଲରେ ଦକ୍ଷିଣ କୋରିଆଠାରୁ ହାରିଥିଲା।

**୨୦୧୮: ଦୂତୀ ଚାନ୍ଦ (ମହିଳା ୧୦୦ ମି.)**
ଇଣ୍ଡୋନେସିଆର ଜାକର୍ତ୍ତା/ପାଲେମବାଙ୍ଗରେ ଅନୁଷ୍ଠିତ ଏସିଆଡ୍‌ର ମହିଳା ୧୦୦ ମିଟରରେ ୧୧.୩୨ ସେକେଣ୍ଡ ସମୟ ନେଇ ଦୂତୀ ରୌପ୍ୟ ପଦକ ପାଇଲେ।

**୨୦୧୮: ଦୂତୀ ଚାନ୍ଦ (ମହିଳା ୨୦୦ ମି.)**
ଇଣ୍ଡୋନେସିଆର ଜାକର୍ତ୍ତା/ପାଲେମବାଙ୍ଗରେ ଅନୁଷ୍ଠିତ ଏସିଆଡ୍‌ର ମହିଳା ୨୦୦ ମିଟରରେ ୨୩.୨୦ ସେକେଣ୍ଡ ସମୟ ନେଇ ଦୂତୀ ରୌପ୍ୟ ପଦକ ପାଇଲେ।

**୨୦୧୮: ଦୀପ୍‌ଗ୍ରେସ ଏକ୍କା, ନମିତା ଟପ୍ପୋ, ସୁନୀତା ଲାକ୍ରା, ଲିଲିମା ମିଞ୍ଜ (ମହିଳା ହକି)**
ଫାଇନାଲରେ ଭାରତ ୧-୨ ଗୋଲରେ ଜାପାନଠାରୁ ହାରିଥିଲା।

### ବ୍ରୋଞ୍ଜ ପଦକ

**୧୯୮୬: ସନତ ମିଶ୍ର (ପୁରୁଷ ବ୍ୟାଡ୍‌ମିଣ୍ଟନ)**
ଓଡ଼ିଶା ପ୍ରତିଯୋଗୀ ପଦକ ଜିତିବାର ୩୫ ବର୍ଷ ପରେ ଓଡ଼ିଶାକୁ ମିଳିଥିଲା ଦ୍ୱିତୀୟ ପଦକ। ୧୯୮୬ ସିଓଲ ଏସିଆଡ୍‌ରେ ସନତ ମିଶ୍ର ଦଳଗତ ବ୍ରୋଞ୍ଜ ପଦକ ଜିତିଥିଲେ। ଲେରୟ ଡି'ସୁଜା, ବିମଲ କୁମାର, ସନତ ମିଶ୍ର, ରବି କୁନ୍ତେ, ସୟଦ ମୋଦି, ପ୍ରକାଶ ପାଦୁକୋନେ, ଉଦୟ ପାୱାରଙ୍କୁ ନେଇ ଗଠିତ ଭାରତୀୟ ଦଳ ବ୍ରୋଞ୍ଜ ବିଜୟୀ ହୋଇଥିଲା।

**୧୯୯୮: ରଚିତା ପଣ୍ଡା ମିସ୍ତ୍ରୀ (୧୦୦ ମି.)**
ବ୍ୟାଙ୍କକ୍ ଏସିଆଡ୍‌ରେ ମହିଳା ୧୦୦ ମିଟରରେ ୧୧.୪୧ ସେକେଣ୍ଡ ସମୟ ନେଇ ରଚିତା ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ।

**୨୦୦୬: ଜ୍ୟୋତି ସୁନୀତା କୁଲୁ, ବିନିତା ଖେସ୍, ବିନିତା ଟପ୍ପୋ, ସୁଭଦ୍ରା ପ୍ରଧାନ(ମହିଳା ହକି)**
ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଭାରତ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା।

**୨୦୧୦: ପ୍ରବୋଧ ତିର୍କୀ (ପୁରୁଷ ହକି)**
ପ୍ଲେ-ଅଫ୍‌ରେ ଭାରତ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଦେଇଥିଲା।

**୨୦୧୦: ପ୍ରତିମା ପୁହାଣ, ପ୍ରମିଳାପ୍ରଭା ମିଞ୍ଜ(ରୋଇଂ)**
ଗୁଆଙ୍ଗଝୋଉ ଏସିଆଡ୍‌ର କକ୍ସଲେସ ପେୟାର ଇଭେଣ୍ଟରେ ପ୍ରତିମା ଓ ପ୍ରମିଳା ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ।

**୨୦୧୪: ଦୀପ୍‌ଗ୍ରେସ ଏକ୍କା, ନମିତା ଟପ୍ପୋ, ସୁନୀତା ଲାକ୍ରା, ଲିଲିମା ମିଞ୍ଜ(ମହିଳା ହକି)**
ପ୍ଲେ-ଅଫ୍‌ରେ ଭାରତ ୨-୧ ଗୋଲରେ ଜାପାନକୁ ପରାସ୍ତ କରିଥିଲା।

**୨୦୧୮: ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ(ପୁରୁଷ ହକି)**
ପ୍ଲେ-ଅଫ୍‌ରେ ଭାରତ ୨-୧ ଗୋଲରେ ପାକିସ୍ତାନକୁ ହରାଇଥିଲା।

## ଏଥର ଓଡ଼ିଶାର ଆଶା

ଏଥର ଏସିଆନ ଗେମ୍ସର ବିଭିନ୍ନ ଇଭେଣ୍ଟରେ ଓଡ଼ିଶା ପକ୍ଷରୁ ମୋଟ ୧୪ ଆଥ୍‌ଲେଟ୍ ପ୍ରତିନିଧିତ୍ୱ କରିବେ। ଏମାନେ ହେଲେ କିଶୋର କୁମାର ଜେନା (ଆଥ୍‌ଲେଟିକ୍ସ), ଦୀନେଶ କୁମାର (ସାଇକ୍ଲିଂ), ଆଂଶିକା ଭାରତୀ, ରିତୁ କୌଡ଼ି ଓ ସୋନାଲି ସ୍ୱାଇଁ (ରୋଇଂ), ଅନୁପମା ସ୍ୱାଇଁ (ଜୁ-ଜିତ୍‌ସୁ), ନେହା ଦେବୀ ଲେଇଚୋନଡାମ (କାୟାକିଂ ଆଣ୍ଡ କାନୋଇଂ), ପ୍ୟାରୀ ଖାଖା (ଫୁଟବଲ), ଦୀପ୍ ଗ୍ରେସ୍ ଏକ୍କା ଓ ଅମିତ ରୋହିଦାସ (ହକି) ଏବଂ ଡୁମୁନି ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ ଓ ହୁପି ମାଝି (ମହିଳା ରଗ୍‌ବୀ ୭ଏସ୍)।



କିଶୋର ଜେନା


**CLASSIFIED DISPLAY**

MORE SPACE ' SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଇଣ୍ଡିଆନ ସୁପର ଲିଗ୍: କଳିଙ୍ଗରେ ଆଜି ଓଡ଼ିଶା ଏଫ୍‌ସି-ଚେନ୍ନାଇନ୍

ଭୁବନେଶ୍ୱର, ୨୨।୯ (ତପନ ସ୍ୱାଇଁ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୧୦ମ ସଂସ୍କରଣରେ ଓଡ଼ିଶା ଏଫ୍‌ସିର ଅଭିଯାନ ଶନିବାର ଆରମ୍ଭ ହେବ। ଘରୋଇ ପରିବେଶରେ କଳିଙ୍ଗ ଷ୍ଟାଡିୟମରେ ଏହି ଦଳ ଚେନ୍ନାଇନ୍ ଏଫ୍‌ସିକୁ ଭେଟିବ। ଗତ ସିଜନରେ ଓଡ଼ିଶା ଏଫ୍‌ସି ଚମତ୍କାର ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଚେନ୍ନାଇନ୍ ୮ମ ସ୍ଥାନରେ ରହିଥିଲା। ୩୦୩ ଦିନ ପରେ କଳିଙ୍ଗରେ ଉଭୟ ଦଳ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। କଳିଙ୍ଗରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ଓଡ଼ିଶା ଏଫ୍‌ସି ୩-୨ ଗୋଲରେ ଚେନ୍ନାଇନ୍‌କୁ ପରାସ୍ତ କରିଥିଲା। ନନ୍ଦକୁମାର ସେକରଙ୍କ ଶେଷ ମିନିଟ ଗୋଲ ଓଡ଼ିଶା ଏଫ୍‌ସିକୁ ବିଜୟ ସ୍ୱାଦ ଚଖାଇଥିଲା। ଏଥର ସର୍ଗିଓ ଲୋବେରା ଓଡ଼ିଶା ଏଫ୍‌ସି ଏବଂ ଓଏନ କୋଏଲ ଚେନ୍ନାଇନ୍ ଏଫ୍‌ସିର କୋଚ୍ ଅଛନ୍ତି। ଏମାନଙ୍କ ରଣନୀତିରେ ପଡ଼ିଆକୁ ଓହ୍ଲାଇବେ ଦୁଇ ଦଳ। ପୂର୍ବ ରେକର୍ଡ ଦେଖିଲେ ଚେନ୍ନାଇନ୍ ବିପକ୍ଷରେ ଓଡ଼ିଶା ଏଫ୍‌ସିର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ମୋଟ ୧୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଓଡ଼ିଶା ଏଫ୍‌ସି ୭ଟିରେ ବିଜୟୀ ହୋଇଥିବାବେଳେ ଚେନ୍ନାଇ ୩ ମ୍ୟାଚ ଜିତିଛି। ଅବଶିଷ୍ଟ ୮ଟି ମ୍ୟାଚ ଡ୍ର ରହିଛି।

ଚଳିତ ସିଜନରେ ଓଡ଼ିଶା ଏଫ୍‌ସି କେତେକ ନୂଆ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ। ସେମାନଙ୍କ ମଧ୍ୟରେ ଅଛନ୍ତି ଅଭିଜ୍ଞ ଅହମ୍ମଦ ଜାହୋଉ, ମୌର୍ତାଦା ଫଲ୍, ରୟ କ୍ରିଷ୍ଣା ଏବଂ ପ୍ରତିଭା ସମ୍ପନ୍ନ ଗିବସନ ସିଂ ଓ ଲାଲିଆନସାଙ୍ଗା। ତେବେ ବ୍ରାଜିଲିଆନ ଫରୱାର୍ଡ ଡିଏଗୋ ମୌରିସିଓ ନଜରରେ ରହିବେ। ଗତ ସିଜନରେ ସେ ୧୨ଟି ଗୋଲ ଦେଇ ଯୁଗ୍ମ ଟପ୍ ସ୍କୋରର ରହିଥିଲେ। ସେହିପରି ରାଫାଲ କ୍ରିଭେଲାରୋଙ୍କ ପ୍ରତ୍ୟାବର୍ତ୍ତନରେ ଚେନ୍ନାଇନ୍ ଫ୍ରଣ୍ଟଲାଇନ୍ ଦୃଢ଼ ହୋଇଛି।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୫ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

"ଏହାକୁ ମିଶାଇ ମୁଁ ୫ ବର୍ଷ ଧରି ଆଇଏସ୍‌ଏଲ୍ ସହିତ ସମ୍ପୃକ୍ତ ରହିଛି। ଅଭିଜ୍ଞତା ଅନୁସାରେ ଏତିକି କହିବି ଯେ ଏଥରର ଆଇଏସ୍‌ଏଲ୍ ସବୁଠାରୁ ସଂଘର୍ଷପୂର୍ଣ୍ଣ ହେବ। ପ୍ରାୟତଃ ପ୍ରତି ଦଳ ଶକ୍ତିଶାଳୀ। ଆମେ ଏକ ଦୃଢ଼ ଦଳ ବିପକ୍ଷରେ ସିଜନ ଆରମ୍ଭ କରିବାକୁ ଯାଉଛୁ। ମାତ୍ର ଉତ୍ସାହିତ ମଧ୍ୟ ଅଛୁ। ଏଏଫ୍‌ସି କପ୍‌ରେ ଆମେ ମୋହନ ବାଗାନ ସୁପର ଜାଏଣ୍ଟଠାରୁ ପରାଜୟରୁ ଅନେକ କିଛି ଶିଖିଛୁ। ଆଗାମୀ ଦିନରେ ମିଳିବାକୁଥିବା ଚ୍ୟାଲେଞ୍ଜ ପାଇଁ ଆମେ ପ୍ରସ୍ତୁତ" ବୋଲି ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଚେନ୍ନାଇନ୍ କୋଚ୍ କୋଏଲ କହିଛନ୍ତି ଯେ, "ଓଡ଼ିଶା ଏଫ୍‌ସି ଏକ ଶକ୍ତିଶାଳୀ ଦଳ। ତେଣୁ ଆଗାମୀ ମ୍ୟାଚ ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ। ତେବେ ଆମେ ଏହି ମ୍ୟାଚକୁ ଆଗ୍ରହର ସହ ଅପେକ୍ଷା କରିଛୁ। ପ୍ରତି ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ଆମର ମୁଖ୍ୟ ଲକ୍ଷ୍ୟ ରହିବ"।



ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଏବଂ ଓଏନ କୋଏଲ। (ଫଟୋ: ବିକାଶ ନାୟକ)

**ଆଇସିସି ଦିନିକିଆ ବିଶ୍ୱକପ୍**

# ବିଜେତାଙ୍କୁ ୪ ନିୟୁତ, ରନରଅପ୍‌କୁ ୨ ନିୟୁତ ଡଲାର

**ଦୁବାଇ, ୨୨।୯ (ପି.ଟି.):** ଆଗାମୀ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ବିଜେତାଙ୍କୁ ମିଳିବ ୪ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୩୩ କୋଟି ଟଙ୍କା) ଏବଂ ରନରଅପ୍ ପାଇବ ୨ ନିୟୁତ ଡଲାର (ପ୍ରାୟ ୧୬ କୋଟି ଟଙ୍କା)। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଶୁକ୍ରବାର ଆସନ୍ତାମାସରେ ଆରମ୍ଭ ହେବାକୁଥିବା ଟୁର୍ନାମେଣ୍ଟରେ ଖେଳାଯିବାକୁଥିବା ସମସ୍ତ ୪୮ଟି ମ୍ୟାଚ ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇଛି। ତଦନୁସାରେ ଦୁଇ ପରାଜିତ ସେମିଫାଇନାଲିଷ୍ଟ ପ୍ରତ୍ୟେକେ ୮୦୦,୦୦୦ ଆମେରିକୀୟ ଡଲାର (ପ୍ରାୟ ୬ କୋଟି ଟଙ୍କା) ଲେଖାଏ ପାଇବେ। ଅନ୍ୟ ଯେଉଁ ୬ଟି ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିବେ ନାହିଁ ସେମାନେ ପ୍ରତ୍ୟେକ ୧୦୦,୦୦୦ ଡଲାର (ପ୍ରାୟ ୮୨ ଲକ୍ଷ ଟଙ୍କା), ପ୍ରତ୍ୟେକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚର ବିଜେତା ପ୍ରୋତ୍ସାହନମୂଳକ ୪୦,୦୦୦ ଡଲାର (୩୩ ଲକ୍ଷ ଟଙ୍କା) ଲେଖାଏଁ ପାଇବେ। ଟୁର୍ନାମେଣ୍ଟ ସାରା ସମସ୍ତ ବିଜେତା ଦଳକୁ ଆଇସିସି ମୋଟ ୧୦ ନିୟୁତ ଡଲାର ବାଣ୍ଟିବ।

# ରେଡ୍‌ଫର୍ନ ପ୍ରଥମ ମହିଳା ଅମ୍ପାୟର

**ଲଣ୍ଡନ, ୨୨।୯ (ଏପି):** ଆସନ୍ତା ସପ୍ତାହରେ ଇଂଲଣ୍ଡ-ୱେଲ୍ସରେ ଖେଳାଯିବାକୁଥିବା ଏକ ପୁରୁଷ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚରେ ସୁଏ ରେଡଫର୍ନପ୍ରଥମ ମହିଳା ଭାବେ ଅମ୍ପାୟର ଦାୟିତ୍ୱ ତୁଲାଇବେ। ରେଡଫର୍ନ ୧୯୯୫-୯୯ରେ ଇଂଲଣ୍ଡ ତରଫରୁ ୨୧ ଥର ଖେଳିଛନ୍ତି। କାଉଣ୍ଟି ଚାମ୍ପିୟନଶିପ୍ କାର୍ଯ୍ୟସୂଚୀରେ ମଙ୍ଗଳବାରଠାରୁ ଗ୍ଲାମେରଗାନ୍ ଓ ୱର୍ଷେଷ୍ଟରସାୟାର ମଧ୍ୟରେ ଆରମ୍ଭ ହେବାକୁ ଥିବା ମ୍ୟାଚ ପାଇଁ ତାଙ୍କୁ ନିଯୁକ୍ତି ମିଳିଛି। ଦୁଇ ବର୍ଷ ପୂର୍ବେ ସେ ପ୍ରଥମ ମହିଳା ଭାବେ ଏକ ଘରୋଇ ଇଂଲଣ୍ଡ ପୁରୁଷ ମ୍ୟାଚ ପରିଚାଳନା କରିଥିଲେ। ଏହାଛଡ଼ା ଶ୍ରୀଲଙ୍କା ବିପକ୍ଷ ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ସେ ଚତୁର୍ଥ ଅଫିସିଆଲ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଟି୨୦ ବ୍ଲାଷ୍ଟ ଟୁର୍ନାମେଣ୍ଟରେ ମଧ୍ୟ ସେ ପ୍ରଥମ ମହିଳା ଅମ୍ପାୟର ଭାବେ କାର୍ଯ୍ୟ କରିଛନ୍ତି।


**Classified Everyday**
**0674-2580101, 2549949**


REAL ESTATE

**SALE**

ଭୁବନେଶ୍ୱର ହଂସପାଳ Astha College ପାଖରେ ଏବଂ ରଙ୍ଗବଜାର ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-75219

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର କଟକ **NH-16** ମଧ୍ୟରେ ଧାଙ୍କୁଲେଇ ପାଠ ନିକଟରେ ଘର ଉପଯୋଗୀ ପ୍ଲଟ୍ **30**ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- **7978729819, 7008756026.** D-1244

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


FOR RENT

S/2/23, Niladri Vihar, Chandrasekharpur, Bhubaneswar: Double-storied, South- facing corner house of plot area 3100 sqft. built up area of 2828 sqft. garage and out house available. Company offices/ guest houses, OYO hotels preferred. Contact: 9849986373. D-1376

1455 sqft. Commercial space on 1st floor at Vivekanand marg road, near Mausima Temple, Bhubaneswar suitable for Banks, Corporate office / Retail outlet, present occupants are ICICI Bank, Ramco Cements, Stock holding Corporation, Medplus, Green trends, call 8598923231/ 9437023231. D-1378

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


Healthcare

**Newly open SPA positively health benefits with expert therapist. 9938843929.** D-75149

Spa Kerala body Massage only best Therapist @699/- Bhubaneswar. 9337672475. D-1364

**Relax, Refresh your body, Mind at Saikrupa Spa with best therapies. 8984068077.** D-1358


astrology

AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଦଣ୍ଡପାଟି ଦମୟନ୍ତୀ**

ମାଲକାନଗିରି

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

ଆପଣଙ୍କ ଶୋକସନ୍ତପ୍ତ ପରିବାର
ଦଣ୍ଡପାଟି ଜଗନ୍ନାଥ ରାଓ, ଦଣ୍ଡପାଟି ବାଲା ରାଓ, ଦଣ୍ଡପାଟି ସରୋଜିନୀ ରାଓ, ଦଣ୍ଡପାଟି ଭାସ୍କର ରାଓ, ଦଣ୍ଡପାଟି ହିମାଂଶୁ ରାଓ

ଧ-୧୩୭୭

# ‘‘ଯହିଁରେ ଲେଖକ ସର୍ବଜ୍ଞ, ପାଠକ ଅଜ୍ଞ-ସେ ବହି ମୁଁ ଲେଖେ ନାହିଁ’’

**–ଗୀତା ମେହେଟା**

ଗୀତା ମେହେଟାଙ୍କ ଜନ୍ମ ଦିଲ୍ଲୀରେ, ୧୯୪୩ରେ। ରାଷ୍ଟ୍ରନେତା ବିଜୁ ପଟ୍ଟନାୟକଙ୍କ ଏକମାତ୍ର କନ୍ୟା ଭାରତ ଓ କେମ୍ବ୍ରିଜ୍‌ର ଗିର୍‌ଟନ୍ କଲେଜରେ ଶିକ୍ଷା ସମାପ୍ତି ପରେ ସାମ୍ବାଦିକତା ଓ ସାହିତ୍ୟସୃଷ୍ଟିକୁ ନିଜ ଜୀବନର ବ୍ରତ କରିଥିଲେ। କେମ୍ବ୍ରିଜ୍‌ରେ ଅଧ୍ୟୟନ କାଳରେ ସହପାଠୀ ସୋନି ମେହେଟାଙ୍କ ସହ ଘନିଷ୍ଠ ହୋଇଥିଲେ ଓ ଏହି ଘନିଷ୍ଠତା ବିବାହରେ ପରିଣତ ହୋଇଥିଲା। ବ୍ରିଟିଶ୍, ୟୁରୋପୀୟ ଓ ଆମେରିକୀୟ ଗଣମାଧ୍ୟମ ପାଇଁ ନିଜ ନିର୍ଦ୍ଦେଶନାରେ ସେ ପ୍ରସ୍ତୁତ କରିଥିଲେ ଏକାଧିକ ପ୍ରାମାଣିକ ଚଳଚ୍ଚିତ୍ର, ଯାହା ତାଙ୍କୁ ଦେଶ ବିଦେଶରେ ଲୋକପ୍ରିୟ କରିଥିଲା। ୧୯୭୦-୭୧ରେ ସେ ଥିଲେ ଆମେରିକୀୟ ଦୂରଦର୍ଶନ ଏନ୍‌ବିସିର ଯୁଦ୍ଧ-ଖବରଦାତା। ବାଂଲାଦେଶ ମୁକ୍ତି ସଂଗ୍ରାମର ଯୁଦ୍ଧ-ଖବର ସରବରାହ ସାଙ୍ଗକୁ ସେ ପ୍ରସ୍ତୁତ କରିଥିଲେ ଏକ ଚଳଚ୍ଚିତ୍ର ‘ଡେଟ୍‌ଲାଇନ୍ ବାଂଲାଦେଶ’। ତାଙ୍କ ରଚିତ ପୁସ୍ତକ- ‘କର୍ମକୋଲା’ (୧୯୭୯), ‘ରାଜ୍’ (୧୯୮୯), ‘ଏ ରିଭର ସୂତ୍ର’ (୧୯୯୩), ‘ସ୍ନେକ୍ସ ଆଣ୍ଡ୍ ଲାଡର୍‌ସ’ (୧୯୯୭) ଓ ‘ଇଟରନାଲ୍ ଗଣେଶ’ (୨୦୦୬)। ୨୦୧୯ରେ ଭାରତ ସରକାର ଗୀତାଙ୍କୁ ‘ପଦ୍ମଶ୍ରୀ’ ସମ୍ମାନରେ ଭୂଷିତ କରିଥିଲେ ବି ସାଧାରଣ ନିର୍ବାଚନ ଆସନ୍ନ ହେତୁ ଏହା ସରକାର ଓ ତାଙ୍କ ପାଇଁ ଅସ୍ୱସ୍ତିକର ହେବା ସହିତ ଭୁଲ୍ ତର୍ଜମାକୁ ଅବକାଶ ଦେବା ଆଶଙ୍କା କରି ନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଥିଲେ। ୧୬ ସେପ୍ଟେମ୍ବର ୨୦୨୩ରେ ଏହି ଲେଖିକାଙ୍କର ଦେହାବସାନ ସହିତ ସ୍ମୃତି ହୋଇଯାଇଛି ବିଜୁ-ବୁନିୟାଦ୍‌ର ଏକ ବାଙ୍ମୟ ଅଧ୍ୟାୟ...



ଗୀତା ମେହେଟାଙ୍କୁ ଯେତେବେଳେ ୩୬ବର୍ଷ ବୟସ, ସେତେବେଳେ ପ୍ରକାଶପାଏ ତାଙ୍କର ପ୍ରଥମ ପୁସ୍ତକ ‘କର୍ମକୋଲା: ମାର୍କେଟିଙ୍ଗ୍ ଦ ମିଷ୍ଟିକ୍ ଇଷ୍ଟ’ ୧୯୭୯ରେ। ଅଣଭାରତୀୟଙ୍କ ପାଇଁ ଭାରତୀୟ ରହସ୍ୟବାଦୀ ଜୀବନବୋଧର ପ୍ରଥମ ଝଲକ ବହନ କରେ ଏ ବହି। ଶ୍ଳେଷ ଓ ରହସ୍ୟର ସମନ୍ୱୟରେ ଗଢ଼ା ବହିଟିର ପ୍ରତ୍ୟେକ ଧାଡ଼ି, ଖାଲି ନିଜର ନୁହେଁ; ଅନେକ ଆଖିରେ ଦେଖା ଭାରତବର୍ଷର ଅମୂର୍ତ୍ତ ଛବି। ‘ରାଜ୍’ (୧୯୮୯) ଦଶବର୍ଷ ବ୍ୟବଧାନରେ ପ୍ରକାଶ ପାଇଥିବା ଗୀତାଙ୍କର ଦ୍ୱିତୀୟ ପୁସ୍ତକ, ଯହିଁରେ ଜଣେ ଅଭିଜାତ ଭାରତୀୟ ମହିଳା ଜୟା ସିଂହଙ୍କ ମୁହଁରେ ବିବୃତ ହୋଇଛି ଉପନିବେଶାଧୀନ ଭାରତୀୟ ଜୀବନ। ପରବର୍ତ୍ତୀ ଉପନ୍ୟାସ ‘ଏ ରିଭର ସୂତ୍ର’ (୧୯୯୩) ହେଉଛି ଗୀତାଙ୍କର ସବୁଠୁଁ ଚର୍ଚ୍ଚିତ ଓ ବହୁପଠିତ ଗ୍ରନ୍ଥ, ଯାହା ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସର୍ବାଧିକ ଖ୍ୟାତି ଆଣିଦେଲା। ପ୍ରଖ୍ୟାତ ଲେଖକ ସି.ଜେ. ୱାଲିଆ ଏ ବହି ସମ୍ପର୍କରେ ନିଜର ମତଦେଇ ଲେଖିଲେ: ‘‘This is one of the very best novels I’ve ever read. To me it’s an exquisite expression of secular-humanist philosophy.’’

‘ରିଭର ସୂତ୍ର’- ଭାରତର ପବିତ୍ରତମ ନଦୀ, ଧାରେ ଧାରେ ଯାହାର ଅଗଣନ ଦେବତୀର୍ଥ, ଶୈବପୀଠ- ତା’ରି ଇତିବୃତ୍ତ। ପଢ଼ିଲେ ଲାଗେ ଯେମିତି ଏଥିରେ ଜେନ୍ ବୁଦ୍ଧିଜିମ୍ ପ୍ରସ୍ତେ ପ୍ରସ୍ତେ ଉଦ୍ଦୀପିତ। ଗୀତା ବି ଏଥିରେ ଅସହମତ ନୁହନ୍ତି। କହନ୍ତି: ‘‘ଜେନ୍‌ର ଉତ୍ପତ୍ତି ତ ଭାରତୀୟ ‘ଧ୍ୟାନ’ ଶବ୍ଦରୁ। ‘ଜେନ୍’ ହେଉଛି ଧ୍ୟାନର ଅପଭ୍ରଂଶ ରୂପ, ଯାହାର ଅର୍ଥ ‘ସଚେତନତା’ (awareness)। ‘ରିଭର ସୂତ୍ର’ ଏପରି ଏକ ବହି, ଯାହା ସ୍ୱତଃ ଲିଖିତ ବୋଲି ମୁଁ ମନେକରେ।’’



ପ୍ରକୃତରେ ‘ରିଭର ସୂତ୍ର’ ଏକ ଦୈବୀ ଶ୍ରୁତଲିଖନ- ଏପରି ମନେହୁଏ ବହିଟି ପଢ଼ିଲେ। ପୁରାଣର ସମୟ, ଇତିହାସର ସମୟ, ଚଳନ୍ତି ସମୟ ଓ ଆଖ୍ୟାନସମୂହର ସମୟ ଏଠି ଏକାକାର ଓ ଅଭିନ୍ନ। ସଂସ୍କୃତ ନାଟକର ସୂତ୍ରଧର ପରି ଲେଖିକା ଏଠାରେ ନାନା ଘଟଣା, ନାନା ସମୟ ଓ ନାନା ଚରିତ୍ରର ବିଶ୍ୱସ୍ତ ସୂତ୍ରଧର।

‘ରିଭର ସୂତ୍ର’ ପଛକୁ ଆସେ ‘ସ୍ନେକ୍‌ସ ଆଣ୍ଡ୍ ଲାଡର୍ସ’। ଏଥିରେ ଗୀତା ଲେଖିଛନ୍ତି ଯେ ଦୂର ସମ୍ପର୍କୀୟ ତାଙ୍କର ଜଣେ ଦାଦା ମାତ୍ର ୧୪ ବର୍ଷ ବୟସରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ‘କଳାପାଣି’ ପାର୍ ହୋଇଥିଲେ। ‘କିଏ ସେ ଦାଦା?’ ଖୋଜ୍ ନେଉ ନେଉ ମିଳେ ତା’ର ସୁରାକ। ଗୀତାଙ୍କର ଜେଜେମା’ ଥିଲେ ବଙ୍ଗାଳୀ ଓ ପ୍ରଖ୍ୟାତ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ସମ୍ପର୍କୀୟା। ଆନନ୍ଦ ପ୍ରସାଦ ଗୁପ୍ତା ହିସାବରେ ଗୀତାଙ୍କର ସାନଦାଦା ଓ ଦେବ ପ୍ରସାଦ ଗୁପ୍ତା ବଡ଼ଦାଦା। ଚିଟାଗଙ୍ଗ ଥାନା ଅବରୋଧ ମାମଲା (୧୮ ଏପ୍ରିଲ ୧୯୩୦)ରେ ଆନନ୍ଦଙ୍କୁ ୨୫ ମେ ୧୯୩୩ରେ ‘କଳାପାଣି’ ପାର୍ କରାଯାଇଥିଲା ଓ ଦେବଙ୍କୁ ଥାନା-ଅସ୍ତ୍ରାଗାର ସମ୍ମୁଖରେ ଘଟଣା ଦିନ ଗୁଳିକରି ମାରି ଦିଆଯାଇଥିଲା। ଏମାନେ ଥିଲେ ପ୍ରଖ୍ୟାତ ବିପ୍ଳବୀ ସୂର୍ଯ୍ୟ ସେନ୍‌ଙ୍କ ସହଯୋଗୀ।

ତଥ୍ୟାଶ୍ରିତ ଲେଖାଠୁଁ କଳ୍ପନାଶ୍ରିତ ଲେଖାକୁ ଅଧିକ ଶ୍ରେୟ ଦେଇ ୨୦୦୨ରେ ନିଜ ପ୍ରକାଶକଙ୍କ ଦ୍ୱାରା ଉତ୍ଥିତ ଏକ ପ୍ରଶ୍ନର ଉତ୍ତରରେ ଗୀତା କହିଥିଲେ- ଫରାସୀ ଲେଖକ ବାଲ୍‌ଜାକ୍‌ଙ୍କ ମତ ସହ ମୁଁ ଏକମତ ଯେ ‘ତଥ୍ୟ ସୀମାବଦ୍ଧ ଓ ଆବେଗ ଅସୀମ’। ତେଣୁ ପ୍ରବନ୍ଧଠାରୁ ଗଳ୍ପ-ଉପନ୍ୟାସରେ ଲେଖକର ସ୍ୱାଧୀନତା ସ୍ୱତଃ ଅଧିକ। ଜଣେ ଲେଖକ ପାଇଁ ଏକ ଭୌଗୋଳିକ ପୃଷ୍ଠଭୂମି ଅପରିହାର୍ଯ୍ୟ ବୋଲି ଗୀତା ସବୁବେଳେ ମନେକରନ୍ତି ଓ ବାରାନ୍ତରେ କହନ୍ତି: ‘‘ପାଦ ରଖିବାକୁ ଜଣେ ଲେଖକର ଲୋଡ଼ା ଏକ ଭୂଗୋଳ-ଭୂମି। ଯଦି ବି କେହି ଅତିମାନବ ବିଷୟରେ ଲେଖୁଥାଏ, ତେବେ ସେ ପାଇଁ ମଧ୍ୟ ତାକୁ ନିର୍ମାଣ କରିବାକୁ ହୁଏ ଏକ ଅଲଗା ଗ୍ରହ, ଯେଉଁଠୁ ଅବତରି ଆସିବ ସେହି କଳ୍ପିତ ଅତି-ମାନବ। ଶୂନ୍ୟ-ବିହାରୀ ହୋଇ କେହି ଲେଖିପାରିବ ନାହିଁ।’’

ଗୀତାଙ୍କର ଥିଲା ତିନି ଜାଗାରେ ଘର। କେତେବେଳେ ସେ ଲଣ୍ଡନରେ, କେତେବେଳେ ନ୍ୟୁୟର୍କରେ ତ କେତେବେଳେ ଭାରତରେ ବିତୁଥିଲା ତାଙ୍କ ସମୟ। ବର୍ଷରେ ଥରେ ଅନ୍ତତଃ ତିନିମାସ ପାଇଁ ସେ ଭାରତ ଆସୁଥିଲେ। ଜଣେ ଭାରତୀୟ ଭାବରେ ସେ କେବଳ ନିଜ ଜନ୍ମିତ ଦେଶକୁ ଭଲ ପାଉ ନ ଥିଲେ, ଦରଦୀ ହୃଦୟ ନେଇ ସବୁ ମଣିଷଙ୍କୁ ଭଲ ପାଉଥିଲେ। ୧୯୯୦ରେ ଏକ ବନ୍ଧୁମିଳନରେ ପ୍ରଖ୍ୟାତ ଡିଜାଇନର୍ ଲୈଲା ତ୍ୟାବ୍‌ଜୀଙ୍କଠୁଁ ସେ ଶୁଣିଲେ ଯେ, ବିହାରର ବୁଣାକାର ମହିଳାମାନେ ସୁଧଖୋର୍ ମହାଜନଙ୍କ ଋଣଯନ୍ତାରେ ପଡ଼ି ଛଟପଟ ହେଉଛନ୍ତି ଓ ତାଙ୍କ ଜୀବନ ଦୁର୍ବିଷହ। ସଙ୍ଗେ ସଙ୍ଗେ ଗୀତା ପଚାରିଲେ- ‘‘ସେଇ ମହିଳାମାନଙ୍କୁ ଋଣମୁକ୍ତ କରିବାକୁ ହେଲେ କେତେ ଟଙ୍କା ଦରକାର?’’ ଲୈଲା ଶହେ ଜଣ ମହିଳାଙ୍କୁ ଋଣମୁକ୍ତ କରିବା ପାଇଁ ଆବଶ୍ୟକ ଟଙ୍କାର ଏକ ହିସାବ ଦେଲେ। ଗୀତା କହିଲେ: ‘‘ଠିକ୍ ଅଛି। ମୁଁ ବର୍ତ୍ତମାନ ମୋର ଆଉ ଗୋଟିଏ ବହି ଲେଖୁଛି- ‘A River Sutra’. ଏ ବହି ପ୍ରକାଶ ପାଇଲେ ତା’ର ରାଜଭାଗ ଅର୍ଥ ତମକୁ ଦେଇଦେବି, ତମେ ତହିଁରେ ଋଣଗ୍ରସ୍ତ ମହିଳାମାନଙ୍କୁ ଋଣମୁକ୍ତ କରିପାରିବ। ୧୯୯୩ରେ ‘ରିଭର ସୂତ୍ର’ ପ୍ରକାଶ ପାଇବା ପରେ ଗୀତା ତାଙ୍କର ରାଜଭାଗ ଅର୍ଥକୁ ଲୈଲାଙ୍କୁ ଏକ ଚେକ୍‌ରେ ଦେଇଦେଲେ। ସେହି ଅର୍ଥରେ ବିହାରର ଋଣବାଧିତ ମହିଳାମାନେ କେବଳ ଋଣମୁକ୍ତ ହେଲେ ନାହିଁ, ବଳକା ଅର୍ଥରେ ସେମାନଙ୍କ ପାଇଁ ଏକ ‘ବୁଣାକାର-ଯୋଜନା’ ପ୍ରସ୍ତୁତ ହୋଇ କାର୍ଯ୍ୟକାରୀ ହେଲା।

‘Snake and Ladders’ ଗୀତାଙ୍କର ଏକ ଅଣ-କାଳ୍ପନିକ ନିବନ୍ଧଗ୍ରନ୍ଥ, ଯହିଁରେ ଭାରତ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ସମ୍ବନ୍ଧିତ ବିଷୟ ଅନ୍ତର୍ଭୁକ୍ତ। ଗୀତା ଲେଖିଛନ୍ତି: ‘‘ଭାରତ ଏପରି ଏକ ଦେଶ, ଯେଉଁଠି ପୃଥିବୀ ଓ ସମୟର ସଂଘାତ ଅତି ବ୍ୟାପକ। ଆମେ ମହାକାଶକୁ ଉପଗ୍ରହ ପଠାଉଛେଁ ଓ ଆମର ଅଛି ବଳଦଗାଡ଼ି। ପ୍ରଚୁର ସମ୍ଭ୍ରାନ୍ତ୍ୟ ସାଙ୍ଗକୁ ଅଛି ପ୍ରାକ୍-ମଧ୍ୟଯୁଗୀୟ ଜୀବନଧାରା। ଦୁଇ ବିରୋଧାଭାସର ଏହି ସଂଘର୍ଷକୁ କିଛି ଦୃଷ୍ଟାନ୍ତ ମାଧ୍ୟମରେ ମୁଁ ବ୍ୟକ୍ତ କରିବାକୁ ଚାହିଁଛି। ମୁଁ ଜଣେ ଭାରତୀୟ ସତ, ଏହାର ଅର୍ଥ ନୁହେଁ ଯେ ମୁଁ ଭାରତକୁ ଜାଣିଛି। ମୁଁ ସେପରି ବହି ଲେଖିବାକୁ ଚାହେଁ ନାହିଁ; ଯେଉଁଥିରେ ମୁଁ ଜଣେ ସର୍ବଜ୍ଞ ଓ ମୋର ପାଠକମାନେ ଅଜ୍ଞ, ଅଧସ୍ତନ। ମୋର ସବୁ ବହିରେ ମୁଁ ଏପରି ମନୋବୃତ୍ତିର ବିରୋଧୀ।’’

୨୦୦୬ରେ ପ୍ରକାଶ ପାଏ ଗୀତାଙ୍କର ଶେଷ ବହି ‘Eternal Ganesha’, ଯହିଁରେ ଭାରତୀୟ ପ୍ରତୀକ ଭାବେ ଗଣେଶଙ୍କର ସାଂସ୍କୃତିକ ସର୍ବଗାମିତା ବିବୃତ। ଲେଖକ ଓ ଅନୁବାଦକ କଲ୍ୟାଣ ରମଣ କହନ୍ତି: ‘‘ସୁକୁମାର ଅନୁଭବ, ତୁଳନାହୀନ ମୌଳିକତା ଓ ମହାବୈଶ୍ୱିକ କଳ୍ପନାଶକ୍ତିର ଅସାମାନ୍ୟ ଅଧିକାରିଣୀ ଗୀତା ମେହେଟା। ବହୁପ୍ରସୂ ନ ହୋଇ ସମଗ୍ର ଜୀବଦ୍ଦଶାରେ ମାତ୍ର ପାଞ୍ଚଖଣ୍ଡ ପୁସ୍ତକ ସେ ଛପାଇଛନ୍ତି। ଯଦି ସେ ଅଧିକ ବହି ଲେଖିଥା’ନ୍ତେ, ତେବେ ଅନେକଙ୍କ ପାଇଁ ହୋଇପାରିଥା’ନ୍ତେ ଆହୁରି ଅଧିକ ପ୍ରେରଣାପ୍ରଦ।’’ ଗୀତା ରକ୍ତମାଂସର ମଣିଷ ଥିଲେ ଓ ମଣିଷକୁ ତା’ର ସମସ୍ତ ସ୍ଖଳନ ଓ ଉତ୍ତରଣ ଦେଇ ଚିହ୍ନିବାକୁ ଚେଷ୍ଟାକରିଥିଲେ। କାମନା ନ ଥିବା ଜୀବନ ଜୀବନ ନୁହେଁ- ଏହା ସ୍ୱୀକାର କରିବାର ସ୍ପର୍ଦ୍ଧା କାହାର ଥାଏ, ଯଦି ସେ ନୁହନ୍ତି ଗୀତା ମେହେଟା!

ପ୍ରଦକ୍ଷିଣ

**ପ୍ରସ୍ତୁତି: ଡକ୍ଟର ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## ପୁସ୍ତକ ପରିଚୟ

ଗଳ୍ପ ସମଗ୍ର

### ପ୍ରଭାତ ସମ୍ଭାର



**ଲେଖକ:** ପ୍ରଭାତ ମହାପାତ୍ର
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୫୦୦/-

ଦୀଘ ୪୦ ବର୍ଷର ଲେଖକ ଜୀବନରେ ପ୍ରକାଶ ପାଇଥିବା ୯ଟି ଗଳ୍ପ ପୁସ୍ତକକୁ ଏକାଠି କରି ‘ପ୍ରଭାତ ସମ୍ଭାର’ ଶୀର୍ଷକରେ ପ୍ରକାଶ ପାଇଛି ପ୍ରଭାତ ମହାପାତ୍ରଙ୍କର ଗଳ୍ପ ସମଗ୍ର। ଯେଉଁ ବହିଗୁଡ଼ିକୁ ଏହି ସଂକଳନଭୁକ୍ତ କରାଯାଇଛି, ସେଗୁଡ଼ିକ ହେଲା ୧. ଅନେକ ଅକ୍ଷାଂଶ (୧୯୮୧), ୨. ଚିଠି ନିଜ ଠିକଣାରେ (୧୯୮୧), ୩. ମାର୍ଫତ୍ ନିରବଧି କାଳ (୧୯୯୪), ୪. ଅତଡ଼ା ଦାଢ଼ରୁ ଗୀତ (୨୦୨୧), ୫. କଥା ଅଳ୍ପ ଇଙ୍ଗିତ ଅନେକ (୨୦୨୧), ୬. ନଥାରେ ନଥାରେ କଥା (୨୦୨୧), ୭. ସମ୍ପୂର୍ଣ୍ଣ ପାରିବାରିକ (୨୦୨୧), ୮. ଶେଷକଥାଟି (୨୦୨୧) ଓ ୯. ଠାରରେ ବ୍ରହ୍ମାଣ୍ଡ (୨୦୨୧)। ୯ଟି ଯାକ ବହିରେ ଥିବା ଗଳ୍ପ ସଂଖ୍ୟା ୧୪୭। ପ୍ରଭାତଙ୍କ ଗଳ୍ପରେ ତାଙ୍କ ଚାରିପାଖର ଅଙ୍ଗେନିଭା ଅନୁଭୂତି ରୂପ ପାଆନ୍ତି। ଭାଷାଟି ଏପରି ଯେ ଆଖି ଆଗରେ ଘଟଣା ଘଟିଗଲା ପରି ଲାଗେ। ବିଷୟ ଯେତେ ଗମ୍ଭୀର ହେଉ ବା ହେଉ ହାଲୁକା, ସବୁଥିରେ ସେ ମନଲଗା। ଗାଁ କଜିଆଟିଏ ମଧ୍ୟ ତାଙ୍କ ପାଇଁ ହେୟ ନୁହେଁ; ସବୁ କଥା ଖୁଣ୍ଟିନାଣ୍ଟି ବର୍ଣ୍ଣନା କରନ୍ତି। ଭାଷାରେ ଥାଏ ଆବେଗର ଝଲକ। ଯଥା: ‘‘କାଳିଜାଇର ମେଘପରି ସେଭେନ୍ ଡାଉନ୍ ଗର୍ଜି ଗର୍ଜି ଚାଲିଗଲା ଆପଣା ବାଟେ।’’ (ପ୍ରଥମ କଦମ୍ବ ଫୁଲ, ପୃ: ୧୨୭), ‘‘ମଶାଣିରେ ପାପରା ଚିରାକନା ଖଣ୍ଡେ ପରି ଆକାଶ ସେଠି ଝାଉଁଗଛ ଅଗରେ ଲାଗିଥିଲା।’’ (ଝାଉଁବଣରେ ବାଘ- ପୃ: ୨୮୯)। ପ୍ରଭାତଙ୍କ ଗଳ୍ପ ନାନା କିସମର ଚରିତ୍ରମାନଙ୍କର ଏକ ମନୋରମ ଚିତ୍ରଶାଳା। ଦହିବରାବାଲାଠୁଁ ଆରମ୍ଭ କରି ବନୁ ମାଷ୍ଟ୍ରେଙ୍କ ଯାଏ- ପ୍ରତ୍ୟେକଟି ଚରିତ୍ରର ସେ ଯତ୍ନ ନିଅନ୍ତି ତାଙ୍କ ଗଳ୍ପରେ। ଗାଁର ଲୋକକଥା, ଲୋକଗୀତକୁ ନେଇ ହୃଦୟ ଦୁହିଁ ହେଇଗଲା ପରି ଗଳ୍ପ ପ୍ରଭାତ ହିଁ କେବଳ ଲେଖିପାରନ୍ତି, ଯେପରି ତାଙ୍କ ‘ମାମୁଁ’ ଗଳ୍ପ। ୧୦୫୬ ପୃଷ୍ଠାର ଏ ବହିଟିରେ ଚିହ୍ନରା ପାଠକେ ଲାଖି ରହିବେ ବୋଲି ଆଶା।

### ଅନ୍ଧ ରାଇଜରେ ଆଇନା



**ଲେଖକ:** କେଶବ ଚନ୍ଦ୍ର ରାଉତରାୟ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ଗଳ୍ପ ଗ୍ରନ୍ଥରେ ସ୍ଥାନିତ ମୋଟ ୩୮ଟି ଗଳ୍ପ। ପ୍ରକାଶକୀୟରେ କୁହାଯାଇଛି: ‘‘ମାନବୀୟ ସମ୍ପର୍କର ଅବଧାରିତ ଶୃଙ୍ଖଳା ସହ ସମାଜତାତ୍ତ୍ୱିକ ବାସ୍ତବତାର ଚିତ୍ର ଆଙ୍କିବାରେ ସେ ସିଦ୍ଧହସ୍ତ x x ତାଙ୍କ ଗଳ୍ପରଚନା ଶୈଳୀ ସୁନିୟନ୍ତ୍ରିତ, ଛନ୍ଦମୟ; ଅଥଚ ସଂକ୍ରାମକ ମଧ୍ୟ। x x ଅତୀତ ପ୍ରବଣତା ତାଙ୍କ ଗଳ୍ପର ଅନ୍ୟତମ ବିଭବ।’’ ଏ ଗୌରଚନ୍ଦ୍ରିକା ବାହାରେ ଯଦି ଗଳ୍ପଗୁଡ଼ିକୁ ପାଠକରାଯାଏ, ତେବେ ଗାଳ୍ପିକ ରାଉତରାୟଙ୍କୁ ଜଣେ ନିଛକ ଜୀବନବାଦୀ ଗାଳ୍ପିକ ଭାବେ ଆବିଷ୍କାର କରାଯାଇପାରେ। ‘ପ୍ରାଚୀର ଭୁଶୁଡ଼ିଲା’, ‘ବୋଉ’, ‘ଢୋଲିଆରୁ ଢାଳ’, ‘ପାଳଭୂତ’, ‘ବିପତ୍ତିର ଝୋ ଝୋ ବର୍ଷା’, ‘ମଣିଷପଣିଆ ଜିନ୍ଦାବାଦ୍’, ‘ଅନ୍ଧ ରାଇଜରେ ଆଇନା’, ‘ଛକାପଞ୍ଝାର ପଞ୍ଚତନ୍ତ୍ର’, ‘ଷଣ୍ଢ ଉବାଚ’, ‘ଚାନ୍ଦଗାଧୁଆ ହସ’ ଓ ‘ନୂଆ ସକାଳ’ ଭଳି ଗଳ୍ପରେ ଗାଳ୍ପିକଙ୍କର ସମାଜଦୃଷ୍ଟି, ଚରିତ୍ର ଚୟନ ଓ ଭାଷାୟନର ସ୍ୱାତନ୍ତ୍ର୍ୟକୁ ଦେଖିଲେ ପାଠକେ ଅବଶ୍ୟ ପ୍ରଭାବିତ ହେବେ। ‘ଅନ୍ଧ ରାଇଜରେ ଆଇନା’ ଗଳ୍ପର ଏହି ଉଦ୍ଧୃତାଂଶଟିକୁ ଦେଖନ୍ତୁ- ‘‘ସକାଳର ସୂର୍ଯ୍ୟ ଆମପାଇଁ ଦୁଇଟି ରାସ୍ତା ଦେଖାଏ। ଗୋଟିଏ ହେଉଛି ଶୋଇରହି ସ୍ୱପ୍ନ ଦେଖିବା। ଆନନ୍ଦ, ଉଦ୍ଦୀପନା, ଉଲ୍ଲାସର ସ୍ୱପ୍ନ। ଅନ୍ୟଟି ହେଉଛି ସ୍ୱପ୍ନକୁ ସାକାର କରିବା ପାଇଁ ଘର୍ମାକ୍ତ ସଂଘର୍ଷ କରିବା। ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଅକ୍ଳାନ୍ତ, ନିରବଚ୍ଛିନ୍ନ ଉଦ୍ୟମ ଆବଶ୍ୟକ। ଉଦ୍ୟମ ହିଁ ଗଡ଼ ଜିତେ।’’ ମାନବୀୟ ଆଦର୍ଶର ବାର୍ତ୍ତାକୁ କାହାଣୀ ମାଧ୍ୟମରେ ନିକ କରି ପାଠକଙ୍କ ଠାରେ ପହଞ୍ଚାଇବାର ଲକ୍ଷ୍ୟରେ ଗାଳ୍ପିକ ତାଙ୍କ ଗଳ୍ପଗୁଡ଼ିକ ପ୍ରସ୍ତୁତ କରିଥା’ନ୍ତି। ଶୈଳୀରେ ଅଯଥା ଆଡ଼ମ୍ବରିତା କୁତ୍ରାପି ଦେଖାଯାଏ ନାହିଁ। ସାଦା କଥାକୁ ସାଦା ଭାଷାରେ ତୋଳି ଧରିବାର ସାମର୍ଥ୍ୟ ବହିରେଥିବା ଗଳ୍ପଗୁଡ଼ିକର ଥିବାରୁ ଏହା ପାଠକୀୟ ଆଦୃତି ପାଇବ ବୋଲି ଆଶା।

## କାଳକାଳକୁ

**‘‘ଯଦି ଆମେ ଯୁଦ୍ଧ ନ ସାରନ୍ତି, ଯୁଦ୍ଧ ଆମକୁ ସାରିଦେବ।’’**
**-ଏଚ୍.ଜି. ୱେଲ୍‌ସ**



**ଏଚ୍.ଜି. ୱେଲ୍‌ସଙ୍କ** ଜନ୍ମ ୨୧ ସେପ୍ଟେମ୍ବର ୧୮୬୬ରେ ଇଂଲଣ୍ଡର ବ୍ରୋମ୍‌ଲେରେ ଓ ପରଲୋକ ୧୩ ଅଗଷ୍ଟ ୧୯୪୬ରେ, ୭୯ ବର୍ଷ ବୟସରେ। ୫୦ଟି ଉପନ୍ୟାସ, ଶତାଧିକ ଗଳ୍ପ ରଚନା ସାଙ୍ଗକୁ ୱେଲ୍‌ସ ଲେଖିଛନ୍ତି ବ୍ୟଙ୍ଗ, ଲୋକପ୍ରିୟ ବିଜ୍ଞାନ, ଜୀବନୀ ଓ ଆତ୍ମଜୀବନୀ। ତାଙ୍କ ରଚିତ ବୈଜ୍ଞାନିକ ଉପନ୍ୟାସଗୁଡ଼ିକ ଏତେ ଜନାଦୃତ ଯେ ଲୋକେ ତାଙ୍କୁ ‘ବୈଜ୍ଞାନିକ ଉପନ୍ୟାସ’ର ଜନକ ବୋଲି କହନ୍ତି। ତାଙ୍କର ପ୍ରମୁଖଗ୍ରନ୍ଥଗୁଡ଼ିକ ମଧ୍ୟରେ ରହିଛି- ‘ଦ ୱାର୍ଲଡ୍ ସେଟ୍ ଫ୍ରି’, ‘ଦ କଣ୍ଟ୍ରି ଅଫ୍ ଦ ବ୍ଲାଇଣ୍ଡ୍’, ‘ଦ ଟାଇମ୍ ମେସିନ୍’, ‘ଦ ଇନ୍‌ଭିଜିବଲ୍ ମ୍ୟାନ୍’, ‘ଦ ଫାଷ୍ଟ ମ୍ୟାନ୍ ଇନ୍ ଦ ମୁନ୍’ ଇତ୍ୟାଦି। ସେ କହନ୍ତି: ‘‘ଜଣେ ଯୁବକ ସାଇକେଲରେ ଯାଉଥିବା ମୁଁ ପ୍ରତିଥର ଦେଖେ। ଏଣୁ ମାନବଜାତିର ଭବିଷ୍ୟତ ପାଇଁ ହତାଶ ହୁଏ ନାହିଁ।’’

କବିତା

## ସ୍ୱପ୍ନର ଫେରନ୍ତା ବାଟ
**ସୁଶାନ୍ତ କୁମାର ନାୟକ**

ଘାଟକୁ ଅପେକ୍ଷା କରି
ସେ ବସିଚି
ଅଥଚ କେଉଁଠି ବି
ଦେଖାଯାଉନି ଘାଟ।

ସରିଆସୁଚି ଦିନ
ପାଖେଇ ଆସୁଚି ରାତି
ନିରବତାର ଛାଇରେ
ବସିଚି ସମୟ।

ରାତିର ଶୀତଳ ହାତରୁ
ଉଷ୍ଣତା ନେଇ
ଘରକୁ ଫେରୁଚି
ଶବ୍ଦର ମଣିଷ।

ନିଜ ନିଜ ପାଇଟିରେ
ସଭିଏଁ ବ୍ୟସ୍ତ ବିବ୍ରତ
ଯେମିତି ସଞ୍ଜ ପରେ ସକାଳ।

ଶୁଖୁ ନ ଥିବା
ପୁରୁଣା ଘାଆର ଯନ୍ତ୍ରଣାରେ
ଛଟପଟ ହେଉଛି ମୃତ୍ୟୁ।

ଛାଇ ଆଲୁଅର
ସିଆର କାଟି
ଆଗକୁ ବଢୁଚି
ଜୀବନର ଅନ୍ତିମ କ୍ଷଣ।
ରାତିର କାନ୍ଧରେ
ଘରମୁହାଁ ହେଉଚି
ସ୍ୱପ୍ନର ଫେରନ୍ତା ବାଟ।

ମୋ: ୭୬୦୮୦୨୫୬୧୬

## ମେଘ ଓ ତୁମେ
**ତେଜସ୍ୱିନୀ ପଣ୍ଡା**

ମେଘର ପହିଲି ବିନ୍ଦୁ
ଆକାଶକୁ ଘୋଟି ଘାସରେ
ଭେଦିଯାଏ,
ଅସନ୍ତୁଷ୍ଟ ପ୍ରେମିକର ତାଜାପଣ
କାନରେ ଚୁପିଚୁପି
କିଛି କହିଯାଏ...!

କି ସୁନ୍ଦର ଏ ଋତୁ!
ମୋ’ ମନର ଆକାଶେ
ତୁମେ ଅଛ ଆଜି ବି ମେଘ ସାଜି,
କେବେ ବର୍ଷିଯାଅ,
କେବେ ଭିଜେଇ ଦିଅ,
ଆଉ କେବେ ଆଖିରେ
ଲୁହ ଭରିଦିଅ..!

ବର୍ଷାର ପହିଲି ସ୍ପର୍ଶ
ଠିକ୍ ତୁମ ଭଳି..
ଖୁବ୍ କୋମଳ,
ବରଫ ଆଚ୍ଛାଦିତ
ଶୀତଳ ଶରୀର,
ଢେଉ ଭଳି ରାଗି ଯାଇ
ପୁଣି ଭାଙ୍ଗିଯାଏ।

ମୋ: ୯୬୯୨୩୬୧୪୦୪

## ଚନ୍ଦ୍ରମାର କି ଯାଏ
**ମଧୁସ୍ମିତା ମହାପାତ୍ର**

ଚନ୍ଦ୍ରମାର କି ଯାଏ
ନୀଳ କଇଁ ସିନା ଝୁରି ମରେ
କଥା ଥିଲା ପରା
ନୀଳିମାରେ ଦିଆନିଆ
ଏ ସାରା ଜୀବନ ପାଇଁ।
ସେ କି ବୁଝେ ଗୋ
ସେ ଯେ ସୁର ତା’ ଛନ୍ଦର
ଆଖି ତରାଟି ଚାହିଁବା ହିଁ ସାର ହୁଏ
କହିପାରିବ କି
ତା’ ବୀଣାରେ ସୁର କାହିଁ ଭରେ ସେ
ଭଲପାଇବା ପାଇଁ
ନା ଜାଳି ମାରିବା ପାଇଁ।

ମୋ: ୭୯୭୮୫୯୧୫୮୨

### ଅନୁବାଦ କବିତା

## ପରଭୃତ
**ମୂଳ ରଚନା: ରବର୍ଟ ବ୍ରିଜ୍**
**ମର୍ମାନୁବାଦ: ଡ. ସୂଚନା ପାଢ଼ୀ**

ଏତେ ସୁମଧୁର ତୁମ କଣ୍ଠସ୍ୱର
କେଉଁ ଦେଶେ ତୁମ ଘର?
ବନ ଫଳ ଫୁଲ ସୁବାସ କି ତା’ର
ଝରଣା ଜଳ ମଧୁର?

ଆମ ବାସଭୂମି
ବସନ୍ତ ନାହିଁ, ମଳୟ ନାହିଁ
ଧୂମାଳ ଶୀତ ରାଜୁତି
ସଂଚାରେ ଅକୁହା ଭୀତି।

ପ୍ରଭାତ...
କାକଳି ମୁଖରିତ ପରାହତ ଆମ ପ୍ରାଣ
ଅରୁଣ ଢାଳେ କିରଣ।
ଢଳିଲେ ତପନ ଫେରି ବାସସ୍ଥାନ
ଦେଖୁ ପାହାନ୍ତି ସପନ।

ସୁରଧ୍ୱନି ବିଷାଦର ମୂର୍ଚ୍ଛନା ମଧୁରତର
ସ୍ୱାଗତ କରୁନା ସୂର୍ଯ୍ୟ ସାଥୀ ଆମ ଅନ୍ଧକାର
‘‘ଆବରଣ ଆଉ ଅଭ୍ୟନ୍ତର!
ଦୂର...ଅନେକ ଦୂର।’’

ମୋ: ୯୪୩୮୬୦୪୮୬୫

### ଅନୁବାଦ ଗଳ୍ପ

## ଛୋଟା
**ମୂଳ ହିନ୍ଦୀ: ପବନ ଶର୍ମା**
**ଅନୁବାଦ: ମନୋଜ କୁମାର ବେହେରା**

ନିର୍ଜନ ରାତିରେ ଚାରିଆଡ଼େ ପୂରା ଶୁନ୍‌ଶାନ୍। ଏମିତି ପରିବେଶରେ ଦୂରରୁ କାଁଭାଁ କେମିତି କେଉଁଠି କୁକୁର ଭୁକିବାର ଶବ୍ଦ ଭଙ୍ଗ କରୁଥିଲା ରାତିର ନିସ୍ତବ୍ଧତାକୁ। ଠାଏଠାଏ ରାସ୍ତାକଡ଼ରେ ଥିବା ବିଜୁଳିଖୁଣ୍ଟରୁ ଆଲୋକର କ’ଣ ସବୁ ବିଛୁରିତ ହେଉଥିଲେ ସେଇଠି। ଆଉ ବାକି ଅନ୍ୟଆଡ଼େ ବ୍ୟାପ୍ତ ଥିଲା ଅନ୍ଧକାର, କେବଳ ଅନ୍ଧକାର। ନୀରବି ଯାଇଥିବା ପରିବେଶରେ ତା’ର ଆଶାବାଡ଼ି ସୃଷ୍ଟି କରୁଥିଲା କିଛିଟା କୋଳାହଳ। ସେହି ନିସ୍ତବ୍ଧତାକୁ ଚିରି ସେ ନିଜ ଆଶାବାଡ଼ିର ସାହାଯ୍ୟ ନେଇ ଝୁଲିଝୁଲି ବଢ଼ିଚାଲିଥିଲା ଆଗକୁ। ସେ ଥିଲା ପିଲାଟିଏ, ଯାହାର ବୟସ ଏଗାର କି ବାର ବର୍ଷ ହେବ।

ସାମ୍ନାରେ ଥିବା ବିଜୁଳିଖୁଣ୍ଟର ପ୍ରକାଶରେ ସେ ଦେଖିଲା କେହି ଜଣେ ଛିଡ଼ା ହୋଇଛି ଆଗରେ। ମନେମନେ ସେ ଶିହରିଗଲା ଟିକିଏ। କିନ୍ତୁ ମନର ଭୟକୁ ଛାତି ତଳେ ଚାପି ଦେଇ ଆଶାବାଡ଼ି ସାହାଯ୍ୟରେ ସେ ଆଗକୁ ବଢ଼ିଲା। ପାଖକୁ ଯାଇ ଦେଖିଲାବେଳକୁ ତା’ ବୟସର ପିଲାଟିଏ ଚିରା-ଫଟା ମଇଳା ଲୁଗା ପିନ୍ଧି ଛିଡ଼ା ହୋଇଛି। ମନ ତା’ର ଶାନ୍ତ ହେଲା ଟିକିଏ।

‘କେଉଁଠୁ ଆସୁଛୁ’? ପାଖାପାଖି ହେଲାବେଳେ ସେହି ପିଲାଟି ପଚାରିଲା ତାକୁ।

‘ଷ୍ଟେସନ୍‌ରୁ’।

‘କ’ଣ କରୁଥିଲୁ ସେଠି ଏପର୍ଯ୍ୟନ୍ତ’? ପିଲାଟି ପୁଣି ଥରେ ପଚାରିଲା।

କ୍ୟାଣ୍ଟିନ୍‌ରେ କପ୍-ପ୍ଲେଟ୍ ଧୋଉଥିଲି। ନିଶ୍ଚିନ୍ତ ହୋଇ ସେ ଉତ୍ତର ଦେଇ ଆଗକୁ ବଢ଼ିଲା। ସେ ପିଲାଟି ମଧ୍ୟ ତା’ ସହିତ ଆଗକୁ ବଢ଼ିଲା ଆଉ ଅନ୍ଧାର ଭିତରେ ପଚାରିଲା, କେତେ ରୋଜଗାର କଲୁ?

ଷାଠିଏ ଟଙ୍କା... ସକାଳୁ ଏଯାଏଁ କାମ ପୂରା ନେଲା ମାଲିକ ମୋଠୁ। ଦୟନୀୟ ହୋଇଗଲା ତା’ ଚେହେରା।

‘‘ମିଛ କହୁଛୁ ତୁ। ସକାଳୁ ଏଯାଏଁ ଅତିକମ୍‌ରେ ତୋ’ ପାଖରେ ଶହେ ଟଙ୍କା ହେବା କଥା।’’ ସାମ୍ନାରେ ବିଜୁଳିବତି ଖୁଣ୍ଟରୁ ଆଲୋକ ପଡ଼ିଲା ଦୁହିଁଙ୍କ ଉପରେ। ସେମାନଙ୍କ ଛାଇ ବହୁତ ବଡ଼ ଦେଖାଯାଉଥିଲା।

ସତରେ... ଷାଠିଏ ଟଙ୍କା ଦେଲା ସେହି କ୍ୟାଣ୍ଟିନ୍‌ବାଲା। ଆଉ ଅତି ସହଜ ଭାବରେ ସେ ନିଜ ପ୍ୟାଣ୍ଟ ପକେଟ୍‌ରୁ ଗୁଡ଼େଇ ହୋଇ ରହିଥିବା ଦଶ-ଦଶ ଟଙ୍କାର ଛଅଟା ନୋଟ୍ ବାହାର କଲା ଆଉ ସେହି ପିଲାକୁ ଦେଖେଇ କହିଲା, ମା’ର ଦେହ ଭଲ ନାହିଁ। ସେ ଅସୁସ୍ଥ ଅଛି। ସେଥିପାଇଁ ଆଜି ମୋତେ କାମ କରିବାକୁ ପଡ଼ିଲା।

ବିଜୁଳିଖୁଣ୍ଟ ପାଖରେ ପହଞ୍ଚି ପିଲାଟି କହିଲା, ଦେଖେଇଲୁ... ଗଣିକି ଦେଖେ। ଶଳେ କାମ ପୂରା କରେଇବେ, ଗଧ ଭଳି ଖଟେଇବେ ଅଥଚ ଟଙ୍କା ପୂରା ଦେବେନି। ପୂରା ଷାଠିଏ ଟଙ୍କା ଅଛି, ଏତିକି କହି ସେ ଧରେଇଦେଲା ଟଙ୍କାକୁ ସେହି ପିଲା ହାତକୁ।

ପିଲାଟି ଟଙ୍କା ଗଣିବାକୁ ଲାଗିଲା। ‘ଏକ’ ଆଉ ଗୋଟିଏ ନୋଟ୍ ତାକୁ ଧରେଇ ଦେଲା, ‘ଦୁଇ’ ଆଉ ତା’ପରେ ନୋଟ୍‌ଟି ତାକୁ ଧରେଇଦେଲା। ‘ତିନି’ ପୁଣି ଗୋଟିଏ ନୋଟ୍ ତାକୁ ଧରେଇଦେଲା। ‘ଚାର୍’ ସେ ହାତ ଆଗକୁ ନୋଟ୍ ନେବା ପାଇଁ ହାତ ବଢ଼େଇଲା ବେଳକୁ ସେ ପିଲାଟି ନୋଟ୍ ଧରି ଦଉଡ଼ି ପଳେଇଲା। ସେ ଚମକି ପଡ଼ିଲା। ଏ... ଏ... ମୋର ଟଙ୍କା ତ ଦେଇକି ଯା! ଆଶାବାଡ଼ି ସାହାଯ୍ୟରେ ସେ ଆଗକୁ ବଢ଼ିଲା, ହେଲେ ସେତେବେଳକୁ ପିଲାଟି ଅଦୃଶ୍ୟ ହୋଇ ସାରିଥିଲା ଅନ୍ଧାରରେ।



ଅସହାୟତାର ଆଖିରେ ଲୁହ ସବୁ ବୋହିବାକୁ ଲାଗିଲେ ଝରଝର ହୋଇ। ତା’ପରେ ଅଚାନକ କ୍ରୋଧରେ ତା’ ଚେହେରା ଲାଲ୍ ହୋଇଗଲା, ଆଉ ସେ ଚିତ୍କାର କରି କହିଲା, ଶଳା... ଛୋଟା... ଶଳା... ଦୁଇଗୋଡ଼ିଆ ଛୋଟା... ଶଳା...।

ମୋ: ୭୯୭୮୮୩୦୬୧୧

# ପରିଣୀତିଙ୍କ ହାତ ଧରିବେ ରାଘବ



ମୁମ୍ବାଇ

ଆସନ୍ତା ୨୪ ତାରିଖରେ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ଆପ୍‌ର ଲିଡର ରାଘବ ଚଡ୍ଡାଙ୍କ ବିବାହ ଉତ୍ସବ ରାଜସ୍ଥାନର ଉଦୟପୁରଠାରେ ହେବ। ଏଥିପାଇଁ ଗତ ୧୭ ତାରିଖରୁ ବିବାହ ମହୋତ୍ସବ ଆରମ୍ଭ ହୋଇଯାଇଛି। ଉଦୟପୁରର ପିଛୋଲା ହ୍ରଦ ପାଖରେ ନିର୍ମିତ ହୋଟେଲ ଦି ଲୀଲା ପ୍ୟାଲେସ୍‌ରେ ପଞ୍ଜାବୀ ରୀତିନୀତି ଅନୁସାରେ ଦୁହିଁଙ୍କ ହାତଗଣ୍ଠି ପଡ଼ିବ। ହୋଟେଲ ତାଜ୍ ଲେକ୍ ପ୍ୟାଲେସ୍‌ରୁ ରାଘବଙ୍କ ବରଯାତ୍ରୀଗଣ ଡଙ୍ଗା ଯୋଗେ ଲୀଲା ପ୍ୟାଲେସ୍‌ରେ ପହଞ୍ଚିବେ। ଅପରାହ୍ନ ୩ଟା ସମୟରେ ବରକନ୍ୟା ବାହାବେଦି ପ୍ରଦକ୍ଷିଣ କରିବେ। ଏହି ଅବସରରେ ପରିଣୀତି ଡିଜାଇନର ମନିଶ ମଲହୋତ୍ରାଙ୍କ ପ୍ରସ୍ତୁତ ଲେହେଙ୍ଗା ଏବଂ ରାଘବ ଡିଜାଇନର ପାୱନ ସଚଦେବାଙ୍କ ପ୍ରସ୍ତୁତ ସେରୱାନି ପିନ୍ଧିବେ। ଶୁକ୍ରବାର ମେହେନ୍ଦି ସେଲିବ୍ରେସନ ହେବ। ଏନେଇ ବର ଓ କନ୍ୟା ସେମାନଙ୍କ ପରିବାର ଦିଲ୍ଲୀରୁ ବିମାନ ଯୋଗେ ଉଦୟପୁରରେ ପହଞ୍ଚିଛନ୍ତି। ଶନିବାର ସଙ୍ଗୀତ କାର୍ଯ୍ୟକ୍ରମ ଥିବାବେଳେ ସେଥିରେ ଯୋଗଦେବାକୁ ପରିଣୀତିଙ୍କ ଭଉଣୀ ପ୍ରିୟଙ୍କା ଚୋପ୍ରା ତାଙ୍କ ଝିଅ ମାଲ୍‌ତୀ ମାରିଙ୍କ ସହ ଆମେରିକାରୁ ଶୁକ୍ରବାର ସନ୍ଧ୍ୟାରେ ବାହାରି ସାରିଛନ୍ତି। ସଙ୍ଗୀତ ପାଇଁ ପ୍ରାୟ ୨୦୦ ଅତିଥିଙ୍କ ପାଇଁ ହୋଟେଲ ଲୀଲା ପ୍ୟାଲେସରେ ରହଣିର ବ୍ୟବସ୍ଥା କରାଯାଇଛି। ବରଯାତ୍ରୀଙ୍କୁ ରାଜସ୍ଥାନୀ ସଂସ୍କୃତି ଓ ପରମ୍ପରାରେ ସ୍ୱାଗତ କରାଯିବ। ବିବାହ ମଣ୍ଡପକୁ ସଜାଇବା ଲାଗି କଲିକତା ଓ ଦିଲ୍ଲୀରୁ ସ୍ୱତନ୍ତ୍ର ଧରଣର ଧଳା ରଙ୍ଗର ଫୁଲ ମଗାଯାଇଛି। ପ୍ରୀତି ଭୋଜନରେ ବିଭିନ୍ନ ପ୍ରକାରର ପଞ୍ଜାବୀ ଓ ରାଜସ୍ଥାନୀ ବ୍ୟଞ୍ଜନ ପରଷାଯିବ। ବିବାହରେ କଡ଼ା ସୁରକ୍ଷା ପାଇଁ ୧୦୦ ପ୍ରାଇଭେଟ୍ ସିକ୍ୟୁରିଟି ଗାର୍ଡଙ୍କୁ ନିୟୋଜିତ କରାଯାଇଛି। ଏଥିସହ ପିଛୋଲା ହ୍ରଦରେ ୪/୫ଟି ବୋଟ୍‌ରେ ସିକ୍ୟୁରିଟିର ବ୍ୟବସ୍ଥା ମଧ୍ୟ କରାଯାଇଛି। ବିବାହରେ ପରିବାର ସଦସ୍ୟଙ୍କ ବ୍ୟତୀତ ଅନେକ ସାଙ୍ଗସାଥୀ ସେଲିବ୍ରିଟି ସାମିଲ ହେବେ। ସେଲିବ୍ରିଟିଙ୍କ ମଧ୍ୟରେ କିଆରା ଆଡଭାନୀ, କରୀନା କପୁର, ଅର୍ଜୁନ କପୁର, ଆୟୁଷ୍ମାନ ଖୁରାନା, ଅକ୍ଷୟ କୁମାରଙ୍କ ସମେତ ଅନେକ ବିବାହରେ ସାମିଲ ହେବେ। ଏଥିସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ମଧ୍ୟ ସାମିଲ ହେବେ।

## ଉଦୟପୁର ଉତ୍ସବମୁଖର

# ଅଧା ବୟସର ପାକିସ୍ତାନୀଙ୍କୁ ବାହାହେଲେ କାନାଡ଼ା ମହିଳା



**ଇସ୍‌ଲାମାବାଦ୍:** ସୀମାପାର୍ ପ୍ରେମ କାହାଣୀ ବେଳକୁ ବେଳ ବଢ଼ିବାକୁ ଲାଗିଛି। ପ୍ରେମ ପାଇଁ ପାକିସ୍ତାନର ସୀମା ହାଇଦର ଭାରତ ଆସିବା, ଭାରତର ଅଞ୍ଜୁ ପାକିସ୍ତାନ ଯିବା ଘଟଣା ଦେଖିବାକୁ ମିଳିଛି। ନିକଟରେ ଏପରି ସୀମାପାର୍ ପ୍ରେମ କାହାଣୀ ପୁଣି ସାମ୍ନାକୁ ଆସିଛି। ଏଥିରେ ଖାସ୍ କଥା ହେଉଛି, ପ୍ରେମୀଙ୍କ ମଧ୍ୟରେ ଥିବା ବୟସ ତାରତମ୍ୟକୁ ସେମାନେ ଅଣଦେଖା କରିଛନ୍ତି। ଜଣେ ୩୫ ବର୍ଷୀୟ ପାକିସ୍ତାନୀ ଯୁବକ କାନାଡାର ୭୦ ବର୍ଷୀୟା ମହିଳାଙ୍କୁ ବିବାହ କରିଛନ୍ତି। ରିପୋର୍ଟ ମୁତାବକ, ଯୁବକଙ୍କ ନାମ ନଇମ୍ ଶେହେଜାଦ୍। ସେ ମହିଳାଙ୍କୁ ବିବାହ କରିଥିବା ନେଇ ଅନେକ ଲୋକ ଏହାକୁ ଉଦ୍ଦେଶ୍ୟମୂଳକ ବୋଲି କହୁଛନ୍ତି। ନିକଟରେ ନଇମ୍ ଏନେଇ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଏକ ଦଶକ ପୂର୍ବରୁ ଦୁହିଁଙ୍କ ମଧ୍ୟରେ ଫେସବୁକ୍‌ରେ ବନ୍ଧୁତା ହୋଇଥିଲା। ଉଭୟ ୨୦୧୭ରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ନଇମ୍‌ଙ୍କୁ ବିବାହ ପାଇଁ ମହିଳା ଜଣକ ପାକିସ୍ତାନ ଆସିଥିଲେ। ନଇମ୍ ତାଙ୍କ ସ୍ତ୍ରୀଙ୍କ ସହିତ କାନାଡା ଯିବାର ଯୋଜନା ରଖିଛନ୍ତି।

# ସଞ୍ଜୟଙ୍କ ପୁଅ ଭୂମିକାରେ ଟାଇଗର



ମୁମ୍ବାଇ

'ହେରା ଫେରି', 'ଆୱାରା ପାଗଲ ଦିୱାନା', 'ୱେଲକମ ଫ୍ରାଞ୍ଚାଇଜ' ଭଳି ହିଟ୍ ଫିଲ୍ମ ନିର୍ମାତା ଫିରୋଜ ଏ ନାଡ଼ିଆଡୱାଲା ପୁଣି ଦର୍ଶକଙ୍କ ମନୋରଞ୍ଜନର ଯୋଜନା କରୁଛନ୍ତି। ସେ ଏନେଇ ବଡ଼ ଘୋଷଣା କରିଛନ୍ତି। ବଲିଉଡ୍‌ର ୨ ଭିନ୍ନ ପିଢ଼ିର ଆକ୍ସନ ହିରୋଙ୍କୁ ଏକାଠି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫିରୋଜ ଆଗାମୀ ଫିଲ୍ମ 'ମାଷ୍ଟର ବ୍ଲାଷ୍ଟର'ରେ ହିନ୍ଦୀ ସିନେମାର ଖଳନାୟକ ସଞ୍ଜୟ ଦତ୍ତ ଏବଂ ଟାଇଗର ଶ୍ରଫଙ୍କୁ ଆଗକୁ ଏକାଠି ଦେଖିବାକୁ ମିଳିବ। ସିନେମାର କମେଡିରେ ଲୋକେ ତାଙ୍କ ହସ ଅଟକାଇ ପାରିବେନି। ଏଥିସହ ଉଭୟଙ୍କ ଦମ୍‌ଦାର ଆକ୍ସନ ଦେଖିବାକୁ ମିଳିବ। ସୂଚନା ମୁତାବକ, ଫିଲ୍ମ ଶୁଟିଂ ହଂକଂ, ମକାଉ ଏବଂ ଚାଇନାରେ ହେବ। ସିନେମାରେ ଇତିହାସରେ ପ୍ରଥମ ଥର ପାଇଁ ନୂଆ ଟେକ୍ନୋଲୋଜି ବ୍ୟବହୃତ କରାଯିବ। ସଞ୍ଜୟ ଏବଂ ଟାଇଗରଙ୍କ ଏହା ପ୍ରଥମ ଫିଲ୍ମ ହେବ। ତେବେ ଟାଇଗର ୨୦୧୪ରେ ତାଙ୍କ ଲିଡ୍ କ୍ୟାରିୟର ଆରମ୍ଭ କରିଥିଲେ।



















See Career Appointment on every Wednesday & Saturday

























ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବାସ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ, ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳର ବିସ୍ଥାପିତ ପରିବାରମାନଙ୍କ ପାଇଁ କେତୋଟି ବିଶେଷ ସୂଚନା, ଜାଣିବା କଥା

ଏତଦ୍ୱାରା ସମସ୍ତ ବିସ୍ଥାପିତ ପରିବାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନୂତନ ଗ୍ରାମରେ ପୁନର୍ବସତି ହୋଇ ରହୁଥିବା ବିସ୍ଥାପିତ ପରିବାରଙ୍କ "ବିସ୍ଥାପିତ ପରିଚୟ ପତ୍ର" ମୁଦ୍ରଣ କରାଯାଇଅଛି।

ତେଣୁ, ନିମ୍ନଲିଖିତ ବିସ୍ଥାପିତ ପରିବାରକୁ ଅନୁରୋଧ କରାଯାଉଛି ଯେ, ସେମାନେ ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବାସ ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ, ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳ, ଜିଲ୍ଲା ନୂଆପଡ଼ାକୁ ଆସି ନିଜ ନିଜର ବିସ୍ଥାପିତ ପରିଚୟ ପତ୍ର ଗ୍ରହଣ କରିବା ହେବେ।

Sd./- କାଳୁ ମାଝୀ, ଓ.ପ୍ର.ସେ.
ସ୍ୱତନ୍ତ୍ର ଭୂ-ଅର୍ଜନ ଏବଂ ପୁନର୍ବାସ ଥଇଥାନ ଅଧିକାରୀ,
ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳ

ନବାନ୍ନ ଉପଲକ୍ଷେ ଶୁଭେଚ୍ଛା ଏବଂ ହାର୍ଦ୍ଦିକ ଅଭିନନ୍ଦନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଖରିଆର ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

| | |
|---|---|
| ଡା. ସୋନିଆ ଜୈନ | ଶ୍ରୀଯୁକ୍ତ କମଳାସନ ରଥ (ଓ.ଆର୍.ଏସ୍) |
| ଅଧ୍ୟକ୍ଷା | କାର୍ଯ୍ୟନିର୍ବାହୀ ଅଧିକାରୀ |
| ବିଜ୍ଞାପିତ ଅଞ୍ଚଳ ପରିଷଦ | ବିଜ୍ଞାପିତ ଅଞ୍ଚଳ ପରିଷଦ |
| ଖରିଆର ରୋଡ୍ | ଖରିଆର ରୋଡ୍ |

ନବାନ୍ନ ଉପଲକ୍ଷେ
ଶୁଭେଚ୍ଛା ଏବଂ ଅଭିନନ୍ଦନ

ଭାଦ୍ରବ ମାସର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ, ନୂଆଧାନ ନେଇ ଆସିଥିବା ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନବାନ୍ନ ବା ନୂଆଁଖାଇରେ କୃଷି ବିଜ୍ଞାନ କେନ୍ଦ୍ର, ନୂଆପଡ଼ା ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀ ତଥା ଜିଲ୍ଲାବାସୀଙ୍କ ପାଇଁ ଏକ ଉତ୍ତମ ସ୍ୱାସ୍ଥ୍ୟ ତଥା ସମୃଦ୍ଧି କାମନା କରିବା ସହିତ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି।

ବରିଷ୍ଠ ବୈଜ୍ଞାନିକା ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ନୂଆପଡ଼ା
Website: www.kvknuapada.org



